# ଧରିତ୍ରୀ
DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ରବିବାର, ଏପ୍ରିଲ ୨୬/୨୦୨୬ (୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, April 26/2026 | Page 16 | ₹ 7.00

୫୨ଶ ଭାଗ ୧୫୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 151 | ମୂଲ୍ୟ₹୭/-





**ରାହା କ୍ରୀଡ଼ାବିତ୍ ହେଲେ ଖୁସି ହେବି: ଆଲିଆ**

ଅଭିନେତ୍ରୀ ଆଲିଆ ଭଟ୍ଟ ତାଙ୍କ ଝିଅ ରାହା କ୍ରୀଡ଼ାବିତ୍ ହେଲେ ଖୁସି ହେବେ ବୋଲି କହିଛନ୍ତି। **୦୨**

**୧୪** **ଫ୍ରେଞ୍ଚ ଓପନରୁ ଓହରିଲେ ଅଲକାରାଜ**

ଆଘାତପ୍ରାପ୍ତ ଯୋଗୁ ଫ୍ରେଞ୍ଚ ଓପନ ଟେନିସ ପ୍ରତିଯୋଗିତାରୁ ଓହରିଯାଇଛନ୍ତି ସ୍ପାନିଶ ଟେନିସ ଷ୍ଟାର କାର୍ଲୋସ ଅଲ୍‌କାରାଜ।







ଶନିବାର ଖେଳାଯାଇଥିବା ପଞ୍ଜାବ କିଙ୍ଗ୍ସ ବିପକ୍ଷ ଆଇପିଏଲ୍ ମ୍ୟାଚ୍‌ରେ ରେକର୍ଡ ଅପରାଜିତ ଶତକୀୟ ଇନିଂସ ଅବସରରେ ଦିଲ୍ଲୀ କ୍ୟାପିଟାଲ୍ସର ଲୋକେଶ ରାହୁଲ।

# ଓଢ଼ଣିରେ ଝୁଲିପଡ଼ିଲେ ୧୩ ବର୍ଷୀୟା ପ୍ରେମିକା

**ଅନୁଗୋଳ,୨୫।୪ (ଦିବ୍ୟଶାନ୍ତନୁ ନାଥ)**

- **ପ୍ରେମିକଙ୍କ ଆତ୍ମହତ୍ୟାର ୨୪ ଘଣ୍ଟା ପରେ**
- **କାମ ଦେଲାନି ସଖୀ ସେଣ୍ଟର କାଉନସେଲିଂ**

ମାତ୍ର ୧୩ ବର୍ଷ ବୟସରେ ସଂସାର କରିବାକୁ ଘରୁ ଗୋଡ଼ କାଢ଼ିଥିଲେ। ୨୩ ବର୍ଷୀୟ ପ୍ରେମିକଙ୍କ ହାତଧରି ମୁମ୍ବାଇ ଚାଲିଯାଇଥିଲେ। ହେଲେ ପ୍ରେମିକଙ୍କ ମା' ବାପାଙ୍କୁ ପୋଲିସ ଉଠାଇ ନେବା ପରେ ଭାଙ୍ଗିଯାଇଥିଲା ସେମାନଙ୍କ ସଂସାର ସ୍ୱପ୍ନ। ଘରେ ପହଞ୍ଚିବା ପରେ ଚାପ ସମ୍ଭାଳି ନ ପାରି ରଶି ଲଗାଇ ଆତ୍ମହତ୍ୟା କରିଥିଲେ ପ୍ରେମିକ। ଆଉ ଏହାର ୨୪ ଘଣ୍ଟା ପରେ ପ୍ରେମିକଙ୍କ ପଥଧରି ଜୀବନ ହାରିଛନ୍ତି ପ୍ରେମିକା। ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ସଖୀ ସେଣ୍ଟର ଶୌଚାଳୟରେ ଶନିବାର ଭୋର୍ ସମୟରେ ବେକରେ ଓଢ଼ଣି ବାନ୍ଧି ଝୁଲିପଡ଼ିଛନ୍ତି ସମ୍ପୃକ୍ତା ନାବାଳିକା।

ସୂଚନା ଅନୁଯାୟୀ, ଅନୁଗୋଳ ସଦର ଥାନା ଅଞ୍ଚଳର ସମ୍ପୃକ୍ତା ୧୩ ବର୍ଷୀୟା ନାବାଳିକା ଓ ଢେଙ୍କାନାଳ ଜିଲା ମୋଟଙ୍ଗା ଥାନା ନିମିଧା ଗ୍ରାମ ବାଲିରତ୍ନପୁର ସାହିର ବେଣୁପାଣି ସାହୁ (୨୩) ପରସ୍ପରକୁ ପ୍ରେମ କରୁଥିଲେ। ଗତ ୧ ତାରିଖରେ ନାବାଳିକା ପ୍ରେମିକାଙ୍କୁ ନେଇ ବେଣୁପାଣି ମୁମ୍ବାଇ ପଳାଇ ଯାଇଥିଲେ। ଏ ସମ୍ପର୍କରେ ନାବାଳିକାଙ୍କ ମାତାପିତା ସେହିଦିନ ଅନୁଗୋଳ ସଦର ଥାନାକୁ ଅବଗତ କରାଇଥିଲେ। ୮ ତାରିଖରେ ଏ ସଂକ୍ରାନ୍ତରେ ଥାନାରେ ଏତଲା ପରେ ପୋଲିସ ନଂ. ୧୭୨/୨୬ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଗତ ୩ ଦିନ ତଳେ ଅନୁଗୋଳ ସଦର ପୋଲିସ ନିମିଧା ଗ୍ରାମକୁ ଆସି ବେଣୁପାଣିଙ୍କ ମାତାପିତାଙ୍କୁ ଥାନାକୁ ନେଇ ପଚରାଉଚରା କରିଥିଲା। ଏ ବିଷୟରେ ଜାଣିବା ପରେ ବେଣୁପାଣି ପ୍ରେମିକାଙ୍କୁ ଧରି ମୁମ୍ବାଇରୁ ଫେରିଥିଲେ। ଏହାପରେ ସେ ପ୍ରେମିକାଙ୍କୁ ଜଣେ ସମ୍ପର୍କୀୟଙ୍କ ଘରକୁ ପଠାଇଦେଇ ଗତ ୨୩ ତାରିଖ ରାତିରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ପୋଲିସ ସମ୍ପୃକ୍ତା ନାବାଳିକାଙ୍କୁ ୨୪ ତାରିଖରେ ଉଦ୍ଧାର କରି ଅନୁଗୋଳ ସଖୀ ସେଣ୍ଟରକୁ କାଉନସେଲିଂ ପାଇଁ ପଠାଇ ଦେଇଥିଲା। ସେଠାରେ ୨/୩ ଦିନର କାଉନସେଲିଂ ପରେ ତାଙ୍କୁ ପରିବାର ☞ପୃଷ୍ଠା-୪


କେ.କବିତାଙ୍କ ନୂଆ ଦଳ ତେଲଙ୍ଗାନା ରାଷ୍ଟ୍ର ସେନା ....... ୨ .......

ଏଚ୍-୧ ବି ଭିଜା ଉପରେ ଲାଗିବ ୩ ବର୍ଷ ରୋକ୍ ....... ୫ .......







# ଆମେରିକା ସହ କଥା ହେବାକୁ ମନା କଲା ଇରାନ୍


**ଆଜିର ସମ୍ପାଦକୀୟ**
ଉଦାରବାଦର ଛଳନା


**ଆମେରିକା ଓ ଇରାନ୍ ମଧ୍ୟରେ ୨ୟ ପର୍ଯ୍ୟାୟ ଶାନ୍ତି ଆଲୋଚନାକୁ ନେଇ ବିଶ୍ୱବ୍ୟାପୀ ଆଶା ସଞ୍ଚାର ହୋଇଥିଲା । ହେଲେ ପାକିସ୍ତାନରେ ଶନିବାର ଓ ରବିବାର ଦୁଇ ଦିନ ହେବାକୁ ଥିବା କଥାବାର୍ତ୍ତା ପୂର୍ବରୁ ଇରାନ୍ ସିଧାସଳଖ ଆମେରିକା ସହ କଥାବାର୍ତ୍ତା କରିବାକୁ ମନା କରିଦେଇଛି। ଆମେରିକା ଉଦ୍ଦେଶ୍ୟରେ ପାକିସ୍ତାନୀ ଅଧିକାରୀଙ୍କୁ ଇରାନ୍ ସେମାନଙ୍କ ସର୍ତ୍ତ ଜଣାଇଛି । ଏଭଳି ସ୍ଥଳେ ଆମେରିକା ପକ୍ଷରୁ କିଛି କୁହାଯାଇ ନାହିଁ । ଇରାନ୍ ପ୍ରତିନିଧିଦଳ ଶୁକ୍ରବାର ଇସ୍‌ଲାମାବାଦରେ ପହଞ୍ଚିଥିଲା । ଅନ୍ୟପକ୍ଷରେ ଇସ୍‌ଲାମାବାଦ ଅଭିମୁଖେ ଶନିବାର ଡୋନାଲ୍ଡ ଟ୍ରମ୍ପ ପ୍ରଶାସନର ୨ ସ୍ୱତନ୍ତ୍ର ପ୍ରତିନିଧି ଯାଇଥିବା ବେଳେ ଇରାନ୍ ପ୍ରତିନିଧି ଦଳ ଇସ୍‌ଲାମାବାଦ ଛାଡ଼ିଦେଇଥିବା ସୂଚନା ମିଳିଛି ।**

## ଶାନ୍ତି ଆଲୋଚନାକୁ ନେଇ ଦ୍ୱନ୍ଦ୍ୱ

**ଇସ୍‌ଲାମାବାଦ,୨୫।୪**

ପଶ୍ଚିମ ଏସିଆ ଯୁଦ୍ଧ ବନ୍ଦକରିବା ସହ ସ୍ଥିତି ସ୍ୱାଭାବିକ କରିବା ଉଦ୍ଦେଶ୍ୟରେ ଇରାନ ଓ ଆମେରିକା ମଧ୍ୟରେ ଇସ୍‌ଲାମାବାଦରେ ହେବାକୁ ଥିବା ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ମହତ୍ତ୍ୱପୂର୍ଣ୍ଣ ହେବ ବୋଲି ବିଭିନ୍ନ ମହଲରେ ଆଶା କରାଯାଉଥିଲା। କିନ୍ତୁ ବର୍ତ୍ତମାନ ଯେଉଁଭଳି ସ୍ଥିତି ଦେଖାଯାଇଛି ତାହା ଯୁଦ୍ଧବିରତି ନେଇ ଦ୍ୱନ୍ଦ୍ୱ ସୃଷ୍ଟି କରିଛି।

ଶାନ୍ତି କଥାବାର୍ତ୍ତା ପାଇଁ ଇରାନ ବହିର୍ବ୍ୟାପାର ମନ୍ତ୍ରୀ ଅବ୍ବାସ ଅରାଘଚିଙ୍କ ନେତୃତ୍ୱରେ ଏକ ଉଚ୍ଚ ପ୍ରତିନିଧିଦଳ ଶୁକ୍ରବାର ଇସ୍‌ଲାମାବାଦରେ ପହଞ୍ଚିଥିଲେ ମଧ୍ୟ ସେମାନେ କେବଳ ପାକିସ୍ତାନର ସେନାମୁଖ୍ୟଙ୍କ ସମେତ ବହିର୍ବ୍ୟାପାର ମନ୍ତ୍ରୀ ଇସାକ୍ ଡର ଏବଂ ଆଭ୍ୟନ୍ତରୀଣ ବ୍ୟାପାର ମନ୍ତ୍ରୀ ମୋସିନ୍ ନାକ୍‌ଭିଙ୍କୁ ଭେଟି ଆଲୋଚନା କରିଛନ୍ତି। ଆମେରିକା ସହ ପ୍ରତ୍ୟକ୍ଷ ଭାବେ ଆଲୋଚନା ନ କରି ସେମାନେ ଆମେରିକା ଉଦ୍ଦେଶ୍ୟରେ ପାକିସ୍ତାନୀ ଅଧିକାରୀଙ୍କୁ ସେମାନଙ୍କ ସର୍ତ୍ତ ଜଣାଇଛନ୍ତି। ଏପରିକି ଆମେରିକା ସହ କୌଣସି ସ୍ତରରେ ପ୍ରତ୍ୟକ୍ଷ ଭାବେ ଆଲୋଚନା କରାଯିବା ଯୋଜନା ନାହିଁ ବୋଲି ଇରାନ ଶନିବାର ସ୍ପଷ୍ଟ କରିଛି। ଇରାନ ବହିର୍ବ୍ୟାପାର ମନ୍ତ୍ରଣାଳୟ ପ୍ରବକ୍ତା ଇସ୍ମାଇଲ ବାକେଇ ଶନିବାର ସୋସିଆଲ ମିଡିଆରେ ପୋଷ୍ଟ କରି କହିଛନ୍ତି, ଆମେରିକା ସହ ଆମର ପ୍ରତ୍ୟକ୍ଷ ଆଲୋଚନା ହେବାର କୌଣସି ଯୋଜନା ନାହିଁ। ଆମର ଯାହା କିଛି କହିବାକୁ ଅଛି ତାହା ଆମେ ପାକିସ୍ତାନ ଅଧିକାରୀଙ୍କୁ ଜଣାଇ ଦେଇଛୁ। ଅନ୍ୟପଟେ ଆଲୋଚନାକୁ ନେଇ ଆମେରିକା ପକ୍ଷରୁ ମଧ୍ୟ କିଛି ସ୍ପଷ୍ଟ କରାଯାଇନାହିଁ। ଇରାନ୍ ପ୍ରତିନିଧିଦଳ ଶୁକ୍ରବାର ଇସ୍‌ଲାମାବାଦରେ ପହଞ୍ଚିବା ପରେ ହ୍ୱାଇଟ୍ ହାଉସ୍ ପ୍ରେସ୍ ସେକ୍ରେଟାରି କରୋଲିନ୍ ଲେଭିଟ୍ କହିଛନ୍ତି, ଇସ୍‌ଲାମାବାଦ ଅଭିମୁଖେ ଶନିବାର ଡୋନାଲ୍ଡ ଟ୍ରମ୍ପ ପ୍ରଶାସନର ୨ ସ୍ୱତନ୍ତ୍ର ପ୍ରତିନିଧି ଯାଇଛନ୍ତି। ରାଷ୍ଟ୍ରପତି ଟ୍ରମ୍ପଙ୍କ ପରାମର୍ଶଦାତା ଜାରେଦ୍ କୁଶନର ଏବଂ ମଧ୍ୟପ୍ରାଚ୍ୟ ରାଷ୍ଟ୍ରଦୂତ ଷ୍ଟିଭ୍ ୱିଟ୍‌କଫ୍ ଆଲୋଚନାରେ ଭାଗ ନେବେ ବୋଲି ସେ କହିଥିଲେ ହେଁ ଇରାନ୍ ପ୍ରତିନିଧିଦଳ ଆମେରିକା ସହ ଆଲୋଚନା କରିବାକୁ କିଛି ଯୋଜନା ନାହିଁ ବୋଲି କହିଛନ୍ତି। ଏଭଳି ସ୍ଥିତିରେ ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନାରୁ କୌଣସି ନିର୍ଯାସ ବାହାରିବା ନେଇ ଅନିଶ୍ଚିତତା ଦେଖାଦେଇଛି। ଇସ୍‌ଲାମାବାଦଠାରେ ଶନିବାର ଏବଂ ରବିବାର ଆଲୋଚନା ହେବ ବୋଲି ପାକିସ୍ତାନ ପକ୍ଷରୁ ପୂର୍ବରୁ ସମୟ ସ୍ଥିର କରାଯାଇଥିଲା। ଯୁଦ୍ଧବିରତି ପ୍ରସଙ୍ଗରେ ଉଭୟ ପକ୍ଷ ସକାରାତ୍ମକ ମନୋଭାବ ଦେଖାଇଛନ୍ତି ଏବଂ ଆଲୋଚନା ସଫଳ ହେଲେ ପଶ୍ଚିମ ଏସିଆରେ ସ୍ଥିତି ଯଥାଶୀଘ୍ର ସ୍ୱାଭାବିକ ହେବ ବୋଲି ଇସ୍‌ଲାମାବାଦ ପକ୍ଷରୁ କୁହାଯାଇଥିଲା। ହେଲେ ଇରାନ୍‌ର ମନ୍ତବ୍ୟ ଏହି ସମ୍ଭାବନାକୁ କ୍ଷୀଣ କରିଛି।

# ରଣବୋଝରୁ ଜୀବନ ହାରିଲେ ଦମ୍ପତି

**ଧରାକୋଟ/ବେଲଗୁଣ୍ଠା,୨୫।୪ (ବିଷ୍ଣୁ କେଶରୀ ଆଚାର୍ଯ୍ୟ/କୃଷ୍ଣଚନ୍ଦ୍ର ପଟ୍ଟନାୟକ)**

ଗଞ୍ଜାମ ଜିଲା ଧରାକୋଟ ବ୍ଲକର ଝାଡବନ୍ଧ ପଞ୍ଚାୟତ ତଥା ଗାଙ୍ଗପୁର ଥାନା ଅନ୍ତର୍ଗତ କଳାସୂତା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ୪ ଦିନ ତଳେ ଝିଅ ବାହା କରିଥିବା ଏକ ଦମ୍ପତି ଶୁକ୍ରବାର ରାତିରେ ଘରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ସେମାନେ ହେଲେ ସୀମାଞ୍ଚଳ ବିଷୋୟୀ(୬୬) ଓ ତାଙ୍କ ସ୍ତ୍ରୀ ନମିତା ବିଷୋୟୀ (୬୧)। ଖବରପାଇ ଶନିବାର ଗାଙ୍ଗପୁର ଥାନା ଅଧିକାରୀ ବନ ବିହାରୀ ପ୍ରଧାନ ଗାଁରେ ପହଞ୍ଚି ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଧରାକୋଟ ଅତିରିକ୍ତ ତହସିଲଦାର ଗଣେଶ ଦଳାଇଙ୍କ ଉପସ୍ଥିତିରେ ମୃତଦେହ ଜବତ କରିଥିଲେ। ସ୍ଥାନୀୟ ସରପଞ୍ଚ ଯୋଗେନ୍ଦ୍ର ସ୍ୱାଇଁଙ୍କ ସହାୟତାରେ ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଜାରି ରଖିଛି। ରଣବୋଝରୁ ଦମ୍ପତି ଆତ୍ମହତ୍ୟା କରିଥିବା ଗ୍ରାମବାସୀଙ୍କ ସୂତ୍ରରୁ ଜଣାପଡିଛି। ☞ପୃଷ୍ଠା-୪

# ଦିନକରେ ରାଘବ ଚଢ଼ାଙ୍କ ୧୫ ଲକ୍ଷ ଇନ୍‌ଷ୍ଟାଗ୍ରାମ୍ ଫଲୋଅର୍ସ କମିଲେ

**ଜେନ୍ ଜି ପ୍ରଭାବ**

- **ଭାଜପାରେ ମିଶିବା ପରେ ଶକ୍ତ ଝଟକା**
- **'ପୁରୁଣା ପୋଷ୍ଟ ଡିଲିଟ୍'କୁ ନେଇ ବିବାଦ**




**ନୂଆଦିଲ୍ଲୀ, ୨୫।୪**

ଆମ୍ ଆଦ୍‌ମୀ ପାର୍ଟି (ଆପ୍)ର ପୂର୍ବତନ ନେତା ତଥା ଯୁବ ଆଇକନ୍ ଭାବେ ପରିଚିତ ରାଘବ ଚଢ଼ା ଶୁକ୍ରବାର ଭାଜପାରେ ସାମିଲ ହେବା ପରେ ଡିଜିଟାଲ ପ୍ଲାଟଫର୍ମରେ ଏକ ବଡ଼ଧରଣର ବିରୋଧର ସମ୍ମୁଖୀନ ହୋଇଛନ୍ତି। ଗୋଟିଏ ଦିନରେ ତାଙ୍କର ଇନ୍‌ଷ୍ଟାଗ୍ରାମ ଫଲୋଅର୍ସ (ଅନୁଗାମୀ) ସଂଖ୍ୟା ପ୍ରାୟ ୧୫ ଲକ୍ଷ ହ୍ରାସ ପାଇବା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ୩୭ ବର୍ଷୀୟ ରାଘବଙ୍କୁ ଯୁବପିଢ଼ିଙ୍କ ବେଶ୍ ଲୋକପ୍ରିୟତା ମିଳିଥିଲା। କିନ୍ତୁ ଭାଜପାରେ ତାଙ୍କର ହଠାତ୍ ଯୋଗଦାନ ସମର୍ଥକମାନଙ୍କୁ ଆଶ୍ଚର୍ଯ୍ୟ କରିଛି। ସୂଚନା ଅନୁଯାୟୀ, ତାଙ୍କର ଫଲୋଅର୍ସ ସଂଖ୍ୟା ୧୪.୬ ମିଲିୟନରୁ କମି ୧୩.୧ ମିଲିୟନ ☞ପୃଷ୍ଠା-୪







ଦଳ ଛାଡ଼ିଥିବା ରାଜ୍ୟସଭା ସଦସ୍ୟମାନଙ୍କୁ ବିରୋଧ କରି ପଞ୍ଜାବର ଲୁଧିଆନା ଓ ଜଳନ୍ଧରରେ ସେମାନଙ୍କ ଘର ଆଗରେ ଆପ୍ କର୍ମୀମାନେ ବିକ୍ଷୋଭ କରିବା ସହ ପୋଷ୍ଟର ଲଗାଉଛନ୍ତି।

# ଆପ୍ ଛାଡ଼ିଥିବା ଏମ୍‌ପିଙ୍କୁ ତୀବ୍ର ବିରୋଧ

## ଏବେଠୁ ପଞ୍ଜାବ ରାଜନୀତି ସରଗରମ

ନୂଆଦିଲ୍ଲୀ ,୨୫।୪

ଆସାମ ଏବଂ ତାମିଲନାଡୁ ବିଧାନସଭା ନିର୍ବାଚନ ଶେଷ ହୋଇଥିଲାବେଳେ ଏବେ ପଶ୍ଚିମବଙ୍ଗ ନିର୍ବାଚନକୁ ନେଇ ରାଜନୈତିକ ପାଣିପାଗ ସରଗରମ ରହିଛି। କିନ୍ତୁ ଏହା ମଧ୍ୟରେ ଆମ୍ ଆଦ୍‌ମୀ ପାର୍ଟି (ଆପ୍)ର ୭ ଏମ୍‌ପିଙ୍କ ଦଳ ପରିବର୍ତ୍ତନ ରାଜନୈତିକ ପାଣିପାଗକୁ ଆହୁରି ସରଗରମ କରିଛି। ସ୍ଥିତି ଏଭଳି ହୋଇଛି, ପଶ୍ଚିମବଙ୍ଗ ରାଜନୀତିକୁ ନେଇ ହେଉଥିବା ଆଲୋଚନା ଫିକା ପଡ଼ିଗଲା ଭଳି ଅନୁମେୟ ହେଉଛି। ରାଜ୍ୟ ସଭା ସଦସ୍ୟ ରାଘବ ଚଡ଼ାଙ୍କ ନେତୃତ୍ୱରେ ପଞ୍ଜାବ ରାଜ୍ୟ ସଭା ସଦସ୍ୟ ସନ୍ଦୀପ ପାଠକ, ଅଶୋକ ମିତ୍ତଲ, ରାଜେନ୍ଦ୍ର ଗୁପ୍ତା, ହରଭଜନ ସିଂ, ବିକ୍ରମ


ସ୍ୱାତୀ ମାଲିୱାଲ

ସେୱାନୀ ଏବଂ ଦିଲ୍ଲୀରୁ ସ୍ୱାତୀ ମାଲିୱାଲ ଆପ୍ ଛାଡ଼ି ଭାଜପାରେ ସାମିଲ ହୋଇଛନ୍ତି। କିନ୍ତୁ କେବଳ ପଞ୍ଜାବରୁ ୬ ଆପ୍ ଏମ୍‌ପି ଦଳ ଛାଡ଼ିଥିବାରୁ ସେମାନଙ୍କ ବିରୋଧରେ ପଞ୍ଜାବରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହିସବୁ ନେତାଙ୍କ ବିରୋଧରେ ପଞ୍ଜାବର ବିଭିନ୍ନ ସହରରେ ବ୍ୟାନର ଏବଂ ହୋର୍ଡିଂ ଲାଗିବା ଆରମ୍ଭ ହେବା ସହ ବିଭିନ୍ନ ସ୍ଥାନରେ ଆପ୍ ପକ୍ଷରୁ ସଭାସମିତି କରାଯାଇ ସେମାନଙ୍କୁ ଭର୍ତ୍ସନା କରାଯାଉଛି। ଆସନ୍ତାବର୍ଷ ପଞ୍ଜାବ ସମେତ ଗୁଜରାଟ ଏବଂ ଗୋଆରେ ବିଧାନସଭା ନିର୍ବାଚନ ହେବାକୁ ରହିଛି। ଏଥିନେଇ ଆପ୍ ପକ୍ଷରୁ ଏବେଠାରୁ ପ୍ରସ୍ତୁତି ଆରମ୍ଭ ହୋଇଥିଲେ ହେଁ ଏକାଥରକେ ୭ ଏମ୍‌ପି ଦଳ ଛାଡିବା ଆପ୍ ପାଇଁ ବଡ଼ ଧକ୍କା ହୋଇଛି। ଏହାକୁ ଦୃଷ୍ଟିରେ ରଖି ଦଳୀୟ ନେତା ଓ କର୍ମୀ ଅନ୍ତତଃ ପଞ୍ଜାବରେ ସ୍ଥିତିକୁ ମଜଭୁତ କରିବାକୁ ଏବେଠାରୁ କାର୍ଯ୍ୟ ଆରମ୍ଭ କରିଦେଇଛନ୍ତି। ଏହାଛଡ଼ା ଦଳୀୟ ନେତା ଏବଂ ଦଳ ଛାଡ଼ିଥିବା ନେତାଙ୍କ ମଧ୍ୟରେ ବାକ୍‌ଯୁଦ୍ଧ ଆରମ୍ଭ ହୋଇଥିଲାବେଳେ ଭାଜପା ଏଥିରେ ଘିଅ ଢାଳିବାକୁ ପଛାଇ ନ ଥିବା ଦେଖିବାକୁ ମିଳିଛି।

### ପଞ୍ଜାବକୁ ଏଟିଏମ୍ କରିଛି ଆପ୍ : ସ୍ୱାତୀ ମାଲିୱାଲ

ଆପ୍ ଛାଡ଼ିବା ପରେ ରାଜ୍ୟ ସଭା ସଦସ୍ୟ ସ୍ୱାତୀ ମାଲିୱାଲ ଆପ୍ ରାଷ୍ଟ୍ରୀୟ ଆବାହକ ଅରବିନ୍ଦ କେଜ୍‌ରିୱାଲଙ୍କ ବିରୋଧରେ ବିଷୋଦ୍‌ଗାର କରିଛନ୍ତି। ପଞ୍ଜାବକୁ ରିମୋଟ୍ କଣ୍ଟ୍ରୋଲ ଦ୍ୱାରା ପରିଚାଳନା କରାଯିବା ସହ ଆପ୍ ଏହି ରାଜ୍ୟକୁ ନିଜର ଏଟିଏମ୍ ଭଳି ବ୍ୟବହାର କରୁଛି ବୋଲି ସେ କହିଛନ୍ତି। ଏହାଛଡ଼ା କେଜ୍‌ରିୱାଲଙ୍କୁ ସେ ମହିଳା ବିରୋଧୀ ବୋଲି ମଧ୍ୟ କହିଛନ୍ତି।

## ସର୍ବାଧିକ ଆମେରିକୀୟଙ୍କ ସମର୍ଥନ ହରାଇଛନ୍ତି ଟ୍ରମ୍ପ୍

ୱାଶିଂଟନ୍ ,୨୫।୪

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ପ୍ରଥମ ପାଳିରେ ଆମେରିକୀବାସୀଙ୍କ ଯେଭଳି ସମର୍ଥନ ହାସଲ କରିଥିଲେ ବର୍ତ୍ତମାନ ତାହା ନାହିଁ। ଟ୍ରମ୍ପ୍ ତାଙ୍କ ଦ୍ୱିତୀୟ ପର୍ଯ୍ୟାୟ ସରକାରରେ ସର୍ବାଧିକ ଆମେରିକୀୟଙ୍କ ସମର୍ଥନ ହରାଇଛନ୍ତି ବୋଲି ନ୍ୟୁୟର୍କ ଟାଇମ୍ସ ପକ୍ଷରୁ କରାଯାଇଥିବା ଏକ ପୋଲିଂ ସର୍ଭେରୁ ଜଣାପଡ଼ିଛି। ବର୍ତ୍ତମାନ ୫୮ ପ୍ରତିଶତ ଆମେରିକୀୟ ଟ୍ରମ୍ପ୍‌ଙ୍କ କାର୍ଯ୍ୟକୁ ନାପସନ୍ଦ କରିଥିଲାବେଳେ କେବଳ ୩୯ ପ୍ରତିଶତ ନାଗରିକ ଟ୍ରମ୍ପ୍‌ଙ୍କୁ ସମର୍ଥନ କରିଛନ୍ତି। ବିଶେଷକରି ଇରାନ ବିରୋଧରେ ଯୁଦ୍ଧ ପରେ ବର୍ତ୍ତମାନ ଯେଭଳି ସ୍ଥିତି ଉପୁଜିଛି ତାହାକୁ ନେଇ ସର୍ବାଧିକ ଆମେରିକା ନାଗରିକ ଟ୍ରମ୍ପ୍‌ଙ୍କ ପ୍ରତି ସମର୍ଥନ ପ୍ରତ୍ୟାହାର କରିଛନ୍ତି ବୋଲି ଏହି ସର୍ଭେ ରିପୋର୍ଟରେ କୁହାଯାଇଛି। ଟ୍ରମ୍ପ୍ ଦ୍ୱିତୀୟଥର ରାଷ୍ଟ୍ରପତି ନିର୍ବାଚିତ ହେବା ପରେ ତାଙ୍କର ଆପ୍ରୁଭାଲ ରେଟିଂ ହାର ୩୯ ପ୍ରତିଶତ ରହିଥିଲା। କିନ୍ତୁ ବର୍ତ୍ତମାନ ତାହା ୨୮ ପ୍ରତିଶତକୁ ଖସି ଆସିଥିବା ଆମେରିକାର ବହୁ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟ ପକ୍ଷରୁ କରାଯାଇଥିବା ପୋଲିଂରୁ ମଧ୍ୟ ଜଣାପଡ଼ିଛି। ଯୁଦ୍ଧ ପ୍ରଭାବରେ ଆମେରିକାର ଅର୍ଥନୀତି ଉପରେ ଯେଭଳି ଅତିରିକ୍ତ ଚାପ ପଡ଼ିଛି ତାହାକୁ ନେଇ ଅଧିକାଂଶ ନାଗରିକ ଚିନ୍ତିତ ହୋଇଛନ୍ତି ବୋଲି କୁହାଯାଇଛି।

## ତେହରାନ୍‌ରୁ ସ୍ୱାଭାବିକ ହେଲା ବିମାନ ସେବା

ତେହରାନ୍ ,୨୫।୪

ଇରାନ-ଆମେରିକା ଯୁଦ୍ଧର ପ୍ରାୟ ୨ ମାସ ପରେ ଇରାନ୍‌ର ବିମାନ ସେବା ସ୍ୱାଭାବିକ ହୋଇଛି। ଶନିବାର ତେହରାନ୍‌ସ୍ଥିତ ଇମାମ ଖାମେନେଇ ଅନ୍ତର୍ଜାତୀୟ ବିମାନ ବନ୍ଦରରୁ ଇସ୍ତାନବୁଲ, ମସ୍କାଟ ଏବଂ ମଦିନା ଆଦି କେତେକ ସହର ଅଭିମୁଖେ ବିମାନ ସେବା ଆରମ୍ଭ ହୋଇଛି। ଆମେରିକା ଏବଂ ଇସ୍ରାଏଲ ପକ୍ଷରୁ ଗତ ଫେବୃଆରୀ ୨୮ରେ ଆକ୍ରମଣ ଆରମ୍ଭ କରିବା ପରେ ଅନେକ ଦେଶ ଇରାନ୍‌କୁ ବିମାନ ଉଡ଼ାଣ ସ୍ଥଗିତ ରଖିଥିଲେ। ଏହା ପରେ ଆକ୍ରମଣ ବ୍ୟାପକ ହେବା ପରେ ଇରାନ ଏହାର ଏୟାରସ୍ପେସ୍ ବନ୍ଦ କରିଦେଇଥିଲା। ତେବେ ଯୁଦ୍ଧର ପ୍ରାୟ ୫୭ ଦିନ ପରେ ତେହରାନ୍ ବିମାନ ବନ୍ଦରରୁ ଅନ୍ତର୍ଜାତୀୟ ରୁଟ୍‌ରେ ବିମାନ ସେବା ଆରମ୍ଭ ହୋଇଛି।

## ପୂର୍ବରୁ ୨ ଥର ଗିରଫ ହୋଇଥିବା ମାନିଲେ କାଶ୍ ପଟେଲ

ୱାଶିଂଟନ୍,୨୫।୪


କାଶ୍ ପଟେଲ

ଆମେରିକାର ମୁଖ୍ୟ ଗୋଇନ୍ଦା ବିଭାଗ ଏଫ୍‌ବିଆଇ ମୁଖ୍ୟ ଭାରତୀୟ ବଂଶୋଦ୍ଭବ କାଶ୍ ପଟେଲଙ୍କୁ ନେଇ ଏବେ ବିବାଦ ତେଜିଛି। ସେ ଡୋନାଲ୍ଡ ଟ୍ରମ୍ପ୍ ପ୍ରଶାସନର ଜଣେ ବରିଷ୍ଠ ଅଧିକାରୀ ଭାବେ ରାଷ୍ଟ୍ରପତିଙ୍କ ଘନିଷ୍ଠ ହୋଇଥିଲେ ମଧ୍ୟ ତାଙ୍କର ମଦ ପିଇବା ଅଭ୍ୟାସକୁ ନେଇ ଆମେରିକା ଗଣମାଧ୍ୟମରେ ବିତର୍କ ବଢ଼ିବାରେ ଲାଗିଛି। ଏହା ମଧ୍ୟରେ ପୂର୍ବରୁ ଛାତ୍ରାବସ୍ଥାରେ ମଦ ପିଇବା ଯୋଗୁ କାଶ୍ ୨ଥର ଗିରଫ ହୋଇଥିବା ବିଷୟକୁ ସ୍ୱୀକାର କରିଛନ୍ତି। ସେ ଆଇନ ବିଷୟରେ ପାଠ ପଢୁଥିଲାବେଳେ ନିଶାସକ୍ତ ଅବସ୍ଥାରେ ଥରେ ଭର୍ଜିନିଆରେ ଗିରଫ ହୋଇଥିଲେ। ଏହାପରେ ନ୍ୟୁୟର୍କରେ ଏକ ବାର୍‌ରେ ମଦ୍ୟପାନ କରି ରାସ୍ତାରେ ପରିସ୍ରା କରିବା ଅଭିଯୋଗରେ ଗିରଫ ହୋଇଥିବା ବିଷୟକୁ ସେ ସ୍ୱୀକାର କରିଛନ୍ତି।

## ମଣିପୁରରେ ପୋଲିସ ସହ ବିକ୍ଷୋଭକାରୀଙ୍କ ସଂଘର୍ଷ

ଇମ୍ଫାଲ,୨୫।୪

ମଣିପୁରରେ ଶୁକ୍ରବାର ହୋଇଥିବା ହିଂସାକୁ ନେଇ ସ୍ଥିତି ପୁଣି ଜଟିଳ ହେବାରେ ଲାଗିଛି। କୁକି ଏବଂ ନାଗା ସମ୍ପ୍ରଦାୟର ଦୁଇ ସଶସ୍ତ୍ର ଗୋଷ୍ଠୀଙ୍କ ମଧ୍ୟରେ ଶୁକ୍ରବାର ହିଂସା ଘଟି ୩ ଜଣଙ୍କ ମୃତ୍ୟୁ ହେବା ସହ ଅନେକ ଲୋକ ଆହତ ହୋଇଥିଲେ। ହିଂସା ରୋକିବା ସହ ସ୍ଥିତି ସ୍ୱାଭାବିକ କରିବାକୁ ପ୍ରଶାସନିକ ସ୍ତରରେ ଦୃଢ ପଦକ୍ଷେପ ନିଆଯାଇଥିଲେ ହେଁ ଶନିବାର ହଜାର ହଜାର ବିକ୍ଷୋଭକାରୀ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଆଡକୁ ଯିବାବେଳେ ପୋଲିସ ସହ ସେମାନଙ୍କ ସଂଘର୍ଷ ହୋଇଛି। ସୂଚନା ଅନୁସାରେ ମେତେଇ ସମ୍ପ୍ରଦାୟର ଏକ ସଂଗଠନ ‘ କୋଅର୍ଡିନେଟିଂ କମିଟି ଅନ୍ ମଣିପୁର ଇଣ୍ଟିଗ୍ରିଟି(ସିଓସିଓଏମଆଇ) ଡାକରାରେ ହଜାର ହଜାର ଲୋକ ମୁଖ୍ୟମନ୍ତ୍ରୀଙ୍କ ଇମ୍ଫାଲସ୍ଥିତ ବାସଭବନ ଆଡକୁ ମୁହାଁଇଥିଲେ। ସହରର ବିଭିନ୍ନ ଦିଗରୁ ଆସିଥିବା ହଜାର ହଜାର ବିକ୍ଷୋଭକାରୀଙ୍କୁ ଅଟକାଇବା ଲାଗି ସୁରକ୍ଷାକର୍ମୀଙ୍କ ପକ୍ଷରୁ ବିଭିନ୍ନ ସ୍ଥାନରେ ବ୍ୟାରିକେଡ୍ ଲଗାଯାଇଥିଲା। କିନ୍ତୁ ବିକ୍ଷୋଭକାରୀ ଏହାକୁ ନ ମାନି ଧସେଇ ପଶିବାକୁ ଉଦ୍ୟମ କରିବାରୁ ପୋଲିସ ସହ ସଂଘର୍ଷ ହୋଇଥିଲା ଏହି ଘଟଣାରେ ଶତାଧିକ ଲୋକ ଆହତ ହୋଇଥିବା କୁହାଯାଇଛି।

## ଉଦ୍ଧବଙ୍କୁ ଗୁପ୍ତରେ ଭେଟିଥିବା ବିଷୟକୁ ଫଡ଼ନବିସ୍‌ଙ୍କ ଖଣ୍ଡନ

ମୁମ୍ବାଇ,୨୫।୪

ଶିବସେନା(ୟୁବିଟି) ନେତା ଉଦ୍ଧବ ଠାକ୍‌ରେଙ୍କୁ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ୍ ଗୁପ୍ତରେ ଭେଟି କଥାବାର୍ତ୍ତା କରିଥିବା ବିଷୟକୁ ଖଣ୍ଡନ କରିଛନ୍ତି। ଉଦ୍ଧବଙ୍କ ସହ ଗୁପ୍ତରେ ଭେଟିବା ଆବଶ୍ୟକ ନାହିଁ, ବରଂ ଆବଶ୍ୟକସ୍ଥଳେ ଖୋଲାଖୋଲି ଭାବେ ଭେଟିବାରେ ସମସ୍ୟା ନାହିଁ ବୋଲି ସେ କହିଛନ୍ତି। କିନ୍ତୁ ଯେଉଁମାନେ ସୋସିଆଲ ମିଡିଆରେ ଏଭଳି ମିଥ୍ୟା ପ୍ରଚାର କରୁଛନ୍ତି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଧମକ ଦେଇଛନ୍ତି।

## କେ. କବିତାଙ୍କ ନୂଆ ଦଳ ତେଲଙ୍ଗାନା ରାଷ୍ଟ୍ର ସେନା

ହାଇଦ୍ରାବାଦ ,୨୫।୪

ତେଲଙ୍ଗାନା ଜାଗୃତି ସଭାପତି କେ. କବିତା ଶନିବାର ତାଙ୍କର ନୂଆ ଦଳ ଘୋଷଣା କରିଛନ୍ତି। ହାଇଦ୍ରାବାଦ ଉପକଣ୍ଠ ମୁନିରାବାଦଠାରେ ଏକ ବିଶାଳ ଜନସମାବେଶରେ ସେ ତାଙ୍କ ନୂଆ ଦଳ ତେଲଙ୍ଗାନା ରାଷ୍ଟ୍ର ସେନା ସମ୍ପର୍କରେ ଘୋଷଣା କରିଛନ୍ତି। ଏହି ସଭାରେ ମହିଳାଙ୍କଠାରୁ


କେ. କବିତା

ଆରମ୍ଭକରି ଯୁବବର୍ଗ ଏବଂ ତାଙ୍କର ହଜାର ହଜାର ସମର୍ଥକ ଯୋଗଦେଇଥିଲାବେଳେ ତେଲଙ୍ଗାନା ଭବିଷ୍ୟତକୁ ସୁଦୃଢ଼ କରିବା ଲାଗି ତାଙ୍କ ପ୍ରତିବଦ୍ଧତା ପ୍ରତି ବିପୁଳ ସମର୍ଥନ ଦେବାକୁ କବିତା ଆହ୍ୱାନ ଜଣାଇଛନ୍ତି। ତାଙ୍କ ସମର୍ଥକମାନେ କବିତାଙ୍କୁ ତେଲଙ୍ଗାନା ଟାଇଗର ବୋଲି ଅଭିହିତ କରିଥିଲାବେଳେ ସେ ହିଁ ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ହେବାକୁ ଯୋଗ୍ୟ ପ୍ରାର୍ଥୀ ବୋଲି ମତ ଦେଇଛନ୍ତି।


ଆଲିଆ ଭଟ୍ଟ

## ରାହା କ୍ରୀଡ଼ାବିତ୍ ହେଲେ ଖୁସି ହେବି: ଆଲିଆ

ମୁମ୍ବାଇ

ଅଭିନେତ୍ରୀ ଆଲିଆ ଭଟ୍ଟ ଆଜିକାଲି ଝିଅ ରାହା ସହ ଅଧିକ ସମୟ ବିତାଉଛନ୍ତି। ଏପରି କି ଫିଲ୍ମ ଦୁନିଆରୁ ଦୂରେଇ ସେ ଝିଅର ଭଲମନ୍ଦ ବୁଝୁଛନ୍ତି। ଆଲିଆ-ରଣବୀରଙ୍କ ଝିଅ ହୋଇଥିବାରୁ ରାହା ସବୁବେଳେ ଚର୍ଚ୍ଚାରେ ରହିଥାନ୍ତି। ସେ ଆଗକୁ ଆକ୍ଟିଂରେ କ୍ୟାରିୟର କରିବେ କି ପ୍ରଶ୍ନରେ ଆଲିଆ ସ୍ପଷ୍ଟ ଭାବରେ କୁହନ୍ତି, ତାକୁ ଏବେ ମାତ୍ର ତିନି ବର୍ଷ । କିନ୍ତୁ ତାକୁ ଆଥଲେଟ୍ କରିବାକୁ ଚାହୁଁଛି। ବହୁତ ଛୋଟ ହେବା ସତ୍ତ୍ୱେ, ରାହା ଏବେ ଖେଳ ପ୍ରତି ଆଗ୍ରହ ଦେଖାଉଛି । ତେଣୁ ସେ କ୍ରୀଡାବିତ୍ ହେଲେ ମୁଁ ଖୁସି ହେବି। ମୁଁ ଛୋଟ ଥିବା ବେଳେ ମୋ ଅନ୍ତର୍ନିହିତ ଗୁଣ ପରଖିଥିଲେ ମୋ ମା’ ଏବଂ ଭଉଣୀ। ସେମାନେ ମୋତେ ଆକ୍ଟିଂରେ କ୍ୟାରିୟର କରିବାକୁ ପରାମର୍ଶ ଦେଇଥିଲେ। ସେମାନଙ୍କ ଯୋଗୁ ହିଁ ଏଇଠି ଆସି ପହଞ୍ଚିଛି। ମୁଁ ଚାହେଁ, ରାହା ମଧ୍ୟ ସେହିଭଳି କ୍ରୀଡ଼ାକ୍ଷେତ୍ରରେ ଆଗକୁ ବଢୁ ବୋଲି ଆଲିଆ କହିଛନ୍ତି।

## ମୋଦି ଓ ମମତା କ୍ଷମତାଲୋଭୀ : ରାହୁଲ

କୋଲକାତା,୨୫।୪

ପଶ୍ଚିମବଙ୍ଗରେ ଏକ ନିର୍ବାଚନୀ ସଭାରେ ବିରୋଧୀଦଳ ନେତା ରାହୁଲ ଗାନ୍ଧୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଟାର୍ଗେଟକରି ଏହି ଦୁଇ ନେତା କ୍ଷମତାଲୋଭୀ ବୋଲି କହିଛନ୍ତି। ହୁଗୁଳି ଜିଲାର ସେରାମପୁରଠାରେ ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ନିଜକୁ ଜଣେ ଦେଶଭକ୍ତ ବୋଲି କହୁଥିଲେ ହେଁ ସେ ଦେଶକୁ ବିକିଦେବାକୁ ବସିଛନ୍ତି। ପଶ୍ଚିମବଙ୍ଗରେ ମଧ୍ୟ ମୁଖ୍ୟମନ୍ତ୍ରୀ ମମତା ଗରିବ ଲୋକଙ୍କୁ ସହାୟତା କରିବା ବଦଳରେ ଧନୀଙ୍କୁ ଉପରକୁ ଉଠାଇବାକୁ ପଛାଇନାହାନ୍ତି। ଏହାସତ୍ତ୍ୱେ ସେମାନେ କ୍ଷମତାରେ ରହିବାକୁ ଚାହୁଁଛନ୍ତି। ଇଣ୍ଡିଆ ମେଣ୍ଟରେ ରହିଥିବା ଟିଏମ୍‌ସି ମୁଖିଆଙ୍କ ପ୍ରତି ରାହୁଲ କେମିତି ଏଭଳି ଆକ୍ଷେପ କଲେ ବୋଲି ପ୍ରଶ୍ନ ଉଠିଛି।

ADMISSION OPEN ADMISSION OPEN ADMISSION OPEN

C. V. Raman Global University
ODISHA BHUBANESWAR INDIA
CGU ODISHA Home Grown World Class

COUNSELLING SESSION - 2026

DATE : 26th April, 2026 (Sunday) | TIME : 09:00AM to 06:00 PM

For admission process and additional information, contact our officials on Sunday at :

Angul
KEYON ASHIANA HOTEL
Office & circuit house, Street No. 75D, Hakimpada
New Bus Terminal Lane, Near NH Colony RD, Angul
Mob : 6370724794 / 9755863513

Balasore
HOTEL BARJORJIS BANJARA
OT Rd, Fakir Mohan Golei, Balasore-756001, Odisha
Mob.: 9658075491 / 9437275893

Rourkela
HOTEL RADHIKA REGENCY
Bisra Rd, near Vijaya Bank, Udit Nagar, Rourkela-769001,
Mob : 7008393959 / 9040930327

Sambalpur
HOTEL UPAHAR PALACE
Veer Surendra Sai Marg, Hans Nagar, Sambalpur-768001
Mob : 9437306100 / 7008687893

PROGRAMS
Diploma | B.Tech | BBA | BCA | B.Com | M.Tech | MCA
M.Sc. | MBA | MA | Agriculture | Pharmacy | Forensic Science
Hotel Management | Ph.D. | Integrated Ph.D.

SCHOLARSHIP
For CBSE and CISCE
- 20% on tuition fees for scoring 95% or above in 12th exam
- 10% on tuition fees for scoring 90% or above in 12th exam

For Military Personnel
- 100% tuition fee exemptions for girl child of personnel who lost their lives in service.
- 40% tuition fee concessions for girl child of serving or retired Personnel.

For "SAFAL"
- 100% tuition fee exemptions for the girl child from economically weaker sections.

Among Top 100 Engineering Institutions in India by NIRF
25 Centres of Excellence accross various domains
06 NBA Accredited Engineering Branches
Recognised as SIRO by DSIR, Govt. of India

CAMPUS :
C. V. Raman Global University
Bidyanagar, Janla, Bhubaneswar-752054, Odisha
cgu-odisha.ac.in

For detail information, Contact :
+91-9040021100 / 101 / 102 / 103
admission@cgu-odisha.ac.in

ଧରିତ୍ରୀ
DHARITRI
ଧରିତ୍ରୀ 52 Years





ରାଜ୍ୟସ୍ତରୀୟ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ପାଳନ ଅବସରରେ ଲୋକସେବା ଭବନରେ ଶନିବାର ଆୟୋଜିତ ପ୍ରଦର୍ଶନୀକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଓ ଅନ୍ୟମାନେ ବୁଲି ଦେଖୁଛନ୍ତି।

# ମେ' ୩୧ ସୁଦ୍ଧା କାର୍ଯ୍ୟଦକ୍ଷତା ରିପୋର୍ଟ ଦାଖଲ କରିବେ ସରକାରୀ କର୍ମଚାରୀ

**ଭୁବନେଶ୍ୱର, ୨୫।୪(ସୁନିତ୍ ମିଶ୍ର)**

ସବୁ ସରକାରୀ କର୍ମଚାରୀ ନିଜର କାର୍ଯ୍ୟଦକ୍ଷତା ମୂଲ୍ୟାୟନ ରିପୋର୍ଟ ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଶୁକ୍ରବାର ଏକ ଚିଠି ସବୁ ବିଭାଗ ମୁଖ୍ୟଙ୍କୁ ଦିଆଯାଇଛି। ସେଥିରେ ଉଲ୍ଲେଖ କରାଯାଇଛି, ସବୁ କର୍ମଚାରୀମାନେ ମେ ୩୧ ସୁଦ୍ଧା ସ୍ୱ-କାର୍ଯ୍ୟଦକ୍ଷତା ରିପୋର୍ଟ ପ୍ରଦାନ କରିବେ। ସେମାନେ କେତେ କାମ କରିଛନ୍ତି ତାର ହିସାବ ନିକାଶ କରାଯିବ। ମେ ୩୧ ସୁଦ୍ଧା ସେମାନେ ତାଙ୍କ ରିପୋର୍ଟ ଦାଖଲ କରିବା ପରେ ଜୁଲାଇ ୩୧ ସୁଦ୍ଧା ରିପୋର୍ଟିଂ ଅଥରିଟି ଏହା ଉପରେ ନିଜର ରିପୋର୍ଟ ପ୍ରଦାନ କରିବେ। ତା ଉପରେ ଆଉଜଣେ କର୍ତ୍ତୃପକ୍ଷ ତା'ର ସମୀକ୍ଷା କରିବେ। ☞ପୃଷ୍ଠା-୪




# ଫୁଲନଖରାରେ ହେବ ମଲିକୁଲାର ଲାବରେଟୋରି: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୫।୪ (ବନ୍ଦନା ସେଠୀ)**

## ରାଜ୍ୟସ୍ତରୀୟ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ

- ଅଣ୍ଡା ଉତ୍ପାଦନରେ ପଞ୍ଚମ ହେବ ଓଡ଼ିଶା
- ୭୬ ପ୍ରାଣୀ ଚିକିତ୍ସାଳୟ ଗୃହ ଓ ଭଦ୍ରକରେ ମତ୍ସ୍ୟ ଅବତରଣ କେନ୍ଦ୍ର ଉଦ୍‌ଘାଟିତ
- ୨୧୯ ନୂତନ ପ୍ରାଣୀ ଚିକିତ୍ସାଳୟ ଓ ଲାବ୍ ପାଇଁ ଏମ୍‌ଓୟୁ ସ୍ୱାକ୍ଷରିତ

ପ୍ରାଣୀ ରୋଗ ନିରୂପଣ ଓ ଅନ୍ୟାନ୍ୟ ପରୀକ୍ଷା ପାଇଁ କଟକ ଜିଲା ଫୁଲନଖରାଠାରେ ପ୍ରାୟ ୧୦କୋଟି ଟଙ୍କା ବ୍ୟୟରେ ରାଜ୍ୟସ୍ତରୀୟ ମଲିକୁଲାର ଲାବରେଟୋରି ସ୍ଥାପନ ହେବ। ଏଥିସହ ପ୍ରାଣୀ ଖାଦ୍ୟର ଗୁଣ ପରୀକ୍ଷା ପାଇଁ ୬ କୋଟି ଟଙ୍କା ବ୍ୟୟରେ ରାଜ୍ୟସ୍ତରୀୟ ପରୀକ୍ଷାଗାର ସଶକ୍ତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି। ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ଅବସରରେ ଶନିବାର ଲୋକସେବା ଭବନ କନ୍‌ଭେନଶନ ସେଣ୍ଟରଠାରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପ୍ରାଣୀ ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରିବା ପାଇଁ ରାଜ୍ୟରେ ପ୍ରାୟ ୧୦୦ କୋଟି ଟଙ୍କାରେ ନିର୍ମିତ ୭୬ଟି ପ୍ରାଣୀ ଚିକିତ୍ସାଳୟ ଓ ୪ଟି ପ୍ରାଣୀ ସହାୟତା କେନ୍ଦ୍ରର ନୂତନ ଗୃହର ଉଦ୍‌ଘାଟନ କରିଛନ୍ତି। ସେହିଭଳି ଓପୋଲଫେଡ୍‌ର ୫୦ବର୍ଷ ପୂର୍ତ୍ତି ଅବସରରେ ମୁଖ୍ୟମନ୍ତ୍ରୀ ବ୍ରାଉନ୍ ଅଣ୍ଡା ଓ ଦେଶୀ 'ଅସିଲ' (Aseel) ଚିକେନର ବିପଣନ କେନ୍ଦ୍ର, ମତ୍ସ୍ୟଜୀବୀଙ୍କ ଉନ୍ନତି ପାଇଁ ୫୦କୋଟି ଟଙ୍କା ବ୍ୟୟରେ ଭଦ୍ରକର କସିଆଠାରେ ମତ୍ସ୍ୟ ଅବତରଣ କେନ୍ଦ୍ର ଓ ଧାମରା ମାଛଧରା ବନ୍ଦରର ଉନ୍ନତୀକରଣ କାର୍ଯ୍ୟ ସହ ବିଭିନ୍ନ ମତ୍ସ୍ୟ ଭିତ୍ତିଭୂମି ପ୍ରକଳ୍ପ ଉଦ୍‌ଘାଟନ କରିଛନ୍ତି। ଏଥିସହ ୧୭୭ କୋଟି ଟଙ୍କା ବିନିଯୋଗରେ ୨୧୯ଟି ନୂତନ ପ୍ରାଣୀ ଚିକିତ୍ସାଳୟ ଓ ରୋଗ ନିର୍ଣ୍ଣୟ ଲାବ୍ ନିର୍ମାଣ ପାଇଁ ୬ଟି ପିଏସ୍‌ୟୁ ସହ ଏମ୍‌ଓୟୁ ସ୍ୱାକ୍ଷର ହୋଇଛି।

ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସର ପ୍ରସଙ୍ଗ 'ଉତ୍ତମ ଖାଦ୍ୟ ଓ ସ୍ୱାସ୍ଥ୍ୟ ପାଇଁ ପ୍ରାଣୀ ଚିକିତ୍ସକ' ଉପରେ ମୁଖ୍ୟମନ୍ତ୍ରୀ କହିଲେ, ପ୍ରାଣୀ ଚିକିତ୍ସକମାନେ କଥା କହିପାରୁ ନ ଥିବା ପ୍ରାଣୀଙ୍କ ପାଇଁ ଭଗବାନ୍। ଓଡ଼ିଶାର ଚାଷୀଙ୍କ ଆୟ ଦୁଇଗୁଣ କରିବା ନୁହେଁ, ବରଂ ବହୁଗୁଣିତ କରିବା ଆମର ଲକ୍ଷ୍ୟ। କୃଷକମାନେ ପାରମ୍ପରିକ ଚାଷ ସହ ମାଛଚାଷ, ଗୋପାଳନ, କୁକୁଡ଼ା ପାଳନ, ଛେଳି-ମେଣ୍ଢା ପାଳନ ପରି ଆନୁଷଙ୍ଗିକ କୃଷିକୁ ଆଗେଇନେବା ଆବଶ୍ୟକ। ୧,୪୨୩ କୋଟିର ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ଆଗାମୀ ୫ବର୍ଷରେ ୧୫ଲକ୍ଷରୁ ଅଧିକ ଗୋପାଳକ ଉପକୃତ ହେବେ। ମୁଖ୍ୟମନ୍ତ୍ରୀ ପ୍ରାଣୀ କଲ୍ୟାଣ ଯୋଜନା ଅଧୀନରେ ନୂତନ ଗୋଶାଳା, ଖାଦ୍ୟ, ରକ୍ଷଣାବେକ୍ଷଣ ଓ ସ୍ୱାସ୍ଥ୍ୟସେବା ପାଇଁ ୩୩ କୋଟି ଟଙ୍କା ବ୍ୟବସ୍ଥା ହୋଇଛି। କୁକୁଡ଼ା ପାଳନ ଓ ଅଣ୍ଡା ଉତ୍ପାଦନ ବୃଦ୍ଧି ପାଇଁ ପ୍ରାଣୀସମ୍ପଦ ସମୃଦ୍ଧି ଯୋଜନା ମାଧ୍ୟମରେ ୧,୦୩୧ କୋଟି ଟଙ୍କା ବ୍ୟୟ ହେବା ସହ ୩.୭୩ ଲକ୍ଷ ପରିବାର ଉପକୃତ ହେବେ। ସେହିପରି ଓଡ଼ିଶା ଭିଜନ ୨୦୩୬ ଓ ୨୦୪୭ ଅନୁସାରେ ରାଜ୍ୟକୁ ଦୁଗ୍ଧ, ଅଣ୍ଡା ଓ ମାଂସ ଉତ୍ପାଦନରେ ଆତ୍ମନିର୍ଭର କରାଯିବ। ୨୦୪୭ ସୁଦ୍ଧା ଅଣ୍ଡା ଉତ୍ପାଦନରେ ଓଡ଼ିଶାକୁ ଦେଶର ପଞ୍ଚମ ସ୍ଥାନକୁ ନେବା ଲକ୍ଷ୍ୟ ରଖାଯାଇଛି। ପ୍ରାଣୀ ସ୍ୱାସ୍ଥ୍ୟ ସେବାକୁ ଲୋକଙ୍କ ହାତପାଆନ୍ତାରେ ପହଞ୍ଚାଇବା ପାଇଁ ସରକାର ୨୦୦୦ ପ୍ରଶିକ୍ଷିତ ଗୋଷ୍ଠୀ ପ୍ରାଣୀ ସ୍ୱାସ୍ଥ୍ୟକର୍ମୀ(A-HELP) ନିୟୋଜିତ କରିବାକୁ ନିଷ୍ପତ୍ତି ହୋଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟର ସଫଳ ପ୍ରାଣୀ ଚିକିତ୍ସକ, ପ୍ରାଣୀପାଳକ ଓ ଚାଷୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସମ୍ମାନିତ ଅତିଥି ଭାବେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଉତ୍ତମ ଖାଦ୍ୟ ଓ ସ୍ୱାସ୍ଥ୍ୟର ସୁରକ୍ଷାରେ ପ୍ରାଣୀ ଚିକିତ୍ସକଙ୍କ ପ୍ରମୁଖ ଭୂମିକା ରହିଛି ବୋଲି କହିଥିଲେ। ବିଭାଗୀୟ କମିଶନର ତଥା ଶାସନ ସଚିବ ପ୍ରେମ ଚାନ୍ଦ ଚୌଧାରୀ ଏବଂ ପ୍ରାଣୀ ପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶକ ବିଜୟ ଅମୃତ କୁଲାଙ୍ଗେ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ମୁଖ୍ୟମନ୍ତ୍ରୀଙ୍କ ସହ ଅନ୍ୟମାନେ ପ୍ରଦର୍ଶନୀ ବୁଲି ଦେଖିଥିଲେ।

# ବିଶ୍ୱର ୧୦୦ ଉତ୍ତପ୍ତ ସହର ମଧ୍ୟରୁ ଭାରତର ୯୫

**ନୂଆଦିଲ୍ଲୀ, ୨୫।୪**

ସାରା ବିଶ୍ୱରେ ଗ୍ରୀଷ୍ମଜନିତ ଉତ୍ତାପକୁ ନେଇ ଭାରତ ଏବେ କେନ୍ଦ୍ରସ୍ଥଳ ପାଲଟିଛି। କାରଣ ଭାରତର ଅଧିକାଂଶ ସହରରେ ତାପମାତ୍ରା ଅହେତୁକ ଭାବେ ବୃଦ୍ଧି ପାଇଚାଲିଥିବାବେଳେ ବହୁ ସହରର ଉତ୍ତାପ ୪୦ ଡିଗ୍ରୀ ଡେଇଁଛି। ସ୍ଥିତି ଏଭଳି ହୋଇଛି ଯେ, ବିଶ୍ୱର ୧୦୦ ଉତ୍ତପ୍ତ ସହର ମଧ୍ୟରୁ ୯୫ଟି ସହର କେବଳ ଭାରତରେ ରହିଛି। ' ରିଅଲ ଟାଇମ୍ ଗ୍ଲୋବାଲ ଟେମ୍ପେରେଚର' ର୍‍ୟାଙ୍କିଙ୍ଗ୍ ରିପୋର୍ଟ ଅନୁସାରେ ଉତ୍ତର ଭାରତଠାରୁ ଗାଙ୍ଗେୟ ଉପତ୍ୟକା ମଧ୍ୟରେ ଅଧିକାଂଶ ସହରର ତାପମାତ୍ରା ଏବେ ସୁଦ୍ଧା ୪୦ ଡିଗ୍ରୀ ଅତିକ୍ରମ କରିଥିଲାବେଳେ ବହୁ ସହରର ତାପମାତ୍ରା ୪୫ ଡିଗ୍ରୀରେ ପହଞ୍ଚିଛି। କେବଳ ବଡ଼ ସହର ନୁହେଁ, ମଧ୍ୟମ ଏବଂ ଅପେକ୍ଷାକୃତ ଛୋଟ ସହରରେ ମଧ୍ୟ ଏଭଳି ସ୍ଥିତି ଦେଖାଯାଇଥିବାରୁ ଭାରତରେ ଚଳିତ ବର୍ଷ ଗ୍ରୀଷ୍ମ ପ୍ରବାହର ଭୟାବହତା କିଭଳି ରହିବ ତାହାକୁ ନେଇ ଚିନ୍ତାପ୍ରକଟ କରାଯାଇଛି।

ବର୍ତ୍ତମାନ ସୁଦ୍ଧା ୪୦ ଡିଗ୍ରୀରୁ ଅଧିକ ତାପମାତ୍ରା ରହିଥିବା ସହରଗୁଡ଼ିକ ମଧ୍ୟରେ ମହାରାଷ୍ଟ୍ର, ତେଲଙ୍ଗାନା, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ଓଡ଼ିଶା ଏବଂ ଛତିଶଗଡ଼ ଆଦି ରାଜ୍ୟର ସହର ରହିଛି। ଏଥର 'ଏଲ୍-ନିନୋ' ପ୍ରଭାବରେ ମୌସୁମୀ ସ୍ୱାଭାବିକ ହୋଇ ନ ପାରେ ବୋଲି ଅନୁମାନ କରାଯାଇଛି। ଏହାକୁ ନେଇ ମୌସୁମୀ ଭାରତ ଉପକୂଳ ଛୁଇଁବା ବିଳମ୍ବ ହେବ ବୋଲି ଆକଳନ କରାଯାଉଥିବାବେଳେ ଶୁଷ୍କ ଆକାଶ ସାଙ୍ଗକୁ ଗ୍ରୀଷ୍ମ ପ୍ରବାହ ଏହିସବୁ ରାଜ୍ୟର ବିଭିନ୍ନ ସହରକୁ ପ୍ରଭାବିତ କରିଥିବା କୁହାଯାଇଛି। ଏହାକୁ ଦୃଷ୍ଟିରେ ରଖି ଭାରତୀୟ ପାଣିପାଗ ବିଭାଗ(ଆଇଏମ୍‌ଡି) ପକ୍ଷରୁ ବିଭିନ୍ନ ସହରରେ 'ୟେଲୋ ୱାର୍ନିଂ' ଜାରି କରାଯାଇଛି। ଆଗକୁ ସ୍ଥିତି ଆହୁରି ଜଟିଳ ରୂପ ନେବା ଆଶଙ୍କା କରାଯାଇ ଏଥିପାଇଁ ବିହିତ ବ୍ୟବସ୍ଥା କରିବାକୁ ପରାମର୍ଶ ଦିଆଯାଇଛି। ବିଶେଷକରି ଛୋଟ ପିଲା,ବୟସ୍କ ବ୍ୟକ୍ତି ଏବଂ ବାହାରେ କାମ କରୁଥିବା ଶ୍ରମିକମାନଙ୍କୁ ସତର୍କତା ଅବଲମ୍ବନ କରିବାକୁ ପଡ଼ିବ ବୋଲି ☞ପୃଷ୍ଠା-୪



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ ଅବସରରେ ମାଲ୍ୟାର୍ପଣ, ସ୍ଥାନ: ଏଜି ଛକ ପରିବହନ ଭବନ ସମ୍ମୁଖ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୮ଟା । – ସାଧାରଣ ସଭା, ସ୍ଥାନ:ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା ୧୫।
- ସ୍ୱଦେଶୀ ଜାଗରଣ ମଞ୍ଚ ପକ୍ଷରୁ ଚିରନ୍ତର ବିକାଶ ଓ ପର୍ଯ୍ୟାବରଣ କର୍ମଶାଳା, ସ୍ଥାନ: ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ, ସମୟ: ସକାଳ ୯ଟା।
- ୨ୟ କୁଳଗୌରବ ସମ୍ମାନ–୨୦୨୬ ପ୍ରଦାନ ଉତ୍ସବ, ସ୍ଥାନ: ଟେନିସ୍ ସେଣ୍ଟର ଅଡ଼ିଟୋରିୟମ୍, କଳିଙ୍ଗ ଷ୍ଟାଡ଼ିୟମ୍, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀ ସମାରୋହ ଅବସରରେ ମାଲ୍ୟାର୍ପଣ, ସ୍ଥାନ: ବିଧାନସଭା ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ସାହିତ୍ୟ ସଂସ୍କୃତି ସଂସଦ ସାଧନା ସହଯୋଗରେ ମଣ୍ଡେଇ ମହୋତ୍ସବ ୨୦୨୬, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ପୂର୍ବାହ୍ନ ୧୦ଟା।
- ଲାନ୍‌କୋ କ୍ଷତିଗ୍ରସ୍ତଙ୍କ ଖବରଦାତା ସମ୍ମିଳନୀ,ସ୍ଥାନ: ହୋଟେଲ ସ୍ୱସ୍ତି ଗ୍ରାଣ୍ଡ, ସମୟ: ପୂର୍ବାହ୍ନ ୧୧ଟା।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ରୌପ୍ୟ ଜୟନ୍ତୀ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ହିନ୍ଦୁ ସାହିତ୍ୟ ସମାଜ ପକ୍ଷରୁ ୧୧୦ତମ ବାର୍ଷିକ ଉତ୍ସବ, ସ୍ଥାନ: ଲୋହିଆ ଏକାଡେମୀ, ସମୟ: ମଧ୍ୟାହ୍ନ ୧୨ଟା।

## କଟକ

- ସାଧନା ଯୋଗ କକ୍ଷା ପକ୍ଷରୁ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ସ୍ଥାନ: ବିଜୁ ପଟ୍ଟନାୟକ ଇନ୍‌ଡୋର୍ ଷ୍ଟାଡ଼ିୟମ, ନୂଆବଜାର, ସମୟ: ସକାଳ ୮ଟା।
- ସାଧୁ ଓ ସନ୍ଥ ସମ୍ମିଳନୀ, ସ୍ଥାନ: ଚକାପଡା, ବାଙ୍କୀ, କଟକ, ସମୟ: ସକାଳ ୯ଟା।
- ଏନଭୟ ଅନୁଷ୍ଠାନର ୨୨ତମ ବାର୍ଷିକ ଉତ୍ସବ, ସ୍ଥାନ: ନୌବାଣିଜ୍ୟ ସଂଗ୍ରହାଳୟ, ଯୋବ୍ରା, ସମୟ: ପୂର୍ବାହ୍ନ ୧୦ଟା ୩୦।
- କଳାବତୀ କଳା ନିକେତନ ପକ୍ଷରୁ ଟ୍ରଷ୍ଟ ପକ୍ଷରୁ ସ୍ୱର ସଙ୍ଗମ ୨୦୨୬, ସ୍ଥାନ: ନେତାଜୀ ସଂସ୍କୃତି ଭବନ, ସମୟ: ଅପରାହ୍ନ ୫ଟା ୩୦।
- ମିଥ୍ୟା ସାକ୍ଷ୍ୟ ପ୍ରଦାନ, ନ୍ୟାୟିକ ପ୍ରତାରଣ ବିରୋଧରେ ଏକ ଆହ୍ୱାନ ଶୀର୍ଷକ ଆଲୋଚନାଚକ୍ର, ସ୍ଥାନ: ଟାଉନ ହଲ, ସମୟ: ସନ୍ଧ୍ୟା ୬ଟା
- ଶ୍ରୀଶ୍ରୀ ଜଗନ୍ନାଥ ସେବାୟତ ସଂଘ ପକ୍ଷରୁ ଶ୍ରୀଶ୍ରୀରାମକଥା ପ୍ରବଚନର ସପ୍ତମ ଦିବସ, ସ୍ଥାନ: ଶ୍ରୀଜଗନ୍ନାଥ ମନ୍ଦିର ପରିସର, ଚାନ୍ଦିନୀଚୌକ, ସମୟ: ସନ୍ଧ୍ୟା ୬ଟା।

## ପୁରୀ

- ନୀଳାଚଳ ଟ୍ରଫି କ୍ରିକେଟ ପ୍ରତିଯୋଗିତା, ସ୍ଥାନ: ଜଗନ୍ନାଥ ଷ୍ଟାଡ଼ିୟମ୍, ସମୟ: ସକାଳ ୮ଟା।
- ଶ୍ରୀଜଗନ୍ନାଥ ମହାପ୍ରଭୁ ଓ ଶ୍ରୀମନ୍ଦିର ସମ୍ପର୍କରେ ବିଭିନ୍ନ ପ୍ରତିଯୋଗିତା, ସ୍ଥାନ: ବେଟ୍ରିକ୍ସ ବିଦ୍ୟାଳୟ, ବଳିଆପଣ୍ଡା, ସମୟ: ସକାଳ ୮ଟା।
- ଲୋକତନ୍ତ୍ର ସେନାନି ସଂଘ ପକ୍ଷରୁ ବୈଠକ, ସ୍ଥାନ: ସଂସ୍କୃତି ଭବନ, ପଥୁରିଆ ସାହି, ସମୟ: ପୂର୍ବାହ୍ନ ୧୧ଟା।
- ଅଟଳ ମଞ୍ଚ ପକ୍ଷରୁ ବୈଠକ, ସ୍ଥାନ: ରାଣୀ ସତୀ ଭବନ, ସମୟ: ଅପରାହ୍ନ ୫ଟା।
- ଟାଏକୋଣ୍ଡୋ ପ୍ରତିଯୋଗିତାର ଉଦ୍‌ଯାପନୀ, ସ୍ଥାନ: ମୋଚିସହି କଲ୍ୟାଣ ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର

- ସିଏମ୍ ଟ୍ରଫି କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ : ପରମିଟ୍ ପଡ଼ିଆ, ବାଲେଶ୍ୱର, ସମୟ : ପୂର୍ବାହ୍ନ ୧୦ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ : ନର୍ଥ ଓଡ଼ିଶା କଲେଜ, ଦରଡ଼ା, ବସ୍ତା, ସମୟ : ପୂର୍ବାହ୍ନ ୧୦ଟା।
- ମା' ଶୀତଳା ଦେବୀଙ୍କ ବାର୍ଷିକ ପୂଜାର ଦ୍ୱିତୀୟ ଦିବସ, ସ୍ଥାନ : ପଞ୍ଚାରୁଖୀ ଗ୍ରାମ, ବାଲିଆପାଳ, ସମୟ : ପୂର୍ବାହ୍ନ ୧୦ଟା ୩୦।
- ନର୍ଥ ଓଡ଼ିଶା ମିଡ଼ିଆ କ୍ଲବର ଦ୍ୱିତୀୟ ବାର୍ଷିକ ଉତ୍ସବ, ସ୍ଥାନ : ଷ୍ଟେଶନ କ୍ଲବ, ବାଲେଶ୍ୱର, ସମୟ : ପୂର୍ବାହ୍ନ ୧୧ଟା।
- ଓଡ଼ିଆ ନବବର୍ଷ ପତ୍ରିକା ଲୋକାର୍ପଣ ଉତ୍ସବ, ସ୍ଥାନ : ଭଗବାନପୁର ବୈଠକ ବଙ୍ଗଳା, ରୂପ୍‌ସା, ସମୟ : ଅପରାହ୍ନ ୩ଟା।

## ଭଦ୍ରକ

- ମହାବୀର ହନୁମାନଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ବାର୍ଷିକ ଉତ୍ସବ ଉପଲକ୍ଷେ ମହାଯଜ୍ଞ,ସ୍ଥାନ:କୁଳେଇପଦା, ଆରଡ଼ି,ସମୟ: ସକାଳ ୭ଟା।
- ଶନି ମନ୍ଦିର ପ୍ରତିଷ୍ଠା ଓ ବିଗ୍ରହ ସ୍ଥାପନ, ସ୍ଥାନ: ଜିରିଣା, ବନ୍ତ, ସମୟ: ସକାଳ ୯ଟା।
- ଆଲୋଚନା ଚକ୍ର ଓ ପୁସ୍ତକ ଲୋକାର୍ପଣ, ସ୍ଥାନ: ଶାରଦା ବିଦ୍ୟା ମନ୍ଦିର, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।
- ବୈଶାଖୀ ପଖାଳ, ସ୍ଥାନ: ଶଙ୍କରେଶ୍ୱର ମନ୍ଦିର, ଶଙ୍କରପୁର, ଭଦ୍ରକ, ସମୟ: ଅପରାହ୍ନ ୧ଟା ୩୦।
- ବୈଶାଖୀ ମେଳା ଉଦ୍‌ଘାଟନ, ସ୍ଥାନ: ନେହେରୁ ଷ୍ଟାଡ଼ିୟମ୍, ଭଦ୍ରକ, ସମୟ: ଅପରାହ୍ନ ୫ଟା ୩୦।

## କେନ୍ଦୁଝର

- ଦୀନଦୟାଲ ଉପାଧ୍ୟାୟ ମହାଭିଯାନ ପ୍ରଶିକ୍ଷଣ ଶିବିର, ସ୍ଥାନ: ପାଟଣା ବ୍ଲକ୍, ଢୁରୁମୁଙ୍ଗା କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ: ୧୧ଟା

## ମୟୂରଭଞ୍ଜ

- ଅଖଣ୍ଡ ଚବିଶ ପ୍ରହର ନାମଯଜ୍ଞ, ସ୍ଥାନ: ପୂର୍ଣ୍ଣେଶ୍ୱର ମନ୍ଦିର ପରିସର, କରଞ୍ଜିଆ, ସମୟ: ସକାଳ ୮ଟା।
- ଆମେ–୮୦ପକ୍ଷରୁ ଜଳଛତ୍ର,ସ୍ଥାନ: ପୂର୍ତ୍ତବିଭାଗ ଅଫିସ ସମ୍ମୁଖ, କଚେରୀ ରୋଡ୍, ବାରିପଦା, ପୂର୍ବାହ୍ନ ୧୦ଟା।
- ବାରିପଦା ଏକ୍ସପୋ ମେଳା,ସ୍ଥାନ: କଲେଜ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।

## ବ୍ରହ୍ମପୁର

- ପାରାୟଣ ଓ ପ୍ରବଚନ, ସ୍ଥାନ: ବାସୁଦେବନଗର ମା' ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସମୟ: ସକାଳ ୭ଟା।
- ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀ, ସ୍ଥାନ: ଉତ୍କଳ ଆଶ୍ରମ, ସମୟ: ସକାଳ ୮ଟା।
- ଗ୍ଲୁକୋଜ ଜଳ ବଣ୍ଟନ, ସ୍ଥାନ: ରାମଲିଙ୍ଗେଶ୍ୱର ଟ୍ୟାଙ୍କ ରୋଡ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମହାରାଜା କୃଷ୍ଣ ଚନ୍ଦ୍ର ଗଜପତିଙ୍କ ଜୟନ୍ତୀ, ସ୍ଥାନ: ଇଞ୍ଜିନିୟରିଂ ସ୍କୁଲ ଛକ, ସମୟ: ଅପରାହ୍ନ ୪ଟା ୩୦।

## ଗଞ୍ଜାମ

- ମା' ଖମ୍ବେଶ୍ୱରୀଙ୍କ ବାର୍ଷିକ ବୈଶାଖୀ ଯାତ୍ରା, ସ୍ଥାନ: ଖମ୍ବେଶ୍ୱରୀ ପାଟଣା, ଆସିକା, ସମୟ: ପ୍ରାତଃ ୫ଟାରୁ ଆରମ୍ଭ।

## ଢେଙ୍କାନାଳ

- ଅନ୍ତର୍ଜାତୀୟ ନୃତ୍ୟ ଉତ୍ସବ, ସ୍ଥାନ: ପୁରୁଣା ଜିଲା ପରିଷଦ ହଲ, ସମୟ: ସକାଳ ୯ଟା।
- ଜନ ଆକ୍ରୋଶ ମହିଳା ସମାବେଶ, ସ୍ଥାନ: ମହିଷାପାଟ ପଲ୍ଲିଶ୍ରୀ ମେଳା ପଡିଆ, ସମୟ: ଅପରାହ୍ନ ୫ଟା।
- ବାଦିପାଲା, ସ୍ଥାନ: କରମୁଳ ଗ୍ରାମ, ଗଁଦିଆ ବ୍ଲକ, ସମୟ: ସନ୍ଧ୍ୟା ୭ଟା ୩୦।

## ଜଗତ୍‌ସିଂହପୁର

- ଜାତୀୟ ନାଟ ମହୋତ୍ସବ ଷଷ୍ଠ ସନ୍ଧ୍ୟାରେ ମୁମ୍ବାଇ ପଲି ଥିଏଟର ଦ୍ୱାରା ମଞ୍ଚସ୍ଥ ହେବ ହିନ୍ଦୀ ନାଟକ 'ଗୋଲଡେନ ବଜାର', ସ୍ଥାନ: ଜୟଦେବ ଭବନ, ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- ଶ୍ରୀ ବାସୁଦେବଙ୍କ ବିଶ୍ୱଶାନ୍ତି ବିଷ୍ଣୁ ମହାଯଜ୍ଞ, ସ୍ଥାନ: ବେଣାଜୋରୀ ବଟ, ଭରତପୁର, କେନ୍ଦ୍ରାପଡା, ସମୟ: ସକାଳ ୬ଟା ।
- ଶ୍ରୀ ହନୁମାନଜୀଉଙ୍କ ବାର୍ଷିକ ଯଜ୍ଞ ଉତ୍ସବ, ସ୍ଥାନ:ଗଜେନ୍ଦ୍ରପୁର, ପଟ୍ଟାମୁଣ୍ଡାଇ, ସମୟ: ସକାଳ ୬ଟା ; ସ୍ଥାନ: ଶାଳିଅଞ୍ଚ, ଆଳି, ସମୟ: ସକାଳ ୮ଟା ।
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ:ଶ୍ରୀ ମା' କଣ୍ଟେଇ ଠାକୁରାଣୀ ପୀଠ, ବାଙ୍କିମୁଣ୍ଡାଇ, ଚାନ୍ଦୋଳ, ଡେରାବିଶ, ସମୟ: ସନ୍ଧ୍ୟା ୬ଟା ।

## ଯାଜପୁର

- ଶ୍ରୀଶ୍ରୀ ଗ୍ରହରାଜ ଶନିଶ୍ଚରଙ୍କ ୭୭ତମ ବାର୍ଷିକ ମେଳା ଓ ଯଜ୍ଞୋତ୍ସବ ଅବସରରେ ବଡ ସିଂହାର ବେଶ ଦର୍ଶନ ଓ ମନୋରଞ୍ଜନ କାର୍ଯ୍ୟକ୍ରମ, ସ୍ଥାନ: ଯାଜପୁର ରୋଡ ରାଛିପୁର ଶନିମନ୍ଦିର ପରିସର, ସମୟ : ସମୟ ସକାଳ ୬ଟାରୁ ଆରମ୍ଭ।
- ଗୋକର୍ଣ୍ଣିକା ସାହିତ୍ୟ ସମାଜ ପକ୍ଷରୁ ୫୨ତମ ବାର୍ଷିକ ସାରସ୍ୱତ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ : ଧର୍ମଶାଳା ଷ୍ଟାଡ଼ିୟମ୍ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ଯାଜପୁର ପକ୍ଷରୁ ସଂଘ ଶତାବ୍ଦୀର ଯାତ୍ରା: ଏକ ନବ ଦିଗନ୍ତ କାର୍ଯ୍ୟକ୍ରମ, ସ୍ଥାନ : ବ୍ୟାସନଗର ଟାଉନ ହଲ, ସମୟ : ଅପରାହ୍ନ ୫ଟା୩୦।

## ନୟାଗଡ଼

- ରଜନୀଗନ୍ଧା ସାହିତ୍ୟ ଉତ୍ସବ, ସ୍ଥାନ: ନୟାଗଡ଼ ବ୍ଲକ ନୂତନ ସଭାଗୃହ, ସମୟ: ସକାଳ ୯ଟା ।
- ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ ମହୋତ୍ସବର ଷଷ୍ଠ ଦିବସ, ସ୍ଥାନ:ଓଡଗାଁ ରଘୁନାଥ ଜୀଉ ମନ୍ଦିର ପ୍ରାଙ୍ଗଣ, ସମୟ:ମଧ୍ୟାହ୍ନ ୧୨ରୁ ରାତ୍ର ୧୦ଟା ।
- ଚନ୍ଦନ ଯାତ୍ରାର ସପ୍ତମ ଦିବସ, ସ୍ଥାନ: ନୟାଗଡ଼ ପୁରୁଣା ସହରର ଜଗନ୍ନାଥ ଜୀଉ ମନ୍ଦିର ; ଶରଣକୁଳ ଲଡୁବାବାଙ୍କ ମନ୍ଦିର ; ଓଡଗାଁ ରଘୁନାଥ ଜୀଉ ମନ୍ଦିର, ସମୟ:ମଧ୍ୟାହ୍ନ ୧୨ଟା ୩୦ ।

## ରାୟଗଡ଼ା

- ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଜୟନ୍ତୀ ପାଳନ, ସ୍ଥାନ: ଗଜପତି ଛକ, ରାୟଗଡ଼ା, ସମୟ: ସକାଳ ୭ଟା।

## କୋରାପୁଟ

- ପାରଳା ରାଜା କୃଷ୍ଣ ଚନ୍ଦ୍ର ଗଜପତିଙ୍କ ଜୟନ୍ତୀ ପାଳନ, ସ୍ଥାନ: ଏସ୍‌ପି ବାସଭବନ ଛକ, କୋରାପୁଟ, ସମୟ: ସକାଳ ୯ଟା।
- ଇଗ୍ନୋର ନୂତନ ଛାତ୍ରୀଛାତ୍ର ଅଧିଗ୍ରହଣ ଉତ୍ସବ, ସ୍ଥାନ: କୋଟସ ସଭାଗୃହ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ ଟା ୩୦।

## ସମ୍ବଲପୁର

- ସାଓଲିନ କୁଂଫୁ ଉସୁ ଆସୋସିଏସନ ପକ୍ଷରୁ ମାଗଣା ମାର୍ଶଲ ଆର୍ଟ ପ୍ରଶିକ୍ଷଣ ଶିବିର, ସ୍ଥାନ: ବିନାଖଣ୍ଡି ସ୍ଥିତ ଜିଲା ଜୁଡୋ ହଲ, ସମୟ: ସକାଳ ୬ଟା।
- ସମ୍ପର୍କ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଲ ବିହାରୀ ବାଜପେୟୀଙ୍କ ଜନ୍ମ ଶତବାର୍ଷିକୀ କାର୍ଯ୍ୟକ୍ରମ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ସନ୍ଧ୍ୟା ୬ଟା।
- ସମ୍ବଲପୁର କବାଡି ପ୍ରିମିୟର ଲିଗ୍–୨୦୨୬ର ମ୍ୟାଚର ପୁରସ୍କାର ବିତରଣୀ ଉତ୍ସବ, ସ୍ଥାନ: ଗଙ୍ଗାଧର ମୁକ୍ତ ମଣ୍ଡପ ପଡ଼ିଆ, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼

- ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ଜାମୁଟପାଲି, ଗାଇସିଲେଟ, ସମୟ:ସକାଳ ୭ଟା।
- ବୈଶାଖ ମେଳାରେ ବିଶ୍ୱଶାନ୍ତି ମହାଯଜ୍ଞ, କଳସ ଅଧିବାସ,ସ୍ଥାନ:ନୃସିଂହନାଥ, ପାଇକମାଳ, ସମୟ: ଅପରାହ୍ନ ୩ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ହିର୍ଲିପାଲି, ଅତାବିରା,ସମୟ:ଅପରାହ୍ନ ୫ଟା।

## ବୌଦ୍ଧ

- ନୀଳଚକ୍ର ସାହିତ୍ୟ ସଂସଦର ବାର୍ଷିକ ଆଲୋଚନାଚକ୍ର, ସ୍ଥାନ: ଟାଉନ ହଲ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା।
- ଚନ୍ଦନ ଯାତ୍ରା ଉତ୍ସବ, ସ୍ଥାନ: ସାଲକଟା, ହରଭଙ୍ଗା, ସମୟ: ସନ୍ଧ୍ୟା ୭ଟା।

## ଦେବଗଡ଼

- ବିଧାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ରିଆମାଳ ବ୍ଲକ୍ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟାଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ତ୍ରିନାଥ ମନ୍ଦିରରେ ତ୍ରିନାଥ ଉତ୍ସବ ସମାରୋହ, ସ୍ଥାନ: ସୁବର୍ଣ୍ଣପୁର ସହରସ୍ଥିତ ଅଗ୍ନିଶମ ସେବା କେନ୍ଦ୍ର ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ତରଭା ଅନ୍ତର୍ଡା ତ୍ରିନାଥ ମନ୍ଦିରରେ ତ୍ରିନାଥ ମେଳା ଓ ପୁରାଣ ପଠନ, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ୩୦।

## ନୂଆପଡ଼ା

- ଅଖଣ୍ଡ ଷୋହଳ ପ୍ରହର ନାମଯଜ୍ଞ ନାମ ଧାରଣ ଅବ୍ୟାହତ ଓ ଆଳତି, ସ୍ଥାନ: କୋମନା ବ୍ଲକ ମାନିଗୁଡା ଗାଁ, ସମୟ: ପ୍ରାତଃ ୫ଟା।
- ଶ୍ରୀମଦ୍ ଭାଗବତ ମହାପୁରାଣ ଜ୍ଞାନଯଜ୍ଞ ଉଦ୍‌ଯାପନୀ ଦିବସ, ସ୍ଥାନ: ନୂଆପଡ଼ା ଏନ୍‌ଏସି ଶାଖାତରା ୱାର୍ଡ ନଂ.୧, ସମୟ: ଅପରାହ୍ନ ୪ଟାରୁ ରାତ୍ର ୮ଟା।

## ଝାରସୁଗୁଡ଼ା

- ଗୌରାଙ୍ଗ ମଠରେ କୀର୍ତ୍ତନ, ସ୍ଥାନ: ଶ୍ରୀପୁରାସ୍ଥିତ ମଠ ପରିସର, ସମୟ: ସକାଳ ୮ଟା।
- ଭାଜପା ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ମାଇକ୍ରୋ କଣ୍ଟିନେଣ୍ଟାଲ ହୋଟେଲ, ଝାରସୁଗୁଡ଼ା, ସମୟ: ପୂର୍ବାହ୍ନ ୧୧ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ରାଶିରେ ରବି ଉଚ୍ଚସ୍ଥ ହେତୁ ପ୍ରତ୍ୟେକ ସ୍ତରରେ ସମ୍ମାନଜନକ ସ୍ଥିତିରେ ରହିବେ। ସ୍ୱାସ୍ଥ୍ୟ ଯେମିତି ଭଲ ରହିବ ମନ ଆହୁରି ଅଧିକ ଭଲ ରହିବ। ବନ୍ଧୁଙ୍କ ଆଦର, ସ୍ନେହ, ସଦିଚ୍ଛା ସବୁ ଦୁଃଖକୁ ବିସ୍ମୃତିଗର୍ଭକୁ ଠେଲିଦେବ। ଆର୍ଥିକ ସ୍ୱଚ୍ଛଳତା ଫେରିବା ସହ ଅଧ୍ୟାପନା, କ୍ରୀଡ଼ା, ସାହିତ୍ୟ, ସଙ୍ଗୀତ ତଥା ପ୍ରତିଯୋଗିତା କ୍ଷେତ୍ରରୁ ପ୍ରଶଂସା ପାଇବେ।

**ବୃଷ** – ପରିବାର ସ୍ଥାନରେ ଚନ୍ଦ୍ର ପାପଗ୍ରହ କେତୁ ସଂଯୋଗରୁ ପାରିବାରିକ ସମସ୍ୟାରେ ମନ ଭଲ ରହିବ ନାହିଁ। କିନ୍ତୁ ଶୁକ୍ର ପ୍ରଭାବରେ ସଭାସମିତି, ସାହିତ୍ୟ, ସଙ୍ଗୀତାଦି କ୍ଷେତ୍ରରୁ ରୋହିଣୀ ଖୁସି ରହିବେ। ଯାତ୍ରା, ବାଣିଜ୍ୟ, ଯାନବାହନ, ସାମାଜିକ ଓ ରାଜନୈତିକ କ୍ଷେତ୍ରରେ ସୁଫଳ ପାଇବେ। ପଡ଼ୋଶିନୀଙ୍କ ଆକ୍ଷେପୋକ୍ତି ମନସ୍ତାପର କାରଣ ହେବ।

**ମିଥୁନ** – ଧନାଧିପଙ୍କ ଅଶୁଭଦ୍ର ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ଭ୍ରାତୃ ବିବାଦର କାରଣ ହେବ। ବୁଧଙ୍କ ଦୃଷ୍ଟିରେ ଆପଣଙ୍କ ପାରିବାରିକ, ସାମାଜିକ, ଆନୁଷ୍ଠାନିକ ଓ କର୍ମକ୍ଷେତ୍ର ସରସ, ସୁନ୍ଦର ରହିବ। ବଳକା କାମକୁ ଶୀଘ୍ର ସାରିବାକୁ ବ୍ୟସ୍ତ ହୋଇପାରନ୍ତି। କେତେକ ସାଧାରଣ ଘଟଣାକୁ କେନ୍ଦ୍ର କରି ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ।

**କର୍କଟ** – ରାଶ୍ୟାଧିପ ଚନ୍ଦ୍ର ମୁଣ୍ଡବିହୀନ ଗ୍ରହ ସଂଯୋଗରୁ ଦୈହିକ ଅସୁସ୍ଥତା ସହ ଅପରିଣାମଦର୍ଶୀ ହୋଇପାରନ୍ତି। ରବିଙ୍କ ପ୍ରଭାବରୁ ଉନ୍ନତ ଚିନ୍ତା, ସୁପରିକଳ୍ପିତ ଯୋଜନା ଏବଂ ପ୍ରତିବନ୍ଧକ ବିହୀନ କାର୍ଯ୍ୟରୁ ଖୁସି ରହିବେ। ଅଟକି ରହିଥିବା କାମଗୁଡ଼ିକ ସୁରୁଖୁରୁରେ ସମ୍ପନ୍ନ ହେବ। ବାଣିଜ୍ୟ, ବ୍ୟବସାୟ, ପରିବହନରେ ସାଧାରଣ ସମସ୍ୟା ଆସିପାରେ।

**ସିଂହ** – ବ୍ୟୟାଧିପତିଙ୍କ ରାଶ୍ୟାବସ୍ଥାନ ଆପଣଙ୍କୁ ଖର୍ଚ୍ଚାନ୍ତ କରାଇ ଯାତ୍ରାକୁ ସମସ୍ୟାବହୁଳ କରିପାରେ। ଶତ୍ରୁତା କରୁଥିବା ବ୍ୟକ୍ତି ଚିହ୍ନା ନ ପଡ଼ି ସମସ୍ୟା ସୃଷ୍ଟି କରିପାରନ୍ତି। କର୍ମକ୍ଷେତ୍ର ଗତାନୁଗତିକ ରୀତିରେ ଗଡ଼ିଚାଲିଲେ ମଧ୍ୟ ସାଧାରଣ ଝଟକାରୁ ବାଦ୍ ପଡ଼ିବ ନାହିଁ। ପାରିବାରିକ କ୍ଷେତ୍ରକୁ ସୁସ୍ଥ ରଖିବାରେ ପାରସ୍ପରିକ ଆନ୍ତରିକତା ପୂର୍ବବତ୍ ଅକ୍ଷୁଣ୍ଣ ରହିବ।

**କନ୍ୟା** – ରବିଙ୍କ ପ୍ରଭାବରୁ ପ୍ରତ୍ୟେକ ପରିସ୍ଥିତିକୁ ସମ୍ଭାଳି ନେବାର ସାମର୍ଥ୍ୟ ରହିବ। ଆଜିର ରୋଜଗାର ଅପେକ୍ଷା ଖର୍ଚ୍ଚଭାର ବୃଦ୍ଧି ଯୋଗୁ ମନସ୍ତାପ କରିବେ। ପାରିବାରିକ ସ୍ଥିତି ଭଲ ନ ରହିଲେ ମଧ୍ୟ ବିଶେଷ ଗୁରୁତର ଆକାର ଧାରଣ କରିବ ନାହିଁ। ବାଣିଜ୍ୟ, ଯୋଗାଯୋଗ, କର୍ମାରମ୍ଭ ସାଙ୍ଗକୁ କାମ ହାସଲ କରିବାରେ ସମର୍ଥ ହେବେ।

**ତୁଳା** – ରାଶିକୁ ରବିଙ୍କ ଦୃଷ୍ଟି ଅର୍ଥ, ସମ୍ମାନ, କାର୍ଯ୍ୟସିଦ୍ଧି ସହିତ ଯାତ୍ରାରେ ସଫଳତା ପ୍ରଦାନ କରିବେ। ସାହାଯ୍ୟ ପ୍ରତିଶ୍ରୁତି ଦେଇଥିବା ବନ୍ଧୁଟି ବିଭିନ୍ନ ଆଳ ଦେଖାଇ ଦୂରେଇ ରହିପାରେ। ସଭାସମିତି, ଆନୁଷ୍ଠାନିକ କାମ, ଶିଳ୍ପ, ବ୍ୟବସାୟରେ ପ୍ରତିବନ୍ଧକ ଦେଖାଦେଇପାରେ। ସଙ୍ଗୀତ ସମାରୋହ, ସତ୍‌ସଙ୍ଗ ଓ ମନୋରଞ୍ଜନରୁ ଖୁସି ରହିପାରନ୍ତି।

**ବିଛା** – ତୃତୀୟାଧିପତି ଶନି ମୀନ ରାଶିସ୍ଥ ଯୋଗୁ ବନ୍ଧୁ, ପଡ଼ୋଶୀ କିମ୍ବା ସହକର୍ମୀଙ୍କ ସହ ସୁସମ୍ପର୍କ ରହିନପାରେ। ମତଭେଦ କାରଣରୁ ପରିବାରର ବ୍ୟତିକ୍ରମକୁ ସୁଧାରି ନେବାରେ ଅସମର୍ଥ ହେବେ। ସ୍ୱାସ୍ଥ୍ୟ ସମସ୍ୟା ବହୁଳାଂଶରେ ଦୂରୀଭୂତ ହୋଇଯିବ। ମୂଲ୍ୟବାନ୍ ଜିନିଷ କିଣାବିକାରେ ସତର୍କ ନ ରହିଲେ ଠକାମିରେ ପଡ଼ିଯିବେ।

**ଧନୁ** – ରାହୁଙ୍କ ଦୃଷ୍ଟିରେ ଗୁରୁ ହେତୁ ଦୈହିକ ଅସୁସ୍ଥତା ସାଙ୍ଗକୁ ମାନସିକ ଅସ୍ଥିରତା ଲାଗି ରହିବ। ପ୍ରତିକୂଳ ସମୟ ହେତୁ ବିଶୃଙ୍ଖଳିତ ବିଚାରଧାରା ବିଷମ ପରିସ୍ଥିତି ସୃଷ୍ଟି କରିବ। ଉଚ୍ଚଗ୍ରହ ପ୍ରଭାବରେ ଆର୍ଥିକ, ସାମାଜିକ, ସୃଜନାତ୍ମକ କାମରେ ଉନ୍ନତ ଫଳ ପାଇବେ। ଖଳ ଲୋକଙ୍କ ମିଥ୍ୟା ଅଭିଯୋଗରୁ ନିଜର ବନ୍ଧୁମାନଙ୍କୁ ସନ୍ଦେହ ଦୃଷ୍ଟିରେ ଦେଖିପାରନ୍ତି।

**ମକର** – ଆଜିର ପ୍ରତ୍ୟୁଷ ଯାତ୍ରା, କର୍ମାରମ୍ଭ, ଶିକ୍ଷା ଏବଂ ବନ୍ଧୁ ସମ୍ପର୍କ ବହୁତ ଭଲ ରହିବ। ସାଧାରଣ ଘଟଣାରେ ସହକର୍ମୀଙ୍କ ସହ ସମ୍ପର୍କ ହାନି ଦୁଶ୍ଚିନ୍ତାର କାରଣ ହୋଇପାରେ। ବକେୟା ଅର୍ଥକୁ ଯୁକ୍ତିତର୍କ ମାଧ୍ୟମରେ ଆଦାୟ କରିବାରେ ସକ୍ଷମ ହେବେ। ଶ୍ରବଣା ନକ୍ଷତ୍ର ସକାଶେ ଗ୍ରହସ୍ଥିତିର ପ୍ରତିକୂଳତା ମାନସିକ ଅଶାନ୍ତିର କାରଣ ହୋଇପାରେ।

**କୁମ୍ଭ** – ଆଜିର ସ୍ୱାସ୍ଥ୍ୟ, ଅର୍ଥ, ସହଯୋଗ ପ୍ରାପ୍ତି ପରିବାର ଓ ଶିକ୍ଷା ପାଇଁ ଅନୁକୂଳ ରହିବ। ଦୀର୍ଘ ଦିନରୁ ଚିନ୍ତା କରୁଥିବା ଯାନବାହନ, ଯାନ୍ତ୍ରିକ ଜିନିଷ କିମ୍ବା ଧାତୁ ଅଳଙ୍କାରାଦି କ୍ରୟ ସୁଯୋଗ ଜୁଟିବ। ଶିଳ୍ପ, ବାଣିଜ୍ୟରେ ଉନ୍ନତି ପରିଲକ୍ଷିତ ହେବ। ପକ୍ଷପାତିତାକୁ ଆଧାର କରି କିମ୍ବା ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ଝଡ଼ର ଆଶଙ୍କା ରହିଛି।

**ମୀନ** – ସମୟର ଅନୁକୂଳତା ଦୈନନ୍ଦିନ ଯାତ୍ରା ଓ କର୍ମସମୂହକୁ ସରଳ କରିବ। ଆଜି ଆନୁଷ୍ଠାନିକ କର୍ମରୁ ଏକାଧାରରେ ଅର୍ଥ, ସମ୍ମାନ ଓ ପ୍ରଶଂସାର ପାତ୍ର ହେବେ। କର୍ମକ୍ଷେତ୍ର, ସଭାସମିତି, ଗୁରୁତ୍ୱପୂର୍ଣ୍ଣ ଆଲୋଚନା ତଥା ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ବନ୍ଧୁ ପରିଜନଙ୍କ ସହ ଭ୍ରମଣ ସୁଯୋଗ ଲାଭ କରିପାରନ୍ତି।

ଆଜି ଏପ୍ରିଲ ୨୬ ତାରିଖ, ବିଶ୍ୱ ବୌଦ୍ଧିକ ସମ୍ପତ୍ତି ଦିବସ, ଯଶୋବନ୍ତ ଦାସଙ୍କ ଆବିର୍ଭାବ ଦିବସ, ବୈଶାଖ ଶୁକ୍ଳ ଦଶମୀ ରବିବାର, ରାଶିନକ୍ଷତ୍ର–ମଘା/ସିଂହ, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ଅଦ୍ୟ ମଘା ନକ୍ଷତ୍ରେ ବିବାହ ପାଣିଗ୍ରହଣ, ବିଦ୍ୟାରମ୍ଭ, ଅନ୍ନପ୍ରାଶନ ଏବଂ ଜଳାଶୟ ଖନନ ପାଇଁ ଶୁଭଦିନ। ସକାଳ ଘ.୦୫।୨୪ ଗତେ ଘ.୦୯।୩୮ ମଧ୍ୟେ, ଘ.୦୧।୧୯ ଗତେ ଘ.୦୧।୫୧ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୨୯ ଗତେ ଘ.୦୬।୦୪ ମଧ୍ୟେ ରାହୁକାଳ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତୁଠ ପଥର**
**ମାଜି ଦେଲେ ଗୋଡ଼ ନୁହେଁ କାତର।**
ମନୁଷ୍ୟର ମହାନତାର ପରିଚୟ ତା'ର ପଦ, ଅଧିକାର, ଐଶ୍ୱର୍ଯ୍ୟ ବା ଧନ ସମ୍ପତ୍ତିରୁ ନୁହେଁ ବରଂ ତା'ର ବିନମ୍ରତା, ସହିଷ୍ଣୁତା ଓ କର୍ତ୍ତବ୍ୟ ପରାୟଣତାରୁ ହୋଇଥାଏ। ଦୟା, କରୁଣା ଓ ସହନଶୀଳତା ଯାହା ହୃଦୟରେ ପରିପୂର୍ଣ୍ଣ ଥାଏ ସେ ଅକ୍ଳେଶରେ ଅନ୍ୟର ହୃଦୟକୁ ଜୟ କରିପାରିଥାଏ। ସହିଷ୍ଣୁ ଲୋକେ ଯେତେ ଦୁଃଖ କଷ୍ଟ ପଡ଼ିଲେ ମଧ୍ୟ ସେ ସବୁ ହସି ହସି ସହିଯିବାକୁ କେବେ ହେଲେ କୁଣ୍ଠିତ ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ତା'ର ଦେଖି**
**ମୋର ଡେଇଁଲା ଡାହାଣ ଆଖି।**
ଅନ୍ୟର ଭଲ ଦେଖିଲେ କେତେ ଲୋକଙ୍କ ମନ ହାଇଁ ପାଇଁ ହୋଇଯାଏ। ଏପରି ବ୍ୟକ୍ତି ଅନ୍ୟର ସୁଖ ଶିରୀକୁ ଆଦୌ ସହ୍ୟ କରିପାରି ନ ଥାନ୍ତି କି ବରଦାସ୍ତ ବା ଗ୍ରହଣ କରିପାରି ନ ଥାନ୍ତି। ଅନ୍ୟର ଉନ୍ନତି ଦେଖି ଲାଳାୟିତ ହେଉଥିବା ଈର୍ଷାପରାୟଣ ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

# ଗଞ୍ଜାମରେ ଗର୍ଭବତୀଙ୍କ ସାଥୀ ହେବ 'ନିରୀକ୍ଷଣ'

ବ୍ରହ୍ମପୁର,୨୫।୪(ସୁବାସ ଚନ୍ଦ୍ର ପାଢ଼ୀ)

ଜିଲାରେ ଆଉ ଦହଗଞ୍ଜ ହେବେନି ଗର୍ଭବତୀ। ଅଲଟ୍ରାସାଉଣ୍ଡ ଲାଗି ମାଗଣାରେ ଯାଇ ପାରିବେ। ପ୍ରସବ ଲାଗି ବି ସବୁ ଡାକ୍ତରଖାନାକୁ ଯାଇପାରିବେ। ସରକାରୀ ଆମ୍ବୁଲାନ୍ସ କେବଳ ସରକାରୀ ଡାକ୍ତରଖାନାକୁ ନେଇଥାଏ। ହେଲେ ଏବେ ଗର୍ଭବତୀ ନିଜ ସୁବିଧାରେ ଯେ କୌଣସି ଡାକ୍ତରଖାନାକୁ ଯାଇପାରିବେ। ଗଞ୍ଜାମ ଜିଲା ପ୍ରଶାସନ ଏପରି ପରିକଳ୍ପନା କରିଛି। ଖୁବଶୀଘ୍ର ଏହି ସେବା ସମଗ୍ର ଜିଲାରେ କାର୍ଯ୍ୟକାରୀ ହେବାକୁ ଯାଉଛି। ସର୍ବାଧିକ ଜନବହୁଳ ଜିଲା ଗଞ୍ଜାମ। ଏବେ ବି ବହୁ ଗାଁକୁ ପକ୍କା ସଡକ ନାହିଁ। ସ୍ୱାସ୍ଥ୍ୟବିଭାଗରୁ ମିଳିଥିବା ତଥ୍ୟ ଅନୁଯାୟୀ ଜିଲାର ବିଭିନ୍ନ ବ୍ଲକରେ ୨୪୭ ଗ୍ରାମ ଦୁର୍ଗମ ଅଞ୍ଚଳରେ ରହିଛି। ପାତ୍ରପୁର, ଧରାକୋଟ ଓ ସୋରଡା ଭଳି କିଛି ବ୍ଲକରେ ଆଜିବି ଅପହଞ୍ଚ ଗାଁ ଅଛି। ସେଠାରେ ଗର୍ଭବତୀମାନେ ଡାକ୍ତରଖାନା ଯିବାକୁ ଭାରି ହନ୍ତସନ୍ତ ହୁଅନ୍ତି। ସରକାରୀ ଆମ୍ବୁଲାନ୍ସ ପର୍ଯ୍ୟାପ୍ତ ପରିମାଣରେ ନାହିଁ। ତେଣୁ ଠିକ ସମୟରେ ପ୍ରସୂତିଙ୍କୁ ନେବାକୁ ଗାଡି ପହଞ୍ଚିପାରେନି। ଫଳରେ ଜନନୀ ଯନ୍ତ୍ରଣାର ବିକଳ ଚିତ୍ର ବହୁବାର ଦେଖିବାକୁ ମିଳିଛି। ଖାଲି ସେତିକି ନୁହେଁ, ଗର୍ଭବତୀଙ୍କୁ ବିଭିନ୍ନ ପରୀକ୍ଷା ଲାଗି ଡାକ୍ତରଖାନାକୁ ଯିବାକୁ ହୁଏ। ହେଲେ ସରକାରୀ ଆମ୍ବୁଲାନ୍ସ କେବଳ ସରକାରୀ ଡାକ୍ତରଖାନାକୁ ନେଇଥାଏ। ଏମିତିକି ଗୋଟିଏ ଡାକ୍ତରଖାନାରୁ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର ବେଳେ ଜରୁରୀକାଳୀନ ସ୍ଥିତିରେ ଆମ୍ବୁଲାନ୍ସ ସୁବିଧା ମିଳେନି। ଏହାଦ୍ୱାରା ମା' ଓ ଛୁଆଙ୍କ ଜୀବନ ପ୍ରତି ବିପଦ ଦେଖା ଦେଇଥାଏ। ଏସବୁ ସମସ୍ୟାର ସମାଧାନ ଲାଗି ଗଞ୍ଜାମ ଜିଲା ପ୍ରଶାସନ ଅଣ୍ଟା ଭିଡି ଜିଲାପାଳ ଭି. କୀର୍ତ୍ତି ଭାସନଙ୍କ ମାର୍ଗଦର୍ଶନରେ ଆରମ୍ଭ ହେବାକୁ ଯାଉଛି 'ନିରୀକ୍ଷଣ ସାଥୀ'। ଯାହା କେବଳ ଗର୍ଭବତୀଙ୍କୁ ୟୁସିଜି ସ୍କାନ ସହ ପ୍ରସବ ଲାଗି ସାହାଯ୍ୟ କରିବ। ଏଥିନେଇ ଏକ ନିର୍ଦ୍ଦିଷ୍ଟ ଆପ ପ୍ରସ୍ତୁତ ହେଉଛି। ଏହି ଇଣ୍ଟିଗ୍ରେଟେଡ ଆପ୍‌ରେ ଲଗ ଇନ କରି ନିଜର ତଥ୍ୟ ଦେବାକୁ ହେବ। କେଉଁ ସ୍ଥାନରୁ କେଉଁ ଡାକ୍ତରଖାନାକୁ ଯିବେ ତାହା ଭରିବେ। 'ଓକେ' ଦବାଇବା ମାତ୍ରେ ସେହି ପାଖାପାଖି ଅଞ୍ଚଳରେ ଥିବା ଅଟୋ କିମ୍ବା ଅନ୍ୟ ଯାତ୍ରୀବାହୀ ଗାଡି ଲୋକେସନରେ ପହଞ୍ଚିବ। ବିନା ମୂଲ୍ୟରେ ଗର୍ଭବତୀ ସେହି ଗାଡିରେ ଡାକ୍ତରଖାନା ପର୍ଯ୍ୟନ୍ତ ଯାଇପାରିବେ। ଯାତ୍ରା ଶେଷ ହେବା କ୍ଷଣି ଜିଲା ପ୍ରଶାସନ ପକ୍ଷରୁ ଗାଡିଭଡା ଦିଆଯିବ। ମାସକୁ ଥରେ ଅଲଟ୍ରାସାଉଣ୍ଡ ପରୀକ୍ଷା ଲାଗି ଡାକ୍ତରଖାନାକୁ ଆମ୍ବୁଲାନ୍ସ ନେଇ ନଥାଏ। ତେଣୁ ଅଯଥା ଖର୍ଚ୍ଚାନ୍ତ ହେବାକୁ ପଡିବ। ହେଲେ ଏବେ 'ନିରୀକ୍ଷଣ ସାଥୀ' ମାଗଣାରେ ନେଇ ଡାକ୍ତରଖାନାରେ ପହଞ୍ଚାଇ ଦେବ।

# ଅବଶିଷ୍ଟାଂଶ

## ଓଢ଼ଣିରେ ଝୁଲିପଡ଼ିଲେ ...

ଲୋକଙ୍କୁ ହସ୍ତାନ୍ତର କରାଯାଇଥାନ୍ତା। ହେଲେ ଶନିବାର ଭୋର୍ ସମୟରେ ସେ ଶୌଚାଳୟ ଯାଇ ଆଉ ଫେରି ନ ଥିଲେ। ଅଘଟଣ ଆଶଙ୍କା କରି ସଖୀ ସେଣ୍ଟର କର୍ମଚାରୀମାନେ ଶୌଚାଳୟ କବାଟ ଭାଙ୍ଗି ଭିତରକୁ ଯାଇ ନାବାଳିକାଙ୍କ ଝୁଲନ୍ତା ମୃତଦେହ ଦେଖିବାକୁ ପାଇଥିଲେ। ଖବରପାଇ ଅନୁଗୋଳ ଥାନା ପୋଲିସ ପହଞ୍ଚି ତଦନ୍ତ କରିଥିଲା। ଶୌଚାଳୟ ସାୱାର ପାଇପରେ ଓଢ଼ଣି ବାନ୍ଧି ନାବାଳିକା ଆତ୍ମହତ୍ୟା କରିଥିବାବେଳେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଥିଲା। ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରିଥିଲା। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ତଦନ୍ତ ଆଗକୁ ବଢିବ ବୋଲି ଅନୁଗୋଳ ଥାନା ଅଧିକାରୀ ପ୍ରକାଶ ମାଝୀ ସୂଚନା ଦେଇଛନ୍ତି।

## ରଣବୋଝରୁ ଜୀବନ ...

ସୂଚନା ଅନୁଯାୟୀ, ସୀମାଞ୍ଚଳଙ୍କ ପ୍ରଥମ ସ୍ତ୍ରୀଙ୍କ ମୃତ୍ୟୁ ହୋଇଯାଇଛି। ତାଙ୍କର ୪ ଝିଅଙ୍କ ବିବାହ ସରିଛି। ଦ୍ୱିତୀୟ ସ୍ତ୍ରୀ ନମିତାଙ୍କ ଔରସରୁ ଜନ୍ମିତ ପୁଅର ୨୩ ବର୍ଷରେ ଗତ ୪ ମାସ ତଳେ ହୃଦ୍‌ଘାତରେ ମୃତ୍ୟୁ ଘଟିଥିବା ବେଳେ ୪ ଦିନ ତଳେ ସାନ ଝିଅର ବିବାହ କରିଥିଲେ ସୀମାଞ୍ଚଳ। ଦିନମଜୁରି ଲାଗି ପରିବାର ଚଳାଉଥିବା ଏହି ଦମ୍ପତି ଝିଅ ବାହାଘର ପାଇଁ ବହୁ ଲୋକଙ୍କଠାରୁ ଧାରକରଜ କରିଥିଲେ ବୋଲି ସୂଚନା ମିଳିଛି। ଶୁକ୍ରବାର ରାତିରେ ସୀମାଞ୍ଚଳ ଓ ନମିତା ଘରେ ଥିଲେ। ଶନିବାର ବହୁ ସମୟ ପର୍ଯ୍ୟନ୍ତ କବାଟ ନ ଖୋଲିବାରୁ ସାହି ପଡୋଶୀଙ୍କ ସନ୍ଦେହ ହୋଇଥିଲା। କବାଟ ଖୋଲିବା ପରେ ଦମ୍ପତି ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡିଥିଲା।

## ଦିନକରେ ରାଘବ ଚଡ୍ଢାଙ୍କ ...

ମଧ୍ୟରେ ରହିଛି। ଏହା 'ଜେନ୍–ଜି' ବର୍ଗର ଯୁବଗୋଷ୍ଠୀ ଦ୍ୱାରା ସଂଗଠିତ ବିରୋଧର ପରିଣାମ ବୋଲି ରାଜନୈତିକ ବିଶ୍ଳେଷକମାନେ ମତ ଦେଇଛନ୍ତି। ରାଘବ ସାଧାରଣତଃ ଗିଗ୍ ୱାର୍କର୍ସ (ସ୍ୱଳ୍ପକାଳୀନ ଚୁକ୍ତିଭିତ୍ତିକ)ଙ୍କ ସୁବିଧା, ଟେଲିକମ୍ ଡାଟା ସୀମା ଏବଂ ସହରାଞ୍ଚଳ ଭିତ୍ତିଭୂମି ଭଳି ଯୁବପିଢ଼ିଙ୍କ ସହ ଜଡ଼ିତ ପ୍ରସଙ୍ଗ ଉଠାଇ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। କିନ୍ତୁ ଭାଜପାରେ ମିଶିବା ପରେ ତାଙ୍କର ପୁରୁଣା ଆଦର୍ଶ ଏବଂ ବର୍ତ୍ତମାନର ଆଭିମୁଖ୍ୟ ମଧ୍ୟରେ ବିରାଟ ପାର୍ଥକ୍ୟ ଦେଖିବାକୁ ମିଳୁଛି ବୋଲି ସମର୍ଥକମାନେ କହୁଛନ୍ତି। ଅନ୍ୟପକ୍ଷରେ ରାଘବଙ୍କ 'ପୁରୁଣା ପୋଷ୍ଟ ଡିଲିଟ୍'କୁ ନେଇ ବିବାଦ ସୃଷ୍ଟି ହୋଇଛି। ଆପ୍ ଦିଲ୍ଲୀ ୟୁନିଟ ମୁଖ୍ୟ ସୌରଭ ଭରଦ୍ୱାଜ ଅଭିଯୋଗ ଆଣି କହିଛନ୍ତି ଯେ, ରାଘବ ନିଜର ସୋସିଆଲ ମିଡିଆରୁ ପ୍ରଧାନମନ୍ତ୍ରୀ ମୋଦି ଏବଂ ଭାଜପା ବିରୋଧରେ ଥିବା ସମସ୍ତ ପୁରୁଣା ପୋଷ୍ଟକୁ ଡିଲିଟ୍ କରିଦେଇଛନ୍ତି। ଏହାକୁ ସେ 'ସିଷ୍ଟମାଟିକ୍ ୱାଶିଂ' ବୋଲି କହିବା ସହ ରାଘବଙ୍କୁ ସମାଲୋଚନା କରିଛନ୍ତି। ଅନ୍ୟପକ୍ଷରେ, ରାଘବ ଏହାକୁ ଏକ ଷଡ଼ଯନ୍ତ୍ର ଏବଂ ମିଥ୍ୟା ବୋଲି ଦର୍ଶାଇଛନ୍ତି। ସୂଚନାଥାଉ କି, ୨୦୧୧ର ଆନ୍ନା ହଜାରେ ଆନ୍ଦୋଳନରୁ ନିଜର ରାଜନୈତିକ ଜୀବନ ଆରମ୍ଭ କରିଥିବା ରାଘବ କ୍ରମାଗତ ଭାବେ ଆପ୍‌ର ଆବାହକ ଅରବିନ୍ଦ କେଜ୍‌ରିୱାଲଙ୍କ ଘନିଷ୍ଠ ହୋଇ ରହିଥିଲେ। ଦିଲ୍ଲୀ ବିଧାୟକ ଏବଂ ପରେ ପଞ୍ଜାବରୁ ରାଜ୍ୟ ସଭା ସଦସ୍ୟ ଭାବେ ସେ ନିଜର ଦକ୍ଷତା ପ୍ରତିପାଦିତ କରିଥିଲେ। ତେବେ ଆପ୍ ମଧ୍ୟରେ ଚାଲିଥିବା ଅନ୍ତଃକନ୍ଦଳ ଯୋଗୁ ସେ ଅନ୍ୟ ୬ ଜଣ ରାଜ୍ୟ ସଭା ସଦସ୍ୟଙ୍କ ସହ ଭାଜପାରେ ଯୋଗଦେଇଥିବା କୁହାଯାଉଛି। ତେବେ ରାଘବ ହରାଇଥିବା ନିଜ ସୋସିଆଲ ମିଡିଆ ଲୋକପ୍ରିୟତା ଏବଂ ବିଶ୍ୱାସକୁ ପୁଣି ଥରେ ଫେରାଇ ଆଣିବାରେ ସଫଳ ହେବେ କି ନାହିଁ ବୋଲି ପ୍ରଶ୍ନ ଉଠୁଛି।

## ମେ ୩୧ ସୁଦ୍ଧା...

୩୦ ସେପ୍ଟେମ୍ବର ସୁଦ୍ଧା ସେମାନେ ନିଜର ରିପୋର୍ଟ ଅଧିକୃତ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରିବେ। ଶେଷରେ ଅଧିକୃତ କର୍ତ୍ତୃପକ୍ଷ ଡିସେମ୍ବର ୩୧ ସୁଦ୍ଧା ରିପୋର୍ଟ ପ୍ରଦାନ କରିବେ। କେନ୍ଦ୍ର ସରକାରଙ୍କ ଅଧୀନରେ କାର୍ଯ୍ୟ କରୁଥିବା କର୍ମଚାରୀମାନେ ମଧ୍ୟ ସେମାନଙ୍କ କାର୍ଯ୍ୟଦକ୍ଷତା ରିପୋର୍ଟ ଏହି ସମୟ ମଧ୍ୟରେ ଦାଖଲ କରୁଛନ୍ତି।

## ବିଶ୍ୱର ୧୦୦ ଉତ୍ତପ୍ତ...

କୁହାଯାଇଛି। ବର୍ତ୍ତମାନ ଦେଶର ବିଭିନ୍ନ ସହରର ତାପମାତ୍ରା ଯେଉଁଭଳି ବଢ଼ିବାରେ ଲାଗିଛି ତାହା ଭାରତକୁ ବିଶ୍ୱର ସବୁଠାରୁ ଉତ୍ତପ୍ତ ଇଲାକା ( ଗ୍ଲୋବାଲ ଏକ୍ସଟ୍ରିମ୍ ଟେମ୍ପେରେଚର) ର୍‍ୟାଙ୍କିଙ୍ଗରେ ସ୍ଥାନିତ କରିଛି।

## ଦିଲ୍ଲୀ ହସ୍ପିଟାଲରେ ଖୋଲିଲା 'ହିଟ୍‌ଷ୍ଟ୍ରୋକ୍ ୟୁନିଟ୍'

ଦେଶର ଉତ୍ତର ଭାଗ ସମେତ ଉତ୍ତର ପଶ୍ଚିମ, ପଶ୍ଚିମ ଏବଂ କେନ୍ଦ୍ରଭାଗର ବିଭିନ୍ନ ସହରର ତାପମାତ୍ରା ଅସହ୍ୟ ହେବାକୁ ଲାଗିଥିବାବେଳେ ଜାତୀୟ ରାଜଧାନୀ ଦିଲ୍ଲୀର ତାପମାତ୍ରା ୪୩ ଡିଗ୍ରୀ ଛୁଇଁଛି। ଏହାଛଡ଼ା ଏନ୍‌ସିଆର୍‌କୁ ଲାଗିଥିବା ଉତ୍ତରପ୍ରଦେଶର କିଛି ସହରର ତାପମାତ୍ରା ମଧ୍ୟ ଅସହ୍ୟ ହୋଇଛି। ଏହାକୁ ଦୃଷ୍ଟିରେ ରଖି ଦିଲ୍ଲୀର ବିଭିନ୍ନ ହସ୍ପିଟାଲରେ ସ୍ୱତନ୍ତ୍ର ଭାବେ 'ହିଟ୍ ଷ୍ଟ୍ରୋକ୍ ୟୁନିଟ୍' ଖୋଲାଯାଇଛି।



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ୮ ଜିଲାର ବ୍ଲକ୍, ନଗର ମହିଳା ସଭାପତିଙ୍କ ନାଁ ଘୋଷଣାକଲା ବିଜେଡି

ଭୁବନେଶ୍ୱର, (ସୁନିତ୍ ମିଶ୍ର): ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ୮ଟି ସାଂଗଠନିକ ଜିଲାର ବିଜୁ ମହିଳା ଜନତା ଦଳର ପଦପଦବୀରେ ଥଇଥାନ କରାଯାଇଛି। ବରଗଡ଼, ଝାରସୁଗୁଡ଼ା, ମାଲକାନଗିରି, କଳାହାଣ୍ଡି, ଢେଙ୍କାନାଳ, ନୂଆପଡ଼ା, ସୁନ୍ଦରଗଡ଼ ଏବଂ ବୌଦ୍ଧ ଜିଲା ଅନ୍ତର୍ଗତ ବ୍ଲକ୍ ଓ ନଗର ସଭାପତି ପଦରେ ବିଭିନ୍ନ ନେତ୍ରୀଙ୍କୁ ଥଇଥାନ କରାଯାଇଛି। ନବୀନଙ୍କ ଅନୁମୋଦନ ମିଳିବା ପରେ ବିଜୁ ମହିଳା ଜନତା ଦଳ ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କ ଦସ୍ତଖତରେ ଏହା ପ୍ରକାଶ ପାଇଛି।

# ଏଚ୍-୧ବି ଭିଜା ଉପରେ ଲାଗିବ ୩ ବର୍ଷ ରୋକ

**ଆମେରିକାର ଶ୍ରମିକ ଏବଂ ନିଯୁକ୍ତି ଖୋଜୁଥିବା ବର୍ଗଙ୍କ ସ୍ୱାର୍ଥ ରକ୍ଷା ଲାଗି ଏଚ୍-୧ବି ଭିଜା କାର୍ଯ୍ୟକ୍ରମକୁ ୩ ବର୍ଷ ପାଇଁ ସ୍ଥଗିତ ରଖିବାକୁ ଯୋଜନା କରାଯାଇଛି। ଏନେଇ ଗତ ୨୨ ତାରିଖରେ ଆମେରିକାର ସଂସଦ 'କଂଗ୍ରେସ'ରେ ଏକ ନୂତନ ବିଲ୍ ଆଗତ କରାଯାଇଛି। କେତେଜଣ ରିପବ୍ଲିକାନ୍ ସାଂସଦଙ୍କ ଅଭିଯୋଗ ଯେ, ଆମେରିକୀୟ ଶ୍ରମିକଙ୍କ ବଦଳରେ ଶସ୍ତା ବିଦେଶୀ ଶ୍ରମିକ ନିୟୋଜିତ କରିବା ପାଇଁ ଏହି ଭିଜା କାର୍ଯ୍ୟକ୍ରମର ଅପବ୍ୟବହାର କରାଯାଉଛି। ଆମେରିକା ଟେକ୍ନୋଲୋଜି କମ୍ପାନୀଗୁଡ଼ିକ ଏହି ଭିଜା ମାଧ୍ୟମରେ ବହୁ ସଂଖ୍ୟାରେ ବିଦେଶୀ ବୃତ୍ତିଧାରୀଙ୍କୁ ନିୟୋଜିତ କରନ୍ତି। ଭାରତୀୟ ଆଇଟି ପେସାଦାର ଏବଂ ଡାକ୍ତରମାନେ ହେଉଛନ୍ତି ଏହି ଭିଜା ପାଉଥିବା ସବୁଠାରୁ ବଡ଼ ଗୋଷ୍ଠୀ। ଏହି ବିଲ୍ କାର୍ଯ୍ୟକାରୀ ହେଲେ ଭାରତୀୟ ବୃତ୍ତିଧାରୀମାନେ ସବୁଠାରୁ ଅଧିକ ପ୍ରଭାବିତ ହେବା ନିଶ୍ଚିତ ମନେହେଉଛି।**

ୱାଶିଂଟନ, ୨୫।୪ (ପି.ଟି.)

**■ଆମେରିକା କଂଗ୍ରେସରେ ବିଲ୍ ଆଗତ**

**■ପ୍ରଭାବିତ ହେବେ ଭାରତୀୟ ବୃତ୍ତିଧାରୀ**

ଆରିଜୋନାର ସାଂସଦ ଏଲି କ୍ରେନ୍ 'ଏଣ୍ଡ୍ ଏଚ୍-୧ବି ଭିଜା ଆବ୍ୟୁଜ୍ ଆକ୍ଟ ଅଫ୍ ୨୦୨୬' ନାମକ ଏହି ବିଲ୍ ଆଗତ କରିଛନ୍ତି। ଏଥିରେ ଅନ୍ୟ ୭ଜଣ ରିପବ୍ଲିକାନ ସାଂସଦ ସାମିଲ ହୋଇଛନ୍ତି। ବିଲ୍‌ରେ କେତେକ ପ୍ରମୁଖ ବିଷୟକୁ ଉପସ୍ଥାପନ କରାଯାଇଛି। ବିଶେଷକରି ବାର୍ଷିକ ଏଚ୍-୧ବି ଭିଜା ପ୍ରଦାନ ସୀମାକୁ ୬୫,୦୦୦ରୁ କମାଇ ୨୫,୦୦୦ କରିବା ଏବଂ ଏଚ୍-୧ବି ଭିଜାଧାରୀଙ୍କ ପାଇଁ ସର୍ବନିମ୍ନ ବାର୍ଷିକ ଦରମା ୨ ଲକ୍ଷ ଆମେରିକୀୟ ଡଲାର (ପାଖାପାଖି ୧.୬ କୋଟି ଟଙ୍କା) ସ୍ଥିର କରିବାକୁ ଗୁରୁତ୍ୱ ଦିଆଯାଇଛି। ଏହାସହ ଭିଜାଧାରୀମାନେ ନିଜ ପରିବାର କିମ୍ବା ନିର୍ଭରଶୀଳ ବ୍ୟକ୍ତିଙ୍କୁ ଆମେରିକା ଆଣିପାରିବେ ନାହିଁ ଏବଂ ଭିଜା ପ୍ରଦାନ ପାଇଁ ବର୍ତ୍ତମାନର ଲଟେରି ସିଷ୍ଟମ୍ ବଦଳରେ ଦରମା ଭିତ୍ତିରେ ଚୟନ ପ୍ରକ୍ରିୟା ଲାଗୁ କରିବାକୁ ବିଲ୍‌ରେ ଉଲ୍ଲେଖ କରାଯାଇଛି। ସେହିପରି ଏଚ୍-୧ବି ଭିଜାଧାରୀମାନେ ଭବିଷ୍ୟତରେ ସ୍ଥାୟୀ ବାସିନ୍ଦା ବା ଗ୍ରୀନ୍ କାର୍ଡ ପାଇଁ ଆବେଦନ କରିପାରିବେ ନାହିଁ। ବିଦେଶୀ ଛାତ୍ରଙ୍କ ପାଇଁ ଥିବା 'ଅପ୍ସନାଲ ପ୍ରାକ୍ଟିକାଲ ଟ୍ରେନିଂ' (ଓପିଟି) କୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ବିଲ୍‌ରେ ବ୍ୟବସ୍ଥା ହୋଇଛି।

ବିଲ୍ ଆଗତ କରି ସାଂସଦ ଏଲି କ୍ରେନ୍ କହିଛନ୍ତି, 'ସଂଘୀୟ ସରକାର ପରିଶ୍ରମୀ ନାଗରିକଙ୍କ ପାଇଁ କାମ କରିବା ଉଚିତ, ବଡ଼ କର୍ପୋରେଟ୍ ସଂସ୍ଥାର ଲାଭ ପାଇଁ ନୁହେଁ। ଆମେରିକୀୟମାନେ ଯେଉଁ ଚାକିରି ପାଇଁ ଯୋଗ୍ୟ, ସେଥିରୁ ସେମାନଙ୍କୁ ବଞ୍ଚିତ କରୁଥିବା ଏହି ଏଚ୍-୧ବି ବ୍ୟବସ୍ଥାକୁ ବନ୍ଦ କରିବା ଆମର ଦାୟିତ୍ୱ।' ଅନ୍ୟପଟେ ସାଂସଦ ପଲ୍ ଗୋସାର କହିଛନ୍ତି ଯେ ଏଚ୍-୧ବି କାର୍ଯ୍ୟକ୍ରମକୁ ଶସ୍ତା ଶ୍ରମିକ ଆଣିବା ପାଇଁ 'ହାଇଜାକ୍' କରାଯାଇଛି। ସାଂସଦ ଆଣ୍ଡି ଓଗଲେସ୍ ଏହାକୁ ଏକ 'ସ୍କାମ୍' ଏବଂ ସ୍ୱାର୍ଥପର ଯୋଜନା ବୋଲି ଅଭିହିତ କରିଛନ୍ତି।

ଏଚ୍-୧ବି ଭିଜା ହେଉଛି ଆମେରିକା ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ଏକ ନନ୍-ଇମିଗ୍ରାଣ୍ଟ ଭିଜା, ଯାହା ବିଦେଶୀ କୁଶଳୀ କର୍ମଚାରୀଙ୍କୁ ଆମେରିକାରେ କାମ କରିବାକୁ ଅନୁମତି ଦେଇଥାଏ। ଏହି ଭିଜା ମୁଖ୍ୟତଃ ସେହିମାନଙ୍କୁ ଦିଆଯାଏ, ଯେଉଁମାନଙ୍କ ପାଖରେ କୌଣସି ନିର୍ଦ୍ଦିଷ୍ଟ କ୍ଷେତ୍ରରେ ଉଚ୍ଚ ଶିକ୍ଷାଗତ ଯୋଗ୍ୟତା ଏବଂ ବୈଷୟିକ ଜ୍ଞାନ ଥାଏ। ବିଶେଷକରି ଆଇଟି, ଇଞ୍ଜିନିୟରିଂ, ବିଜ୍ଞାନ, ଗଣିତ ଏବଂ ମେଡିକାଲ କ୍ଷେତ୍ରର ବ୍ୟକ୍ତିମାନେ ଏହାର ବ୍ୟବହାର ଅଧିକ କରନ୍ତି। ଜଣେ ବ୍ୟକ୍ତି ନିଜେ ଏହି ଭିଜା ପାଇଁ ଆବେଦନ କରିପାରିବେ ନାହିଁ। ଏଥିପାଇଁ ଏକ ଆମେରିକୀୟ କମ୍ପାନୀ ସେହି ବ୍ୟକ୍ତିଙ୍କୁ ଚାକିରି ଦେବା ସହ ସେମାନଙ୍କ ପାଇଁ ଭିଜା ସ୍ପନ୍ସର କରିବା ଜରୁରୀ। ସାଧାରଣତଃ ଏହି ଭିଜା ୩ ବର୍ଷ ପାଇଁ ମିଳିଥାଏ, ଯାହାକୁ ପରବର୍ତ୍ତୀ ସମୟରେ ସର୍ବାଧିକ ୬ ବର୍ଷ ପର୍ଯ୍ୟନ୍ତ ବଢ଼ାଯାଇପାରେ। ପ୍ରତିବର୍ଷ ବହୁ ହଜାର ଆବେଦନ ଆସୁଥିବାରୁ ଲଟେରି ମାଧ୍ୟମରେ ଭିଜା ପ୍ରଦାନ କରାଯାଇଥାଏ, ଯାହାର ବର୍ତ୍ତମାନ ବାର୍ଷିକ ସୀମା ହେଉଛି ୬୫,୦୦୦ ଏବଂ ଆମେରିକାରୁ ମାଷ୍ଟର୍ସ ଡିଗ୍ରୀ କରିଥିବା ଛାତ୍ରୀଛାତ୍ରଙ୍କ ପାଇଁ ଅତିରିକ୍ତ ୨୦,୦୦୦ କୋଟା ରହିଛି। ଏଚ୍-୧ବି ଭିଜାର ପ୍ରାୟ ୭୦-୭୫% ଭାରତୀୟ ପେସାଦାରମାନେ ପାଇଥାନ୍ତି। ତେଣୁ ଏହି କାର୍ଯ୍ୟକ୍ରମରେ କୌଣସି ପରିବର୍ତ୍ତନ ହେଲେ ଭାରତୀୟ ଆଇଟି କ୍ଷେତ୍ର ଉପରେ ଏହାର ବଡ଼ ପ୍ରଭାବ ପଡ଼ିଥାଏ।

# ସ୍ୱତନ୍ତ୍ର ଅଧିବେଶନ କେବଳ ଡ୍ରାମା: ବିରୋଧୀ

ଭୁବନେଶ୍ୱର, ୨୫।୪(ସୁନିତ୍ ମିଶ୍ର)

**■ଆମକୁ ସହିପାରୁନାହାନ୍ତି ବିରୋଧୀ: ମନ୍ତ୍ରୀ**

**■ ମହିଳାଙ୍କୁ ଢାଲକରି ଏବେ ହୀନ ରାଜନୀତି: ଅଶୋକ**


ଅରୁଣ ସାହୁ


ଅଶୋକ ଦାସ


ଗୋକୁଳାନନ୍ଦ ମଲିକ

ଓଡ଼ିଶା ବିଧାନସଭାରେ ଆସନ୍ତା ୩୦ରେ ଦିନକ ପାଇଁ ସ୍ୱତନ୍ତ୍ର ଅଧିବେଶନ ବସିବ। ଏନେଇ ଶୁକ୍ରବାର ବିଧାନସଭା ସଚିବାଳୟ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ଭାରତୀୟ ଗଣତନ୍ତ୍ରରେ ମହିଳାମାନଙ୍କ ଯୋଗଦାନକୁ ନେଇ ଆଲୋଚନା କରାଯିବ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି। ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ମହିଳା ସଂରକ୍ଷଣ ବିଲ୍ ପ୍ରସଙ୍ଗରେ ଆଲୋଚନା କରିବାକୁ ସରକାର ଏହି ଅଧିବେଶନ ମୁଖ୍ୟତଃ ଡାକିଛନ୍ତି। ଏହା ମାଧ୍ୟମରେ ରାଜ୍ୟରେ ବିରୋଧୀ ଦଳରେ ଥିବା ବିଜେଡି ଏବଂ କଂଗ୍ରେସ ମହିଳା ସଂରକ୍ଷଣ ବିଲ୍‌କୁ ସମର୍ଥନ କରୁନାହାନ୍ତି ବୋଲି ବାର୍ତ୍ତା ଦେବା ହେଉଛି ଉକ୍ତ ଅଧିବେଶନର ମୂଳ ଲକ୍ଷ୍ୟ ବୋଲି କୁହାଯାଉଛି। ମାତ୍ର ବିରୋଧୀ ଏହି ସ୍ୱତନ୍ତ୍ର ଅଧିବେଶନକୁ ନେଇ ଶାସକ ଭାଜପାକୁ ଟାର୍ଗେଟ କରିଛନ୍ତି। ଡ୍ରାମା କରିବାକୁ ଶାସକ ଦଳ ସ୍ୱତନ୍ତ୍ର ଅଧିବେଶନ ଡାକିଥିବା ବିଜେଡି କହିଛି। ଅନ୍ୟପଟେ ମହିଳାଙ୍କୁ ଢାଲକରି ଏବେ ଆଗକୁ ଯିବା ପାଇଁ ମିଛ ପ୍ରହେଳିକା ଆରମ୍ଭ କରାଯାଇଥିବା କଂଗ୍ରେସ ଅଭିଯୋଗ କରିଛି।

ସୂଚନାଯୋଗ୍ୟ, ମହିଳା ସଂରକ୍ଷଣ ପ୍ରସଙ୍ଗ ନେଇ ଦେଶ ତମାମ ରାଜନୀତି ଜୋର୍ ଧରିବାରେ ଲାଗିଛି। ମହିଳାମାନଙ୍କୁ ସଂରକ୍ଷଣ ମିଳୁ ଏବଂ ପାର୍ଲାମେଣ୍ଟରେ ସେମାନଙ୍କ ପ୍ରତିନିଧିତ୍ୱ ବଢୁ ବୋଲି ବିରୋଧୀ ଚାହୁଁ ନ ଥିବା ଦେଶର ସବୁ ରାଜ୍ୟରେ ଭାଜପା ଅଭିଯୋଗ କରୁଛି। ମାତ୍ର ବିରୋଧୀ ଅଭିଯୋଗ କରୁଛନ୍ତି, ଗତ ୧୬ ତାରିଖରୁ ମହିଳା ସଂରକ୍ଷଣ ବିଲ୍ ପାରିତ କରାଇବା ଲାଗି ଯେଉଁ ୩ ଦିନିଆ ସ୍ୱତନ୍ତ୍ର ଅଧିବେଶନ ଡକାଯାଇଥିଲା ତାହା କେନ୍ଦ୍ର ସରକାରଙ୍କ ଗୋଟିଏ ଚାଲ୍ ଥିଲା। ମହିଳା ସଂରକ୍ଷଣ ବିଲ୍ ନାଁରେ କେନ୍ଦ୍ର ସରକାର ସୀମା ପୁନଃ ନିର୍ଦ୍ଧାରଣ ବିଲ୍ ପାରିତ କରାଇବାକୁ ଉଦ୍ଦେଶ୍ୟ ରଖିଥିଲେ। ତେଣୁ ବିରୋଧୀ ଦଳ ଏହାକୁ ବିରୋଧକଲେ। ଏହାସହ ୨ ତୃତୀୟାଂଶ ଭୋଟ ନ ପାଇବାରୁ ବିଲ୍ ପାରିତ ହୋଇପାରିଲା ନାହିଁ। ମାତ୍ର ଦେଶବ୍ୟାପୀ ଭାଜପା ପ୍ରତିବାଦ କରିବା ସହ ଅଭିଯୋଗ କରୁଛି ଯେ ବିରୋଧୀ ଦଳଗୁଡ଼ିକ ମହିଳା ସଂରକ୍ଷଣ ସପକ୍ଷରେ ନାହାନ୍ତି। ଏଭଳି ସମୟରେ ଓଡ଼ିଶାରେ ସ୍ୱତନ୍ତ୍ର ଅଧିବେଶନ ଡକାଯିବା ବିଷୟକୁ ବିରୋଧୀ ରାଜନୈତିକ ଦୃଷ୍ଟିଭଙ୍ଗୀରେ ଦେଖୁଛନ୍ତି।

ବରିଷ୍ଠ ବିଜେଡି ବିଧାୟକ ଅରୁଣ କୁମାର ସାହୁ କହିଛନ୍ତି, କୌଣସି କାରଣ ନ ଥାଇ କେନ୍ଦ୍ର ସରକାର ଅବେଳାରେ ପାର୍ଲାମେଣ୍ଟ ଡାକିଥିଲେ। ମହିଳା ସଂରକ୍ଷଣ ବିଲ୍ ଆଳରେ ୧୩୧ତମ ସମ୍ବିଧାନ ସଂଶୋଧନ କରିବା କେନ୍ଦ୍ର ଶାସକ ଦଳର ମୂଳ ଉଦ୍ଦେଶ୍ୟ ଥିଲା। ସେହି ସମୟରେ ୪୮ ଘଣ୍ଟା ଭିତରେ ବିରୋଧୀ ଦଳ ନେତା ତୁରନ୍ତ ସ୍ୱତନ୍ତ୍ର ଅଧିବେଶନ ଡାକିବା ଲାଗି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖିଥିଲେ। ଯେତେବେଳେ କେନ୍ଦ୍ର ସରକାର ମହିଳା ସଂରକ୍ଷଣ ବିଲ୍ ଆଣିଲେ ବିରୋଧୀଙ୍କ ସହ କୌଣସି ପ୍ରକାର ଆଲୋଚନା କଲେନାହିଁ। ବିଲ୍ ଆସିବା ଆଗରୁ ଭାଜପା ଏନେଇ ପ୍ରଚାର ଆରମ୍ଭ କରିଦେଲା। ଏବେ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକି ଡ୍ରାମା କରିବାକୁ ଚାହୁଁଛନ୍ତି। ବର୍ତ୍ତମାନ କାହିଁକି ବିଧାନସଭା ଅଧିବେଶନ ଡାକିଛନ୍ତି ତାହା ମଧ୍ୟ ଜଣାଇନାହାନ୍ତି। ୩୦ ତାରିଖରେ ସେମାନଙ୍କ ସହ ଦେଖାଦେଖି ହେବ ବୋଲି ଅରୁଣ କହିଛନ୍ତି।

କଂଗ୍ରେସ ବିଧାୟକ ଅଶୋକ ଦାସଙ୍କ କହିବା କଥା, ପାର୍ଲାମେଣ୍ଟରେ ମହିଳା ସଂରକ୍ଷଣ ନାଁରେ ୧୩୧ତମ ସମ୍ବିଧାନ ସଂଶୋଧନ ବିଲ୍ ଯାହା ଆଣିଥିଲେ ତାହା କାଟ୍ ଖାଇଲା। ଏହାପରେ ବିଧାନସଭା ଡାକିବାର କିଛି କାରଣ ନାହିଁ। ୨୦୨୩ରେ ବିରୋଧୀଙ୍କ ସମର୍ଥନରେ ମହିଳା ସଂରକ୍ଷଣ ବିଲ୍ ପାରିତ ହୋଇସାରିଥିଲା। କାହିଁକି ୨୦୨୪ ନିର୍ବାଚନ ସମୟରେ କେନ୍ଦ୍ର ସରକାର ତାହା ଲାଗୁକଲେ ନାହିଁ। ସେତେବେଳୁ ଲାଗୁ ହୋଇଥିଲେ ପାର୍ଲାମେଣ୍ଟରେ ବର୍ତ୍ତମାନ ୧୩୮ ଜଣ ମହିଳା ପ୍ରତିନିଧିତ୍ୱ କରୁଥାଆନ୍ତେ। ଏକଚ୍ଛତ୍ରବାଦ ରାଜନୀତି କରିବା ହେଉଛି ସେମାନଙ୍କ ମୂଳ ଲକ୍ଷ୍ୟ। ମହିଳାଙ୍କୁ ଢାଲକରି ସେମାନେ ଏବେ ହୀନ ରାଜନୀତିକରିବା ଆରମ୍ଭ କରିଦେଇଛନ୍ତି।

ମନ୍ତ୍ରୀ ତଥା ଶାସକ ଦଳ ନେତା ଗୋକୁଳାନନ୍ଦ ମଲିକ କହିଛନ୍ତି, ପାର୍ଲାମେଣ୍ଟ ଏବଂ ବିଧାନସଭାରେ ମହିଳାମାନଙ୍କୁ ୩୩% ସଂରକ୍ଷଣ ମିଳୁ ଏକଥାକୁ ବିରୋଧ କଲେ। ସେ ବିଷୟରେ ଆଲୋଚନା କରିବା ଲାଗି ସ୍ୱତନ୍ତ୍ର ଅଧିବେଶନ ଡକାଯାଇଛି। ମହିଳାଙ୍କୁ ଯେଉଁ ଦେଶ ଓ ରାଜ୍ୟ ଅଗ୍ରାଧିକାର ଦେଉଛି ସେ ରାଷ୍ଟ୍ର ସେତେ ଆଗୁଆ। କିନ୍ତୁ ପ୍ରଧାନମନ୍ତ୍ରୀଙ୍କ ଏହି ପଦକ୍ଷେପକୁ ବିରୋଧୀମାନେ ବିରୋଧ କଲେ, ଏହା ନିନ୍ଦନୀୟ। ବିଜେଡି ସରକାରରେ ଥିବାବେଳେ ମହିଳାମାନଙ୍କ ପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଥିଲା। ଗାଁକୁ କାମ, ମା'କୁ ସମ୍ମାନ କହୁଥିଲା, ମାତ୍ର ମହିଳାଙ୍କୁ ନିର୍ଯାତନା ଦିଆଯାଉଥିଲା। ସେମାନେ ଯାହା କରିପାରି ନ ଥିଲେ ଭାଜପା ସେଇ ରାସ୍ତାରେ ଯାଉଥିବାରୁ ବିରୋଧୀ ସହିପାରୁ ନ ଥିବା ଗୋକୁଳାନନ୍ଦ କହିଛନ୍ତି।

# ଭଦ୍ରକ ଲୋକ ସଭା କ୍ଷେତ୍ର: ବିଜେଡିରୁ ସାମୂହିକ ଇସ୍ତଫା

## ଜିଲାରେ ବିଜେଡି ସଫା ହୋଇଯିବ: ମୁକ୍ତିକାନ୍ତ



ବିଜେଡିର ଇସ୍ତଫା ପର୍ବରେ ସାମିଲ ନେତା ଓ କର୍ମୀ।

ଭଦ୍ରକ, ୨୫।୪(ସନାତନ ରାଉତ)

ରାଜ୍ୟରେ ସରକାର ପରିବର୍ତ୍ତନ ପରେ ଅଧିକାଂଶ ନେତା ବିଜେଡ଼ି ଛାଡୁଥିବା ବେଳେ ଭଦ୍ରକ ଲୋକସଭା କ୍ଷେତ୍ରରେ ବିଜେଡିକୁ ଶକ୍ତ ଝଟ୍‌କା ଲାଗିଛି। ଗତ କିଛିଦିନ ତଳେ ବିଜେଡିରୁ ନିଲମ୍ବିତ ପୂର୍ବତନ ଭଦ୍ରକ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଓ ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଶନିବାର ବିଜେଡିର ପ୍ରାଥମିକ ସଭ୍ୟପଦରୁ ଇସ୍ତଫା ଦେଇଛନ୍ତି। ମଣ୍ଡଳ ଦମ୍ପତିଙ୍କ ସହ ପୂର୍ବତନ ବିଜେଡ଼ି ଜିଲା ସଭାପତି ଜଗନ୍ନାଥ ସ୍ୱାଇଁ, ପ୍ରଣୟ ଦାସ, ଶ୍ୟାମସୁନ୍ଦର ମହାପାତ୍ର, ସିମୁଳିଆ ବିଧାୟକ ପ୍ରାର୍ଥିନୀ ସୁବାସିନୀ ସାହୁ ଓ ତାଙ୍କ ସ୍ୱାମୀ ଶଶୀ ସାହୁ, ପ୍ରଣୟ ସାହୁଙ୍କ ସମେତ ସିମୁଳିଆ ନିର୍ବାଚନ ମଣ୍ଡଳୀ ଅନ୍ତରା ପଞ୍ଚାୟତର ସରପଞ୍ଚ ରଶ୍ମିତା ଜେନା, ମହତୀପୁରର ମହିଳା ନେତ୍ରୀ ଭାନୁମତୀ ସାହୁ, ସମିତିସଭ୍ୟା ସୋନାଲି ଦାସ, ରବୀନ୍ଦ୍ର ସେଠୀ, ଅରୁଣ ରାଉତ, ସୁକାନ୍ତି ବାରିକଙ୍କ ସମେତ ଭଦ୍ରକ ଲୋକସଭା କ୍ଷେତ୍ରର ଅନେକ ବିଜେଡି ନେତା ସମୂହ ଇସ୍ତଫା ପ୍ରଦାନ କରିଛନ୍ତି। ଭଦ୍ରକ ବାଇପାସ୍‌ସ୍ଥିତ ଏକ ମଣ୍ଡପରେ ଆୟୋଜିତ ଏହି ଇସ୍ତଫା ପର୍ବରେ ମୁକ୍ତିକାନ୍ତ କହିଛନ୍ତି, ଦୀର୍ଘଦିନ ଧରି ବିଜେଡିର ସଙ୍ଗଠନକୁ ସୁଦୃଢ଼ କରିବାରେ ସେ ନିଜକୁ ସମର୍ପଣ କରିଥିଲେ। କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତିଙ୍କ ଚକ୍ରାନ୍ତରେ ଆମ୍ଭଙ୍କୁ ହଠାତ୍ ଦଳରୁ ଅସାମ୍ବିଧାନିକ ଭାବେ ନିଲମ୍ବିତ କରାଯାଇଛି। ଏହି ନିଲମ୍ବନ ଭଦ୍ରକ ଲୋକସଭା କ୍ଷେତ୍ରରେ ବିଜେଡ଼ିକୁ ବିପର୍ଯ୍ୟୟ ଆଡ଼କୁ ଠେଲି ଦେଇଛି। ଆଗକୁ ଭଦ୍ରକ ଜିଲାରେ ବିଜେଡ଼ି ସଫା ହୋଇଯିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ସେହିପରି ପୂର୍ବତନ ଜିଲା ସଭାପତି ଜଗନ୍ନାଥ କହିଛନ୍ତି, ଗତ କିଛିଦିନ ତଳେ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତିଙ୍କ କବଳରେ ଦଳ ପରିଚାଳିତ ହୋଇ ମୂଳ ଲକ୍ଷ୍ୟ ପଥରୁ ବିଚ୍ୟୁତ ହେବା ସହ ଦଳର ପ୍ରତିଷ୍ଠାତା ସଦସ୍ୟଙ୍କ ପ୍ରତି ଦାୟିତ୍ୱହୀନ ଓ ନକାରାତ୍ମକ ବ୍ୟବହାର କରାଯାଉଛି। ଏହାର ପ୍ରତିବାଦରେ ସେ ଇସ୍ତଫା ଦେଇଥିବା କହିଛନ୍ତି। ତେବେ ଲୋକ ସଭା କ୍ଷେତ୍ରରେ ବିଜେଡିର ପୁରୁଣା ନେତୃବୃନ୍ଦ ଇସ୍ତଫା ଦେଇଥିବାରୁ ବିଜେଡ଼ିକୁ ଝଟ୍‌କା ଲାଗିଛି ବୋଲି ରାଜନୈତିକ ମହଲରେ ଆଲୋଚନା ହେଉଛି। ଅପରପକ୍ଷେ ପୂର୍ବତନ ମନ୍ତ୍ରୀ ତଥା ରାଜ୍ୟ ବିଜେଡି ଉପସଭାପତି ପ୍ରଫୁଲ୍ଲ ସାମଲ କହିଛନ୍ତି, କୌଣସି ନେତା ଦଳ ଛାଡ଼ିଦେଲେ ତାଙ୍କ ସହିତ ଲୋକମାନେ ଯାଆନ୍ତି ନାହିଁ। ଦଳ ବଦଳକାରୀଙ୍କ ସହ ଲୋକେ କେବେ ରହନ୍ତି ନାହିଁ ବୋଲି ସେ କହିଛନ୍ତି।

# ୨ ବ୍ୟାଙ୍କ କର୍ମଚାରୀ ନିଲମ୍ବିତ

## ଗ୍ରାହକଙ୍କୁ ମାଡ଼ ଘଟଣା

ଧୁଷୁରୀ,୨୫।୪(ଦୀପ୍ତି ରଞ୍ଜନ ନାୟକ): ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ୍ ନାନ୍ଦପୁର ପଞ୍ଚାୟତରେ ଥିବା ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଆରଡି ଶାଖାରେ ଗ୍ରାହକଙ୍କୁ ମାଡ଼ ମରାଯାଇଥିବା ଅଭିଯୋଗ ହୋଇଥିଲା। ଘଟଣାରେ କାର୍ଯ୍ୟରତ କ୍ୟାଶିୟର ଜିତେନ୍ଦ୍ର ପ୍ରସାଦ ଦାଶ ଓ ଫିଲ୍ଡ ଅଫିସର ପ୍ରଶାନ୍ତ କୁମାର ନାୟକଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି। ଶୁକ୍ରବାର ରାତିରେ ଏହି ବ୍ୟାଙ୍କର ବ୍ରାଞ୍ଚ ମ୍ୟାନେଜର ଦୀପକ କୁମାର ପାତ୍ର ଏହି ନିଲମ୍ବନ ଆଦେଶ ପତ୍ର ଉଭୟଙ୍କୁ ଧରାଇଥିବା ଜଣାପଡ଼ିଛି। ୨୨ ତାରିଖ ପୀରହାଟ ଥାନା ଅଧୀନ ତଳଦୁମୁକା ଗ୍ରାମର ଶୁଭଙ୍କର ନାୟକ (୨୦) ବ୍ୟାଙ୍କକୁ ଯାଇଥିଲେ। ଉଉଣୀର ଟଙ୍କା ନ ଉଠିବାକୁ ନେଇ ପଚାରିବାରୁ କ୍ୟାଶିୟର ଏକ ଲୁହା ରଡ୍‌ରେ ମାଡ଼ ମାରିଥିଲେ। ଶୁଭଙ୍କର ଏ ନେଇ ଆରଡି ଫାଣ୍ଡିରେ ଏତାଲା ଦେଇଥିଲେ। ଏତାଲାକୁ ଆଧାରକରି ବାଲେଶ୍ୱର ରିଜିଓନାଲ ମ୍ୟାନେଜରଙ୍କ କାର୍ଯ୍ୟାଳୟରୁ କେତେକ ଅଧିକାରୀ ଆରଡି ବ୍ୟାଙ୍କ ଶାଖାକୁ ଆସି ତଦନ୍ତ କରିଥିଲେ। ଏହି ନିଲମ୍ବନକୁ ନେଇ ଏତାଲାକାରୀଙ୍କ ପରିବାର ନ୍ୟାୟ ମିଳିଲା ବୋଲି କହିଛନ୍ତି।

# ଅଶୋକ ଲାହିରି ନୀତି ଆୟୋଗ ଉପାଧ୍ୟକ୍ଷ


ଅଶୋକ ଲାହିରି

ନୂଆଦିଲ୍ଲୀ,୨୫।୪

ବିଶିଷ୍ଟ ଅର୍ଥନୀତିଜ୍ଞ ଅଶୋକ କୁମାର ଲାହିରିଙ୍କୁ ନୀତି ଆୟୋଗ ଉପାଧ୍ୟକ୍ଷ ଭାବେ ମନୋନୀତ କରାଯାଇଛି। ବର୍ତ୍ତମାନ ସେ ପଶ୍ଚିମବଙ୍ଗର ବିଧାୟକ ରହିଥିଲାବେଳେ ପୂର୍ବରୁ ଭାରତ ସରକାରଙ୍କ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଭାବେ କାର୍ଯ୍ୟ କରିସାରିଛନ୍ତି। ଏହାଛଡ଼ା ଲାହିରି ପଞ୍ଚଦଶ ଅର୍ଥ କମିଶନର ସଦସ୍ୟ ଭାବେ ମଧ୍ୟ ଦାୟିତ୍ୱ ତୁଲାଇଛନ୍ତି। ଲାହିରିଙ୍କ ବ୍ୟତୀତ ବିଶିଷ୍ଟ ବୈଜ୍ଞାନିକ ଗୋବର୍ଦ୍ଧନ ଦାସଙ୍କୁ ନୀତି ଆୟୋଗ ସଦସ୍ୟଭାବେ ମନୋନୀତ କରାଯାଇଛି। ସେ ଭୋପାଳସ୍ଥିତ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ଏଜୁକେଶନ୍ସ ଆଣ୍ଡ୍ ରିସର୍ଚ୍ଚର ନିର୍ଦ୍ଦେଶକ ରହିଛନ୍ତି।

# ମେ' ୨୫ ସୁଦ୍ଧା କେରଳ ଛୁଇଁପାରେ ମୌସୁମୀ

**ୟୁରୋପିଆନ ମଡେଲର ପୂର୍ବାନୁମାନ**

**■୪୦ ଡିଗ୍ରୀ ଉପରେ ୧୭ ସହର, ୪୪.୧ ଡିଗ୍ରୀରେ ଝାରସୁଗୁଡ଼ା**

**■ଆଶ୍ୱସ୍ତି ଆଣିବ କାଳବୈଶାଖୀ ବର୍ଷା**

ଭୁବନେଶ୍ୱର, ୨୫।୪(ବନ୍ଦନା ସେଠୀ)


ଭୁବନେଶ୍ୱରରେ ଶନିବାର ପ୍ରବଳ ଗରମ ଓ ଗୁଳୁଗୁଳି ହୋଇଥିଲା ବେଳେ ସେଥିରୁ ତ୍ରାହି ପାଇବା ପାଇଁ ରାଜମହଲ ଓଭରବ୍ରିଜ୍ ତଳେ ଗଛରେ ପାଣିଦେବା ବେଳେ ଜଣେ ବ୍ୟକ୍ତି ମୁହଁ ଓ ଦେହକୁ ଓଦା କରୁଛନ୍ତି। (ଫଟୋ- ବିକାଶ ନାୟକ)

ପ୍ରଚଣ୍ଡ ଖରାରେ ସିଝୁଛି ସାରା ରାଜ୍ୟ। ଅସହ୍ୟ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାବେଳେ ଗରମ ଓ ଗୁଳୁଗୁଳିରେ ଛଟପଟ ହେଉଛି ଜୀବନ। ଶନିବାର ମଧ୍ୟ ୧୭ ସହରର ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଥିଲା। ୪୪.୧ ଡିଗ୍ରୀ ସହ ଝାରସୁଗୁଡା ଲଗାତର ସବୁଠୁ ଉତ୍ତପ୍ତ ସହର ପାଲଟିଥିଲା। ଏପରିସ୍ଥିତିରେ ଆସିଛି ଆଶ୍ୱସ୍ତିକର ଖବର। ରବିବାରଠାରୁ ରାଜ୍ୟରେ ପୁଣି କାଳବୈଶାଖୀ ବର୍ଷା ଆରମ୍ଭ ହେବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଦେଇଥିବାବେଳେ ଏବର୍ଷ ଶୀଘ୍ର ମୌସୁମୀ ଆସିବ ବୋଲି ୟୁରୋପିଆନ ମଡେଲ ପୂର୍ବାନୁମାନ କରିଛି। ୟୁରୋପିଆନ୍ ସେଣ୍ଟର ଫର୍ ମିଡିୟମ୍ ରେଞ୍ଜ ୱେଦର ଫୋର୍‌କାଷ୍ଟ (ଇସିଏମ୍‌ଡବ୍ଲ୍ୟୁଏଫ୍) ପୂର୍ବାନୁମାନ କରିଛି ଯେ, ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ମେ' ୨୫ ସୁଦ୍ଧା କେରଳ ଉପକୂଳ ଛୁଇଁବ। ସାଧାରଣତଃ ଜୁନ୍ ୧ ସୁଦ୍ଧା ମୌସୁମୀ ବାୟୁ କେରଳ ଛୁଇଁଥାଏ। ଏହାର ୧୦ରୁ ୧୫ ଦିନ ଭିତରେ ଏହା ଓଡ଼ିଶା ସମେତ ଅନ୍ୟ ରାଜ୍ୟକୁ ଛୁଇଁଥାଏ। ଚଳିତବର୍ଷ ନିର୍ଦ୍ଧାରିତ ସମୟର ସପ୍ତାହେ ପୂର୍ବରୁ ମୌସୁମୀ କେରଳ ଛୁଇଁବା ସମ୍ଭାବନା ଥିବାରୁ ଓଡ଼ିଶାରେ ମଧ୍ୟ ଶୀଘ୍ର ବର୍ଷା ହେବ ବୋଲି ଆଶା କରାଯାଉଛି। ଅନ୍ୟପକ୍ଷରେ ସଅଳ ମୌସୁମୀ ଆସିବା ନେଇ ଭାରତୀୟ ପାଣିପାଗ ବିଭାଗ କିମ୍ବା ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୌଣସି ସୂଚନା ଦିଆଯାଇ ନ ଥିଲେ ମଧ୍ୟ ଗରମ ଓ ଗୁଳୁଗୁଳିରେ ଛଟପଟ ହେଉଥିବା ରାଜ୍ୟବାସୀଙ୍କୁ ଏହା ଆଶ୍ୱସ୍ତି ଦେଇଛି। ଅନ୍ୟପକ୍ଷରେ ଏବର୍ଷ କମ୍ ବର୍ଷା ନେଇ ଭାରତୀୟ ପାଣିପାଗ ବିଭାଗର ଆକଳନ ଚାଷୀକୁଳଙ୍କୁ ଚିନ୍ତାରେ ପକାଇଥିଲା। ହେଲେ ଶୀଘ୍ର ମୌସୁମୀ ଆସିବା ଖବର ପାଇବା ପରେ ସେମାନଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଥିବାବେଳେ ଆଗୁଆ ଚାଷ ପାଇଁ ତତ୍ପରତା ପ୍ରକାଶ ପାଇଛି। ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନାନୁସାରେ, ଶନିବାର ଝାରସୁଗୁଡାରେ ରାଜ୍ୟର ସର୍ବାଧିକ ତାପମାତ୍ରା ୪୪.୧ ଡିଗ୍ରୀ ରେକର୍ଡ କରାଯାଇଥିଲା। ଏହା ତଳକୁ ଟିଟିଲାଗଡ଼ରେ ୪୪ ଡିଗ୍ରୀ, ବଲାଙ୍ଗୀର ଓ ନୂଆପଡ଼ା ୪୩, ସୁନ୍ଦରଗଡ଼ ୪୨.୮, ସମ୍ବଲପୁର, ହୀରାକୁଦ ଏବଂ ରାଉରକେଲା ୪୨.୬, ସୋନପୁର ୪୨.୩, ବୌଦ୍ଧ ଓ ଭବାନୀପାଟଣା ୪୨, ଅନୁଗୋଳ ୪୧.୭, ତାଳଚେର ୪୧.୨, ବରଗଡ଼ ୪୧, ମାଲକାନଗିରି ୪୦.୬, ଫୁଲବାଣୀ ୪୦.୧ ଏବଂ ପାରଳାଖେମୁଣ୍ଡିରେ ୪୦ ଡିଗ୍ରୀ ତାପମାତ୍ରା ରହିଥିଲା। ରବିବାର ମଧ୍ୟ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ଝାରସୁଗୁଡା, ବଲାଙ୍ଗୀର, ସମ୍ବଲପୁର ଏବଂ ଅନୁଗୋଳ ଜିଲାକୁ ପ୍ରବଳ ଖରା ଓ ଗୁଳୁଗୁଳି ନେଇ ୟେଲୋ ୱାର୍ନିଂ ଦିଆଯାଇଛି। ଆଉ କିଛି ଜିଲାରେ କାଳବୈଶାଖୀ ସମ୍ଭାବନା ରହିଛି। ବିଶେଷକରି ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ ଏବଂ ମାଲକାନଗିରି ଜିଲାର କିଛି ସ୍ଥାନରେ ଘଡ଼ଘଡ଼ି ବିଜୁଳି ସହ ବର୍ଷା ପବନ ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି।

No. 15001/27/2627



ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ
ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ
୨୬ ଅପ୍ରେଲ, ୨୦୨୬

ସକାଳ ୮ ଘଟିକା - ପରିବହନ ଭବନ ସମ୍ମୁଖ ଏଜି ଛକ, ଭୁବନେଶ୍ୱରସ୍ଥିତ ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ।

ଜୟଦେବ ଭବନ, ଭୁବନେଶ୍ୱର

ସନ୍ଧ୍ୟା ୬ଘଟିକା - ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୀବନୀ ଆଧାରିତ ଫଟୋଚିତ୍ର ପ୍ରଦର୍ଶନୀ ମୁଖ୍ୟ ଅତିଥିଙ୍କ ଦ୍ୱାରା ଉଦ୍‌ଘାଟନ

ସନ୍ଧ୍ୟା ୬.୧୫ ମିନିଟ ସାଧାରଣ ସଭା

-ମୁଖ୍ୟ ଅତିଥି-
ଶ୍ରୀଯୁକ୍ତ ପୃଥ୍ୱୀରାଜ ହରିଚନ୍ଦନ
ମନ୍ତ୍ରୀ, ପୂର୍ତ୍ତ, ଆଇନ ଓ ଅବକାରୀ
-ସମ୍ମାନନୀୟ ଅତିଥି-
ଶ୍ରୀଯୁକ୍ତ ପ୍ରଦୀପ ପାଣିଗ୍ରାହୀ, ସାଂସଦ, ବ୍ରହ୍ମପୁର
-ମୁଖ୍ୟବକ୍ତା-
ଶ୍ରୀଯୁକ୍ତ ଅଜୟ ତ୍ରିପାଠୀ, ଅଧ୍ୟକ୍ଷ, ଛତ୍ରପୁର ମହାବିଦ୍ୟାଳୟ
-ଧନ୍ୟବାଦ ଅର୍ପଣ-
ଶ୍ରୀ ଦିଗ୍‌ବିଜୟ ନାଥ ପାଢୀ
ସଭାପତି, ପାରଳା ଗଜପତି ବିକାଶ ମଞ୍ଚ

ଭକ୍ତି ସଂଗୀତ ସଂସଦ, ପାରଳାଖେମୁଣ୍ଡିର କଳାକାରମାନଙ୍କ ଦ୍ୱାରା ମହାରାଜାଙ୍କ ଜୀବନୀକୁ ନେଇ ପ୍ରସ୍ତୁତ ଓଡ଼ିଶୀ ନୃତ୍ୟ, ଭକ୍ତି ସଂଗୀତ ଏବଂ ସୁଗମ ସଂଗୀତ ପରିବେଷଣ।

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ପାରଳା ଗଜପତି ବିକାଶ ମଞ୍ଚ, ଭୁବନେଶ୍ୱରଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ସମାରୋହରେ ଯୋଗଦେବାକୁ ବିନମ୍ର ଅନୁରୋଧ।

OIPR-15001/15001/2/26-27/0027

ସୂଚନା ଓ ଲୋକସମ୍ପର୍କ ବିଭାଗ
ଓଡ଼ିଶା ସରକାର

“ଯଦି କେବଳ ଜୀବନ ଥାନ୍ତା– ମୃତ୍ୟୁ ନ ଥାନ୍ତା –ତେବେ ଅମରତ୍ୱ ମଧ ନ ଥାନ୍ତା। ଯଦି କେବଳ ପ୍ରେମ ଥାନ୍ତା– ହିଂସ୍ରତା ନ ଥାନ୍ତା ତେବେ ଆନନ୍ଦ ହୋଇଥାନ୍ତା କ୍ଷଣିକ କ୍ଷୀଣ ପୁଲକ ମାତ୍ର ! ଯଦି କେବଳ ସୁଯୁକ୍ତି ଥାନ୍ତା– ଅଜ୍ଞାନ ନ ଥାନ୍ତା– ତେବେ ଆମର ଚରମ ସିଦ୍ଧି ଏକ ସୀମାବଦ୍ଧ ଯୌକ୍ତିକତା ଓ ବ୍ୟାବହାରିକ ବିଜ୍ଞତା ଛାଡି ଆଗକୁ ଯାଇ ପାରନ୍ତା ନାହିଁ। –ଶ୍ରୀଅରବିନ୍ଦ



# ଉଦାରବାଦର ଛଳନା



ଆକାର ପଟେଲ

ଚଳିତ ମାସରେ ‘‘ଭାଜପାର ବଙ୍ଗଳା ତାଲିକାରେ କୌଣସି ମୁସଲମାନ ନାମ ସ୍ଥାନ ପାଇ ନାହିଁ’’ ଶୀର୍ଷକ ଏକ ଖବର ପ୍ରକାଶ ପାଇଥିଲା। ଏହି ଖବରରେ କେତେ ଟିକେଟ ବଣ୍ଟନ କରାଯାଇଥିଲା ଏବଂ ଅନ୍ୟସବୁ ସାଂଖିକ ତଥ୍ୟ ପାଠକଙ୍କୁ ପ୍ରଦାନ କରାଯାଇଥିଲା। ଏହା ଆମ ମଧ୍ୟରୁ ଅଧିକାଂଶଙ୍କୁ ଆଶ୍ଚର୍ଯ୍ୟ କରେ ନାହିଁ, କାରଣ ଭାଜପା କ’ଣ ଚାହୁଁଛି ତାହା ଆମକୁ ୨୦୧୪ ପରର ତଥ୍ୟ ଦର୍ଶାଇଛି। ଗତ ତିନୋଟି ଲୋକ ସଭାରେ, ଭାରତୀୟ ଜନତା ପାର୍ଟି ୨୮୨, ୩୦୩ ଏବଂ ୨୬୦ ଆସନ ଜିତିଛି ; ଯେଉଁଥିରେ କୌଣସି ମୁସଲମାନ ନାହାନ୍ତି। ରାଜ୍ୟ ସଭାରେ ଏହାର ୧୦୦ରୁ ଅଧିକ ସାଂସଦଙ୍କ ମଧ୍ୟରେ ଜଣେ ବି ମୁସଲମାନ ନାହାନ୍ତି। ପ୍ରାୟ ଏକଦଶନ୍ଧି କିମ୍ବା ତା’ ପୂର୍ବରୁ ଏକ ଖବର ପ୍ରକାଶ ପାଇଥିଲା ଯେ, ସାରା ଭାରତରେ ଭାଜପାର ହଜାରରୁ ଅଧିକ ବିଧାୟକଙ୍କ ମଧ୍ୟରେ ଜଣେମାତ୍ର ମୁସଲମାନ ଥିଲେ। ଆମେ ୧୯୪୭ ପରେ ପ୍ରଥମ ଥର ପାଇଁ ଦେଖୁଛୁ ଯେ, କେନ୍ଦ୍ର କ୍ୟାବିନେଟ୍‌ରେ କୌଣସି ମୁସଲମାନ ମନ୍ତ୍ରୀ ନାହାନ୍ତି। ଭାଜପା ବିଷୟରେ ଯଦି ପ୍ରଶଂସା କରିବାର କିଛି ଅଛି, ତାହା ହେଉଛି ତାହାର ସଙ୍କୋଚତା ବା ନୈତିକ ସିଦ୍ଧାନ୍ତ। ଏହା ସତ୍ୟ ଯେ, ପ୍ରଧାନମନ୍ତ୍ରୀଙ୍କ ଅଧୀନରେ ବିଶେଷକରି ଦଳର ଏବର ନେତୃତ୍ୱ ଭାରତର ସବୁଠାରୁ ବଡ଼ ସଂଖ୍ୟାଲଘୁଙ୍କୁ ସମ୍ପୂର୍ଣ୍ଣ ଭାବରେ ବାଦ୍ ଦେବାକୁ ଚାହୁଁଛି, ଯାହାଙ୍କ ବିରୋଧରେ ଏହାର ବଡ଼ ଅସନ୍ତୋଷ ରହିଛି। ଏହି ଦୃଷ୍ଟିକୋଣ ବା ବିଚାରର ଲାଭକ୍ଷତି ବିଷୟରେ ଆମେ ଜାଣିବା ଦରକାର ନାହିଁ, ବରଂ ଦଳର ଅନେକ ଭୋଟର କିଭଳି ଅନୁଭବ କରିଛନ୍ତି ତାହା ଦେଖିବା। ବିଚାରର ପ୍ରସଙ୍ଗ ଆଉ କିଛି ଅଛି। ଭାଜପା ଏବଂ ବିଶେଷକରି ପ୍ରଧାନମନ୍ତ୍ରୀ ଏହି ବାଦଦେବା ବିଷୟକୁ ପ୍ରୋତ୍ସାହିତ କରୁଥିବାବେଳେ ଆମେ କାହିଁକି ‘ସବ୍‌କା ସାଥ, ସବ୍‌କା ବିକାଶ’ ଏବଂ ‘୧୪୦ କୋଟି ଭାରତୀୟ’ ଇତ୍ୟାଦି କଥା ଶୁଣିବାକୁ ପାଉଛୁ ? ଯେଉଁମାନେ ଏପରି କଥାକୁ ନେଇ ଅତି ଉତ୍ସାହୀ ସେମାନଙ୍କୁ ଆଶ୍ୱସ୍ତ କରିବା ପାଇଁ ସ୍ଲୋଗାନଗୁଡ଼ିକ ପ୍ରସ୍ତୁତ କରାଯାଇଛି ଏବଂ ଦୋହରାଯାଇଛି। ଏଗୁଡ଼ିକର ବିଶେଷ ଅର୍ଥ ନାହିଁ, କାରଣ ବାଦ୍ ଦେବା କିମ୍ବା ଭେଦଭାବ କରିବା ପ୍ରକ୍ରିୟାକୁ କିଭଳି ପାଳନ କରାଯାଉଛି ତାହାର ବାସ୍ତବତା ଆମ ସମ୍ମୁଖରେ ଅଛି। ଭାଜପା ତା’ କାର୍ଯ୍ୟଶୈଳୀର ସ୍ୱଚ୍ଛତା ଦୃଷ୍ଟିରୁ କାହିଁକି ଏହା କରିବା ଆବଶ୍ୟକ ତାହାର ଉତ୍ତର ଦେଉନାହିଁ। ଏହା ସତ୍ୟ ଯେ, ମୁସଲମାନଙ୍କୁ ବାଦ୍ ଦେବା ଏବଂ ନିର୍ଯାତନା ଦେବାର ସିଦ୍ଧାନ୍ତ ନେବା ଦ୍ୱାରା, ପ୍ରଧାନମନ୍ତ୍ରୀ ଏହି ପ୍ରକାରର ଆଚରଣ ଏବଂ ଏହି ପ୍ରକାରର ସମାଜ ଚାହୁଁଥିବା ଅନେକ ଲୋକଙ୍କ ସମର୍ଥନ ପାଉଛନ୍ତି। କିନ୍ତୁ ଦଳ ଏହି ସତ୍ୟକୁ ମଧ ଗ୍ରହଣ କରେ ନାହିଁ।

ଦଳ ଏବଂ ପ୍ରଧାନମନ୍ତ୍ରୀଙ୍କର ସଂଖ୍ୟାଲଘୁଙ୍କୁ ସମ୍ପୂର୍ଣ୍ଣ ବାଦ୍ ଦେବାର ଇଚ୍ଛା ଭାରତୀୟ ସମାଜ ଏବଂ ଭାରତୀୟ ସଂସ୍କୃତିରେ ଗ୍ରହଣୀୟ ନୁହେଁ। ଫଳରେ ସେମାନେ ଏଭଳି ଛଳନା କରିବାକୁ ବାଧ ହେଉଛନ୍ତି। ସେମାନଙ୍କ ଘୋଷଣାପତ୍ରରେ ‘ବସୁଧୈବ କୁଟୁମ୍ବକମ୍’ କଥା କିଏ କହୁଛି ? ଏହା ବିରୋଧୀ ଦଳ କହୁନି, କହୁଛି ଭାଜପା। ଯେତେବେଳେ ଭାଜପା ନିଜର ବିଚାରକୁ ପ୍ରଚାର କରିବାକୁ ଆସେ ସେତେବେଳେ ଏହା ଭାରତୀୟ ଜ୍ଞାନ ଉପରେ ନିର୍ଭର କରେ। ନିଶ୍ଚିତ ଭାବରେ, ଭାଜପାର ପ୍ରକୃତ ଏଜେଣ୍ଡା ପାଇଁ ସମର୍ଥକ ବର୍ଗ ଅଛନ୍ତି। ହେଲେ ଏହା ଭାଜପା ଭୋଟରଙ୍କ ମୋଟ ସଂଖ୍ୟା ତୁଳନାରେ କମ୍। ଏହି କାରଣରୁ ‘ବିକାଶ’ ଦଳୀୟ ଯୋଜନାର ଏକ ବଡ଼ ଅଂଶ ଥିଲା କିମ୍ବା ରହିଛି। ତେବେ ଆନୁଷ୍ଠାନିକ ଘୋଷଣାରେ ଏବଂ ବିଶେଷକରି ବିଶ୍ୱ ସହିତ ଜଡ଼ିତ ହେବାରେ ଏହି ସଙ୍କଟଜନକ ସ୍ଥିତିକୁ ଲୁଚାଇ ରଖିବାକୁ ପଡ଼ିବ। ଆମର ଦୁର୍ବଳ କୂଟନୀତିଜ୍ଞଙ୍କ ଏଭଳି ଭେଦଭାବପୂର୍ଣ୍ଣ ବ୍ୟବହାର ସହ ଅଧିକ ଜଡ଼ିତ ହେବାକୁ ପଡୁଥିବାବେଳେ ବିଦେଶରେ ଉଦାରବାଦର ଛଳନା କରୁଛନ୍ତି। ଆମେରିକା ଗସ୍ତ ସମୟରେ, ବୈଦେଶିକ ମନ୍ତ୍ରୀ ଜୟଶଙ୍କର ଡୋନାଲ୍ଡ ଟ୍ରମ୍ପଙ୍କ ପୂର୍ବତନ ଜାତୀୟ ସୁରକ୍ଷା ପରାମର୍ଶଦାତା ଜେନେରାଲ ଏଚ.ଆର୍. ମ୍ୟାକ୍‌ମାଷ୍ଟରଙ୍କ ସହିତ ଏକ ସାକ୍ଷାତ ଆଲୋଚନା କରିଥିଲେ। ଭାରତ ସମ୍ପର୍କରେ ଜାଣିଥିବା ଏବଂ ଭାରତ ଗସ୍ତ କରିଥିବା ଜେନେରାଲ ଜୟଶଙ୍କରଙ୍କୁ ପ୍ରଶ୍ନ କରିଥିଲେ: ‘‘ମୁଁ ଆପଣଙ୍କୁ ପଚାରିବାକୁ ଚାହେଁ ଯେ ଆପଣ ଆପଣଙ୍କ ଦେଶରେ ରାଜନୈତିକ ବିକାଶକୁ କିପରି ଦେଖନ୍ତି। ଆପଣ ଜଣେ ପକ୍ଷପାତ ବ୍ୟକ୍ତି ନୁହନ୍ତି। ଆପଣ ଅନେକ ପ୍ରଶାସନରେ ସ୍ୱତନ୍ତ୍ର ଭାବରେ କାର୍ଯ୍ୟ କରିଛନ୍ତି। ଏହି ହିନ୍ଦୁତ୍ୱ ନୀତିଗୁଡ଼ିକ ମଧ୍ୟରୁ କିଛି ବିଷୟରେ ସଙ୍କଟଜନକ ସ୍ଥିତିକୁ ନେଇ ସମସ୍ୟା ରହିଛି, ଯାହା ଭାରତୀୟ ଗଣତନ୍ତ୍ରର ଧର୍ମନିରପେକ୍ଷ ପ୍ରକୃତିକୁ ଦୁର୍ବଳ କରିପାରେ ...ଏବଂ ଭାରତର ବନ୍ଧୁମାନେ ଏହି ସାମ୍ପ୍ରତିକ ଧାରା ବିଷୟରେ ଅଧିକ ଉତ୍ସୁକ ହେବା କ’ଣ ଠିକ ?’ ଜୟଶଙ୍କର ସିଧାସଳଖ ପ୍ରଶ୍ନର ଉତ୍ତର ଦେବାକୁ ଏଡ଼ାଇ ଯାଇ ରାଶନ ବଣ୍ଟନ ଏବଂ ନଗଦ ସ୍ଥାନାନ୍ତର କିପରି ହୋଇଥିଲା ସେ ସମ୍ପର୍କିତ ଆଲୋଚନାରେ ସାମିଲ ହୋଇଥିଲେ। ମ୍ୟାକମାଷ୍ଟର ପଚାରିଥିବା ହିନ୍ଦୁତ୍ୱ ନୀତିର ସମସ୍ୟା ସମ୍ବନ୍ଧୀୟ ନିର୍ଦ୍ଦିଷ୍ଟ ପ୍ରଶ୍ନର ଉତ୍ତର ଜୟଶଙ୍କର ଦେଇ ନ ଥିଲେ।

ସେଗୁଡ଼ିକ କ’ଣ ? ସେଗୁଡ଼ିକ ହେଉଛି ଭାରତର ନାଗରିକତ୍ୱରେ ଧର୍ମର ପ୍ରବେଶ। ସେସବୁ ହେଉଛି ମୁସଲମାନ ବିବାହ ଏବଂ ମୁସଲମାନ ଛାଡ଼ପତ୍ରକୁ କିମ୍ବା ଗୋମାଂସ ରଖିବାକୁ ଅପରାଧ ଭାବେ ବିବେଚନା କରୁଥିବା ନୂତନ ଆଇନ, ଗୁଜରାଟରେ ଆଇନ ଅନୁଯାୟୀ ମୁସଲମାନଙ୍କୁ ଜୋରଜବରଦସ୍ତ ସହରର ଏକ ଅନୁନ୍ନତ ଅଞ୍ଚଳରେ ଗୋଷ୍ଠୀଗତ ଭାବେ ରଖାଇବା, କଶ୍ମୀରରେ ସମବେତ ଲୋକଙ୍କ ଉପରେ ଗୁଳି ଚଳାଇବା ଏବଂ କୋଭିଡ୍ ସଂକ୍ରମଣ କରାଇବା ଅଭିଯୋଗରେ ସେମାନଙ୍କୁ ବିପଜ୍ଜନକ ଦର୍ଶାଇବା। ଏଗୁଡ଼ିକ ହେଉଛି ସେହି ବିଷୟ, ଯାହା ସମ୍ପର୍କରେ ଭାରତର ବନ୍ଧୁମାନେ ଉତ୍ସୁକ ଥିଲେ। ଜୟଶଙ୍କର ‘ହିନ୍ଦୁତ୍ୱ’ ଶବ୍ଦ ବ୍ୟବହାର ନ କରି ଏବଂ ସାରା ବିଶ୍ୱରେ ଭାରତକୁ ଯେଉଁ ଆଇନ ପାଇଁ ସମାଲୋଚନା କରାଯାଉଥିଲା ତାହା ଉଲ୍ଲେଖ ନ କରି ମ୍ୟାକ୍‌ମାଷ୍ଟରଙ୍କୁ ଉତ୍ତର ଦେଇଥିଲେ। ସେ ବିତର୍କକୁ ଏଡ଼ାଇଯିବାର କାରଣ ହେଉଛି, ମ୍ୟାକ୍‌ମାଷ୍ଟରଙ୍କ ପ୍ରଶ୍ନର କୌଣସି ଉତ୍ତର ତାଙ୍କ ପାଖରେ ନ ଥିଲା। ହିନ୍ଦୁତ୍ୱ ମାଧ୍ୟମରେ ଭାରତ ନିଜକୁ ଏବଂ ନିଜ ଲୋକଙ୍କୁ କ୍ଷତି ପହଞ୍ଚାଉଛି ବୋଲି ଅଭିଯୋଗର ଉତ୍ତର ଦେବା ପାଇଁ କେବଳ ଏକମାତ୍ର ଉପାୟ ଥିଲା ଏହି ପ୍ରସଙ୍ଗକୁ ଏଡ଼ାଇ ଯିବା।

Email:aakar.patel@gmail.com

# ବିକାଶ ପାଇଁ ବିଶେଷଜ୍ଞ ଲୋଡ଼ା



ଡ. ପ୍ରମୋଦ କୁମାର ପଣ୍ଡା

ଓଡ଼ିଶା ଦେଶର ଅଷ୍ଟମ ବୃହତ୍ତମ ରାଜ୍ୟ। ପ୍ରାଚୀନ କାଳରୁ କଳିଙ୍ଗ ଏକ ଐତିହ୍ୟ ସମ୍ପନ୍ନ ଓ ସମୃଦ୍ଧିଶାଳୀ ରାଜ୍ୟ ହିସାବରେ ନିଜକୁ ପ୍ରତିଷ୍ଠିତ କରିପାରିଥିଲା। ମଧ୍ୟଯୁଗରେ ଉତ୍କଳ ମଧ ବିଶ୍ୱ ସମ୍ମୁଖରେ ନିଜର ଉତ୍କର୍ଷତା ପ୍ରତିପାଦନରେ ସକ୍ଷମ ଥିଲା। ମାତ୍ର ପ୍ରକୃତି ଆମକୁ ବିକାଶର ସମସ୍ତ ଉପାଦାନ ପ୍ରଦାନ କରିଥିବା ବେଳେ ଓଡ଼ିଶା ବିକଶିତ ରାଜ୍ୟ ନ ହେବା ଦୁଃଖ ଓ ପରିତାପର ବିଷୟ। ସମଗ୍ର ଦେଶରେ ବାର୍ଷିକ ବୃଷ୍ଟିପାତ ୧୨୦୦ ମିଲିମିଟର ହେଉଥିବା ବେଳେ ଆମର ୧୫୦୦ ମିଲିମିଟର। ସମଗ୍ର ଦେଶରେ ୮ ପ୍ରକାର ମୃତ୍ତିକା ଥିବାବେଳେ ଓଡ଼ିଶାରେ ମଧ ୮ ପ୍ରକାର ମୃତ୍ତିକା ଅଛି। ସମଗ୍ର ଦେଶରେ ଅନୁଭୂତ ବିଭିନ୍ନ ଜଳବାୟୁ ଆମ ରାଜ୍ୟରେ ବି ଉପଲବ୍ଧ। ସମୁଦ୍ର ପତନଠାରୁ ଦେଓମାଳିର ଶିଖର (୬୦୦୦ ଫୁଟ) ପର୍ଯ୍ୟନ୍ତ ବିଭିନ୍ନ ଭୂମିରୂପ ଆମ ପାଖରେ ରହିଛି। ୪୮୫ କିଲୋମିଟର ସୁଗମ୍ୟ ବେଳାଭୂମି ଓ ସାମୁଦ୍ରିକ ବନ୍ଦର, ଚିଲିକା ରାଣୀର ପ୍ରାକୃତିକ ସୌନ୍ଦର୍ଯ୍ୟ ସହିତ ଗଗନଚୁମ୍ବୀ ଦେଉଳ ପର୍ଯ୍ୟଟନ ବୃଦ୍ଧି ପାଇଁ ଉତ୍କୃଷ୍ଟ ଉପାଦାନ। ଦେଶର ସମୁଦାୟ ଲୁହାପଥରରୁ ୨୮ ଭାଗ ଓଡ଼ିଶାରେ। ଦେଶର ସମୁଦାୟ କୋଇଲାରୁ ୨୪ ଭାଗ ଓଡ଼ିଶାରେ। ଦେଶର ମୋଟ ଆଲୁମିନିୟମରୁ ୫୯ ଭାଗ ଓଡ଼ିଶାରେ। ଦେଶର ମୋଟ୍ କ୍ରୋମାଇଟ୍‌ର ୯୮ ଭାଗ ମଧ ଓଡ଼ିଶାରେ। ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ଆବଶ୍ୟକ ଲକ୍ଷ ଲକ୍ଷ ମାନବ ସମ୍ବଳ (ଦାଦନ ଶ୍ରମିକ) ମଧ ଆମ ପାଖରେ ଉପଲବ୍ଧ। ଅନ୍ୟ ବିକଶିତ ରାଜ୍ୟ ପାଇଁ ଏହି ଶ୍ରମିକମାନେ ମୂଲ୍ୟବାନ୍ ସାବ୍ୟସ୍ତ ହେଉଥିବା ବେଳେ ଆମ ପାଇଁ ସେମାନେ ଅଦରକାରୀ। ଆମର ଆଉ ଏକ ସମ୍ବଳ ହେଉଛି ୫ କୋଟି ଶାକାହାରୀ ଓ ମାଂସାହାରୀ ଜନସଂଖ୍ୟା।

ଏଠାରେ ପ୍ରଶ୍ନ ଉଠେ, ବିକାଶର ଏତେ ସବୁ ଉପାଦାନ ଆମ ପାଖରେ ଉପଲବ୍ଧ ଥିବାବେଳେ ଆମେ କାହିଁକି ଆଶାନୁରୂପ ବିକାଶ ହାସଲ କରିପାରୁନାହେଁ? ଏହାର ନାନାବିଧ କାରଣ ରହିଛି। ସେଥିମଧ୍ୟରୁ ଏକ ପ୍ରଧାନ କାରଣ ହେଉଛି ଦୃଢ଼ ନେତୃତ୍ୱ ଓ ତାକୁ ସଠିକ୍ ମାର୍ଗରେ ପରିଚାଳନା କରିବା ପାଇଁ ଦୂରଦୃଷ୍ଟିସମ୍ପନ୍ନ ଉପଦେଷ୍ଟା। ଏହାର ଉଦାହରଣ ଇତିହାସ ପୁରାଣରେ ଭରପୂର। ମହାଭାରତ ଯୁଦ୍ଧରେ ଭଗବାନ କୃଷ୍ଣ ସାରଥି ନ ହୋଇଥିଲେ ଅର୍ଜୁନଙ୍କର ଯୁଦ୍ଧ ଜିତିବା ଅସମ୍ଭବ ଥିଲା। ସେହିପରି ଚାଣକ୍ୟ ମୌର୍ଯ୍ୟ ସାମ୍ରାଜ୍ୟର ଉତ୍ଥାନର ଅନ୍ୟତମ କାରଣ କୁହାଯାଏ। ବିକ୍ରମାଦିତ୍ୟଙ୍କ ରାଜସଭାରେ ନବରତ୍ନ ଉପଦେଷ୍ଟାମଣ୍ଡଳୀ କଥା ତ ସମସ୍ତେ ଜାଣନ୍ତି। ଆକବରର ବୀରବଲ କଥା ମଧ ସମସ୍ତେ ଜାଣନ୍ତି। ଆଧୁନିକ ଯୁଗରେ ଭାରତର ନେତୃବୃନ୍ଦଙ୍କୁ ଠିକ୍ ମାର୍ଗଦର୍ଶନ ପାଇଁ ଯୋଜନା



ଆୟୋଗ ଗଠିତ ହୋଇଥିଲା ଓ ତା’ର ମୁଖ୍ୟ ଜଣେ ଦକ୍ଷ ଉପଦେଷ୍ଟା ହେଉଥିଲେ। ସେ ଡ. ମନମୋହନ ସିଂହ ହୁଅନ୍ତୁ କିମ୍ବା ଡ.ମଣ୍ଟେକ୍ ସିଂହ ଆହ୍ଲୁୱାଲିଆ ହୁଅନ୍ତୁ କିମ୍ବା ଡ. ଅରବିନ୍ଦ ପାନଗାରିଆ ପ୍ରମୁଖ। କୌଣସି ଦେଶ ବା ରାଜ୍ୟର ଶାସନ ଏକ ଧାବମାନ ଘୋଡ଼ା ସଦୃଶ। ଯେ ପର୍ଯ୍ୟନ୍ତ ଏହାର ଲଗାମ ଲାଗେ ନାହିଁ, ସେ ପର୍ଯ୍ୟନ୍ତ ଏହା କାମରେ ଆସେ ନାହିଁ।

ମୁଁ ଏଠାରେ ଶାସକମାନଙ୍କୁ ନ୍ୟୂନ କରିବାକୁ ଚାହୁଁନାହିଁ। ମୋ ମତରେ ଶାସକର କାର୍ଯ୍ୟ ହେଲା ଯୋଜନା କାର୍ଯ୍ୟକାରୀ କରିବା। ମାତ୍ର କେଉଁ ଯୋଜନା ଠିକ୍, ଦୂରଦର୍ଶୀ ଓ କେମିତି କାର୍ଯ୍ୟକାରୀ ହେବ, ସେ ସବୁ ବିଷୟରେ ବିଶେଷଜ୍ଞମାନେ ଅଧିକ ଦକ୍ଷ। ତେଣୁ ପୃଥିବୀସାରା ବିଶେଷଜ୍ଞଙ୍କୁ ଲୋଡ଼ାଯାଏ। ମାତ୍ର ଦୁଃଖର କଥା, ଓଡ଼ିଶାରେ ବିଶେଷଜ୍ଞଙ୍କୁ ସେତେଟା ଗୁରୁତ୍ୱଦେବାର ଦେଖାଯାଏନି। ଅର୍ଥାତ୍, ଆମେ ରାଜ୍ୟ ଯୋଜନା ବୋର୍ଡକୁ ଚଳଚଞ୍ଚଳ କରିବାର ନଜିର ମିଳେ ନାହିଁ। ଯେତେବେଳେ ଯୋଜନା ବୋର୍ଡ ଗଠନ ହୁଏ, ସେତେବେଳେ ଏକ ରାଜନେତାଙ୍କୁ ବସାଇ ଦିଆଯାଏ। ବିଶେଷଜ୍ଞଙ୍କୁ ନିଯୁକ୍ତି ଦେବା ଓ ତାଙ୍କ ପରାମର୍ଶ ଗ୍ରହଣ କରିବା କ୍ୱଚିତ୍ ଦେଖାଯାଏ। ଏପରିକି ଯୋଜନା ବୋର୍ଡ ମିଟିଂ ବସିବାକୁ ଆମେ ସେତେ ଗୁରୁତ୍ୱ ଦେଉନାହୁଁ। ସେହିପରି ସ୍ଥିତି ଜିଲା ଯୋଜନା ବୋର୍ଡର ମଧ। ବନ୍ଧୁ ଓ ବିକଶିତ କରିବା ପାଇଁ ଦୂରଦୃଷ୍ଟିସମ୍ପନ୍ନ ଓ ଫଳଦାୟୀ ଯୋଜନାର ଆବଶ୍ୟକତା ଅଛି। ଆପଣ କେବେ ଦେଖିବେନି ଯେ ଭାରତର ନୀତି ଆୟୋଗରେ ରାଜନେତାମାନଙ୍କୁ ସ୍ଥାନିତ କରାଯାଇଛି। କାରଣ ସେମାନଙ୍କ ଅନୁପସ୍ଥିତିରେ ଦେଶକୁ ଉଚିତ ଦିଶା ମିଳିବା କଷ୍ଟ। ମାତ୍ର ଓଡ଼ିଶାରେ ଆମେ ବିଶେଷଜ୍ଞଙ୍କ ମହତ୍ତ୍ୱ ଆଜି ବି ବୁଝିନାହୁଁ। ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ଠିକ ବିଶେଷଜ୍ଞ ନିଯୁକ୍ତି ଓ ସେମାନଙ୍କ ପରାମର୍ଶକ୍ରମେ ଯୋଜନା ପ୍ରସ୍ତୁତ ଓ କାର୍ଯ୍ୟକାରୀ କଲେ ଆମେ ସୁଫଳ ପାଇବା।

୧୯୩୬ ମସିହା ତୁଳନାରେ ଆମେ ଅନେକ ପ୍ରଗତି ହାସଲ କରିଛେ, ମାତ୍ର ଅନ୍ୟାନ୍ୟ ବିକଶିତ ରାଜ୍ୟ ଯଥା ପଞ୍ଜାବ, ହରିୟାଣା, ଗୁଜରାଟ, ତାମିଲନାଡୁ ପ୍ରଭୃତି ତୁଳନାରେ ବହୁ ପଛରେ ପଡ଼ିଯାଇଛେ। ଆମେ କରଦାତାଙ୍କ ବହୁ ପଇସା ଖର୍ଚ୍ଚ କରୁଛେ ବିଭିନ୍ନ ବିକାଶମୂଳକ କାର୍ଯ୍ୟରେ, ମାତ୍ର ରାଜ୍ୟ ବିକାଶରେ ତାହା ପ୍ରତିଫଳିତ ହେଉନାହିଁ। ରାଜ୍ୟର ଋଣଭାର ପାଖାପାଖି ୧.୨୬ ଲକ୍ଷ କୋଟିରେ ପହଞ୍ଚିଲାଣି। ଆମର ଭିତ୍ତିଭୂମି ସୁଦୃଢ଼ ପ୍ରକଳ୍ପଗୁଡ଼ିକ ଅନେକ ବର୍ଷ ଧରି କାର୍ଯ୍ୟକାରୀ ହେବା ଦ୍ୱାରା ଅସମ୍ପୂର୍ଣ୍ଣ ଅବସ୍ଥାରେ ଫଳ ନ ଦେଇ ବ୍ୟୟ ଅଟକଳ ବଢ଼ାଇବାରେ ଲାଗିଛନ୍ତି। ଅବଶ୍ୟ ବର୍ତ୍ତମାନ ସରକାର ଯୋଜନା ବୋର୍ଡ ଭାଙ୍ଗି ଓଡ଼ିଶା ଗଠନ ପାଇଁ ନିଷ୍ପତ୍ତି ନେଇଛନ୍ତି। ମାତ୍ର କେନ୍ଦ୍ରୀୟ ଯୋଜନା ବୋର୍ଡ ବା ନୀତି ଆୟୋଗ ଢାଞ୍ଚାରେ ଏହା ଗଠନ ହେଲେ ହିଁ ତା’ର ସୁଫଳ ନିଶ୍ଚୟ ମିଳିବ। ମାତ୍ର ଯଦି ଓଡ଼ିଶାକୁ ରାଜନୈତିକ ଥଇଥାନ କେନ୍ଦ୍ର କରାଯିବ, ତା’ହେଲେ ଏହା ଏକ ଦରମାଖିଆ ଯୋଜନା ବୋର୍ଡ ବା ସିଟି ଅନୁଷ୍ଠାନରେ ପରିଣତ ହେବ ଓ ବିଶେଷ କିଛି ଲାଭ ହେବନି। ସେହିପରି ଯଦି ଔପଚାରିକ ଭାବେ ଯୋଜନା ବୋର୍ଡ ବା ସିଟି ଆୟୋଗ ଗଠନ ହେବ ଏବଂ ତା’ର ଉପଦେଶକୁ କୌଣସି ବିଭାଗ ମାନିବେ ନାହିଁ, ତା’ହେଲେ କିଛି ଲାଭ ହେବନି।

ଭାରତ ଚନ୍ଦ୍ରଯାନର ସଫଳତା ପରେ ଗଗନ ଯାନ ପାଇଁ ପ୍ରସ୍ତୁତି କରୁଥିବାବେଳେ ଓଡ଼ିଶାର ଶାସନ ଶୀତଳଭଣ୍ଡାର ଏବଂ ଜଳସେଚନ ପ୍ରକଳ୍ପ ନ କରିପାରିବା ଆମ ପାରିବାପଣିଆ ଉପରେ ପ୍ରଶ୍ନ ଚିହ୍ନ ଲଗାଉଛି। ଅବଶ୍ୟ ଛତିଶଗଡ଼ ଖୁବ୍ କମ୍ ଦିନ ମଧ୍ୟରେ ଅନେକ ନଦୀବନ୍ଧ ମହାନଦୀ ଉପରେ କରିପାରିଲା, କିନ୍ତୁ ଆମେ ଗୋଟିଏ ବି କରିପାରିଲେ ନାହିଁ। ତେଣୁ ଶାସନକୁ ଅତ୍ୟଧିକ ଅମଲାତାନ୍ତ୍ରିକ କଲେ ମଧ ବିଶେଷ ଫଳ ପ୍ରାପ୍ତ ହେବନି। କାରଣ ଅମଲାଙ୍କ ପରାମର୍ଶରେ ଏତେ ବର୍ଷ ହେବ ଶାସନ ଚାଲିଛି ଓ ବିଶେଷ କିଛି ଲାଭ ମିଳୁନି। ସୂଚନା ପ୍ରଯୁକ୍ତି ଯୁଗରେ ଆମକୁ ବିଶେଷଜ୍ଞଙ୍କ ଉପଦେଶର ଆବଶ୍ୟକତା ଅଛି। ପୂର୍ବେ ଓଡ଼ିଶାରେ ଜ୍ଞାନୀ ଗୁଣୀ ଲୋକଙ୍କୁ ଆଦର ସମ୍ମାନ କରାଯାଉଥିଲା ସମାଜରେ। ସେଥିପାଇଁ ବିଶ୍ୱସ୍ତରୀୟ ଦାର୍ଶନିକ, ଲେଖକ, କବି, ଧର୍ମଗୁରୁ ଆଦି ଏ ମାଟିରୁ ସୃଷ୍ଟି ହୋଇ ପାରିଥିଲେ। ବିଗତ କିଛି ବର୍ଷ ହେବ ଆମର ସ୍ୱାଦ ବଦଳିଯାଇଛି। ଆମେ ସ୍ୱାର୍ଥକୈନ୍ଦ୍ରିକ ହୋଇ ନୈତିକ ଅଧୋପତନ ରାସ୍ତାରେ ଗତି କରୁଛେ। ଗାଁରୁ ସହରଯାଏ ଜ୍ଞାନୀ ଗୁଣୀ ଲୋକର ଉପଦେଶ ଗ୍ରହଣ କରିବା ତ ଦୂରର କଥା, ତାଙ୍କୁ ସମ୍ମାନ ଟିକିଏ ଦେବାକୁ ନୂଆ ପିଢ଼ି କୁଣ୍ଠାବୋଧ କଲେଣି। କେବଳ ସରକାରୀ ଶାସନ ସ୍ତରରେ ନୁହେଁ, ଓଡ଼ିଶାରେ ସବୁ କ୍ଷେତ୍ରରେ ବିଶେଷଜ୍ଞଙ୍କ ପରାମର୍ଶର ଆବଶ୍ୟକତା ରହିଛି। ତେଣୁ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବିଶେଷଜ୍ଞଙ୍କୁ ନିଯୁକ୍ତି ଦେଇ କାର୍ଯ୍ୟ କଲେ ନିଶ୍ଚିତ ରୂପେ ଆମେ ଓ ବିକଶିତ ଓଡ଼ିଶାରେ ପରିବର୍ତ୍ତନ ଆଣିପାରିବା। ଏହା ହିଁ ସମଗ୍ର ଗୀତାର ସାରାଂଶ, ଯାହାକି ଗୀତାର ଶେଷ ଶ୍ଳୋକରେ ଉଲ୍ଲେଖ କରାଯାଇଛି। ଯତ୍ର ଯୋଗେଶ୍ୱର କୃଷ୍ଣ, ଯତ୍ର ପାର୍ଥ ଧନୁର୍ଦ୍ଧର ; ତତ୍ର ଶ୍ରୀ ବିଜୟରଭୂତି ଧ୍ରୁବା ନୀତିର ମତିରମମହ। ଅର୍ଥାତ୍ ଯେଉଁଠାରେ କୃଷ୍ଣଙ୍କର ଜ୍ଞାନ ଓ ଦୂରଦୃଷ୍ଟି ସହିତ ଅର୍ଜୁନଙ୍କ ପରିଶ୍ରମର ମିଶ୍ରଣ ହୁଏ, ସେଠାରେ ବିଜୟ ସୁନିଶ୍ଚିତ।

ପ୍ରଧାନ ବୈଜ୍ଞାନିକ, ଭାରତୀୟ ଜଳ
ପରିଚାଳନା ପ୍ରତିଷ୍ଠାନ, ଭୁବନେଶ୍ୱର
ମୋ: ୮୯୧୭୪୨୬୪୪୦

# ଟ୍ରେନ୍ ଯାତ୍ରାରେ ଶିଶୁ ଅଧିକାର



ଡ. ବିରଞ୍ଚି ନାରାୟଣ ସେଠ୍

ଚଳିତ ମାସ ୨ ତାରିଖରେ ମୁଁ ରାଜଧାନୀ ଭୁବନେଶ୍ୱରରୁ ମୋ ଘର ଢେଙ୍କାନାଳକୁ ଟ୍ରେନରେ ଫେରୁଥିଲି। ସମୟ ପ୍ରାୟ ୫ଟା ୧୦ରୁ ୬ଟା ୫୦ ମିନିଟ୍ ସମୟ ମଧ୍ୟରେ। ମୋ ପାଖ ସିଟ୍ ନିକଟରେ ଜଣେ ମା’ ତାଙ୍କର ବର୍ଷକର ପୁଅକୁ ଧରି ବସିଥିଲେ। ଟ୍ରେନ ଛାଡ଼ିବାର ଅଧଘଣ୍ଟା ପରେ ଶିଶୁଟି କାନ୍ଦିବାକୁ ଲାଗିଲା। କାନ୍ଦିବାର ଜାଣି ଶିଶୁଟିକୁ ମା’ ସ୍ତନପାନ କରିବା ପାଇଁ ବ୍ୟସ୍ତ ହେଲେ। ମା’ ଜାଣିପାରେ ଶିଶୁର ସମୟ ଅନୁସାରେ କାନ୍ଦକୁ। ମା’ ଜଣକ ଟ୍ରେନ୍‌ରେ ଭୁବନେଶ୍ୱରରୁ ଅନୁଗୋଳ ଯାଉଥିଲେ। ସବୁ ସିଟ୍‌ରେ ଯାତ୍ରୀ ବସିଥିଲେ। କୌଣସିଠାରେ ସିଟ୍ ଖାଲି ନ ଥିଲା। ମା’ଙ୍କୁ ଯେଉଁ ଗୋପନୀୟତା ବା ଏକାନ୍ତ ସ୍ଥାନର ଆବଶ୍ୟକତା ରହିଛି ତାହା ସେଠାରେ ନ ଥିଲା। ମା’ ଜଣକ ଚାରିଆଡ଼େ ଚାହୁଁଥିଲେ ମାତ୍ର ସେଠି ସେମିତି କୌଣସି ସୁବିଧା ନ ଥିଲା। ଶିଶୁଟିକୁ ବୁଝାଇବାକୁ ଚେଷ୍ଟା କଲେ ମଧ ସେ ଅଧିକ କାନ୍ଦିବାକୁ ଲାଗିଲା। ମା’ ବାଧ୍ୟ ହୋଇ ଲୁଗା ଘୋଡ଼ାଇ ଶିଶୁଟିକୁ କିଛି ସମୟ ପାଇଁ ସ୍ତନ୍ୟପାନ କରାଇଥିଲେ। ଶିଶୁଟିକୁ ସ୍ତନ୍ୟ ପାନ କରିବା ପାଇଁ ସେହି ମା’ଙ୍କୁ ପ୍ରାୟ ୨୦ରୁ ୩୦ ମିନିଟ ସମସ୍ତଙ୍କ ସାମ୍ନାରେ ଅପେକ୍ଷା କରିବାକୁ ପଡ଼ିଥିଲା।

ସମାଜରେ ନାରୀ ସୁରକ୍ଷା ପାଇଁ ତଥା ସେମାନଙ୍କ ଗୋପନତାକୁ ନେଇ ସରକାର ବିଭିନ୍ନ ପ୍ରକାର ପଦକ୍ଷେପ ନେଉଛନ୍ତି। ଯେପରି କି ଅନେକ ସରକାରୀ ସଂସ୍ଥା ଓ ବେସରକାରୀ ସଂସ୍ଥା ତରଫରୁ କାର୍ଯ୍ୟାଳୟ ପରିସରରେ ଶିଶୁର ସ୍ତନ୍ୟପାନ କରିବା ପାଇଁ ସ୍ୱତନ୍ତ୍ର କୋଠରିର ବ୍ୟବସ୍ଥା କରାଯାଇଛି। ମାତ୍ର କେନ୍ଦ୍ର ରେଳ ବିଭାଗ ତରଫରୁ ପାସେଞ୍ଜର କିମ୍ବା ଇଣ୍ଟରସିଟି ଏକ୍ସପ୍ରେସ ଟ୍ରେନ୍‌ରେ ମହିଳାମାନେ ଶିଶୁମାନଙ୍କର ସ୍ତନ୍ୟପାନ କରାଇବା ପାଇଁ ସରକାରଙ୍କ ତରଫରୁ କୌଣସି ବ୍ୟବସ୍ଥା ନାହିଁ। ଏହି ଟ୍ରେନ ଗୁଡ଼ିକରେ ଅଧିକ ସଂଖ୍ୟାରେ ଯାତ୍ରୀ ନିଜ ଦୈନନ୍ଦିନ କାମ ପାଇଁ ଗୋଟିଏ ସହରରୁ ଆଉ ଗୋଟିଏ ସହରକୁ ଯାଇଥାନ୍ତି। ମାତ୍ର ଟ୍ରେନ୍‌ରେ ମା’ ଓ ଶିଶୁଙ୍କ ଅଧିକାର ଏବଂ




ସୁରକ୍ଷା ପାଇଁ ଏହି ବ୍ୟବସ୍ଥା ରହିବା ଆବଶ୍ୟକ।

ଶିଶୁମାନେ ଦେଶର କେବଳ ଭବିଷ୍ୟତ ନୁହନ୍ତି ବରଂ ସାମାଜିକ ଓ ଅର୍ଥନୈତିକ ଆସେଟ କରିବା ଭୁଲ୍ ହେବ ନାହିଁ। ଗତ ମାସରେ ପୁରୀ ଶ୍ରୀମନ୍ଦିରରେ ପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ ପରେ ମନ୍ଦିର ପରିସରରେ ସ୍ତନ୍ୟପାନ କରିବାର ବ୍ୟବସ୍ଥା ଥିବାର ଦେଖିବାକୁ ମିଳିଥିଲା। ଏହିପରି ବ୍ୟବସ୍ଥା ଦେଖି ବେଶ୍ ଖୁସି ଲାଗିଥିଲା। ମା’ ଓ ଶିଶୁର ସୁରକ୍ଷା ପାଇଁ ତଥା ଦେଶର ସମ୍ପଦ ପାଇଁ ବିଳମ୍ବ ନ କରି ଏହାକୁ ଅଗ୍ରାଧିକାର ଭିତ୍ତିରେ ସ୍ୱୀକୃତି ଦେବାକୁ ହେବ। ଜୁଭେନାଇଲ୍ ଜଷ୍ଟିସ ଆକ୍ଟ (ସଂଶୋଧନ) ଅନୁଯାୟୀ ଶିଶୁର ୪ଟି ଅଧିକାର ମଧ୍ୟରୁ ସବୁବେଳେ ଆଇନ ଶିଶୁର ବେଷ୍ଟ ଇଣ୍ଟରେଷ୍ଟକୁ ପ୍ରାଧାନ୍ୟ ଦେବା ପାଇଁ ଗୁରୁତ୍ୱ ଦେଇଛି। ଶିଶୁ ନ୍ୟାୟ ଅଧିକାର ଆଇନ ଅନୁଯାୟୀ ଶିଶୁର ଚାରିଟି ଅଧିକାର ମଧ୍ୟରୁ ବଞ୍ଚିବାର ଅଧିକାର ଓ ନିଜ ବିକାଶର ଅଧିକାରକୁ ସମସ୍ତେ ସୁନିଶ୍ଚିନ୍ତ କରିବା ଆବଶ୍ୟକ। ତେଣୁ ଆଇନକୁ ସମ୍ମାନ ଦେବା ସହ ମା’ ଓ ଶିଶୁର ଅଧିକାରକୁ ଠିକ୍ ସ୍ଥାନରେ ଗୁରୁତ୍ୱ ନେଇ ବ୍ୟବସ୍ଥା କରିପାରିଲେ ଶିଶୁ ପାଇଁ ଏହା ହେବ ସ୍ନେହ ଓ ସମ୍ମାନ।

ପ୍ରତ୍ୟେକ ଶିଶୁର ଦେଶ ଗଠନରେ ଭୂମିକା ରହିଛି। ତେଣୁ ଶିଶୁମାନଙ୍କର ଅଧିକାରକୁ ସସମ୍ମାନ ସବୁ ସ୍ତରରେ ଦେବା ଆବଶ୍ୟକ। ଦେଶ ଗଠନରେ ମହିଳା ଓ ଶିଶୁଙ୍କୁ ଅଗ୍ରାଧିକାର ଦେଇପାରିଲେ ଲକ୍ଷ୍ୟ ହାସଲ ହୋଇପାରିବ। ବିକଶିତ ଭାରତ ଗଠନ ହୋଇପାରିବ। ସେହିଦିନ ଟ୍ରେନ ଯାତ୍ରାର ଅନ୍ୟ ଏକ ଶିଶୁ କାନ୍ଦିବାର ଦୃଶ୍ୟ ଦେଖିଲି। ସେ ମୋ ଡାହାଣ ପଟରେ ବସି ଏକ ମୋବାଇଲ ବ୍ୟବହାର କରୁଥିବାର ଦେଖିଲି। ଶିଶୁ କିଶୋର ଓ ମାତା ପିତା ମୋ ସାମ୍ନାରେ ଅନ୍ୟ ଏକ ସିଟ୍‌ରେ ବସିଥିଲେ। ପ୍ରାୟ ୧ ଘଣ୍ଟା କାଳ ଶିଶୁଟି ମୋବାଇଲ ଖୋଲି ସାମାଜିକ ଗଣମାଧ୍ୟମ ଓ ୟୁଟ୍ୟୁବ୍‌ରେ ଇଚ୍ଛା ମୁତାବକ ଦେଖୁଥିଲା। ସେହି ସମୟରେ ମା’ ବାପା ପରସ୍ପର କଥାବାର୍ତ୍ତା ହେଉଥିଲେ। ସେମାନେ ବ୍ୟସ୍ତ ରହିବା ପାଇଁ ଭୁବନେଶ୍ୱର ଷ୍ଟେସନରେ ଟ୍ରେନ୍ ଚଢ଼ିବା ପରେ ଶିଶୁକନ୍ୟାକୁ ମୋବାଇଲ ଧରାଇଦେଲେ। ଟିକେ ଭାବି ଦେଖନ୍ତୁ ଏହାଦ୍ୱାରା ସେମାନେ କେତେବଡ଼ ଭୁଲ୍ କରୁଛନ୍ତି।

ସହକାରୀ ପ୍ରାଧ୍ୟାପକ,ଆଇଆଇଏମ୍‌ସି,
ଢେଙ୍କାନାଳ
ମୋ:୯୩୩୭୦୫୪୮୬୨

## ଏଇ ଭାରତରେ

ହାଇଦ୍ରାବାଦର ମହମ୍ମଦ ଅଜିଜ୍ ମେଡିକାଲରେ ଚିକିତ୍ସିତ ରୋଗୀ ଓ ସେମାନଙ୍କ ପାଖରେ ରହୁଥିବା ବ୍ୟକ୍ତିଙ୍କ ପାଇଁ ମାଗଣାରେ ଖାଦ୍ୟ ଯୋଗାଉଛନ୍ତି। ସେ ପ୍ରତିଦିନ ହାଇଦ୍ରାବାଦର ଏନ୍‌ଆଇଏମ୍‌ଏସ୍ ହସ୍ପିଟାଲ ବାହାରେ ସକାଳୁ ସେମାନଙ୍କୁ ରନ୍ଧା ଖାଦ୍ୟ ଦେଉଛନ୍ତି। ୧୦ ବର୍ଷ ପୂର୍ବରୁ ଅଜିଜ୍ ଏହି କାମ କରିଆସୁଛନ୍ତି। ଏଥିପାଇଁ ସେ ହାଇଦ୍ରାବାଦର ‘ଫୁଡ୍‌ମ୍ୟାନ’ ଭାବେ ଜଣାଶୁଣା। ଅଜିଜ୍ ବ୍ୟାଙ୍କରେ ଚାକିରି କରିଛନ୍ତି। ସେ ୯.୩୦ମିନିଟ୍ ପୂର୍ବରୁ ଲୋକଙ୍କୁ ଖାଦ୍ୟ ବଣ୍ଟନ କରି ସାରି ବ୍ୟାଙ୍କକୁ ଯାଉଛନ୍ତି। ପ୍ରତି ଦିନ ସେ ୨୦୦ରୁ ୪୦୦ ଲୋକଙ୍କୁ ଖାଦ୍ୟ ଦେଉଛନ୍ତି। ଯେତେବେଳେ ଅଜିଜ୍ ଚାକିରି କରି ନ ଥିଲେ, ସେତେବେଳେ କେବଳ ରବିବାରରେ ଖାଦ୍ୟ ବାଣ୍ଟୁଥିଲେ। ଚାକିରି କରିବା ପରେ ସେ ତାଙ୍କ ସାଙ୍ଗଙ୍କ ସହଯୋଗରେ ଏହି କାର୍ଯ୍ୟ କରୁଛନ୍ତି। ପ୍ରତିଦିନ ଭୋର ୫ଟାରେ ଖାଦ୍ୟ ପ୍ରସ୍ତୁତ କରାଯାଇ ଲୋକଙ୍କ ପାଖରେ ପହଞ୍ଚାଇ ଦିଆଯାଉଛି। ଅଜିଜ୍‌ଙ୍କ ଏଭଳି କାର୍ଯ୍ୟ ଦ୍ୱାରା ରୋଗରେ ପୀଡ଼ିତ ଗରିବ ଶ୍ରେଣୀର ଲୋକେ ଉପକୃତ ହେଉଛନ୍ତି। କେବଳ ଏତିକି ନୁହେଁ, ସେ ମଧ ରାସ୍ତାକଡ଼ରେ ରହୁଥିବା ଗୃହହୀନଙ୍କୁ ଖାଦ୍ୟ ବାଣ୍ଟୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

### ୨୬ ଏପ୍ରିଲ ୧୯୭୬

- ରାଜସ୍ଥାନର ପୂର୍ବତନ ଉପମନ୍ତ୍ରୀ ଶିବ ଚରଣ ସିଂହ ଓ ଏମ୍‌ଏଲ୍‌ଏ କରଣ ସିଂ କଂଗ୍ରେସ ଦଳ ଛାଡ଼ି ଗଣତାନ୍ତ୍ରିକ କଂଗ୍ରେସରେ ଯୋଗ ଦେଇଛନ୍ତି।
- କର୍ଣାଟକ ଆଇନ ବିଭାଗର ରାଷ୍ଟ୍ରମନ୍ତ୍ରୀ ତଥା ଏମ୍‌ଏଲ୍‌ଏ କେ. ପୁଟ୍ଟସ୍ୱାମୀ କଂଗ୍ରେସ ଦଳରୁ ଇସ୍ତଫା ଦେଇ ଗଣତାନ୍ତ୍ରିକ କଂଗ୍ରେସରେ ଯୋଗଦେଇଛନ୍ତି।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 4 | | 5 | 6 |
| 5 | | 7 | | 6 | | | | |
| | | 4 | | | | | | |
| | | | 2 | | | | 6 | 7 |
| | 6 | | 3 | 9 | | | | 8 |
| 1 | | 3 | | | | | | 2 |
| | 2 | | 5 | | | 8 | | 1 |
| 8 | 4 | | | | | | 3 | |
| | | | | | 1 | | 7 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 7 | 8 | 1 | 4 | 5 | 6 | 2 | 3 |
| 4 | 2 | 6 | 7 | 3 | 9 | 8 | 5 | 1 |
| 1 | 3 | 5 | 8 | 2 | 6 | 9 | 7 | 4 |
| 5 | 6 | 9 | 4 | 1 | 7 | 3 | 8 | 2 |
| 2 | 8 | 1 | 5 | 9 | 3 | 4 | 6 | 7 |
| 3 | 4 | 7 | 6 | 8 | 2 | 1 | 9 | 5 |
| 8 | 9 | 2 | 3 | 7 | 4 | 5 | 1 | 6 |
| 6 | 1 | 4 | 2 | 5 | 8 | 7 | 3 | 9 |
| 7 | 5 | 3 | 9 | 6 | 1 | 2 | 4 | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ମେଟ୍ରୋ ରେଳସେବାରୁ ବଞ୍ଚିତ

ମହାଶୟ,

ଭାରତବର୍ଷରେ ବର୍ତ୍ତମାନ ୧୯ଟି ସହରରେ ମେଟ୍ରୋ ରେଳସେବା ଉପଲବ୍ଧ ଏବଂ ନିକଟ ଭବିଷ୍ୟତରେ ଆହୁରି କିଛି ନୂତନ ସହରକୁ ଏହି ସେବା ଯୋଗାଇଦେବାର ଯୋଜନା ସରକାର ହାତକୁ ନେଇଛନ୍ତି । ହେଲେ ଓଡ଼ିଶା ଆଜି ଏହି ସେବାରୁ ବଞ୍ଚିତ କାହିଁକି ? ଏହାର ଉତ୍ତର କିଏ ଦେବ ? ଯେତେବେଳେ ଏହି ପ୍ରକଳ୍ପ କଥା ଉଠେ କିଛି ନା କିଛି ଆଳଦେଖାଇ ଏହାକୁ ବନ୍ଦକରିବାକୁ ଉଦ୍ୟମ ହେଉଛି । କାରଣ ଅଧିକାଂଶ କରିତ୍‌କର୍ମା ତଥା ପଦାଧିକାରୀଙ୍କ ବସ୍ ବ୍ୟବସାୟ ରହିଛି ଏବଂ ଏହା କାର୍ଯ୍ୟକ୍ଷମ ହେଲେ ହୁଏତ ଶହଶହ ବସ ମାଲିକଙ୍କ ଦାନାପାଣି କମିଯିବ। ଯେଉଁମାନେ ପ୍ରତିଦିନ ଲୋକାଲ ବସ୍‌ରେ ଯାତ୍ରା କରନ୍ତି ସେମାନେ ଜାଣନ୍ତି କଷ୍ଟ କେତେ ? କ୍ଷମତା ଠାରୁ ଅଧିକ ଯାତ୍ରୀଙ୍କୁ ପ୍ରାଇଭେଟ ବସ୍‌ରେ ଖୁନ୍ଦାଖୁନ୍ଦି କରି ପଶୁତୁଲ୍ୟ ପରିବହନ କରାହୁଏ । ଯାତ୍ରୀଙ୍କଠାରୁ ନିୟମ ଅନୁସାରେ ଦେୟ ନେଲାପରେ ବି ତାଙ୍କର ଯାତ୍ରାକାଳୀନ ନିରାପତ୍ତା ପ୍ରତି କାହାରି ନଜର ନ ଥାଏ । ଯାତ୍ରୀ ପଛେ ମରନ୍ତୁ ସେଥିପ୍ରତି ସରକାର ଆଖି ବୁଜି ଦେଇଥାନ୍ତି। ଏବେ କିଛି ରାଜନେତା ଓ ଅସହିଷ୍ଣୁଙ୍କ ବିରୋଧ ପାଇଁ ଓଡ଼ିଶା ମେଟ୍ରୋ ପ୍ରକଳ୍ପରୁ ବଞ୍ଚିତ ହେବାକୁ ଯାଉଛି । ଏହା ଆମ ପାଇଁ ଦୁର୍ଭାଗ୍ୟ କହିଲେ ଅତ୍ୟୁକ୍ତି ହେବନାହିଁ । ନୂତନ ସରକାର ଭୁବନେଶ୍ୱର ସହରର ସୌନ୍ଦର୍ଯ୍ୟର ଦ୍ୱାହି ଦେଇ ଉପରେ ଯିବାକୁ ଥିବା ମେଟ୍ରୋ ରେଳପଥକୁ ଭୂମିଗତ କରିବାକୁ କହିଛନ୍ତି। ମନେରଖିବା ଉଚିତ, ନିଆଯାଉଥିବା ନିଷ୍ପତ୍ତି କେତେଦୂର ବ୍ୟୟବହୁଳ ହେବାକୁ ଯାଉଛି । ଭୁବନେଶ୍ୱରରେ ପଥର ଖୋଳି ଭୂମିଗତ ମେଟ୍ରୋ ପ୍ରକଳ୍ପ କରିବା ଠିକ୍ ହେବ ନା ଏଲିଭେଟେଡ୍ ବା ଭୂମି ଉପରେ ନେବା ଠିକ୍ ହେବ ? ରାଜନୀତିରୁ ଊର୍ଦ୍ଧ୍ୱରେ ରହି ଓଡ଼ିଶା ପାଇଁ ଏକ ସୁନ୍ଦର ଯୋଜନାକୁ ଯଦି ରୂପ ଦିଆଯାଇପାରିବ ତେବେ ଏହା ରାଜ୍ୟ ପାଇଁ ଗର୍ବ ହୋଇ ରହିବ ।

–ବିଷ୍ଣୁ ପ୍ରସାଦ ଦାସ, ଝାଞ୍ଜିରୀ ମଙ୍ଗଳା, କଟକ

### ଭରଣପୋଷଣର ଅସମାହିତ ପ୍ରଶ୍ନ

ଜଣେ ୮୩ ବର୍ଷୀୟା ଅସହାୟ ମା’ଙ୍କୁ ନ୍ୟାୟ ଦେବାକୁ ଆଗେଇ ଆସି ଓଡ଼ିଶା ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ କ୍ରମେ ଦର୍ଶାଇଛନ୍ତି ଯେ ପିଲା ଭରଣପୋଷଣ ଆଦେଶ ବିରୋଧରେ ଅପିଲ କରିପାରିବେନି। ଏଠାରେ ଆଇନର ଦିଗ ଯାହା ବି ହେଉ ଜଣେ ମା’ ଅଦାଲତଙ୍କ ପାଖରେ ବନ୍ଦନୀୟା । କଥାରେ ଅଛି ଯାହାର ନାହିଁ ମା’ ତାହାର ନାହିଁ ସାହା। ପୁତ୍ର କୁପୁତ୍ର ହୋଇପାରେ କିନ୍ତୁ ମାତା କଦାପି କୁମାତା ହୋଇ ନ ପାରେ। ପିଲାର ଗୋଇଠା ମାଡ଼ ସହିଥିବା ମାତାପିତା ବଡ଼ ହେଲା ପରେ ମଧ ପିଲାର ଭୁଲ୍‌କୁ ଗୁରୁତ୍ୱ ଦିଅନ୍ତି ନାହିଁ। ସେମାନଙ୍କ ପାଇଁ ପୋଷଣ ଓ ଭରଣ ନୁହେଁ ବରଂ ଯେତେ ଯାହା କଲେ ବି ଋଣ ଶୁଝିବା କଷ୍ଟ।

–ଡି.ପି. ତ୍ରିପାଠୀ, ଶ୍ରୀନିବାସ ବିହାର, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com
(Use only for letters to Editor, news & news photos)

## ଚିରନ୍ତନୀ

ସେ କିବା ମୋହର ପ୍ରଥମ ଆଲୋକ–କଥା
ଅନନ୍ତ ଯୁଗର ଆଦିମ ଏକ ବାରତା
ପ୍ରାଚୀନତମ ସେ ପ୍ରାଣର ପରାସ
ଅସୀମ କାଳର ଏକ ଇତିହାସ,
ଅତଳୁଁ ଅତଳେ ଲୁଚିଛି କାହିଁ ସେ ବ୍ୟଥା
ସଞ୍ଜ ଆକାଶେ ଶୁଣିଲି ଆଜି ଯେ କଥା !
–(ଲୋହିତ ବ୍ୟଥା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ୭ମ ଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ, ପ୍ରଧାନଶିକ୍ଷକ ନିଲମ୍ବିତ

ନବରଙ୍ଗପୁର/ତେନ୍ତୁଲିଖୁଣ୍ଟି, ୨୫।୪, (ସଦାଶିବ ପ୍ରହରାଜ/ଚିଦାନନ୍ଦ ସାହୁ)

- ଥାନାରେ ଅଭିଯୋଗ କଲେ ପୀଡ଼ିତା
- ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବିକଲେ ପ୍ରଦୀପ ମାଝୀ
- ଗଣମାଧ୍ୟମରେ ଚର୍ଚ୍ଚାରେ ରହିବା ପାଇଁ ଚାହୁଁଛନ୍ତି ପ୍ରଦୀପ: ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ

ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ଥାନା ଅଧୀନ ଏକ ସେବାଶ୍ରମ ବିଦ୍ୟାଳୟର ଜଣେ ୭ମ ଶ୍ରେଣୀ ଛାତ୍ରୀଙ୍କୁ ପ୍ରଧାନଶିକ୍ଷକ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ଏ ନେଇ ଶନିବାର ପୀଡ଼ିତା ଓ ତାଙ୍କ ପରିବାର ସଦସ୍ୟ ନବରଙ୍ଗପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏସ୍‌ଡିପିଓ କୃଷ୍ଣଚନ୍ଦ୍ର ଭତ୍ରାଙ୍କ ନିକଟରେ ଏତଲା ଦାୟର କରିବା ସହ ପ୍ରଧାନଶିକ୍ଷକଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ। ଅପରପକ୍ଷରେ ଏହି ଘଟଣାରେ ଜିଲା ମଙ୍ଗଳ ଅଧିକାରୀ ପାଲକା ରବୀନ୍ଦ୍ର ଶୁକ୍ରବାର ୨୪ ସେବାଶ୍ରମକୁ ଯାଇ ତଦନ୍ତ କରିଥିଲେ। ତାଙ୍କ ତଦନ୍ତ ରିପୋର୍ଟ ଆଧାରରେ ଜିଲାପାଳ ଡ. ମହେଶ୍ୱର ସ୍ୱାଇଁ ପ୍ରଧାନଶିକ୍ଷକଙ୍କୁ ନିଲମ୍ବନ କରିଛନ୍ତି। ଜିଲାପାଳ କାର୍ଯ୍ୟାଳୟ ପତ୍ର ସଂଖ୍ୟା ନଂ. ୧୧/୨୦୨୬ ପ୍ରକାରେ ନିଲମ୍ବନ ଆଦେଶ ଜାରି କରାଯାଇଛି। ନିଲମ୍ବନ ଆଦେଶ ବଳବତ୍ତର ରହିବା ପର୍ଯ୍ୟନ୍ତ ପ୍ରଧାନଶିକ୍ଷକ ସୁକାନ୍ତ କୁମାର ଷଡ଼ଙ୍ଗୀଙ୍କ ମୁଖ୍ୟାଳୟ ଉମରକୋଟ ବ୍ଲକ କାର୍ଯ୍ୟାଳୟ ହେବ। ସେ ମଙ୍ଗଳ ଅଧିକାରୀଙ୍କ ଅନୁମତି ବିନା ମୁଖ୍ୟାଳୟ ଛାଡ଼ିପାରିବେ ନାହିଁ ବୋଲି ନିର୍ଦ୍ଦେଶ ଦିଆଯାଇଥିବା ସୂଚନା ମିଳିଛି। ଏହି ଘଟଣାରେ ବିଜେଡି ନେତା ତଥା ନବରଙ୍ଗପୁର ପୂର୍ବତନ ଏମ୍‌ପି ପ୍ରଦୀପ ମାଝୀ ସ୍କୁଲ ଓ ଗଣଶିକ୍ଷା, ଏସ୍‌ସି/ଏସ୍‌ଟି ଉନ୍ନୟନ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବି କରିଛନ୍ତି।

ଏତଲା ଅନୁଯାୟୀ, ଗତ ୧୫ତାରିଖ ରାତିରେ ସେବାଶ୍ରମର ୫ଜଣ ଛାତ୍ରୀ ଓଆର୍‌ଏସ୍ ପାଇଁ ଯାଇଥିଲେ। ଏହି ସମୟରେ ପ୍ରଧାନଶିକ୍ଷକ ସୁକାନ୍ତ ଷଡ଼ଙ୍ଗୀ ପୀଡ଼ିତା ଛାତ୍ରୀଙ୍କ ହାତ ଧରି ଟାଣିଥିଲେ। ରୁମ୍ ଭିତରକୁ ଡାକି ତାଙ୍କ ଶରୀରର ବିଭିନ୍ନ ସମ୍ବେଦନଶୀଳ ସ୍ଥାନକୁ ଛୁଇଁବା ସହ ଟଣାଓଟରା କରିଥିଲେ। ପୂର୍ବରୁ ପୀଡ଼ିତା ଓ ତାଙ୍କ ପରିବାର ଜିଲା ମଙ୍ଗଳ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଥିଲେ ମଧ୍ୟ କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ନ ନେଇ ପ୍ରଧାନଶିକ୍ଷକଙ୍କୁ କେବଳ ବଦଳି କରାଯାଇଥିବା ପୀଡ଼ିତା ଛାତ୍ରୀ ଅଭିଯୋଗ କରିଛନ୍ତି। ତେଣୁ ନ୍ୟାୟ ପାଇଁ ନବରଙ୍ଗପୁର ଥାନାରେ ଏତଲା ଦେଇଥିବା ସେ କହିଛନ୍ତି। ଘଟଣାର ତଦନ୍ତକରି ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ନବରଙ୍ଗପୁର ଏସ୍‌ଡିପିଓ କୃଷ୍ଣଚନ୍ଦ୍ର ଭତ୍ରା ସୂଚନା ଦେଇଛନ୍ତି। ଘଟଣା ସମ୍ପର୍କରେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ପଚାରିବାରୁ ଅଭିଯୋଗର ତଦନ୍ତ କରାଯିବ। ଏଥିରେ ସମ୍ପୃକ୍ତ ପ୍ରତ୍ୟେକ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଲୋକେ ପ୍ରତ୍ୟାଖ୍ୟାନ କରିଥିବାବେଳେ ଗଣମାଧ୍ୟମରେ ଚର୍ଚ୍ଚାରେ ରହିବା ପାଇଁ ପ୍ରଦୀପ ମାଝୀ ଏଭଳି ଇସ୍ତଫା ଦାବି କରିଥିବା ମନ୍ତ୍ରୀ ଗଣ୍ଡ କହିଛନ୍ତି।

# ୨ ଏସିଡ୍ ଆକ୍ରମଣକାରୀଙ୍କୁ ଆଜୀବନ କାରାଦଣ୍ଡ

ସୋନପୁର, ୨୫।୪ (ମୃତ୍ୟୁଞ୍ଜୟ ଶତପଥୀ)




ଅଭିଯୁକ୍ତ ରାଜାରାମ ମଲ୍ଲିକ ଓ ବିକ୍ରମ ହରିପାଲ।

ସୁବର୍ଣ୍ଣପୁର ଜିଲା ବିନିକା ଥାନା ଗୁଲୁଣ୍ଡା ଗ୍ରାମର ବୃନ୍ଦାବନ ଛତ୍ରିଆଙ୍କୁ ଏସିଡ୍ ମାଡ ମାମଲାର ରାୟ ଶନିବାର ପ୍ରକାଶ ପାଇଛି। ସୁବର୍ଣ୍ଣପୁର ଅତିରିକ୍ତ ଜିଲା ଦୌରାଜଜ୍ ଦିଲ୍ଲୀପ କୁମାର ବିଶ୍ୱାଳ ଅଭିଯୁକ୍ତ ରାଜା ଓରଫ ରାଜାରାମ ମଲ୍ଲିକ ଓ ପାପୁଲୁ ଓରଫ ବିକ୍ରମ ହରିପାଲଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଉଭୟଙ୍କୁ ଆଜୀବନ ସଶ୍ରମ କାରାଦଣ୍ଡ ସହ ୪୮ହଜାର ୫୦୦ଟଙ୍କା ଜରିମାନାରେ ଦଣ୍ଡିତ କରାଯାଇଛି। ଜରିମାନା ଅନାଦାୟେ ଅଧିକ ୩ବର୍ଷ ସଶ୍ରମ କାରାଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି।

୨୦୨୧ ଡିସେମ୍ବର ୨ରେ ଗୁଲୁଣ୍ଡା ଚିରମିନି ବରଗଛ ଛକକୁ ବୃନ୍ଦାବନ ଅଣ୍ଡା କିଣିବା ପାଇଁ ଯାଉଥିଲେ। ପୂର୍ବ ଶତ୍ରୁତାରୁ ସେହି ଗ୍ରାମର ରାଜାରାମ ଓ ବିକ୍ରମ ରାସ୍ତାରେ ତାଙ୍କୁ ଅଟକାଇ ଗାଳିଗୁଲଜ କରିଥିଲେ। ପରେ ଏକ ବୋତଲରେ ଧରିଥିବା ଏସିଡ୍‌କୁ ବୃନ୍ଦାବନଙ୍କ ଆଖି, ମୁହଁ ଓ ଶରୀର ଉପରକୁ ଫିଙ୍ଗିଥିଲେ। ଶରୀର ଜଳାପୋଡା କରିବାରୁ ବୃନ୍ଦାବନ ଘଟଣାସ୍ଥଳରେ ତଳେ ପଡି ଯାଇଥିଲେ। ଖବରପାଇ ପରିବାର ଲୋକେ ତାଙ୍କୁ ବିନିକା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ବୁର୍ଲା ଡାକ୍ତରଖାନା ନିଆଯାଇଥିଲା। ଏସମ୍ପର୍କରେ ବୃନ୍ଦାବନଙ୍କ ଭିଣୋଇ ତଥା ରାମପୁର ଥାନା ପଧାନପାଲିର ଶିବ ସରଭଙ୍ଗ ବିନିକା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଥାନାରେ ଏକ ମାମଲା (ନଂ.୨୩୬/୨୦୨୧) ରୁଜୁ ହୋଇଥିଲା। ତଦନ୍ତକାରୀ ଅଧିକାରୀ କ୍ରିଷ୍ଣା ପ୍ରସାଦ ମାମଲାର ତଦନ୍ତ କରିବା ସହ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିଲେ। ଏହି ମାମଲାରେ ଅଭିଯୋଗକାରୀଙ୍କ ବୟାନ ସହ ମୋଟ ୧୬ଜଣ ସାକ୍ଷୀ ଓ ଦଲିଲ ଦସ୍ତାବିଜକୁ ଆଧାର କରି ବିଚାରପତି ରାୟ ପ୍ରଦାନ କରିଛନ୍ତି। ସରକାରଙ୍କ ପକ୍ଷରୁ ସୁବର୍ଣ୍ଣପୁର ଡେପୁଟି ଡାଇରେକ୍ଟର ପ୍ରସିକ୍ୟୁଶନ ବେଣୁଲାଲ ପ୍ରଧାନ, ପବ୍ଲିକ୍ ପ୍ରସିକ୍ୟୁଟର ମଧୁମିତା ଅମାତ୍ୟ ଓ ଅତିରିକ୍ତ ପିପି ପଞ୍ଚାନନ ଦଣ୍ଡା ଏହି ମାମଲା ପରିଚାଳନା କରୁଥିଲେ।

# ରେଳ ଧାରଣାରେ ମହିଳାଙ୍କ ମୃତଦେହ

- ମୁହଁ, ମୁଣ୍ଡରେ କ୍ଷତ ଚିହ୍ନ
- ୬ ମାସ ହେବ ଘରୁ ଅଲଗା ରହୁଥିଲେ
- ସିସିଟିଭି ଯାଞ୍ଚ କରୁଛି ପୋଲିସ

ଭୁବନେଶ୍ୱର, ୨୫।୪ (ପ୍ରସନଜିତ୍ ସାହୁ)



ରେଳଧାରଣାରେ ପଡ଼ିଥିବା ମୃତଦେହକୁ ପୋଲିସ ଯାଞ୍ଚ କରୁଛି।

ଭୁବନେଶ୍ୱର ତାରିଣୀ ବସ୍ତି ପଛପାର୍ଶ୍ୱ ରେଳ ଧାରଣାରୁ ଶନିବାର ଜଣେ ମହିଳାଙ୍କ ରକ୍ତାକ୍ତ ମୃତଦେହ ଜବତ କରାଯାଇଛି। ମୃତ ମହିଳା ହେଲେ ନୟାଗଡ଼ ଖଣ୍ଡପଡ଼ା ଅଞ୍ଚଳର ଦୁର୍ଗେଶୀ ସାମଲ(୩୨)। ତାଙ୍କ ମୁହଁ ଓ ମୁଣ୍ଡରେ ଗଭୀର କ୍ଷତ ଦେଖିବାକୁ ମିଳିଛି। ଖବରପାଇ ସକାଳ ୮ଟାରେ ଜିଆର୍‌ପି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ନିକଟରୁ ଗୋଟିଏ ସ୍ମାର୍ଟ ଫୋନ୍ ଜବତ କରିଛି। ଘଟଣାସ୍ଥଳରେ ଦୁର୍ଗେଶୀଙ୍କ ଚପଲ ସହିତ ସମସ୍ତ ଚୁଡ଼ି ଭାଙ୍ଗି ପଡ଼ିଥିଲା। ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ପଠାଯାଇଥିବାବେଳେ ଫୋରେନ୍‌ସିକ ଟିମ୍ ଘଟଣାସ୍ଥଳର ସ୍ଥିତି ଯାଞ୍ଚ କରିଛି। ଏହା ଆତ୍ମହତ୍ୟା ନା ହତ୍ୟା ସେ ନେଇ ପୋଲିସ ଖୋଳତାଡ଼ ଆରମ୍ଭ କରିଛି।

ପୋଲିସ ସୂଚନାନୁସାରେ, ଦୁର୍ଗେଶୀଙ୍କ ଘର ଖଣ୍ଡପଡ଼ାରେ ହୋଇଥିବାବେଳେ ସେ ସେହି ଗ୍ରାମର ରତ୍ନାକର ସାମଲଙ୍କୁ ବିବାହ କରିଥିଲେ। ପାରିବାରିକ କଳହ କାରଣରୁ ସେ ସାଲିଆସାହିରେ ରହୁଥିଲେ। ୬ ମାସ ହେବ ସେ ଭିଏସ୍‌ଏସ୍ ନଗରରେ ରହୁଥିବା ପୋଲିସ କହିଛି। ତେବେ ସେ କାହା ପାଖରେ ରହୁଥିଲେ ସେନେଇ ତାଙ୍କ ପରିବାର କିମ୍ବା ପୋଲିସ ଜାଣି ନ ଥିବା କହିଛି। ଅନ୍ୟପଟେ କୋର୍ଟରେ ୬ ମାସ ହେବ ଛାଡ଼ପତ୍ର ମାମଲା ଚାଲିଥିବା ସ୍ୱାମୀ ରତ୍ନାକର ପୋଲିସକୁ କହିଛନ୍ତି। ତଦନ୍ତ ସମୟରେ ପୋଲିସ ଘଟଣାସ୍ଥଳରୁ ଜବତ କରିଥିବା ଫୋନକୁ ଦୁର୍ଗେଶୀଙ୍କ ମା' ଫୋନ କରି ତାଙ୍କୁ ଖୋଜିଥିଲେ। ପୋଲିସଠାରୁ ସୂଚନା ପାଇ ଦୁର୍ଗେଶୀଙ୍କ ମା' ଓ ଭଉଣୀ ଘଟଣାସ୍ଥଳରେ ପହଞ୍ଚିଥିଲେ। କିଛି ସମୟ ପରେ ମୃତ ମହିଳାଙ୍କ ଫୋନ୍‌କୁ ଏକ ଘରୋଇ କମ୍ପାନୀର ଏଚଆର୍‌ଙ୍କ କଲ୍ ଆସିଥିଲା। ଏହି କଲ୍ ଆସିବା ପରେ ଦୁର୍ଗେଶୀ ମଞ୍ଚେଶ୍ୱରର ଏକ ଘରୋଇ କମ୍ପାନୀରେ କାମ କରୁଥିବା ପୋଲିସ ସ୍ପଷ୍ଟ ହୋଇଥିଲା। ତେବେ ଦୁର୍ଗେଶୀ ଆତ୍ମହତ୍ୟା କରିଛନ୍ତି ନି ତାଙ୍କୁ କେହି ହତ୍ୟା କରି ରେଳ ଧାରଣାରେ ପକାଇ ଦେଇଛନ୍ତି, ସେ ନେଇ ଜିଆର୍‌ପି ଛାନ୍‌ଭିନ କରୁଛି। ପୋଲିସ ଘଟଣାସ୍ଥଳର ସିସିଟିଭି ଯାଞ୍ଚ କରୁଛି। ବ୍ୟବଚ୍ଛେଦ ଓ ସିଡିଆର ରିପୋର୍ଟ ଆସିବା ପରେ ମୃତ ମହିଳାଙ୍କ ସହିତ କାହାର ସମ୍ପୃକ୍ତି ରହିଛି, ସେ ସମ୍ପର୍କରେ ଅନେକ ତଥ୍ୟ ପଦାକୁ ଆସିବ ବୋଲି ଆଇଆଇସି ଅଶୋକ କୁମାର ଗୋଚ୍ଛାୟତ କହିଛନ୍ତି।

# ଦୋଷୀଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ

ବାଲେଶ୍ୱର, ୨୫।୪ (ମୃତ୍ୟୁଞ୍ଜୟ ପଟ୍ଟନାୟକ)

**ନାବାଳିକା ବଳାତ୍କାର ମାମଲା**

ଏକ ନାବାଳିକା ବଳାତ୍କାର ମାମଲାର ବିଚାର କରି ଶନିବାର ବାଲେଶ୍ୱର ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ବିଚାରପତି ଇନ୍ଦିରା ପ୍ରିୟଦର୍ଶନୀ ଅଭିଯୁକ୍ତ କ୍ରିତିବାସ ବନ୍ଧ(୩୨)ଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ୨୦ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦାୟେ ଅଧିକ ୧ବର୍ଷ ଜେଲଦଣ୍ଡ ଭୋଗିବାକୁ ବିଚାରପତି ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ଏହାସହିତ ପୀଡ଼ିତା ନାବାଳିକାଙ୍କୁ କ୍ଷତିପୂରଣ ବାବଦରେ ୪ଲକ୍ଷ ଟଙ୍କା ଆର୍ଥିକ ସହାୟତା ଯୋଗାଇଦେବାକୁ ଜିଲା ଆଇନସେବା ପ୍ରାଧିକରଣକୁ ବିଚାରପତି ନିର୍ଦ୍ଦେଶ ଦେଇଛନ୍ତି।

ଭଦ୍ରକ ରୁରାଲ ଥାନା କୋରୁଗଡ଼ିଆ ଗ୍ରାମର କ୍ରିତିବାସ ୨୦୨୪ରେ ନିଜ ଭଉଣୀ ଘର ବାଲେଶ୍ୱର ଜିଲା ସିମୁଳିଆ ଥାନା ପାର୍ବତୀପୁର ଗ୍ରାମକୁ ବାରମ୍ବାର ବୁଲିବାକୁ ଆସୁଥିବା ବେଳେ ସେହି ଅଞ୍ଚଳର ଜଣେ ନବମ ଶ୍ରେଣୀରେ ପଢୁଥିବା ୧୪ ବର୍ଷର ନାବାଳିକାଙ୍କୁ ପ୍ରେମଜାଲରେ ଫସାଇଥିଲେ। ସେହିବର୍ଷ ମାର୍ଚ୍ଚ ୩ରେ ନାବାଳିକା ଘରେ ଏକାକୀ ଥିବା ଜାଣିପାରି କ୍ରିତିବାସ ମୃଦୁପାନୀୟ ନେଇ ତାଙ୍କ ଘରକୁ ଯାଇଥିଲେ। ସେଥିରେ ନିଶା ଔଷଧ ମିଶାଇ ନାବାଳିକାଙ୍କୁ ପିଇବାକୁ ଦେଇଥିଲେ। ସେ ନିଶାଗ୍ରସ୍ତ ହେବା ପରେ କ୍ରିତିବାସ ତାଙ୍କୁ ବଳାତ୍କାର କରିଥିଲେ। ନାବାଳିକାଙ୍କ ସହ ଘଟିଥିବା ଘଟଣା ବିଷୟରେ ତାଙ୍କ ମା' ଜାଣିପାରି ସେହିଦିନ ସିମୁଳିଆ ଥାନାରେ କ୍ରିତିବାସଙ୍କ ବିରୋଧରେ ଏତଲା ଦେଇଥିଲେ। ସମ୍ପୃକ୍ତ ଥାନା ପୋଲିସ ତଦନ୍ତ କରି ମାର୍ଚ୍ଚ ୫ ତାରିଖରେ ଅଭିଯୁକ୍ତ କ୍ରିତିବାସଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଏହି ମାମଲା ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟରେ (ମାମଲା ନଂ.୫୮/୨୪) ବିଚାରାଧୀନ ଥିଲା। ବିଚାରପତି ଇନ୍ଦିରା ପ୍ରିୟଦର୍ଶନୀ ଆଇପିସି ଦଫା ୩୭୬(୩), ପୋକ୍‌ସୋ ଆକ୍ଟର ଦଫା ୪(୨) ଅନୁଯାୟୀ ଅଭିଯୁକ୍ତ କ୍ରିତିବାସ ବନ୍ଧଙ୍କୁ ଦୋଷୀ ସାବ୍ୟସ୍ତ କରି ଉପରୋକ୍ତ ଦଣ୍ଡାଦେଶ ଦେଇଛନ୍ତି। ଏହି ମାମଲାକୁ ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ରାଇମୋହନ ପଟ୍ଟନାୟକ ପରିଚାଳନା କରିଥିଲେ।

# ୨୦ ଲକ୍ଷ ଠକେଇ, ଅଭିଯୁକ୍ତ ଗିରଫ

ତାଳଚେର, ୨୫।୪ (ମନୋଜ ନନ୍ଦ)

ଅନୁଗୋଳ ଜିଲା ତାଳଚେର କୋଲ୍ ଫିଲ୍ଡସ୍‌ର ଭରତପୁର କୋଇଲା ଖଣି ସାଇଲୋରେ ଚାକିରି କରାଇଦେବାକୁ କହି ପ୍ରାୟ ୨୦ ଲକ୍ଷ ଟଙ୍କା ଠକି ନେଇଥିବା ଜଣେ ଯୁବକଙ୍କୁ ଗୋପାଳପ୍ରସାଦ ଥାନା ପୋଲିସ ଗିରଫ କରିଛି। ଅଭିଯୁକ୍ତ ହେଲେ ତାଳଚେର ବ୍ଲକ ଜମୁହାଳି ଗ୍ରାମର ଶତ୍ରୁଘନ ରଣା। ସେହିପରି ଅନ୍ୟ ୨ ଅଭିଯୁକ୍ତ ଫେରାର ଥିବା ଜଣାପଡ଼ିଛି। ଅନୁଗୋଳ ଶାକସିଙ୍ଗା ଗ୍ରାମର ସଞ୍ଜିତ ନାୟକଙ୍କୁ ସାଇଲୋରେ ଚାକିରି କରାଇ ଦେବେ ବୋଲି କହି ଶତ୍ରୁଘନ ୬୦ ହଜାର ଟଙ୍କା ନେଇଥିଲେ। ଏପରି ୨୬ ଜଣଙ୍କଠାରୁ ମୋଟ ୧୯ ଲକ୍ଷ ୮୦ ହଜାର ଟଙ୍କା ନେଇ ସମସ୍ତଙ୍କୁ ଜାଲ ନିଯୁକ୍ତିପତ୍ର, ଜାକେଟ, ହେଲମେଟ, ଜୋତା ଆଦି ପ୍ରଦାନ କରିଥିଲେ। ବିଭିନ୍ନ ସ୍ଥାନରେ ପୋଷ୍ଟିଂ ଦିଆଯାଇଥିବା କହିଥିଲେ। ହେଲେ ଚାକିରି ମିଥ୍ୟା ବୋଲି ଜାଣିବା ପରେ ଟଙ୍କା ଦେଇଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ୩ ଜଣ ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ନଂ. ୧୨୩/୨୬ରେ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି।


**କର୍ମଚାରୀ ଭବିଷ୍ୟନିଧି ସଂଗଠନ**

(ଶ୍ରମ ଏବଂ ରୋଜଗାର ମନ୍ତ୍ରାଳୟ, ଭାରତ ସରକାର)

କ୍ଷେତ୍ରୀୟ କାର୍ଯ୍ୟାଳୟ, ଭବିଷ୍ୟନିଧି ଭବନ, ପାନପୋଷ ରୋଡ୍, ରାଉରକେଲା- ୭୬୯୦୧୨, ଜିଲ୍ଲା - ସୁନ୍ଦରଗଡ଼

**ପ୍ରେସ୍ ବିଜ୍ଞପ୍ତି**

ଆଞ୍ଚଳିକ ଇ.ପି.ଏଫ୍. କାର୍ଯ୍ୟାଳୟ ପକ୍ଷରୁ ଆସନ୍ତା ମଇ ମାସ ପାଇଁ "ନିଧି ଆପକେ ନିକଟ" ଏବଂ "ପେନ୍‌ସନ୍ ଅଦାଲତ" ତା.୧୧.୦୫.୨୦୨୬ରିଖ (ସୋମବାର) ଦିନ ଆୟୋଜିତ ହେବାକୁ ଯାଉଛି। ଏହି ଅବସରରେ ପି.ଏଫ ଏବଂ ପେନ୍‌ସନ ସଂପର୍କିତ ସମସ୍ୟାଗୁଡ଼ିକର ଶୁଣାଣି ଏବଂ ସମାଧାନ କରାଯିବ। ପୂର୍ବାହ୍ନ ୧୧ଟାରେ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଭାଗନେବାପାଇଁ, ଆପତ୍ତି ଅଭିଯୋଗଥିବା ସମସ୍ତ ପେନସନଧାରୀ ତଥା ଇ.ପି.ଏଫ୍. ଅଂଶୀଦାରମାନେ ସେମାନଙ୍କ ସମସ୍ୟାର ପଞ୍ଜିକରଣ ନିଜର ଠିକଣା ଏବଂ ଫୋନ ନମ୍ବର ସହ ଲିଖିତ ଭାବେ ପୋଷ୍ଟ ମାଧ୍ୟମରେ କିମ୍ବା ଅଫିସରେ ଥିବା ଡ୍ରପ୍ ବକ୍ସରେ ଦାଖଲ କରିବାକୁ ନିବେଦନ କରାଯାଇଛି। ଏଥିସହିତ ପ୍ରୋଭିଡେଣ୍ଟ ଫଣ୍ଡ ଆକାଉଣ୍ଟର ସବିଶେଷ ବିବରଣୀ କିମ୍ବା ପି.ପି.ଓ ନମ୍ବର ଇତ୍ୟାଦି ଆସନ୍ତା ୦୫.୦୫.୨୦୨୬ ତାରିଖ ପୂର୍ବରୁ ଦାଖଲ କରିବାକୁ ହେବ ବୋଲି ଆଞ୍ଚଳିକ ପି.ଏଫ୍. କମିଶନର୍ ଏକ ପ୍ରେସ୍ ବିବୃତ୍ତିରେ ଜଣାଇଛନ୍ତି।

କ୍ଷେତ୍ରୀୟ ଭବିଷ୍ୟନିଧି ଆୟୁକ୍ତ

ଆଞ୍ଚଳିକ ଭବିଷ୍ୟନିଧି କାର୍ଯ୍ୟାଳୟ, ରାଉରକେଲା

SAI/RKL/0029/26


# ଜୁଆଡ଼ିଙ୍କୁ ଧରିବାକୁ ସାଦା ପୋଷାକରେ ଯାଇ ପୋଲିସ ହଟହଟା

ଡେଲାଙ୍ଗ, ୨୫।୪ (ରଶ୍ମିରଞ୍ଜନ ପ୍ରଧାନ)

**ଧସ୍ତାଧସ୍ତିରେ ପୋଲିସ କର୍ମଚାରୀ ଆହତ, ୨ ଅଟକ**

ଜୁଆଡ଼ିଙ୍କୁ ଧରିବାକୁ ସାଦା ପୋଷାକରେ ଯାଇ ପୋଲିସ ହଟହଟା ହୋଇଥିବା ଜଣାପଡ଼ିଛି। ପୁରୀ ଜିଲା ଡେଲାଙ୍ଗ ଥାନା କଲ୍ୟାଣପୁର ଗ୍ରାମ ମେଳଣ ପଡ଼ିଆରେ ଜୁଆଖେଳ ଚାଲିଥିବା ବିଶ୍ୱସ୍ତ ସୂତ୍ରରୁ ଖବରପାଇ ଜିଲା ମୁଖ୍ୟାଳୟରୁ ୬ଜଣିଆ ଏକ ଟିମ୍ ଶୁକ୍ରବାର ବିଳମ୍ବିତ ରାତିରେ ଆସି ଜୁଆ ଆଡ୍ଡା ଉପରେ ଚଢ଼ାଉ କରିଥିଲା। ପୋଲିସ ସାଦା ପୋଷାକରେ ଥିବାରୁ ଜୁଆଡ଼ିମାନେ ଟିମ୍‌କୁ ଚିହ୍ନି ନ ପାରି ପ୍ରତିବାଦ କରିଥିଲେ। ସ୍ଥିତି ଏପରି ହୋଇଥିଲା ଯେ, ପୋଲିସ ଟିମ୍ ସହ ଜୁଆ ଖେଳୁଥିବା ଲୋକଙ୍କ ଧସ୍ତାଧସ୍ତି ହୋଇଥିଲା। ଏଥିରେ ୨ଜଣ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି। ଏନେଇ ଅଭିଯୋଗ ହେବାପରେ ଏକ ମାମଲା ରୁଜୁ କରାଯାଇ ୨ଜଣଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି।

ସୂଚନାଯୋଗ୍ୟ, କଲ୍ୟାଣପୁର ଗ୍ରାମରେ ମେଳଣ ସମୟରେ ସ୍ଥାନୀୟ ଥାନାରୁ ଅନୁମତି ଆଣି ଜୁଆଖେଳ ହେଉଥିଲା। ଖବରପାଇ ସାଦା ପୋଷାକଧାରୀ ପୋଲିସ ସେଠାରେ ପହଞ୍ଚି ପ୍ରଥମେ ଜୁଆଡ଼ିଙ୍କଠାରୁ ଟଙ୍କା ଛଡ଼ାଇ ନେଇଥିଲେ। ଜୁଆଡ଼ିମାନେ ରାଗି ଯାଇ ପରିଚୟ ପଚାରିବାରୁ ସେମାନେ ପୋଲିସ ବୋଲି କହିଥିଲେ। ତେବେ ପୋଲିସ ଡ୍ରେସ୍ ନ ଥିବାରୁ ଉପସ୍ଥିତ ଲୋକେ ସନ୍ଦେହ ପ୍ରକାଶ କରିବା ସହ କୌଣସି ଚାନ୍ଦା ପାର୍ଟି ଆସି ଚଢ଼ାଉ କରି ଟଙ୍କା ନେଇଯାଉଥିବା ଆରୋପ କରିଥିଲେ। ଫଳରେ ସାଦା ପୋଷାକଧାରୀ ପୋଲିସ କର୍ମଚାରୀ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ କିଛି ସମୟ ଯୁକ୍ତିତର୍କ ହେବା ସହ ଧସ୍ତାଧସ୍ତି ହୋଇଥିବା ପ୍ରତ୍ୟକ୍ଷଦର୍ଶୀଙ୍କଠାରୁ ସୂଚନା ମିଳିଛି। ସାଦା ପୋଷାକରେ ଥିବା ପୋଲିସ ଟିମ୍‌କୁ ଗ୍ରାମବାସୀ କିଛି ସମୟ ଅଟକ ରଖିଥିଲେ। ସ୍ଥାନୀୟ ପୋଲିସ ପହଞ୍ଚି ଆହତ ହୋଇଥିବା ୨ ପୋଲିସ କର୍ମଚାରୀଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ମେଡିକାଲ୍‌କୁ ନେଇଥିଲେ। ପୋଲିସ ଉପରେ ଆକ୍ରମଣ ହୋଇଥିବାରୁ ଏହି ଘଟଣାକୁ ଜିଲା ଆରକ୍ଷୀ ଅଧୀକ୍ଷକ ଗୁରୁତ୍ୱର ସହ ନେଇ ଘଟଣାର ଛାନ୍‌ଭିନ ଚଳାଇଥିବା ଜଣାପଡ଼ିଛି। ଘଟଣାରେ ସମ୍ପୃକ୍ତ ଥିବା ୨ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଜାରି ରହିଛି। ଆଇନଶୃଙ୍ଖଳା ସ୍ଥିତିକୁ ନଜର ରଖି ଶନିବାର କଲ୍ୟାଣପୁର ଗ୍ରାମରେ ୧ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ସ୍ଥାନୀୟ ପୋଲିସ ଜ୍ଞାତସାରରେ ଜୁଆଖେଳ ଚାଲିଥିବା ନେଇ ବାରମ୍ବାର ଅଭିଯୋଗ ହୋଇଆସୁଥିବାରୁ ପୁରୀ ଏସ୍‌ପି ସ୍ୱତନ୍ତ୍ର ପୋଲିସ ଦଳ ପଠାଇଥିବା ଚର୍ଚ୍ଚା ହେଉଛି।

# ୫ ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେଇ ମୁହାଁମୁହିଁ ଜେରା

**ଜମି ବ୍ୟବସାୟୀ ସୁଧୀର ହତ୍ୟା ମାମଲା**

ବ୍ରହ୍ମପୁର, ୨୫।୪ (ସୁବାସ ଚନ୍ଦ୍ର ପାଢ଼ୀ)



ଅଭିଯୁକ୍ତମାନଙ୍କୁ ପୋଲିସ କଡ଼ା ସୁରକ୍ଷା ମଧ୍ୟରେ ନେଉଛି।

ଗଞ୍ଜାମ ଜିଲା ଗୋପାଳପୁର ଥାନା ଅଞ୍ଚଳର ଜମି ବ୍ୟବସାୟୀ ସୁଧୀର ପାତ୍ରଙ୍କୁ ଅପହରଣ ଓ ହତ୍ୟା ମାମଲାର ୯ ଅଭିଯୁକ୍ତଙ୍କ ମଧ୍ୟରୁ ୫ ଜଣଙ୍କୁ ପୋଲିସ ଶନିବାର ୩ ଦିନିଆ ରିମାଣ୍ଡରେ ନେଇଛି। ସେମାନେ ହେଲେ କାଳୁଚରଣ ପ୍ରଧାନ, ଜିତୁନ ପୋଲାଇ, ନାରାୟଣ ପ୍ରଧାନ, ଆଶିଷ ମହାପାତ୍ର ଓ ସୂର୍ଯ୍ୟପ୍ରତାପ ସିଂ। ବ୍ରହ୍ମପୁର ମଣ୍ଡଳ କାରାଗାରରୁ ଏମାନଙ୍କୁ ପୋଲିସ ଗୋପାଳପୁର ଥାନାକୁ ନେଇ ଘଟଣାର ବିଭିନ୍ନ ଦିଗରୁ ମୁହାଁମୁହିଁ ଜେରା କରୁଛି। ଜେରାବେଳେ ଅଭିଯୁକ୍ତମାନେ ଅନେକ ତଥ୍ୟ ଓକାଳିଛନ୍ତି। ପୋଲିସ ଆଉ ୨ ଦିନ ଅଭିଯୁକ୍ତମାନଙ୍କୁ ମାରାଥନ ଜେରା କରିବ। ରବିବାର ଘଟଣାର କ୍ରାଇମ ସିନ୍ ରିକ୍ରିଏଶନ ହେବ ବୋଲି ଜଣାପଡିଛି। ଆସନ୍ତା ୨୮ ତାରିଖରେ ୫ ଅଭିଯୁକ୍ତଙ୍କୁ କୋର୍ଟରେ ହାଜର କରିବା ପାଇଁ ନିର୍ଦ୍ଦେଶ ରହିଛି।

ଗତ ୧୫ ତାରିଖ ଅପରାହ୍ନରେ ସୁଧୀର ଭଲିବଲ ଖେଳି ଘରକୁ ଫେରୁଥିବା ବେଳେ ମଣିଆପଲ୍ଲୀ ପ୍ରେମ ସଂସ୍ଥା ସମ୍ମୁଖରୁ ତାଙ୍କୁ ଅପହରଣ କରାଯାଇଥିଲା। ଅଭିଯୁକ୍ତମାନେ ତାଙ୍କୁ ବୁଗୁଡା ନିକଟ ରାମପାଦ ମନ୍ଦିରରେ ରଖି ବନ୍ଧୁକ ମୁନରେ ଭୟଭୀତ କରିବା ସହ ମାରପିଟ୍ କରି ତାହାର ଭିଡିଓ ତାଙ୍କ ସ୍ତ୍ରୀଙ୍କ ନିକଟକୁ ପଠାଇ ଦୁଇ କୋଟି ଟଙ୍କା ମାଗିଥିଲେ। ପରେ ସୁଧୀରଙ୍କୁ ପିଟି ପିଟି ହତ୍ୟା କରିବା ପରେ ଏକ କାର ଡିକିରେ ମୃତଦେହ ରଖି ସୋରଡ଼ା ଥାନା ଅନ୍ତର୍ଗତ ଗାଜଲବାଡି ନିକଟ ରଶିପଙ୍କାଳ କେନାଲ କଡ଼ରେ ଫିଙ୍ଗି ଦେଇଥିଲେ। ପୋଲିସ ଗତ ଗୁରୁବାର ଏହି ଘଟଣାର ପର୍ଦ୍ଦାଫାଶ୍ କରିଥିଲା। ମୁଖ୍ୟ ଷଡଯନ୍ତ୍ରକାରୀ ସୁଧୀରଙ୍କ ଝିଆରୀ ନିବେଦିତା ପାତ୍ର ଓ ପୁତୁରା ତୁଷାର ପାତ୍ରଙ୍କ ସମେତ ନିବେଦିତାଙ୍କ ପୁରୁଷବନ୍ଧୁ କାଲୁଙ୍କୁ ମିଶାଇ ମୋଟ ୯ ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ସେମାନଙ୍କ ମଧ୍ୟରୁ ନିବେଦିତା, ତୁଷାର ଓ ଅନ୍ୟ ୨ ଜଣଙ୍କ ବ୍ୟତୀତ ଉପରୋକ୍ତ ୫ ଅଭିଯୁକ୍ତଙ୍କୁ ୫ ଦିନ ରିମାଣ୍ଡରେ ନେଇ ଅଧିକ ପଚରାଉଚରା କରିବା ପାଇଁ ପୋଲିସ ବ୍ରହ୍ମପୁରସ୍ଥିତ ଜେଏମ୍‌ଏଫସି (ଗ୍ରାମୀଣ) କୋର୍ଟରେ ଆବେଦନ କରିଥିଲା। ମାଜିଷ୍ଟ୍ରେଟ ଉକ୍ତ ପିଟିଶନର ଶୁଣାଣି କରି ୫ ଅଭିଯୁକ୍ତଙ୍କୁ ୩ ଦିନ ରିମାଣ୍ଡରେ ନେବାକୁ ଶୁକ୍ରବାର ଅନୁମତି ଦେଇଥିଲେ।


**ରେଳ ମନ୍ତ୍ରଣାଳୟ**

ପୂର୍ବ ତଟ ରେଳପଥ

ସୂଚନା ପତ୍ର

ଭୁବନେଶ୍ୱର, ତାରିଖ-10.04.2026

ରେଳ ଆଇନ, 1989 ର ସେକ୍ସନ୍ 20A ଅନ୍ତର୍ଗତ ସୂଚନା

S.O.1836(E).- ରେଲୱେ(ସଂଶୋଧନ) ଆଇନ, 1989(24/89)-ର ସେକ୍ସନ 20A ର ସବ୍-ସେକ୍ସନ (1) ଦ୍ୱାରା ଦିଆଯାଇଥିବା ଶକ୍ତିରେ କେନ୍ଦ୍ର ସରକାର, ଏହା ନିଶ୍ଚିତ ହେଲା ପରେ ଯେ ଜନ ସାଧାରଣଙ୍କ ଉଦ୍ଦେଶ୍ୟ ପାଇଁ, ଯାହାର ସଂକ୍ଷିପ୍ତ ବିବରଣୀ ଏଠାରେ ନିମ୍ନଲିଖିତ ସୂଚୀରେ ଦିଆଯାଇଛି, ଏହା ପାଇଁ ସ୍ଥାନ ଆବଶ୍ୟକ ହୋଇଛି ବିଶେଷ ରେଲୱେ ପ୍ରକଳ୍ପ ପୂରଣ କରିବା ପାଇଁ, ପ୍ରକଳ୍ପର ନାମ "ଖୋର୍ଦ୍ଧା ରୋଡ଼ ଡିଭିଜନ୍ ଅଧୀନ, ଓଡ଼ିଶାର ଗଞ୍ଜାମ ଜିଲ୍ଲାରେ କୁହୁଡ଼ି(KUU)-ଗଙ୍ଗାଧରପୁର(GNGD) ଷ୍ଟେସନ ମଧ୍ୟରେ KM 510/33-511/1ରେ ଲେଭେଲ୍ କ୍ରସିଂ ସଂଖ୍ୟା-242 ବନ୍ଦ କରିବା ପ୍ରତିସ୍ଥାନରେ ସଡ଼କ ଉପର ଅଧିସେତୁ ନିର୍ମାଣ" ପ୍ରକଳ୍ପ ପାଇଁ, ସେହି ସ୍ଥଳ ଅଧିଗ୍ରହଣ କରିବାକୁ ତାଙ୍କର ଇଚ୍ଛା ପ୍ରକାଶ କରିଛନ୍ତି।

ଉକ୍ତ ଜମିରେ ରୁଚିରୁସ୍ତ କୌଣସି ବ୍ୟକ୍ତି, ଅଧିକୃତ ଗଜେଟରେ ସୂଚନା ପ୍ରକାଶ ପାଇଁ ତାରିଖରୁ (30) ତିରିଶି ଦିନ ମଧ୍ୟରେ, ଉକ୍ତ ଜମିକୁ ଉଲ୍ଲେଖିତ ଉଦ୍ଦେଶ୍ୟ ପାଇଁ ଅଧିଗ୍ରହଣ କରାଯିବା ଉପରେ ବିରୋଧ ଉଠାଇପାରିବେ, ଯାହା ଏହି କାନୁନର ଧାରା 20D ଅନୁଧାରା (1) ଅନ୍ତର୍ଗତ ଥାଏ।

ସମସ୍ତ ଆପତ୍ତିଗୁଡ଼ିକୁ ସମ୍ପୂର୍ଣ୍ଣ କ୍ଷମତାଶୀଳ କାର୍ଯ୍ୟାଧିକାରୀଙ୍କୁ, ଅର୍ଥାତ୍ ଜମି ଅଧିଗ୍ରହଣ ପାଇଁ କ୍ଷମତାଶୀଳ କାର୍ଯ୍ୟାଧିକାରୀ (CALA) ଏବଂ ଚିଲିକା ତହସିଲଦାରଙ୍କୁ, ଲିଖିତ ଭାବରେ ଦାଖଲ କରାଯିବା ଦରକାର ହେବ, ଯାହା କୁହୁଡ଼ି(KUU)-ଗଙ୍ଗାଧରପୁର(GNGD) ଷ୍ଟେସନ ମଧ୍ୟରେ KM 510/33-511/1 ରେ ଲେଭେଲ୍ କ୍ରସିଂସଂଖ୍ୟା-242 ସଡ଼କ ଉପର ଅଧିସେତୁ ନିର୍ମାଣ ପାଇଁ ହାୱଡ଼ା-ବିଶାଖାପାଟଣା ମୁଖ୍ୟ ରେଳପଥ ଖୋର୍ଦ୍ଧା ରୋଡ଼ ବିଭାଗରେ ନିର୍ମିତ ହେବ। ଏହାର ତଥ୍ୟ ଓ ତ୍ରୁଟିମୂଳକ ବିବରଣୀ ସହିତ ଦାଖଲ କରାଯିବା ଦରକାର। କ୍ଷମତାଶୀଳ କାର୍ଯ୍ୟାଧିକାରୀ ଆପତ୍ତିକାରୀଙ୍କୁ ସେହି ବିଷୟରେ ଶୁଣିବାର ସୁଯୋଗ ଦେବେ, ସେ ନିଜେ ଲଗତାର କିମ୍ବା ଏକ ଆଇନ ସନ୍ନିଧାନକାରୀ ମାଧ୍ୟମରେ ଆପତ୍ତିଗୁଡ଼ିକୁ ଶୁଣିବେ, ଏବଂ ସମସ୍ତ ଆପତ୍ତିଗୁଡ଼ିକୁ ଶୁଣିବା ପରେ ଏବଂ ଯଥା ଆବଶ୍ୟକ ହେଲେ ଅନ୍ୟାନ୍ୟ ତଦନ୍ତ କରି, କ୍ଷମତାଶୀଳ କାର୍ଯ୍ୟାଧିକାରୀ ଆଦେଶ ମାଧ୍ୟମରେ, ସେହି ଆପତ୍ତିଗୁଡ଼ିକୁ ମାନ୍ୟ କିମ୍ବା ଅମାନ୍ୟ କରିପାରିବେ।

ଏହି କାନୁନର 20D ର ସବ୍-ସେକସନ୍(2) ଅନୁସାରେ ପ୍ରାଧିକୃତ କର୍ତ୍ତୃପକ୍ଷଙ୍କ ଦ୍ୱାରା ନିର୍ଦ୍ଦିଷ୍ଟ କୌଣସି ଆଦେଶ ଅନ୍ତିମ ନିର୍ଣ୍ଣୟ ହେବ। ଏହି ସୂଚନା ଅଧୀନ ଆସିଥିବା ଜମିର ଯୋଜନା ଏବଂ ଅନ୍ୟାନ୍ୟ ବିବରଣୀ ଉପଲବ୍ଧ ରହିଛି ଏବଂ ଇଚ୍ଛୁକ ବ୍ୟକ୍ତି ପ୍ରାଧିକୃତ କର୍ତ୍ତାଙ୍କର ଉପରୋକ୍ତ କାର୍ଯ୍ୟାଳୟରେ ଯାଇ ସେଗୁଡ଼ିକୁ ନିରୀକ୍ଷଣ କରି ପାରିବେ।

ସୂଚୀ

ଏହା ସହିତ ସଂଲଗ୍ନ ଭୂମିର ସଂକ୍ଷିପ୍ତ ବର୍ଣ୍ଣନା (ଆନେକ୍ସଚର-I) ଯାହା ସଂରଚନା ସହିତ କିମ୍ବା ବିନା ସଂରଚନାରେ ଅଧିଗ୍ରହଣ କରାଯିବା ପାଇଁ, ବିଶେଷ ରେଳପଥ ପ୍ରକଳ୍ପ ପାଇଁ, ଯଥା 'ଖୋର୍ଦ୍ଧା ରୋଡ଼ ଡିଭିଜନ ଅଧୀନ ହେଉଥିବା ହାୱଡ଼ା-ବିଶାଖାପାଟଣା ମୁଖ୍ୟ ରେଳପଥରେ କୁହୁଡ଼ି(KUU)-ଗଙ୍ଗାଧରପୁର(GNGD) ଷ୍ଟେସନ ମଧ୍ୟରେ KM 510/33-511/1 ରେ ଲେଭେଲ୍ କ୍ରସିଂସଂଖ୍ୟା-242 ବନ୍ଦ କରିବା ପ୍ରତିସ୍ଥାପନାରେ ସଡ଼କ ଉପର ଅଧିସେତୁ ନିର୍ମାଣ') ଖୋର୍ଦ୍ଧା ଜିଲ୍ଲାରେ, ଓଡ଼ିଶା ରାଜ୍ୟରେ।

ଜିଲ୍ଲାର ନାମ:- ଖୋର୍ଦ୍ଧା — ଏନେକ୍ସର-I

ଜମି ସୂଚୀ

ପ୍ରକଳ୍ପର ନାମ: ଆରଓବି 242 ନିର୍ମାଣ

ଜିଲ୍ଲାର ନାମ : ଖୋର୍ଦ୍ଧା, ବିଭାଗର ନାମ : ଖୋର୍ଦ୍ଧା ରୋଡ଼, ତହସିଲଦାରଙ୍କ ନାମ : ଚିଲିକା

| କ୍ର. ସଂ. | ଗାଁର ନାମ | ପ୍ଲଟ୍ ନମ୍ବର | ଖାତା ନମ୍ବର | ଭୂମିର ପ୍ରକାର | ସମ୍ପୂର୍ଣ୍ଣ ଜମି ଏକରରେ | ଅର୍ଜିତ ଜମି ଏକରରେ |
|---|---|---|---|---|---|---|
| 1 | ହରିପୁର | 413 | 868 | ଜଙ୍ଗଲ | 50.530 | 0.159 |
| 2 | ହରିପୁର | 426 | 868 | ଜଙ୍ଗଲ | 4.655 | 0.067 |
| 3 | ହରିପୁର | 434 | 868 | ଜଙ୍ଗଲ | 3.160 | 0.374 |
| 4 | ହରିପୁର | 433 | 872 | ସରକାରୀ | 6.410 | 0.398 |
| 5 | ହରିପୁର | 481 | 871 | ସରକାରୀ | 0.415 | 0.036 |
| 6 | ହରିପୁର | 469 | 400 | ନିଜସ୍ୱ | 0.840 | 0.129 |
| 7 | ହରିପୁର | 480 | 650 | ନିଜସ୍ୱ | 0.036 | |
| 8 | ହରିପୁର | 480/2357 | 743/89 | ନିଜସ୍ୱ | 0.163 | |
| 9 | ହରିପୁର | 480/2358 | 743/90 | ନିଜସ୍ୱ | 0.086 | |
| 10 | ହରିପୁର | 480/2383 | 743/136 | ନିଜସ୍ୱ | 0.052 | |
| 11 | ହରିପୁର | 480/2393 | 743/148 | ନିଜସ୍ୱ | 0.040 | 0.317 |
| 12 | ହରିପୁର | 480/2514 | 743/386 | ନିଜସ୍ୱ | 0.115 | |
| 13 | ହରିପୁର | 480/2515 | 743/388 | ନିଜସ୍ୱ | 0.105 | |
| 14 | ହରିପୁର | 480/2516 | 743/389 | ନିଜସ୍ୱ | 0.069 | |
| 15 | ହରିପୁର | 480/2517 | 743/390 | ନିଜସ୍ୱ | 0.029 | |
| 16 | ହରିପୁର | 480/2518 | 743/391 | ନିଜସ୍ୱ | 0.070 | |
| 17 | ହରିପୁର | 479 | 153 | ମନ୍ଦିର ଜମି | 0.972 | 0.408 |
| 18 | ହରିପୁର | 483 | 288 | ନିଜସ୍ୱ | 0.400 | |
| 19 | ହରିପୁର | 483/2430 | 743/195 | ନିଜସ୍ୱ | 0.117 | |
| 20 | ହରିପୁର | 483/2442 | 743/218 | ନିଜସ୍ୱ | 0.100 | |
| 21 | ହରିପୁର | 483/2448 | 743/230 | ନିଜସ୍ୱ | 0.072 | 0.213 |
| 22 | ହରିପୁର | 483/2461 | 743/248 | ନିଜସ୍ୱ | 0.028 | |
| 23 | ହରିପୁର | 483/2465 | 743/252 | ନିଜସ୍ୱ | 0.140 | |
| 24 | ହରିପୁର | 483/2521 | 743/397 | ନିଜସ୍ୱ | 0.043 | |
| 25 | ହରିପୁର | 478 | 871 | ସରକାରୀ | 0.245 | 0.057 |
| 26 | ହରିପୁର | 477 | 288 | ନିଜସ୍ୱ | 0.233 | 0.155 |
| 27 | ହରିପୁର | 486 | 871 | ସରକାରୀ | 1.983 | 0.130 |
| 28 | ହରିପୁର | 459 | 871 | ସରକାରୀ | 1.223 | 0.166 |
| 29 | ହରିପୁର | 550 | 135 | ନିଜସ୍ୱ | 0.206 | 0.064 |
| 30 | ହରିପୁର | 553 | 452 | ନିଜସ୍ୱ | 0.012 | 0.012 |
| 31 | ହରିପୁର | 554 | 471 | ନିଜସ୍ୱ | 0.126 | 0.086 |
| 32 | ହରିପୁର | 552 | 472 | ନିଜସ୍ୱ | 0.550 | 0.128 |
| 33 | ହରିପୁର | 655 | 874 | ସରକାରୀ | 3.398 | 0.069 |
| 34 | ହରିପୁର | 656 | 874 | ସରକାରୀ | 3.004 | 0.051 |
| 35 | ହରିପୁର | 657 | 874 | ସରକାରୀ | 3.490 | 0.063 |
| 36 | ହରିପୁର | 751 | 127 | ନିଜସ୍ୱ | 0.105 | 0.055 |
| 37 | ହରିପୁର | 750 | 344 | ନିଜସ୍ୱ | 0.432 | 0.197 |
| 38 | ହରିପୁର | 760 | 743/416 | ନିଜସ୍ୱ | 0.432 | 0.133 |
| 39 | ହରିପୁର | 757 | 743/79 | ନିଜସ୍ୱ | 0.463 | 0.016 |
| 40 | ହରିପୁର | 759 | 268 | ନିଜସ୍ୱ | 0.231 | 0.105 |
| 41 | ହରିପୁର | 762 | 237 | ନିଜସ୍ୱ | 0.432 | 0.066 |
| 42 | ହରିପୁର | 770 | 676 | ନିଜସ୍ୱ | 0.387 | 0.062 |
| 43 | ହରିପୁର | 763 | 563 | ନିଜସ୍ୱ | 0.821 | 0.143 |
| 44 | ହରିପୁର | 764 | 245 | ନିଜସ୍ୱ | 0.373 | 0.050 |
| 45 | ହରିପୁର | 768 | 743/323 | ନିଜସ୍ୱ | 0.305 | 0.031 |
| 46 | ହରିପୁର | 765 | 245 | ନିଜସ୍ୱ | 0.095 | 0.083 |
| 47 | ହରିପୁର | 745 | 587 | ନିଜସ୍ୱ | 0.733 | 0.006 |
| 48 | ହରିପୁର | 767 | 587 | ନିଜସ୍ୱ | 0.483 | 0.086 |
| 49 | ହରିପୁର | 766 | 869 | ସରକାରୀ | 0.050 | 0.024 |
| 50 | ହରିପୁର | 811/2299 | 226 | ନିଜସ୍ୱ | 0.325 | 0.172 |
| 51 | ହରିପୁର | 814 | 583 | ନିଜସ୍ୱ | 1.069 | 0.018 |
| 52 | ହରିପୁର | 815 | 350 | ନିଜସ୍ୱ | 1.070 | 0.342 |
| 53 | ହରିପୁର | 821 | 871 | ସରକାରୀ | 0.240 | 0.025 |
| 54 | ହରିପୁର | 823 | 607 | ମନ୍ଦିର ଜମି | 0.767 | 0.172 |
| 55 | ହରିପୁର | 824 | 252 | ନିଜସ୍ୱ | 0.548 | 0.111 |
| 56 | ହରିପୁର | 825 | 631 | ନିଜସ୍ୱ | 1.132 | 0.118 |
| 57 | ହରିପୁର | 828 | 688 | ନିଜସ୍ୱ | 0.418 | 0.094 |
| 58 | ହରିପୁର | 829 | 6 | ନିଜସ୍ୱ | 0.417 | 0.144 |
| 59 | ହରିପୁର | 849 | 374 | ନିଜସ୍ୱ | 0.458 | 0.105 |
| 60 | ହରିପୁର | 851 | 476 | ନିଜସ୍ୱ | 2.203 | 0.463 |
| 61 | ହରିପୁର | 858 | 592 | ନିଜସ୍ୱ | 0.412 | 0.150 |
| 62 | ହରିପୁର | 1173 | 550 | ନିଜସ୍ୱ | 0.160 | 0.075 |
| 63 | ହରିପୁର | 1172 | 156 | ନିଜସ୍ୱ | 0.165 | 0.067 |
| 64 | ହରିପୁର | 1171 | 557 | ମନ୍ଦିର ଜମି | 0.371 | 0.118 |
| 65 | ହରିପୁର | 1170 | 184 | ମନ୍ଦିର ଜମି | 0.323 | 0.134 |
| 66 | ହରିପୁର | 1169 | 199 | ମନ୍ଦିର ଜମି | 0.148 | 0.095 |
| 67 | ହରିପୁର | 1162 | 743/402 | ନିଜସ୍ୱ | 0.714 | 0.059 |
| 68 | ହରିପୁର | 1164 | 871 | ସରକାରୀ | 0.507 | 0.093 |
| 69 | ହରିପୁର | 1167 | 743/288 | ନିଜସ୍ୱ | 0.899 | 0.077 |
| 70 | ହରିପୁର | 1168 | 871 | ସରକାରୀ | 0.165 | 0.034 |
| | | | | | ମୋଟ | 6.805 |

ଉପ ମୁଖ୍ୟ ଇଞ୍ଜିନିୟର/ନିର୍ମାଣ/ଆରଏସପି, ପୂର୍ବ ତଟ ରେଳପଥ /ଭୁବନେଶ୍ୱର

[PR-31/CJ/26-27]

# ଚୋରା ମୋରମ ପକାଇ ନଳକୂପ ପୋତିଦେଲେ

## ବିଡିଓଙ୍କ ନିକଟରେ ଗ୍ରାମବାସୀଙ୍କ ଅଭିଯୋଗ

ବାରଙ୍ଗ, ୨୫।୪(ଲିଙ୍ଗରାଜ ରାଉତ)

ତ୍ରିଶୂଳିଆ ବାଙ୍କୀ ରାସ୍ତାର ପାଟପୁର ଗାଁ ମୁଣ୍ଡରେ ଥିବା ଏକ ନଳକୂପକୁ ରାତାରାତି ମୋରମ ପକାଇ ପୋତି ଦିଆଯାଇଥିବା ଅଭିଯୋଗ ହୋଇଛି। ଖରା ଦିନେ ପାଣି ଟିକେ ପାଇବା ପାଇଁ ଲୋକମାନେ ଡହଳବିକଳ ହେଉଥିବା ବେଳେ ଏହି ନଳକୂପ ଉପରେ ଗ୍ରାମବାସୀ ନିର୍ଭର କରିଥାନ୍ତି। ଏଥିଯୋଗୁ ନଳକୂପ ପୋତିଦେବା ଘଟଣାକୁ ଗ୍ରାମବାସୀ ସହଜରେ ଗ୍ରହଣ କରି ନ ପାରି ବଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି।

ସେମାନଙ୍କ ଅଭିଯୋଗ ଅନୁଯାୟୀ, ଖରାଦିନ ଆସିଲେ କୁହେଇପଡା ପଞ୍ଚାୟତର ପାଟପୁର ଗ୍ରାମବାସୀ ପିଇବା ପାଣି ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଗ୍ରାମରେ ସ୍ଥାୟୀ ପାନୀୟ ଜଳ ଯୋଗାଣ ପାଇଁ ଗ୍ରାମବାସୀ ବ୍ଲକ ପ୍ରଶାସନ ଓ ଲୋକପ୍ରତିନିଧିମାନଙ୍କ ନିକଟରେ ବାରମ୍ବାର ଅଭିଯୋଗ କରିଥିଲେ। ଏହା ସତ୍ତ୍ୱେ କୌଣସି ସ୍ଥାୟୀ ସମାଧାନ ହୋଇପାରି ନ ଥିଲା। ଏହାକୁ ବିରୋଧ କରି ପାଟପୁର ଗ୍ରାମବାସୀ ମାର୍ଚ୍ଚ ୨୩ରେ ତ୍ରିଶୂଳିଆ ବାଙ୍କୀ ମୁଖ୍ୟ ରାସ୍ତାକୁ ଅବରୋଧ କରିଥିଲେ। ଏହାପରେ କଟକ ଜିଲାପାଳଙ୍କ ନିର୍ଦ୍ଦେଶରେ ବ୍ଲକ ତରଫରୁ ଟ୍ୟାଙ୍କର ଯୋଗେ ଗ୍ରାମକୁ ପାଣି ଯୋଗାଇ ଦିଆଯାଉଛି। ମାତ୍ର ଏହା ପର୍ଯ୍ୟାପ୍ତ ପରିମାଣର ହେଉ ନାହିଁ। ଫଳରେ ତ୍ରିଶୂଳିଆ ବାଙ୍କୀ ମୁଖ୍ୟରାସ୍ତା କଡ଼ରେ ଥିବା ଏହି ନଳକୂପ ଉପରେ ଗ୍ରାମବାସୀ ନିର୍ଭର କରିଥାନ୍ତି। ହେଲେ ନଳକୂପଟିକୁ ଗୁରୁବାର ବିଳମ୍ବିତ ରାତିରେ ଚୋରା ମୋରମ ପକାଯାଇ କୌଣସି ବ୍ୟକ୍ତି ପୋତି ଦେଇଥିବା ଶୁକ୍ରବାର ସକାଳୁ ଗ୍ରାମବାସୀ ଦେଖିବାକୁ ପାଇଥିଲେ। ଏହାପରେ ବ୍ଲକ ପ୍ରଶାସନ ନିକଟରେ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ବିଡିଓ ଖୁବ୍‌ଶୀଘ୍ର ଏହି ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ଗ୍ରାମବାସୀଙ୍କ ପକ୍ଷରୁ କୁହାଯାଇଛି।


ମୋରମ ଭିତରେ ଅଧା ପୋତିହୋଇ ରହିଥିବା ନଳକୂପ।

# ରାଜଧାନୀରେ ବ୍ଲକିଂ ଚେକିଂ


ଶହୀଦ ନଗର ଥାନା ପକ୍ଷରୁ ଗାଡ଼ି ଯାଞ୍ଚ କରାଯାଉଛି।

ଭୁବନେଶ୍ୱର,୨୫।୪ (ପ୍ରସନଜିତ୍ ସାହୁ)

କମିଶନରେଟ ପୋଲିସ ପକ୍ଷରୁ ରାଜଧାନୀ ଭୁବନେଶ୍ୱରର ବିଭିନ୍ନ ଛକଗୁଡ଼ିକରେ ଶନିବାର ବ୍ଲକିଂ ଚେକିଂ କରାଯାଇଛି। ରାତ୍ରକାଳୀନ ପାଟ୍ରୋଲିଂ ସମୟରେ ସହରର ବିଭିନ୍ନ ଥାନା ପକ୍ଷରୁ ଏହି ଚେକିଂ କରାଯାଇଛି। ଅମାନିଆ ଚାଳକ, ମଦ୍ୟପ ତଥା ବେଆଇନ କାର୍ଯ୍ୟରେ ସମ୍ପୃକ୍ତି ଥିବା ସନ୍ଦେହରେ ଗାଡ଼ି ଅଟକାଇ ଯାଞ୍ଚ କରାଯାଇଛି। କ୍ୟାପିଟାଲ, ଲିଙ୍ଗରାଜ, ଜଟଣୀ, ଇନ୍‌ଫୋଭ୍ୟାଲି, ଶହୀଦନଗର, ଖାରବେଳନଗର, ପାହାଲ, ଏୟାରପୋର୍ଟ, ମଞ୍ଚେଶ୍ୱର, ମୈତ୍ରୀବିହାର, ତମାଣ୍ଡ ଥାନା ପକ୍ଷରୁ ଏହି ଚେକିଂ କରାଯାଇଛି। ଖବର ଲେଖାହେବା ପର୍ଯ୍ୟନ୍ତ ଯାଞ୍ଚ ଜାରି ରହିଥିବାରୁ କେତେଜଣ ଅମାନିଆଙ୍କ ଠାରୁ ଜରିମାନା ଆଦାୟ କରାଯାଇଛି, ତା'ର ତଥ୍ୟ ପାରିନାହିଁ।

# ସଫଳ ଗୀତ ଲେଖିବା ପାଇଁ ଅକ୍ଷୟ ମହାନ୍ତିଙ୍କଠାରୁ ଚାପୁଡ଼ା ଖାଇଲି



ଭୁବନେଶ୍ୱର,୨୫।୪ (ସୌମ୍ୟରଞ୍ଜନ ରାଉତ)

ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ପକ୍ଷରୁ ଶନିବାର ଗୀତ ଗୋବିନ୍ଦ ସଦନଠାରେ 'ସାହିତ୍ୟ ମାସିକୀ' ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଗୀତିକାର ସଞ୍ଚି ମହାନ୍ତି ଯୋଗଦେଇ କହିଲେ, ସମ୍ପର୍କ ଓ ସଂଘର୍ଷ ଗୀତିକାର ଜୀବନର ସୃଜନ ଭୂମି। ସଫଳ ଗୀତି କବିତା ଲେଖିବା ପାଇଁ ନିଷ୍ଠା, ଅଧ୍ୟୟନ ଓ ପର୍ଯ୍ୟବେକ୍ଷଣ ଦରକାର। ଗୀତି କବିତାକୁ ସାରସ୍ୱତ ମର୍ଯ୍ୟାଦା ମିଳୁ ନ ଥିବାରୁ ସେ କ୍ଷୋଭ ପ୍ରକାଶ କରି କହିଲେ, ସଫଳ ଗୀତ ଲେଖିବା ପାଇଁ ମୁଁ ଅକ୍ଷୟ ମହାନ୍ତିଙ୍କଠାରୁ ଚାପୁ ଖାଇଥିଲି। ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ରକ୍ଷକ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କବିତା ପାଠ ଉତ୍ସବରେ ଯୁବ କବି ରଶ୍ମିରେଖା ଦାସ 'ଏ ମାସର କବି' ଭାବରେ ଯୋଗଦେଇ କବିତା ପାଠ କରିଥିଲେ। ଅନୁଷ୍ଠାନର ସଭାପତି ସୂର୍ଯ୍ୟ ମିଶ୍ର ପରିଚାଳନା କରିଥିବାବେଳେ ଉପସଭାପତି ମିନତି ଦାଶ ଓ ଜୟଶ୍ରୀ ପଟ୍ଟନାୟକଙ୍କ ସଂଯୋଜନାରେ କବିମାନେ ୪୦ରୁ ଊର୍ଦ୍ଧ୍ୱ କବିତା ପାଠ କରିଥିଲେ। ଅନ୍ୟତମ ଉପସଭାପତି ବିଭୁତି ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।

# ମନୋଜ ଦାସଙ୍କ ୨ପୁସ୍ତକ ଉନ୍ମୋଚିତ

ଭୁବନେଶ୍ୱର,୨୫।୪ (ସୌମ୍ୟରଞ୍ଜନ ରାଉତ)

କଥାଶିଳ୍ପୀ ମନୋଜ ଦାସଙ୍କ ଗଳ୍ପରୁ ସଂଗୃହୀତ ଓ ସଂକଳିତ ପକ୍ଷୀଘର ପ୍ରକାଶନୀ ପ୍ରକାଶିତ ୨ଟି ପୁସ୍ତକ ଶନିବାର ଗୀତଗୋବିନ୍ଦ ସଦନରେ ଉନ୍ମୋଚିତ ହୋଇଯାଇଛି। ଅତିଥି ଭାବେ ଅଭିନେତା ପ୍ରଶାନ୍ତ ନନ୍ଦ ଯୋଗଦେଇ 'ମନୋଜ ଦାସଙ୍କ ଅସ୍ତମିତ ସାମନ୍ତବାଦର କାହାଣୀ' ଏବଂ 'ମନୋଜ ଦାସଙ୍କ କିଶୋର ମନସ୍ତତ୍ତ୍ୱର କାହାଣୀମାଳା' ଉନ୍ମୋଚନ କରି କହିଲେ, ମନୋଜଙ୍କ ଯୁଗାନ୍ତକାରୀ କାହାଣୀ ଆଗାମୀ ବର୍ଷ ବର୍ଷ ଧରି ଓଡିଶାର ପାଠକଙ୍କୁ ଦିଗ୍‌ଦର୍ଶନ କରୁଥିବ। କବି ଅରୁଣ କୁମାର ସାହୁ ମନୋଜ ସାହିତ୍ୟର ଗବେଷଣା ଓ ଅନୁସନ୍ଧାନ ଲବ୍ଧ ଏହି ଦୁଇ ସଙ୍କଳନ ବିଷୟରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଭାବେ ଡା. ସଂଘମିତ୍ରା ଦାସ ଓ ସାହିତ୍ୟିକ ବନଜ ଦେବୀ କଥାଶିଳ୍ପୀ ମନୋଜ ଦାସଙ୍କ ମାନବିକ ଆଧ୍ୟାତ୍ମିକତା ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ଡ. ପ୍ରବୀଣା ମହାନ୍ତି, ସ୍ୱାମୀ ରୁଦ୍ରବେଶାନ୍ଦ ଗିରି, କବି ଅଶୋକ ପୁହାଣ, ଶୁଭ୍ରାଂଶୁ ଶେଖର ପରିଡା ଏବଂ ସମାଜୀକର୍ମୀ ଶ୍ରୀନିବାସ ମାନସିଂହ ଏବଂ ଡ଼. ଦତ୍ତାତ୍ରେୟ ଦାଶଙ୍କୁ 'ମନୋଜ ପାଠକ ପୁରସ୍କାର' ଦିଆଯାଇଥିଲା। ପକ୍ଷୀଘର ପ୍ରକାଶନୀର ସଂପାଦକ ବେନୋଜ ତ୍ରିପାଠୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରକାଶିକା ବବିତା ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ କଥାଶିଳ୍ପୀ ମନୋଜ ଦାସଙ୍କ ଦୁଇଟି ପୁସ୍ତକ ଉନ୍ମୋଚନ କରୁଛନ୍ତି।

# ଜୟଦେବ ପୀଠ ଅସାମାଜିକଙ୍କ ଆଡ୍ଡାସ୍ଥଳ ପାଲଟିଛି



## ଜିଲାପାଳଙ୍କ ନିକଟରେ ଫେରାଦ ହେଲେ ସାଧୁସନ୍ଥ

ଖୋର୍ଦ୍ଧା,୨୫।୪(ପ୍ରଭାତ ପାଣିଗ୍ରାହୀ)

ବାଲିଅନ୍ତା ବ୍ଲକ କେନ୍ଦୁବିଲ୍ୱସ୍ଥିତ ଜୟଦେବଙ୍କ ପୀଠ ଅସାମାଜିକ ଯୁବକଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଏହି ପୀଠରେ କେତେଜଣ ଅସାଧୁ ବ୍ୟବସାୟୀ ଯାତ୍ରା ପାର୍ଟି ପକାଇ ଅଶ୍ଳୀଳ ନୃତ୍ୟ ପରିବେଷଣ ଦ୍ୱାରା ଜୟଦେବଙ୍କ ଏହି ପବିତ୍ର ପୀଠକୁ ଅପମାନିତ କରୁଛନ୍ତି। ଏହି ପୀଠର ଗରିମା, ସମ୍ମାନ ଦୃଷ୍ଟିରୁ ଏହାକୁ ଅସାମାଜିକଙ୍କଠାରୁ ମୁକ୍ତ ପାଇଁ ଏକାଧିକ ସାଧୁସନ୍ଥ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି।

ଏଥିରେ ଉଲ୍ଲେଖ ରହିଛି ଯେ, ଏହି ପୀଠ ଏବେ ଅସାମାଜିକଙ୍କ ଚରାଭୂଇଁ ପାଲଟିଛି। ମଦ, ମାଂସର ଆସର ସହ ଜୁଆଖେଳ, ଆପରାଧିକ କାର୍ଯ୍ୟକଳାପ ଚାଲିଛି। ଜୟଦେବଙ୍କ ପୀଠ ଶ୍ରୀଜଗନ୍ନାଥଙ୍କ ସଂସ୍କୃତି ସହ ଜଡ଼ିତ। ତେଣୁ ଏହି ପୀଠରେ ସ୍ୱତନ୍ତ୍ରତା ରହିଛି। ଜୟଦେବଙ୍କ ଜନ୍ମଭୂମି ଭାବେ ସାରା ବିଶ୍ୱରେ ଖ୍ୟାତି ରହିଥିବା ବେଳେ ଏମାନେ ଏହାର ଭକ୍ତିମୟ ପରିବେଶ ନଷ୍ଟ କରିବା ସହ ଏକପ୍ରକାର କଳୁଷିତ ବାତାବରଣ ସୃଷ୍ଟି କରିଛନ୍ତି। ଜୟଦେବଙ୍କ ଏହି ପୀଠକୁ ବହୁ ଭକ୍ତ, ପର୍ଯ୍ୟଟକଙ୍କ ଆଗମନ ହୋଇଥାଏ। ତେବେ ଅସାମାଜିକଙ୍କ ଆଡ୍ଡା ଯୋଗୁ ଭକ୍ତମାନେ ଏଠାକୁ ଆସିବାକୁ ସୁରକ୍ଷିତ ମଣୁନାହାନ୍ତି। ଏହାର ପରିବେଶକୁ ନଷ୍ଟ କରୁଥିବା ବ୍ୟକ୍ତି ବିଶେଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ଦାବି କରିଛନ୍ତି। ଅନ୍ୟପକ୍ଷରେ ଏହା ଉପରେ ପୋଲିସ କମିଶନରଙ୍କ ସହ ଆଲୋଚନା କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି।

# ମୃତ ବ୍ୟକ୍ତିଙ୍କ ସମ୍ପତ୍ତି ୨ଜଣଙ୍କ ନାଁରେ ରେକର୍ଡଭୁକ୍ତ ଅଭିଯୋଗ

ଖୋର୍ଦ୍ଧା,୨୫।୪(ପ୍ରଭାତ ପାଣିଗ୍ରାହୀ)

ଜଟଣୀ ତହସିଲ ଅଧୀନ ତରାବୋଇ ପଞ୍ଚାୟତର ହରିଡ଼ାମଡ଼ା ଗ୍ରାମର ଜଣେ ମୃତ ବ୍ୟକ୍ତିଙ୍କ ସମ୍ପତ୍ତିକୁ ବେଆଇନ ଭାବେ ୨ଜଣ ବ୍ୟକ୍ତି ନିଜ ନାମରେ ରେକର୍ଡଭୁକ୍ତ କରାଇନେଇଛନ୍ତି ବୋଲି ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଏହି ଜମିପଟ୍ଟାର ରେଜିଷ୍ଟ୍ରେଶନ ରଦ୍ଦ କରିବା ସହ ସମ୍ପୃକ୍ତ ବ୍ୟକ୍ତି ଏବଂ ଏହାକୁ ପ୍ରୋତ୍ସାହନ ଦେଇଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଅଭିଯୋଗ ଅନୁଯାୟୀ, ଏହି ଜମିର ମାଲିକ ନିତ୍ୟାନନ୍ଦ ଦାସଙ୍କ ୨୦୦୬ ମେ'୧୮ରେ ପରଲୋକ ହୋଇଯାଇଛି। ତେବେ ନିତ୍ୟାନନ୍ଦଙ୍କ ନାମରେ ରହିଥିବା ଦୁଇ ଏକର ୭୩୫ ଡିସିମିଲ ଜମିକୁ ୨୦୨୦ ଜାନୁଆରୀ ୪ରେ ଭୁବନେଶ୍ୱର ଖଣ୍ଡଗିରି ଥାନା କଳିଙ୍ଗ ବିହାର ଅଞ୍ଚଳର ରତିକାନ୍ତ ମହାପାତ୍ର ଏବଂ ଏୟାରଫିଲ୍ଡ ଥାନା ଭୀମଟାଙ୍ଗୀର ପାର୍ଥ ସାରଥି ମହାପାତ୍ର ଭୁବନେଶ୍ୱର ସବ୍‌ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟରେ ନିଜ ନାମରେ ରେକର୍ଡଭୁକ୍ତ କରାଇନେଇଛନ୍ତି। ଦୀର୍ଘ ବର୍ଷ ପରେ ମୃତକଙ୍କ ପରିବାରର ଦୟାନିଧି ଦାସ ଏହି ଘଟଣା ସଂକ୍ରାନ୍ତରେ ଜାଣିବା ପରେ ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଜଣେ ମୃତ ବ୍ୟକ୍ତିଙ୍କ ନାଁରେ ଥିବା ଜମିକୁ ପରିବାରବର୍ଗ ଅଗୋଚରରେ କେଉଁ ଆଇନ ବଳରେ ସବ୍‌ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟରେ ଜମି ରେକର୍ଡଭୁକ୍ତ କରାଗଲା, ତାହାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଏହାର ନିରପେକ୍ଷ ତଦନ୍ତ, ଏହି ଅନିୟମିତତା ପଛର ମାଷ୍ଟରମାଇଣ୍ଡ ଏବଂ ରେକର୍ଡଭୁକ୍ତ କରାଇ ନେଇଥିବା ସମ୍ପୃକ୍ତ ୨ଜଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

# ବ୍ରାଉନ୍‌ସୁଗାର କାରବାର, ୩ ଧରାପଡ଼ିଲେ

ଖୋର୍ଦ୍ଧା/ ବାଘମାରୀ,୨୫।୪ (ପ୍ରଭାତ ପାଣିଗ୍ରାହୀ/ ମିହିର ରଞ୍ଜନ ମହାପାତ୍ର)

ଖୋର୍ଦ୍ଧା ସଦର ଥାନା ଅଧୀନ ସିଆଳିଆ ଖେଳପଡ଼ିଆ ନିକଟରେ ପୋଲିସ ଚଢ଼ାଉ କରି ୨୩.୦୭ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ କରିବା ସହ ଦୁଇ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ବଣିଆଟାଙ୍ଗୀର ସୁଦୀପ୍ତ ସାମନ୍ତରାୟ ଓରଫ ଦୀପୁ(୩୫) ଓ ଚନ୍ଦକା ଥାନା କୁଟିମହୁଲର ଅଭିଜିତ ପାତ୍ର ଓରଫ୍ ଆକାଶ(୨୦)। ଏଥିସହ ଏମାନଙ୍କ ନିକଟରୁ ଦୁଇଟି ବାଇକ୍ ଓ ଫୋନ ଜବତ ହୋଇଛି। ଜାମିନ ନାମଞ୍ଜୁର ପରେ ଏମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, ଶୁକ୍ରବାର ମଧ୍ୟାହ୍ନରେ ସିଆଳିଆ ପଡ଼ିଆ ନିକଟରେ ବ୍ରାଉନ୍‌ସୁଗାର ବିକ୍ରି କରିବାକୁ କେତେଜଣ ଯୁବକ ଯୋଜନା କରୁଥିବା ଖବରପାଇ ଥାନା ଅଧିକାରୀ ବାସୁଦେବ ଜୟସିଂଙ୍କ ତତ୍ତ୍ୱାବଧାନରେ ଏସ୍‌ଆଇ ଚନ୍ଦନ ଦାସଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣାସ୍ଥଳରେ ଚଢ଼ାଉ କରିଥିଲେ। ଚଢ଼ାଉ ବେଳେ ତିନିଜଣ ଯୁବକ ବାଇକ୍ ସହ ଉପସ୍ଥିତ ଥିଲେ। ଜଣେ ଯୁବକ କୌଶଳକ୍ରମେ ଫେରାର ହୋଇଯାଇଥିବା ବେଳେ ଉପରୋକ୍ତ ଅଭିଯୁକ୍ତଦ୍ୱୟ ଧରାପଡ଼ିଥିଲେ। ଏହି ଚଢ଼ାଉରେ ଏଏସ୍‌ଆଇ ସୁବାସ ନାୟକ, ଲକ୍ଷ୍ମୀ ସାହୁ, କନଷ୍ଟେବଳ ଅବଦୁଲ ମସି ଖାନ୍, ଦେବରାଜ ସାହୁ, ସୁଶାନ୍ତ ସୁନ୍ଦରାୟ, ଚନ୍ଦନ ପାଟଶାଣୀ, ସନ୍ତୋଷ ବାରିକ ପ୍ରମୁଖ ସାମିଲ ହୋଇଥିଲେ।

ବାଘମାରୀ ଥାନା ପୋଲିସ ଶନିବାର ଚଢ଼ାଉ କରି ୧୩ଗ୍ରାମ୍ ବ୍ରାଉନ୍‌ସୁଗାର ଓ ଦୁଇଟି ମୋବାଇଲ ଫୋନ ଜବତ କରିବା ସହ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଖୋର୍ଦ୍ଧା ସାମନ୍ତରାପୁର ଗ୍ରାମର ସଦାଶିବ ନାୟକ ଓରଫ ସିଲୁ(୨୫)। ସୂଚନା ମୁତାବକ, ବାଘମାରୀ ଥାନା ଅଧୀନ ବାମଡ଼ିହ ବସ୍‌ଷ୍ଟାଣ୍ଡ ନିକଟରେ ଜଣେ ଯୁବକ ବ୍ରାଉନସୁଗାର କାରବାର ପାଇଁ ଗ୍ରାହକଙ୍କୁ ଆପେକ୍ଷା କରିଛି ବୋଲି ପୋଲିସ ଖବର ପାଇଥିଲା। ଏହା ପରେ ପୋଲିସ ପକ୍ଷରୁ ଗଠିତ ଏକ ଟିମ୍ ଘଟଣାସ୍ଥଳରେ ଚଢ଼ାଉ କରି ସଦାଶିବଙ୍କୁ ଧରିବା ସହ ବ୍ରାଉନସୁଗାର ଜବତ କରିଥିଲା। ଏନେଇ ଥାନାରେ ଏକ ମାମଲା (ନଂ.୧୨୪/୨୬)ରୁଜୁ ହୋଇଛି ବୋଲି ଥାନା ଅଧିକାରୀ ସୁଚିତ୍ରା ଜେନା ସୂଚନା ଦେଇଛନ୍ତି।

# ନୂଆ ରୂପରେ ରବୀନ୍ଦ୍ର ମଣ୍ଡପ, ଆକର୍ଷିତ କରୁଛି ଫାଉଣ୍ଟେନ ଶୋ'

ଭୁବନେଶ୍ୱର,୨୫।୪ (ସୌମ୍ୟରଞ୍ଜନ ରାଉତ)

ରାଜଧାନୀର ପ୍ରମୁଖ ସାଂସ୍କୃତିକ କେନ୍ଦ୍ର ତଥା ପ୍ରେକ୍ଷାଳୟ ରବୀନ୍ଦ୍ର ମଣ୍ଡପ ଏବେ ନୂଆ ରୂପରେ ଉଭା ହୋଇଛି। ନବୀକରଣ କାମ ଚାଲିଥିବାବେଳେ ଇତିମଧ୍ୟରେ ପ୍ରେକ୍ଷାଳୟର ରଙ୍ଗ ବଦଳିଛି। ଏଥିସହ ଆଲୋକ ସଜ୍ଜା ଓ ୱାଟର ଫାଉଣ୍ଟେନ୍ ଲୋକଙ୍କୁ ଆକର୍ଷିତ କରୁଛି। ବିଶେଷକରି ମଣ୍ଡପକୁ ଆସୁଥିବା ଯୁବପିଢି ଓ ପରିବାର ସଦସ୍ୟମାନେ ଏହି ସୁନ୍ଦର ପରିବେଶକୁ ଉପଭୋଗ କରିବା ପାଇଁ ସନ୍ଧ୍ୟାରେ ବହୁ ସଂଖ୍ୟକରେ ଏଠାରେ ଭିଡ଼ ଜମାଉଛନ୍ତି। ଫଟୋ ଉଠାଇବା ସହ ଭିଡିଓ ଶୁଟ୍ କରୁଛନ୍ତି। ସେମାନଙ୍କ ସେଲ୍‌ଫିରେ ରବୀନ୍ଦ୍ର ମଣ୍ଡପର ମନୋରମ ଦୃଶ୍ୟ କଏଦ ହେଉଛି। ସେହିପରି ମଣ୍ଡପ ବୁକିଂ ପାଇଁ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭା ପକ୍ଷରୁ ନୂଆ ୱେବ୍‌ସାଇଟ କରାଯାଇଛି। ଏଥିପାଇଁ ରବୀନ୍ଦ୍ର ମଣ୍ଡପ, ଭଞ୍ଜକଳା ମଣ୍ଡପ ଏବଂ ଉତ୍କଳ ମଣ୍ଡପ ବୁକିଂ ଅଧିକ ସହଜ ହୋଇପାରିବ ବୋଲି କୁହାଯାଇଛି। ୱେବ୍‌ସାଇଟ୍ man-dapbooking.odisha.gov.in ମାଧ୍ୟମରେ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ମଣ୍ଡପ ବୁକିଂ କରିପାରିବେ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।






## ଫଟୋରେ ଖବର


ଜୀବନ ରେଖା ଥିଏଟର ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ରଙ୍ଗ ଉତ୍ସବରେ ପରିବେଷିତ ନାଟକ 'ଅନ୍ଧା ଯୁଗ'ର ଏକ ଦୃଶ୍ୟ।



ଦିବ୍ୟ ଦିଗନ୍ତର ବାର୍ଷିକ ଉତ୍ସବ ପାଳନ ଅବସରରେ ଶନିବାର ବୁଦ୍ଧ ମନ୍ଦିରରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ ବ୍ୟକ୍ତିବିଶେଷଙ୍କ ସହ ଅତିଥିମାନେ।

**ସଂକ୍ଷେପରେ**

## ଓଡ଼ିଆ ବିଭାଗର ୧୧୩ତମ ବାର୍ଷିକ ଉତ୍ସବ

କଟକ,୨୫।୪(କୁମାରଶ୍ରୀ)
ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡ଼ିଆ ବିଭାଗର ୧୧୩ତମ ବର୍ଷ ପୂର୍ତ୍ତି ପରିପ୍ରେକ୍ଷୀରେ ଓଡ଼ିଆ ସଂସ୍କୃତିରେ ଲୋକ ବିଦ୍ୟା ଶୀର୍ଷକ ଜାତୀୟ ସଂପାନ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ଜୀବନ ବଲ୍ଲଭ ଜେନାଙ୍କ ପୃଷ୍ଠପୋଷକତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡ. ଚିତ୍ତରଞ୍ଜନ ପଣ୍ଡା ଅଧକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ବିଶ୍ୱଭାରତୀ, ଶାନ୍ତି ନିକେତନର ପୂର୍ବତନ ପ୍ରଫେସର ରବୀନ୍ଦ୍ରନାଥ ଯୋଗଦେଇ ପ୍ରାଚୀନ କାଳର ଓଡ଼ିଆ ଲୋକ ପରମ୍ପରା ଓ ଲୋକକଳା ଉପରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ବିଶିଷ୍ଟ ଲୋକକଳା ବିଶାରଦ ଡ. ଅଜୟ କୁମାର ମିଶ୍ର ଓଡ଼ିଆ ଲୋକ ବିଦ୍ୟାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ରବି ନାରାୟଣ ଦାଶ ସାମ୍ପ୍ରତିକ ସମୟରେ ଲୋକବିଦ୍ୟାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ଡ. ସଞ୍ଜିତା ମିଶ୍ର ସମ୍ମାନର ଆଭିମୁଖ୍ୟ ବର୍ଣ୍ଣନା କରିଥିବାବେଳେ ଡ. ସୁଜ୍ଞାନୀ କୁମାରୀ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏଥିରେ ଡ. ନରେନ୍ଦ୍ର ନାଥ ନାୟକ, ଅଧ୍ୟାପିକା ମଧୁସ୍ମିତା ଜେନା ଓ ଅଧ୍ୟାପିକା ଜ୍ଞାନ ବିଜୟିନୀ ବେଉରା ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଡ. ବିକାଶ କୁମାର ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

## ସଫଳତା ପାଇଁ ଶୃଙ୍ଖଳା ସହ ନିରନ୍ତର ପ୍ରଚେଷ୍ଟା ଆବଶ୍ୟକ

ମାହାଙ୍ଗା,୨୫।୪(ଅଜୟ କୁମାର ମହାନ୍ତି): କୁଆଁପାଳସ୍ଥିତ ଜବାହରଲାଲ ନେହେରୁ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ଶେଷ ବର୍ଷର ଛାତ୍ରୀଛାତ୍ରମାନଙ୍କ ପାଇଁ ଶନିବାର ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଅଧ୍ୟାପକ ଶୁଭମ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ପ୍ରଶାସନିକ ମୁଖ୍ୟ ତଥା ବରିଷ୍ଠ ପ୍ରାଧ୍ୟାପକ ରବି ନାରାୟଣ ବାରିକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଇଂଲିଶ ବିଭାଗୀୟ ମୁଖ୍ୟ ଅଧ୍ୟାପକ ଆଶିଷ କୁମାର ବରାଳ ଯୋଗଦେଇ ଜୀବନର ପ୍ରତିଟି କ୍ଷେତ୍ରରେ ସଫଳତା ପାଇବା ପାଇଁ ଶୃଙ୍ଖଳା ଓ ନିରନ୍ତର ପ୍ରଚେଷ୍ଟାର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଏଥିସହ ଅତିଥିମାନେ ଛାତ୍ରୀଛାତ୍ରମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ସେମାନଙ୍କୁ ଏକ ଉତ୍ତମ, ଶୃଙ୍ଖଳିତ ଏବଂ ସୃଜନଶୀଳ ଜୀବନ ଗଠନ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଅଧ୍ୟାପକ ବାଇଧର ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପିକା ପାୟଲ ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବାରେ ବିଭାଗର ଛାତ୍ରୀଛାତ୍ର ଅର୍ପିତା, ରାଜକିଶୋର, ଓମ୍ ପ୍ରକାଶଙ୍କ ସମେତ ସମସ୍ତ ଛାତ୍ରୀଛାତ୍ରମାନେ ସହଯୋଗ କରିଥିଲେ।

# ଚୋରା ମୋରମ ପକାଇ ନଳକୂପ ପୋତିଦେଲେ

### ବିଡିଓଙ୍କ ନିକଟରେ ଗ୍ରାମବାସୀଙ୍କ ଅଭିଯୋଗ



**ବାରଙ୍ଗ, ୨୫।୪(ଲିଙ୍ଗରାଜ ରାଉତ):**
ତ୍ରିଶୂଳିଆ ବାଙ୍କୀ ରାସ୍ତାର ପାଟପୁର ଗାଁ ମୁଣ୍ଡରେ ଥିବା ଏକ ନଳକୂପକୁ ରାତାରାତି ମୋରମ ପକାଇ ପୋତି ଦିଆଯାଇଥିବା ଅଭିଯୋଗ ହୋଇଛି। ଖରା ଦିନେ ପାଣି ଟିକେ ପାଇବା ପାଇଁ ଲୋକମାନେ ତହଲବିକଳ ହେଉଥିବା ବେଳେ ଏହି ନଳକୂପ ଉପରେ ଗ୍ରାମବାସୀ ନିର୍ଭର କରିଥାନ୍ତି। ଏଥିଯୋଗୁ ନଳକୂପ ପୋତିଦେବା ଘଟଣାକୁ ଗ୍ରାମବାସୀ ସହଜରେ ଗ୍ରହଣ କରି ନ ପାରି ବଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି।

ସେମାନଙ୍କ ଅଭିଯୋଗ ଅନୁଯାୟୀ, ଖରାଦିନ ଆସିଲେ କୁହ୍ନେଇଁପଡା ପଞ୍ଚାୟତର ପାଟପୁର ଗ୍ରାମବାସୀ ପିଇବା ପାଣି ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଗ୍ରାମରେ ସ୍ଥାୟୀ ପାନୀୟ ଜଳ ଯୋଗାଣ ପାଇଁ ଗ୍ରାମବାସୀ ବ୍ଲକ ପ୍ରଶାସନ ଓ ଲୋକପ୍ରତିନିଧିମାନଙ୍କ ନିକଟରେ ବାରମ୍ବାର ଅଭିଯୋଗ କରିଥିଲେ। ଏହା ସତ୍ତ୍ୱେ କୌଣସି ସ୍ଥାୟୀ ସମାଧାନ ହୋଇପାରି ନ ଥିଲା। ଏହାକୁ ବିରୋଧ କରି ପାଟପୁର ଗ୍ରାମବାସୀ ମାର୍ଚ୍ଚ ୨୩ରେ ତ୍ରିଶୂଳିଆ ବାଙ୍କୀ ମୁଖ୍ୟ ରାସ୍ତାକୁ ଅବରୋଧ କରିଥିଲେ। ଏହାପରେ କଟକ ଜିଲାପାଳଙ୍କ ନିର୍ଦ୍ଦେଶରେ ବ୍ଲକ ତରଫରୁ ଟ୍ୟାଙ୍କର ଯୋଗେ ଗ୍ରାମକୁ ପାଣି ଯୋଗାଇ ଦିଆଯାଉଛି। ମାତ୍ର ଏହା ପର୍ଯ୍ୟାପ୍ତ ପରିମାଣର ହେଉ ନାହିଁ। ଫଳରେ ତ୍ରିଶୂଳିଆ ବାଙ୍କୀ ମୁଖ୍ୟରାସ୍ତା କଡ଼ରେ ଥିବା ଏହି ନଳକୂପ ଉପରେ ଗ୍ରାମବାସୀ ନିର୍ଭର କରିଥାନ୍ତି। ହେଲେ ନଳକୂପଟିକୁ ଗୁରୁବାର ବିଳମ୍ବିତ ରାତିରେ ଚୋରା ମୋରମ ପକାଯାଇ କୌଣସି ବ୍ୟକ୍ତି ପୋତି ଦେଇଥିବା ଶୁକ୍ରବାର ସକାଳୁ ଗ୍ରାମବାସୀ ଦେଖିବାକୁ ପାଇଥିଲେ। ଏହାପରେ ବ୍ଲକ ପ୍ରଶାସନ ନିକଟରେ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ବିଡିଓ ଖୁବ୍‌ଶୀଘ୍ର ଏହି ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ଗ୍ରାମବାସୀଙ୍କ ପକ୍ଷରୁ କୁହାଯାଇଛି।



ତିଗିରିଆ ବ୍ଲକ ଅନ୍ତର୍ଗତ ଜେମାଦେଇପୁରସ୍ଥିତ ବଉଳସାହିଠାରେ ଶନି ମନ୍ଦିର ପ୍ରତିଷ୍ଠା ଦିବସ ଉପଲକ୍ଷେ ନୂଆପାଟଣା ବଡ଼ପୋଖରୀ ଠାରୁ ଶନିଶ୍ଚର ମନ୍ଦିର ପର୍ଯ୍ୟନ୍ତ ଭକ୍ତମାନେ କଳସ ଶୋଭାଯାତ୍ରା କରୁଛନ୍ତି। (ଫଟୋ: ଜାଫର ଖାଁ)

## ଶ୍ରୀଶ୍ରୀ ସିଦ୍ଧେଶ୍ୱର ମହାଦେବଙ୍କ ପୀଠରେ ରାମଚରିତ ମାନସ କାର୍ଯ୍ୟକ୍ରମ

ତିଗିରିଆ,୨୫।୪(ଜାଫର ଖାଁ)
ତିଗିରିଆ ବ୍ଲକ ଅନ୍ତର୍ଗତ ସୋମପଡା ପଞ୍ଚାୟତର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀଶ୍ରୀ ସିଦ୍ଧେଶ୍ୱର ମହାଦେବଙ୍କ ପୀଠରେ ୨୭ତମ ଶ୍ରୀଶ୍ରୀ ରାମଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ପ୍ରତ୍ୟେକ ବର୍ଷ ବୈଶାଖ ମାସ ଶୁକ୍ଳ ପକ୍ଷ ଅଷ୍ଟମୀ ତିଥିରୁ ୧୦ ଦିନ ଧରି ଗ୍ରାମର ଶ୍ରୀ ଶ୍ରୀ ରାମଚରିତ ମାନସ ଶ୍ରଦ୍ଧାଳୁ ସଂଘ ସଦସ୍ୟ ଓ ସୋମପଡା ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ ହେଉଥିବା ଏହି କାର୍ଯ୍ୟକ୍ରମର ପ୍ରଥମ ଦିବସରେ ଶୁଭାଧିବାସ ଓ କଳସ ଶୋଭାଯାତ୍ରା ନୀତି ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପ୍ରତ୍ୟେକ ଦିବସରେ ମନ୍ଦିର ପରିସରରେ ରାଜ୍ୟର ସୁନାମଧନ୍ୟ ପ୍ରବଚକଙ୍କ ଦାରା ପ୍ରବଚନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ରବିବାର ୩ ତାରିଖରେ ପୂର୍ଣ୍ଣାହୁତି ସହ କାର୍ଯ୍ୟକ୍ରମର ପରିସମାପ୍ତି ଘଟିବ। ଏଥିରେ ଶ୍ରୀ ଶ୍ରୀ ସଚ୍ଚିଦାନନ୍ଦ ଦାସ ମହାରାଜ, ଆଚାର୍ଯ୍ୟ ପ୍ରଦ୍ୟୁମ୍ନ ମୋହନ ଦାଶ ପୌରୋହିତ୍ୟ କରୁଥିବା ସୂଚନା ଦିଆଯାଇଛି।

# ବରିଷ୍ଠ ନାଗରିକଙ୍କ ସୁରକ୍ଷାକୁ ଗୁରୁତ୍ୱ ଦିଅ

**ବରିଷ୍ଠ ନାଗରିକ ମଞ୍ଚ ୪ର୍ଥ ବାର୍ଷିକ ସାଧାରଣ ଅଧିବେଶନ**

**ବଡମ୍ବା, ୨୫।୪(ମାୟାଧର ମଲ୍ଲିକ):**
ବଡ଼ମ୍ବା ବ୍ଲକ ଅନ୍ତର୍ଗତ ରଗଡିପଡା ବରିଷ୍ଠ ନାଗରିକ ମଞ୍ଚର ୪ର୍ଥ ବାର୍ଷିକ ସାଧାରଣ ଅଧିବେଶନ ଶନିବାର ଅନୁଷ୍ଠିତ ହୋଇଯାଇଛି। ରଗଡ଼ିପଡ଼ା ସେବା ସମବାୟ ସମିତି କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଅନୁଷ୍ଠାନ ସଭାପତି ଖଗେଶ୍ୱର ମହାପାତ୍ର ସଭାପତିତ୍ୱ କରିଥିଲେ। ସେହିଭଳି ଅନୁଷ୍ଠାନ ସାଧାରଣ ସମ୍ପାଦକ ବ୍ରଜବନ୍ଧୁ ସାହୁ ବାର୍ଷିକ ବିବରଣୀ ପାଠ କରିବା ସହ ଆଗାମୀ ଯୋଜନା ଉପରେ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ବରିଷ୍ଠ ବିଶେଷକରି ନାଗରିକଙ୍କ ସୁରକ୍ଷା ଉପରେ ଅନୁଷ୍ଠାନ ପକ୍ଷରୁ ଗୁରୁତ୍ୱ ଦିଆଯାଇଥିଲା। ଉପଦେଷ୍ଟା କାଶୀନାଥ ସାହୁ ଅନୁଷ୍ଠାନ ତରଫରୁ ଜନ ମଙ୍ଗଳ କାର୍ଯ୍ୟ କରାଯିବା ପାଇଁ ବିଶେଷ ପରାମର୍ଶ ପ୍ରଦାନ କରିଥିଲେ। ଉପସଭାପତି ବିବିଧ କୁମାର ସାହୁ ଜନହିତକର କାର୍ଯ୍ୟ ପାଇଁ ଅନୁଷ୍ଠାନକୁ ସମସ୍ତ ପ୍ରକାର ସାହାଯ୍ୟ ଓ ସହଯୋଗ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ସଭାପତି ଖଗେଶ୍ୱର ମହାପାତ୍ର ମେ' ୧ ଶ୍ରମିକ ଦିବସ ଅବସରରେ ଅନୁଷ୍ଠାନ ତରଫରୁ ଏକ ମାଗଣା ଚକ୍ଷୁ ଚିକିତ୍ସା ଶିବିର କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ତଥା ସାମାଜିକ କର୍ମୀ ପନ୍ଦାରି ନାୟକ ଓ ଫଗୁ ନାୟକଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ବରିଷ୍ଠ ନାଗରିକ ମଞ୍ଚର ନୂତନ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ଏଥିରେ ସଭାପତି ଭାବେ ଖଗେଶ୍ୱର ମହାପାତ୍ର, ଉପସଭାପତି ବିବିଧ କୁମାର ସାହୁ ଓ ସମ୍ପାଦକ ବ୍ରଜବନ୍ଧୁ ସାହୁଙ୍କୁ ସର୍ବସମ୍ମତି କ୍ରମେ ନିର୍ବାଚିତ କରାଯାଇଛି। ସେହିପରି କାଶୀନାଥ ସାହୁ ଓ ଚିନ୍ତାମଣି ସ୍ୱାଇଁଙ୍କୁ ଉପଦେଷ୍ଟା ଭାବେ ପୁନଃ ମନୋନୀତ କରାଯାଇଛି।



ସାଧାରଣ ଅଧିବେଶନରେ ଯୋଗଦେଇଥିବା ବରିଷ୍ଠ ନାଗରିକମାନେ।

## ଅବକାରୀ ଚଢ଼ାଉ, ୪୬୨୦ ଲିଟର ଦେଶୀ ମଦ ଜବତ

ଆଠଗଡ଼,୨୫।୪(ସତ୍ୟ ପ୍ରସାଦ ରଥ): ଆଠଗଡ଼ ଥାନା ଅନ୍ତର୍ଗତ କୋରଙ୍ଗା ଗ୍ରାମ ଏବଂ ନିକଟସ୍ଥ କାଜୁ ଜଙ୍ଗଲରେ ଅବକାରୀ ବିଭାଗ ପକ୍ଷରୁ ଶନିବାର ମିଳିତ ଚଢ଼ାଉ କରି ୪୬୨୦ ଲିଟର ଦେଶୀ ମଦ ଜବତ କରାଯାଇଛି। ଏଥିସହ ୨୬୨୮୫ ଲିଟର ଗୁଡ ପୋଚ୍ ନଷ୍ଟ କରାଯାଇଛି। ଏନେଇ ୬ଟି ମାମଲା ରୁଜୁ କରାଯାଇଛି। ଜିଲା ଅବକାରୀ ଅଧୀକ୍ଷକ କରୁଣା ଶଙ୍କର ତିୱାରୀଙ୍କ ନିର୍ଦ୍ଦେଶ କ୍ରମେ ଆଠଗଡ଼ ଅବକାରୀ ବିଭାଗ ଓ ପୋଲିସ ପକ୍ଷରୁ ଅବକାରୀ ନିରୀକ୍ଷକ ରବିନାରାୟଣ ପଧାନ ଏବଂ ଥାନା ଅଧିକାରୀ ସୁମତୀ କୁମାରୀ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଚଢ଼ାଉ ହୋଇଥିଲା। ଏହି ଚଢ଼ାଉରେ ନରସିଂହପୁର ଅବକାରୀ ଥାନା, ଜିଲା ଭ୍ରାମ୍ୟମାଣ ଅବକାରୀ ୟୁନିଟ୍ ସାମିଲ ହୋଇଥିଲେ।

# ସାଧୁ ସନ୍ଥ ସମ୍ମିଳନୀ ଉଦ୍‌ଘାଟିତ

**ତାଳବସ୍ତ, ୨୫।୪(ସୁବ୍ରତ କୁମାର ନାୟକ):**
ଚକାପଦା ଗ୍ରାମବାସୀଙ୍କ ପକ୍ଷରୁ ୨ ଦିନିଆ ସାଧୁ ଓ ସନ୍ଥ ସମ୍ମିଳନୀ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ମହିମା ସମାଜର ସଭାପତି ବ୍ରହ୍ମ ଅବଧୂତ ଶୁକଦେବ ବାବାଙ୍କ ପୌରୋହିତ୍ୟରେ ବ୍ରହ୍ମଧୁନି ସ୍ଥାପନ, ଅଖଣ୍ଡଜ୍ୟୋତି ଅର୍ପଣ ସହ ନଗର ପରିଭ୍ରମଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯୋରନ୍ଦା ଗାଦିରୁ ଆସିଥିବା ମହିମା ଅଲେଖ ପରଂବ୍ରହ୍ମ ପ୍ରସନ୍ନ ବାବା, ଲମ୍ବୋଦର ବାବା, ପ୍ରମୋଦ ବାବା, ରାସ ବିହାରୀ ବାବା, ବନମାଳୀ ବାବାଙ୍କ ସମେତ ଅନେକ ସାଧୁ ଉପସ୍ଥିତ ରହିଥିଲେ। ଏହି ଅବସରରେ ଆୟୋଜିତ ମଧ୍ୟରାତ୍ରି ପର୍ଯ୍ୟନ୍ତ ବ୍ରହ୍ମନାମ ଭଜନ କାର୍ଯ୍ୟକ୍ରମକୁ ଗ୍ରାମବାସୀ ଏବଂ ଅଲେଖ ଭକ୍ତ ପରିବାର ଶ୍ରବଣ କରିଥିଲେ। ବାଙ୍କୀର ବହୁ ବୁଦ୍ଧିଜୀବୀ ଶିକ୍ଷାବିତ୍ ତଥା ଅବସରପ୍ରାପ୍ତ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, ଯୁବ ସଂଗଠକ ବିଶ୍ୱ ରଞ୍ଜନ ସ୍ୱାଇଁ, ଆଦର୍ଶ ପରିଷଦ ଆବାହକ ଅକ୍ଷୟ କୁମାର ସାମଲ, ଚାରଣ ଅଶୋକ ଗିରି ପ୍ରମୁଖ ଯୋଗଦେଇ ସାଧୁଙ୍କ ଆଶୀର୍ବାଦ ଗ୍ରହଣ କରିଥିଲେ।

ସେହିପରି ଦ୍ୱିତୀୟ ଦିବସରେ ଚକାପଦା ଗ୍ରାମର ପୁଅ ସାଧୁ ହୃଷୀକେଶ ଦାସଙ୍କ ମାତୃଭିକ୍ଷା ପ୍ରଦାନ ପର୍ବ କାର୍ଯ୍ୟକ୍ରମ ବହୁ ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ଅନୁଷ୍ଠିତ ହେବ ବୋଲି ଗ୍ରାମବାସୀ ସୂଚନା ଦେଇଛନ୍ତି।



ସମ୍ମିଳନୀରେ ସାଧୁସନ୍ଥମାନେ ଯଜ୍ଞ କରୁଛନ୍ତି।

# ୪୦ ବରିଷ୍ଠ କଳାକାର, ୪ ଯୁବ ଖବରଦାତା ସମ୍ବର୍ଦ୍ଧିତ



ରାମନାଟ୍ୟ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଶୁଭ୍ରାଂଶୁ ମୋହନ ପାଢ଼ୀ ବକ୍ତବ୍ୟ ଦେଉଛନ୍ତି।

**ତାଳବସ୍ତ, ୨୫।୪(ଶୁଭେନ୍ଦୁ ମହାପାତ୍ର/ସୁବ୍ରତ କୁମାର ନାୟକ/ଜ୍ଞାନେନ୍ଦ୍ର ମୋହନ ମିଶ୍ର):**

### ବାଲୁଙ୍କେଶ୍ୱର ରାମନାଟ୍ୟର ୪ର୍ଥ ବାର୍ଷିକ ଉତ୍ସବ

ବାଙ୍କୀ ଡମପଡ଼ା ବ୍ଲକ ଅନ୍ତର୍ଗତ ଦୁଲଣାପୁର ଗ୍ରାମର ବାବା ବାଲୁଙ୍କେଶ୍ୱର ରାମନାଟ୍ୟ ପରିବାରର ୪ର୍ଥ ବାର୍ଷିକ ଉତ୍ସବ ପାଲାମଣ୍ଡପ ପ୍ରାଙ୍ଗଣରେ ଶନିବାର ଅନୁଷ୍ଠିତ ହୋଇଯାଉଛି। ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଭାଜପା କୃଷକ ମୋର୍ଚ୍ଚାର ସଭାପତି ଶୁଭ୍ରାଂଶୁ ମୋହନ ପାଢ଼ୀ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଗ୍ରାମର ପୂର୍ବତନ ସରପଞ୍ଚ କୁବେର ଚୌଧୁରୀ, ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ନିରଞ୍ଜନ ସାହୁ, ବିଶିଷ୍ଟ ପାଲା ଗାୟକ ଦିଲୀପ କୁମାର ମହାପାତ୍ର, ନାଟ୍ୟକାର ଓ ନିର୍ଦ୍ଦେଶକ ନିରଞ୍ଜନ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନ ସଭାପତି ସମର କେଶରୀ ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶିକ୍ଷାବିତ୍ ବନମାଳୀ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ସମ୍ପାଦକ ବାସବ ରାଜେଶ୍ୱର ରୁଦ୍ରବଂଶୀ ବାର୍ଷିକ ବିବରଣୀ ଓ ଧନ୍ୟବାଦ ଅର୍ପଣ କରିଥିଲେ। ଯୁବ କଳାକାର ବିଚିତ୍ରାନନ୍ଦ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଦୁଲଣାପୁର ଗ୍ରାମର ୪୦ରୁ ଊର୍ଦ୍ଧ୍ୱ ବୟୋଜ୍ୟେଷ୍ଠ ପୂର୍ବତନ କଳାକାର ଏବଂ ୪ ଜଣ ଯୁବ ଖବରଦାତାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଲଙ୍କା ଦହନ ଓ ବାଳିବଧ ନାଟକ ମଞ୍ଚସ୍ଥ ସହିତ ପୁରୀ ବ୍ରହ୍ମପୁରରୁ ଆସିଥିବା ଦେବଦାସୀ ଗ୍ରୁପ୍‌ର କଳାକାରମାନେ ଜଗନ୍ନାଥ ଭଜନ ଉପରେ ନୃତ୍ୟ ପରିବେଷଣ କରିଥିଲେ। ଦୁଲଣାପୁର ଗ୍ରାମବାସୀଙ୍କ ସହଯୋଗରେ ସମସ୍ତ କାର୍ଯ୍ୟକ୍ରମ ଶାନ୍ତିଶୃଙ୍ଖଳାର ସହ ସମାପ୍ତ ହୋଇଥିଲା

# 'ମଧୁବାବୁଙ୍କ ଜୟନ୍ତୀ ସମାରୋହ ଭଣ୍ଡୁର ଉଦ୍ୟମକୁ କ୍ଷମା କରାଯିବ ନାହିଁ'

### ପୂର୍ବତନ ବିଧାୟକ ପ୍ରକାଶ ବେହେରାଙ୍କ ଖବରଦାତା ସମ୍ମିଳନୀ

ସାଲେପୁର,୨୫।୪(ଅରବିନ୍ଦ ଭୂୟାଁ)
ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ସମାରୋହକୁ ଯେଉଁମାନେ ମନ୍ଦ ଉଦ୍ଦେଶ୍ୟ ରଖି ବନ୍ଦ କରିବା ପାଇଁ ଯୋଜନା କରିଛନ୍ତି ସେମାନଙ୍କୁ ସାଲେପୁର କ'ଣ, ସାରା ଓଡ଼ିଆବାସୀ କେବେ କ୍ଷମା କରିବେ ନାହିଁ ବୋଲି ପୂର୍ବତନ ବିଧାୟକ ତଥା ଉତ୍କଳ ଗୌରବ ମଧୁବାବୁ ଜୟନ୍ତୀ କମିଟି ସାଲେପୁରର ପ୍ରତିଷ୍ଠାତା ସଭାପତି ପ୍ରକାଶ କୁମାର ବେହେରା କହିଛନ୍ତି।

ସାଲେପୁରସ୍ଥିତ କଳାରୁଦ୍ର ଗେଷ୍ଟ ହାଉସ୍‌ରେ ଖବରଦାତା ସମ୍ମିଳନୀ ଡାକି ବେହେରା କହିଛନ୍ତି ଯେ, ଦୀର୍ଘ ୨୧ ବର୍ଷ ଧରି ଅନୁଷ୍ଠିତ ହୋଇଆସୁଥିବା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ସମାରୋହକୁ ଭଣ୍ଡୁର କରିବା ପାଇଁ କେତେଜଣ କୁଚକ୍ରି ଗୋଷ୍ଠୀ ଉଦ୍ୟମ କରିଥିଲେ। ମାତ୍ର ତାହା ବିଫଳ ହୋଇଯାଇଛି। ଏହି ସମାରୋହ ଧୁମ୍‌ଧାମ୍‌ରେ ପାଳନ କରାଯିବ ବୋଲି ବେହେରା କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ କମିଟି ସମ୍ପାଦକ ଅଶ୍ୱିନୀ ଦାସ, ମନୋଜ କୁମାର ବେହୁରା, ନାରୀନେତ୍ରୀ ପୂର୍ଣ୍ଣିମା ବସ୍ତିଆ ଉପସ୍ଥିତ ଥିଲେ।




ଖବରଦାତା ସମ୍ମିଳନୀରେ ପୂର୍ବତନ ବିଧାୟକ ପ୍ରକାଶ କୁମାର ବେହେରା ସୂଚନା ଦେଉଛନ୍ତି।

# ମଧୁବାବୁଙ୍କ ନୀତି ଆଦର୍ଶର ପଥିକ ହେବାକୁ ଯୁବବର୍ଗଙ୍କୁ ଆହ୍ୱାନ

**୧୫ତମ ବିରୂପା ମହୋତ୍ସବ ଉଦ୍‌ଘାଟିତ**

■ ମନ ଜିଣିଲା ଖୋର୍ଦ୍ଧା ପାଇକ ଆଖଡ଼ା ନୃତ୍ୟ

**ସାଲେପୁର,୨୫।୪(ଅରବିନ୍ଦ ଭୂୟାଁ):**
ସାଲେପୁର ବ୍ଲକ ଗୋପୀନାଥପୁର ହରିଡ଼ା ପଡ଼ିଆ ଠାରେ ଆଞ୍ଚଳିକ ସାମାଜିକ ଓ ସାଂସ୍କୃତିକ ଉନ୍ନୟନ ଟ୍ରଷ୍ଟ ଏବଂ ବିଜୟାନନ୍ଦ ଯୁବ ପରିଷଦ ପକ୍ଷରୁ ବିରୂପା ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ସାମାଜିକ କର୍ମୀ ଦିଲୀପ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ଜଷ୍ଟିସ ଶିବ ଶଙ୍କର ମିଶ୍ର ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ଜଷ୍ଟିସ ମିଶ୍ର ମଧୁବାବୁଙ୍କ ଜନ୍ମ ମାଟିରେ ଓଡିଶାର କଳା, ସଂସ୍କୃତି ଓ ପରମ୍ପରାର ନିଦର୍ଶନ ଏହି ମହୋତ୍ସବର ମାଧ୍ୟମ ହୋଇଛି ବୋଲି ପ୍ରକାଶ କରିଥିଲେ। ଏଥିସହିତ ଯୁବବର୍ଗଙ୍କୁ ମଧୁବାବୁଙ୍କ ନୀତି, ଆଦର୍ଶର ପଥିକ ହେବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥିଭାବେ ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ମନ୍ମଥ ମିଶ୍ର କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଅନୁଷ୍ଠାନ ସମ୍ପାଦକ ବିଶ୍ୱରଞ୍ଜନ ସାହୁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସହସମ୍ପାଦକ ସୁରେଶ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଖୋର୍ଦ୍ଧାର ପାଇକ ଆଖଡା, ସାଲେପୁର ସଙ୍ଗୀତ ନୃତ୍ୟ ଏକାଡେମୀ ଓ ଟାଙ୍ଗୀ ବନ୍ଦନା କଳା ନିକେତନର ଉଚ୍ଚକୋଟୀର ନୃତ୍ୟ ପରିବେଷଣରେ ଦର୍ଶକ ବିଭୋର ହୋଇଥିଲେ। ସିନେ ତାରକା ଭୂମିକା ଦାଶ ଓ ଗୁଡୁଙ୍କ ଅଭିନୟ ଏବଂ ସଂଳାପରେ ଦର୍ଶକ ଖୁବ୍ ଆନନ୍ଦିତ ହୋଇଥିଲେ। କାର୍ଯ୍ୟକ୍ରମକୁ ଶ୍ରୀକାନ୍ତ ସାମଲ, ଅଜୟ ଲେଙ୍କା, ଦେବେନ୍ଦ୍ର ସ୍ୱାଇଁ, ପ୍ରଶାନ୍ତ ଭୂୟାଁ ପ୍ରମୁଖଙ୍କ ସମେତ ଅନୁଷ୍ଠାନର ସମସ୍ତ ସଦସ୍ୟ ପରିଚାଳନା କରିଥିଲେ।



ମହୋତ୍ସବରେ ଯୋଗଦେଇଥିବା ଉଚ୍ଚ ନ୍ୟାୟାଳୟ ଜଷ୍ଟିସ୍ ଶିବଶଙ୍କର ମିଶ୍ର ଓ ଅନ୍ୟ ଅତିଥିମାନେ।

## ସଂକ୍ଷେପରେ

### ସ୍ୱାସ୍ଥ୍ୟ ସେବା ଶିବିର

ବାଣପୁର,୨୫ା୪(ଦିଲୀପ କୁମାର ସ୍ୱାଇଁ)

ବାଣପୁର ବ୍ଲକ ଅନ୍ତର୍ଗତ ଭୀମପୁର ଗ୍ରାମ କପିଳେଶ୍ୱର ସରକାରୀ ଉ.ପ୍ରା ବିଦ୍ୟାଳୟ ପରିସରରେ ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଡାକ୍ତର ଶୋଭନ କୁମାର ରଥ ଏବଂ ତାଙ୍କ ସହଯୋଗୀ ଡା. ରାମ କ୍ରିଷ୍ଣ ପାତ୍ର, ରାଘବ ଲୋଚନ ପାଣିଗ୍ରାହୀ ଏବଂ ଆରୋଗ୍ୟ ସେବା ସଦନର ସଭାପତି ଭି.କାମେଶ୍ୱର ଆଚାରିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରେ ୧୨୨ଜଣ ରୋଗୀଙ୍କୁ ଚିକିତ୍ସା କରାଯିବା ସହିତ ଆବଶ୍ୟକ ଔଷଧ ବଣ୍ଟନ କାରାଯାଇଥିଲା। ଏହି ଶିବିରକୁ ହେଲ୍ଥ ଭିଲେଜ ହସ୍ପିଟାଲର ପ୍ରବନ୍ଧକ ଭବାନୀ ଶଙ୍କର ପାଣି, ନୀଳମଣି ଦାସ, ଚନ୍ଦନ ଭୂତିଆ ଏଲ୍. ଶ୍ରୀନିବାସ ରାଓ, ଭି.ଜଗନ୍ନାଥ, ଭି.ଶିବ କୁମାର, ବଡ଼ହନ୍ତୁଆଡ ସମବାୟ ସମିତି ସମ୍ପାଦକ ପ୍ରସନ୍ନ ପଟ୍ଟନାୟକ, ସଭାପତି ମାଧବ ବାରିକ, ଦିଲୀପ ରଥ, ନାଲୁ ଚୌଧୁରୀଙ୍କ ସହ ବହୁ ଯୁବକ ସହଯୋଗ କରିଥିଲେ।

### ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

ଜଟଣୀ,୨୫ା୪(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ରାମଚନ୍ଦ୍ରପୁର ବଜାରସ୍ଥିତ ଆଖଣ୍ଡଳମଣି ଦେବଙ୍କ ମନ୍ଦିର ପରିସର ଶନିଶ୍ଚର ଦେବଙ୍କ ୧୧ତମ ବିଶ୍ୱଶାନ୍ତି ମହାଯଜ୍ଞ ଶନିବାର ପୂର୍ଣ୍ଣାହୁତିରେ ଉଦ୍‌ଯାପିତ ହୋଇଯାଇଛି। ଏହି ଯଜ୍ଞ ୪ଦିନ ବ୍ୟାପୀ ଅନୁଷ୍ଠିତ ହୋଇଥିବା ବେଳେ ପ୍ରଥମ ଦିବସରେ ଅଙ୍କୁରାରୋପଣ, ଦ୍ୱିତୀୟ ଦିବସରେ ଜଳଯାତ୍ରା, ସୂର୍ଯ୍ୟ ପୂଜା, ସାଳାମଣ୍ଡନ, ସର୍ବଦେବଦେବୀ ପୂଜା, ଅଗ୍ନିସ୍ଥାପନ, ଆହୁତି ଓ ସନ୍ଧ୍ୟା ଆଳତି ହୋଇଥିଲା। ତୃତୀୟ ଦିବସରେ ସୂର୍ଯ୍ୟ ପୂଜା, ଗୋପୂଜା, ସର୍ବଦେବଦେବୀ ପୂଜା, ଆହୁତି, ଆଳତି ହୋଇଥିବା ବେଳେ ଶନିବାର ଚତୁର୍ଥ ଦିବସରେ ସୂର୍ଯ୍ୟ ପୂଜା, ଗୋପୂଜା, ସର୍ବଦେବଦେବୀ ପୂଜା, ଶନିଶ୍ଚରଙ୍କ ଷୋଡ଼ଶ ଉପଚାର ପୂଜା ପରେ ସନ୍ଧ୍ୟାରେ ପୂର୍ଣ୍ଣାହୁତି ହୋଇଥିଲା। ଯଜ୍ଞ କାର୍ଯ୍ୟକୁ ମୁଖ୍ୟ ପଣ୍ଡିତ ଧୀରେନ୍ଦ୍ର ମହାପାତ୍ର, ଯୁଧିଷ୍ଠିର ସାମନ୍ତରା, ପଦ୍ମନାଭ ସାମନ୍ତରା ଏବଂ ଶିବାଶିଷ ମିଶ୍ର ପରିଚାଳନା କରିଥିଲେ। ବହୁ ଶ୍ରଦ୍ଧାଳୁ ଯୋଗଦେଇ ଶନିଦେବଙ୍କ ଆଶୀର୍ବାଦ ଗ୍ରହଣ କରିଥିଲେ। ମନ୍ଦିର ପରିଚାଳନା କମିଟି ସଦସ୍ୟଙ୍କ ସହିତ ପାଖଆଖ ଅଞ୍ଚଳବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ବିଦ୍ୟାଳୟ ଶତବାର୍ଷିକ ଉତ୍ସବ ପାଳନ ପ୍ରସ୍ତୁତି

ନିରାକାରପୁର,୨୫ା୪(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜଲା ଓଳସିଂହ ପଞ୍ଚାୟତରେ ଥିବା ଓଳସିଂହ ସରକାରୀ ଦାଶରଥି ଉଚ୍ଚ ବିଦ୍ୟାଳୟର ଶତବାର୍ଷିକ ଉତ୍ସବ ପାଳନ ପାଇଁ ଶନିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ମହେଶ୍ୱର ମାଝି ସଭାପତିତ୍ୱ କରିଥିଲେ। ଏହି ଉତ୍ସବ କେଉଁଦିନ ପାଳନ କରାଯିବ ଏବଂ ଏହାକୁ କିପରି ସରସ ସୁନ୍ଦର କରାଯିବ, ସେନେଇ ଆଲୋଚନା କରାଯାଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ଏହାକୁ ବ୍ୟାପକ କରାଯିବା ନିମନ୍ତେ ସବୁବର୍ଗର ବ୍ୟକ୍ତି ବିଶେଷଙ୍କୁ ସାମିଲ କରାଯିବା ସହ ଏହାକୁ ପରିଚାଳନା କରିବା ନିମନ୍ତେ ଏକ ସ୍ୱତନ୍ତ୍ର କାର୍ଯ୍ୟକାରୀ କମିଟି ଗଠନ କରାଯିବା ନେଇ ପ୍ରସ୍ତାବ ଗୃହୀତ ହୋଇଥିଲା। ବୈଠକରେ ପୂର୍ବତନ ସରପଞ୍ଚ ପ୍ରେମାନନ୍ଦ ପରିଡା, ସାମାଜିକକର୍ମୀ ଦେବରାଜ ବରିଶାଲ, ସାନୁଜ ବରାଳ, ସଂସାରୀ ବୈରୀଗଞ୍ଜନଙ୍କ ସମେତ ପୁରାତନ ଛାତ୍ରୀଛାତ୍ର, ସ୍କୁଲ ପରିଚାଳନା କମିଟି ସଦସ୍ୟ, ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ଥିଲେ।

### ରାମଚରିତମାନସ ପାରାୟଣ, ପ୍ରବଚନ

ବୋଲଗଡ଼,୨୫ା୪(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଅନ୍ତର୍ଗତ ସାଗରଗାଁ ପଞ୍ଚାୟତସ୍ଥ ଦେଶସାହିରେ ଗତ୨୦ ତାରିଖରୁ ନବଦିନ ବ୍ୟାପୀ ରାମଚରିତ ମାନସ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ ଚାଲୁଅଛି । ଗୁରୁବାର ଓ ଶୁକ୍ରବାର ସନ୍ଧ୍ୟାରେ ଆୟୋଜିତ ପ୍ରବଚନ କାର୍ଯ୍ୟକ୍ରମରେ ବ୍ରହ୍ମପୁରର ମମତା ପଟ୍ଟନାୟକ ଓ ସାଥୀଙ୍କ ଦ୍ୱାରା ପରିବେଷିତ ପ୍ରବଚନ ଶ୍ରୀରାମ ବିବାହ, ବନଗମନ ଏବଂ କୈବର୍ତ୍ତ ପ୍ରସଙ୍ଗ ଶ୍ରବଣ କରି ଶତାଧିକ ଶ୍ରୋତା ମନ୍ତ୍ରମୁଗ୍ଧ ହୋଇଥିଲେ। ବାବାଜୀ ମଦନମୋହନ ଦାସ ମହାରାଜ ବ୍ୟାସ ଓ ଲକ୍ଷ୍ମୀଧର ପଣ୍ଡା ଉପବ୍ୟାସ ଭାବେ ଯୋଗଦାନ କରିଛନ୍ତି। ସାଗରଗାଁ ପଞ୍ଚାୟତର ସରପଞ୍ଚ ରମାମଣି ବେହେରା, ଜିଲା ପରିଷଦ ସଭ୍ୟ ସୁବାସ ଚନ୍ଦ୍ର ରାୟଗୁରୁ, କୃଷ୍ଣଚନ୍ଦ୍ର ପଟ୍ଟନାୟକଙ୍କ ସମେତ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।

# ବ୍ରାଉନ୍‌ସୁଗାର କାରବାର, ୩ ଧରାପଡ଼ିଲେ

ଖୋର୍ଦ୍ଧା/ ବାଘମାରୀ,୨୫ା୪
(ପ୍ରଭାତ ପାଣିଗ୍ରାହୀ/ ମିହିର ରଞ୍ଜନ ମହାପାତ୍ର)

ଖୋର୍ଦ୍ଧା ସଦର ଥାନା ଅଧୀନ ସିଆଳିଆ ଖେଳପଡ଼ିଆ ନିକଟରେ ପୋଲିସ ଚଢ଼ାଉ କରି ୨୩.୦୭ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ କରିବା ସହ ଦୁଇ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ବଣିଆଟାଙ୍ଗୀର ସୁଦୀପ୍ତ ସାମନ୍ତରାୟ ଓରଫ ଦୀପୁ(୩୫) ଓ ଚନ୍ଦକା ଥାନା କୁଟିମହୁଲର ଅଭିଜିତ ପାତ୍ର ଓରଫ୍ ଆକାଶ(୨୦)। ଏଥିସହ ଏମାନଙ୍କ ନିକଟରୁ ଦୁଇଟି ବାଇକ୍ ଓ ଫୋନ ଜବତ ହୋଇଛି। ଜାମିନ ନାମଞ୍ଜୁର ପରେ ଏମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, ଶୁକ୍ରବାର ମଧ୍ୟାହ୍ନରେ ସିଆଳିଆ ପଡ଼ିଆ ନିକଟରେ ବ୍ରାଉନ୍‌ସୁଗାର ବିକ୍ରି କରିବାକୁ କେତେଜଣ ଯୁବକ ଯୋଜନା କରୁଥିବା ଖବରପାଇ ଥାନା ଅଧିକାରୀ ବାସୁଦେବ ଜୟସିଂଙ୍କ ତତ୍ତ୍ୱାବଧାନରେ ଏସ୍ଆଇ ଚନ୍ଦନ ଦାସଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣାସ୍ଥଳରେ ଚଢ଼ାଉ କରିଥିଲେ। ଚଢ଼ାଉ ବେଳେ ତିନିଜଣ ଯୁବକ ବାଇକ୍ ସହ ଉପସ୍ଥିତ ଥିଲେ। ଜଣେ ଯୁବକ କୌଶଳକ୍ରମେ ଫେରାର ହୋଇଯାଇଥିବା ବେଳେ ଉପରୋକ୍ତ ଅଭିଯୁକ୍ତଦ୍ୱୟ ଧରାପଡ଼ିଥିଲେ। ଏହି ଚଢ଼ାଉରେ ଏଏସ୍ଆଇ ସୁବାସ ନାୟକ, ଲକ୍ଷ୍ମୀ ସାହୁ, କନଷ୍ଟେବଲ ଅବଦୁଲ ମସି ଖାନ୍, ଦେବରାଜ ସାହୁ, ସୁଶାନ୍ତ ସୁନ୍ଦରାୟ, ଚନ୍ଦନ ପାଇଶାଣୀ, ସନ୍ତୋଷ ବାରିକ ପ୍ରମୁଖ ସାମିଲ ହୋଇଥିଲେ।

ବାଘମାରୀ ଥାନା ପୋଲିସ ଶନିବାର ଚଢ଼ାଉ କରି ୧୩ଗ୍ରାମ୍ ବ୍ରାଉନ୍‌ସୁଗାର ଓ ଦୁଇଟି ମୋବାଇଲ ଫୋନ ଜବତ କରିବା ସହ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଖୋର୍ଦ୍ଧା ସାମନ୍ତରାପୁର ଗ୍ରାମର ସଦାଶିବ ନାୟକ ଓରଫ ସିଲୁ(୨୫)। ସୂଚନା ମୁତାବକ, ବାଘମାରୀ ଥାନା ଅଧୀନ ବାମଡ଼ିହ ବସ୍‌ଷ୍ଟାଣ୍ଡ ନିକଟରେ ଜଣେ ଯୁବକ ବ୍ରାଉନସୁଗାର କାରବାର ପାଇଁ ଗ୍ରାହକଙ୍କୁ ଆପେକ୍ଷା କରିଛି ବୋଲି ପୋଲିସ ଖବର ପାଇଥିଲା। ଏହା ପରେ ପୋଲିସ ପକ୍ଷରୁ ଗଠିତ ଏକ ଟିମ୍ ଘଟଣାସ୍ଥଳରେ ଚଢ଼ାଉ କରି ସଦାଶିବଙ୍କୁ ଧରିବା ସହ ବ୍ରାଉନସୁଗାର ଜବତ କରିଥିଲା। ଏନେଇ ଥାନାରେ ଏକ ମାମଲା (ନଂ.୧୨୪/୨୬)ରୁଜୁ ହୋଇଛି। ଥାନା ଅଧିକାରୀ ସୁଚିତ୍ରା ଜେନାଙ୍କ ତତ୍ତ୍ୱାବଧାନରେ ଏସ୍ଆଇ ଲିଙ୍ଗରାଜ ସିଠ, ଏଏସ୍ଆଇ ଜଗନ୍ନାଥ ପୂଜାରୀ, ହାବିଲଦାର ପି.ସେନାପତି, କନଷ୍ଟେବଲ ବସନ୍ତ କୁମାର ଦଳବେହେରା ଚଢ଼ାଉରେ ସାମିଲ ଥିଲେ। ଏସ୍ଆଇ ପୁଷ୍ପଲତା ଲେଙ୍କା ଘଟଣାର ତଦନ୍ତକାରୀ ଅଧିକାରୀ ଭାବେ ତଦନ୍ତ ଜାରି ରଖିଛନ୍ତି।





ଅଭିଯୁକ୍ତ ସୁଦୀପ୍ତ ସାମନ୍ତରାୟ, ଅଭିଜିତ ପାତ୍ର ଏବଂ ସଦାଶିବ ନାୟକ

## ନାଟକ 'ସୁଖ ନିଅଣ୍ଟକୁ ଦୁଃଖ ଅଣ୍ଟିଏ' ମଞ୍ଚସ୍ଥ



ନାଟକରେ ଅଂଶଗ୍ରହଣ କରିଥିବା କଳାକାର ଏବଂ ଅନ୍ୟମାନେ।

ନିରାକାରପୁର,୨୫ା୪(ମାନସ ଚନ୍ଦ୍ର ପଟ୍ଟନାୟକ)

ଲେଣ୍ଡୋ ପଞ୍ଚାୟତ ଅନ୍ତର୍ଗତ ରେଙ୍ଗଟା ଷଠିପଦର ଗ୍ରାମର ମା'ଭଗବତୀ ନାଟ୍ୟ ସଂସଦ ପକ୍ଷରୁ ସାମାଜିକ ନାଟକ 'ସୁଖ ନିଅଣ୍ଟକୁ ଦୁଃଖ ଅଣ୍ଟିଏ' ମଞ୍ଚସ୍ଥ ହୋଇଯାଇଛି। ମୁକ୍ତାକାଶ ରଙ୍ଗମଞ୍ଚରେ ଅନୁଷ୍ଠାନର କଳାକାରମାନେ ଅଭିନୟ କରିଥିଲେ। ଏହି ନାଟକର ନାଟ୍ୟ ନିର୍ଦ୍ଦେଶନା ଈଶ୍ୱର ଚନ୍ଦ୍ର ପରିଡ଼ା ଦେଇଥିବା ବେଳେ ବେଣୁଧର ପ୍ରଧାନ ଏବଂ ଭାସ୍କର ସ୍ୱାଇଁ ପରିଚାଳନା କରିଥିଲେ। ଅନୁଷ୍ଠାନର କଳାକାର ମାନସ, ପ୍ରକାଶ, ରବି, ରାନୁ, ଆଲୋକ, ଅଭିମନ୍ୟୁ, ଚିଣ୍ଟୁ, ଫିକୁନ ପ୍ରମୁଖ ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ। ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ଓ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ୟୁଆଇଇଟି ର ବାର୍ଷିକ ଉତ୍ସବ 'ଉତ୍କର୍ଷ'




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଜଟଣୀ,୨୫ା୪(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ବ୍ଲକ ଅନ୍ତର୍ଗତ ରଥିପୁରସ୍ଥିତ ଉତ୍କଳ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି (ୟୁଆଇଇଟି)ର ବାର୍ଷିକ ଉତ୍ସବ 'ଉତ୍କର୍ଷ -୨୦୨୬' ଶନିବାର କ୍ୟାମ୍ପସ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉଦ୍‌ଘାଟକ ଭାବେ ସୋଆ ବିଶ୍ୱବିଦ୍ୟାଳୟର ଭାଇସ ଚାନ୍ସେଲର ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଯୋଗଦେଇ ଉତ୍ସବର ଶୁଭାରମ୍ଭ କରିଥିଲେ। ମୁଖ୍ୟ ଅତିଥିଭାବେ ଏସ୍ଏସ୍ ଆଣ୍ଡ ଇପିଡି ଓଡିଶା ସରକାରଙ୍କ ଅତିରିକ୍ତ ସଚିବ ଦୀପକ ରାଉତରାୟ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଅତିରିକ୍ତ ଡିସିପି ମାନସ ରଞ୍ଜନ ଗଡ଼ନାୟକ, ଉତ୍କଳ ଇନ୍‌ଷ୍ଟିଚ୍ୟୁଟ୍ ଅଫ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜିର ଚେୟାରମ୍ୟାନ ପ୍ରତାପ ଚନ୍ଦ୍ର ସାମନ୍ତରାୟ, ଡାଇରେକ୍ଟର ଇଂ. ବିଭୂତି ଭୂଷଣ ସାମନ୍ତରାୟ, ପ୍ରଜ୍ଞାପରମିତା ସାମନ୍ତରାୟ, ପ୍ରିନ୍ସିପାଲ ଇଂ.କଳାକାର ମହାନ୍ତି, ଅନୁଷ୍ଠାନର ଅଧିକାରୀ ଦେବରାଜ ବେହେରା ପ୍ରମୁଖ ଯୋଗଦେଇଥିଲେ। ଉଚ୍ଚ ଶିକ୍ଷା କୌଣସି ବିଦ୍ୟାର୍ଥୀଙ୍କୁ ଜୀବନ ଜୀବିକା ପାଇଁ ସହାୟକ ହୋଇଥାଏ, କିନ୍ତୁ ବିଦ୍ୟାର୍ଥୀଙ୍କ ମଧ୍ୟରେ ଶିକ୍ଷା ସହିତ ମାନବୀୟ ମୂଲ୍ୟବୋଧକୁ ଉଜାଗର କରିପାରିଲେ ଏକ ସୁସ୍ଥ ଏବଂ ସମୃଦ୍ଧ ସମାଜ ଗଠନ ହୋଇପାରିବ ବୋଲି ମତପ୍ରକାଶ ପାଇଥିଲା। ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଡ. ରୁଷି ପଟନାୟକ ଏବଂ ଇଂ.ସୁବ୍ରତ କୁମାର ମହାନ୍ତି। ବିଭିନ୍ନ ପ୍ରତିଯୋଗତାରେ କୃତିତ୍ୱ ହାସଲ କରିଥିବା ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରାଯାଇଥିଲା। ଡିନ ଏକାଡେମିକ ଚିତ୍ତରଞ୍ଜନ ପରିଡା ଧନ୍ୟବାଦ ଦେଇଥିଲେ।

## ବ୍ରହ୍ମେଶ୍ୱର ଭାଗବତ ବାସୁଦେବଙ୍କ ମେଳଣ ଆରମ୍ଭ

ଭୁବନେଶ୍ୱର,୨୫ା୪ (ସୌମ୍ୟରଞ୍ଜନ ରାଉତ)



ସୀତା ନବମୀ ଶନିବାର ୯୫ତମ ବ୍ରହ୍ମେଶ୍ୱର ଭାଗବତ ବାସୁଦେବଙ୍କ ମେଳଣ ଉତ୍ସବ ବ୍ରହ୍ମେଶ୍ୱର ମେଳଣ ପଡ଼ିଆରେ ଆରମ୍ଭ ହୋଇଛି। ସନ୍ଧ୍ୟାରେ ବ୍ରହ୍ମେଶ୍ୱର, ବାଙ୍କୁଆଳ, ବାସୁଆଘାଇ, ବଡ଼ଗଡ଼, ଲକ୍ଷ୍ମୀସାଗର ଓ କେଶୁରା ଅଞ୍ଚଳର ଦୋଳବିମାନ ଏକାଠି ହୋଇ ଜମାଣ ଶୋଭାଯାତ୍ରାରେ ବାହାରି ଗ୍ରାମ୍ୟ ପରିକ୍ରମା କରିଥିଲେ। ବାଜବାଣ, ଲୋକବାଦ୍ୟ, ଲୋକନୃତ୍ୟରେ ରୋଶଣି ଶୋଭାଯାତ୍ରା ଜମିଥିଲା। ଦିଅଁ ମେଳଣ ପଡ଼ିଆରେ ବିଜେ କରିବା ପରେ ସମସ୍ତ ଦେବଦେବୀଙ୍କ ସହ ଭେଟଆଳତି ଓ ଭୋଗଲାଗି କରାଯାଇଥିଲା। ଅଗଣିତ ଶ୍ରଦ୍ଧାଳୁବିମାନରେ ଦିଅଁଙ୍କୁ ଦର୍ଶନ କରିଥିଲେ। ରବିବାରଠାରୁ ବ୍ରହ୍ମେଶ୍ୱର ସାଂସ୍କୃତିକ ପରିଷଦ ପକ୍ଷରୁ କଳିଙ୍ଗ ଗଣନାଟ୍ୟ ଯାତ୍ରା ପରିବେଷଣ କରିବ। ପରିଷଦ ସଭାପତି ସତିଶ ପ୍ରସାଦ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜମାଣ ଉତ୍ସବ ପରିଚାଳନା ହୋଇଥିବାବେଳେ ବିକ୍ରମ କେଶରୀ ମହାନ୍ତି, ବିଜୟ କୁମାର ପଟ୍ଟନାୟକ, ରଞ୍ଜିତ ପଟ୍ଟନାୟକ, ରମେଶ ଦାସ, ତପନ ସ୍ୱାଇଁ, ତପନ କୁମାର ନାୟକ, ପ୍ରତ୍ୟୁଷ କୁମାର ଭଞ୍ଜ ପ୍ରମୁଖ ସହଯୋଗ କରିଥିଲେ। ଏହି ଉତ୍ସବ ୪ଦିନ ଧରି ଚାଲିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।

## ମନୋଜ ଦାସଙ୍କ ୨ପୁସ୍ତକ ଉନ୍ମୋଚିତ

ଭୁବନେଶ୍ୱର,୨୫ା୪ (ସୌମ୍ୟରଞ୍ଜନ ରାଉତ)

କଥାଶିଳ୍ପୀ ମନୋଜ ଦାସଙ୍କ ଗଳ୍ପରୁ ସଂଗୃହୀତ ଓ ସଂକଳିତ ପକ୍ଷୀଘର ପ୍ରକାଶନୀ ପ୍ରକାଶିତ ୨ଟି ପୁସ୍ତକ ଶନିବାର ଗୀତଗୋବିନ୍ଦ ସଦନରେ ଉନ୍ମୋଚିତ ହୋଇଯାଇଛି। ଅତିଥି ଭାବେ ଅଭିନେତା ପ୍ରଶାନ୍ତ ନନ୍ଦ ଯୋଗଦେଇ 'ମନୋଜ ଦାସଙ୍କ ଅସ୍ତମିତ ସାମନ୍ତବାଦର କାହାଣୀ' ଏବଂ 'ମନୋଜ ଦାସଙ୍କ କିଶୋର ମନସ୍ତତ୍ତ୍ୱର କାହାଣୀମାଳା' ଉନ୍ମୋଚନ କରି କହିଲେ, ମନୋଜଙ୍କ ଯୁଗାନ୍ତକାରୀ କାହାଣୀ ଆଗାମୀ ବର୍ଷ ବର୍ଷ ଧରି ଓଡିଶାର ପାଠକଙ୍କୁ ଦିଗ୍‌ଦର୍ଶନ କରୁଥିବ। କବି ଅରୁଣ ସାହୁ ମନୋଜ ସାହିତ୍ୟର ଗବେଷଣା ଓ ଅନୁସନ୍ଧାନ ଲବ୍ଧ ଏହି ଦୁଇ ସଙ୍କଳନ ବିଷୟରେ ଆଲୋକପାତ କରିଥିଲେ। ଅତିଥି ଭାବେ ଡା. ସଂଘମିତ୍ରା ଦାସ ଓ ସାହିତ୍ୟିକ ବନଜ ଦେବୀ କଥାଶିଳ୍ପୀ ମନୋଜ ଦାସଙ୍କ ମାନବିକ ଆଧ୍ୟାତ୍ମିକତା ବିଷୟରେ ଆଲୋଚନା କରିଥିଲେ।

## ବୈଶାଖ ଶେଷ ଶନିବାର | ନବଗ୍ରହ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼

କୋଣାର୍କ,୨୫ା୪(ଜ୍ୟୋତିରାଜ ମହାନ୍ତି)




ବୈଶାଖ ଶେଷ ଶନିବାର ନବଗ୍ରହ ପୀଠରେ ଓଡ଼ିଶାର କୋଣଅନୁକୋଣରୁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ନବଗ୍ରହ ପୀଠକୁ ସଂଯୋଗ କରୁଥିବା କୋଣାର୍କ ମେଡିକାଲ ଛକଠାରୁ ମନ୍ଦିର ପ୍ରବେଶ ରାସ୍ତା ସୂର୍ଯ୍ୟ ମନ୍ଦିର ନୋ ପାର୍କିଂ ଜୋନ୍ ତଥା ନିଷିଦ୍ଧାଞ୍ଚଳରେ ବେଆଇନ ଗାଡ଼ି ପାର୍କିଂ କରାଯାଇଥିବାରୁ ନବଗ୍ରହ ମନ୍ଦିରରେ ପୂଜାର୍ଚ୍ଚନା କରିବା ପାଇଁ ଆସିଥିବା ଶ୍ରଦ୍ଧାଳୁଙ୍କ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଦୀର୍ଘ ୧ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଟ୍ରାଫିକ୍ ବ୍ୟବସ୍ଥା ବେହାଲ ହୋଇପଡ଼ିଥିଲା। ଖବରପାଇ କୋଣାର୍କ ପୋଲିସ ପହଞ୍ଚିଥିଲେ ମଧ୍ୟ ପୋଲିସ ପ୍ରଶାସନ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରିବା ବଦଳରେ ନିଜକୁ ଅସହାୟ ମନେକରିବା ଘଟଣାକୁ ବୁଦ୍ଧିଜୀବୀ ମହଲରେ ନିନ୍ଦା କରାଯାଇଛି।

ଏହି ପରିପ୍ରେକ୍ଷୀରେ ନବଗ୍ରହ ମନ୍ଦିରଠାରେ ଶ୍ରଦ୍ଧାଳୁମାନେ ପୂଜାର୍ଚ୍ଚନା ଓ ହୋମଯଜ୍ଞ ଆଦି କାର୍ଯ୍ୟ ସମ୍ପାଦନ କରିଥିଲେ। ସୂର୍ଯ୍ୟ ମନ୍ଦିର ନୋ ପାର୍କିଂ ଜୋନରେ ଗାଡ଼ି ପାର୍କିଂ ଯୋଗୁ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ନବଗ୍ରହ ପୀଠରେ ପୂଜାର୍ଚ୍ଚନା ଓ ହୋମଯଜ୍ଞ କରି ନ ପାରି ଫେରି ଯାଇଥିବା ଭଳି ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଥିଲା। ଏହି ପରିପ୍ରେକ୍ଷୀରେ ନବଗ୍ରହ ପୀଠରେ ପୂଜାର୍ଚ୍ଚନା ଓ ହୋମଯଜ୍ଞ ଆଦି କାର୍ଯ୍ୟ ଶେଷ କରିବା ପରେ ଜଗତ୍‌ସିଂହପୁର ଜିଲା ପାରାଦୀପ ମଧୁବନ ଅଞ୍ଚଳର ରିଙ୍କି ସେନାପତି (୩୦) ମନ୍ଦିର ବେଢ଼ାରେ ବସିଥିବା ବେଳେ ଏକ ସାପ ସମ୍ପୃକ୍ତ ମହିଳାଙ୍କୁ କାମୁଡ଼ିଥିଲା। ଏହି ଘଟଣା ସମ୍ପର୍କରେ ସମ୍ପୃକ୍ତ ମହିଳାଙ୍କ ଚିକିତ୍ସା ପାଇଁ ଆମ୍ବୁଲାନ୍ସ ସେବାକୁ ଯୋଗାଯୋଗ କରାଯାଇଥିଲା ବେଳେ ମେଡିକାଲ ଛକ ଠାରୁ ନବଗ୍ରହ ମନ୍ଦିର ପର୍ଯ୍ୟନ୍ତ ନୋ ପାର୍କିଂ ଜୋନରେ ରାସ୍ତାର ଉଭୟ ପାର୍ଶ୍ୱରେ ବେଆଇନ ଭାବେ ଗାଡି ପାର୍କିଂ ଯୋଗୁ ଆମ୍ବୁଲାନ୍ସ ଭିତରକୁ ଯାଇ ପାରି ନ ଥିଲା। ନବଗ୍ରହ ପୀଠରୁ ଶ୍ରଦ୍ଧାଳୁ ଭକ୍ତମାନେ ସଂପୃକ୍ତ ମହିଳାଙ୍କୁ କାନ୍ଧରେ ବସାଇ ପ୍ରଥମେ ଚିକିତ୍ସା ପାଇଁ କୋଣାର୍କ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ସାପ କାମୁଡ଼ା ଇଞ୍ଜେକ୍ସନ ଉପଲବ୍ଧ ନ ଥିବାରୁ ମହିଳାଙ୍କୁ

### ସାପ କାମୁଡ଼ାରେ ମହିଳା ଗୁରୁତର

ଆମ୍ବୁଲାନ୍ସ ଯୋଗେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଯାଇଥିଲା। ସୂର୍ଯ୍ୟ ମନ୍ଦିର ନୋ ପାର୍କିଂ ଜୋନରେ ବେଆଇନ ଦୁଇ ଚକିଆ ଯାନ ପାର୍କିଂ ପାଇଁ କିଏ ଅନୁମତି ଦେଇଥିଲା ସ୍ଥାନୀୟ ପୋଲିସ ସବୁ ଦେଖି ନୀରବଦ୍ରଷ୍ଟା ସାଜିବା, ଟ୍ରାଫିକ ବ୍ୟବସ୍ଥା ବିପର୍ଯ୍ୟସ୍ତ ହେବା ଯୋଗୁ ଶ୍ରଦ୍ଧାଳୁଙ୍କ ଯାତାୟାତ ଠପ୍ ଓ ପୂଜାର୍ଚ୍ଚନା ନ କରି ଫେରିଯିବା ଭଳି ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହି ଘଟଣାର ଉଚ୍ଚ ସ୍ତରୀୟ ତଦନ୍ତ କରିବା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ ପୂର୍ବକ ଏଦିଗରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ କୋଣାର୍କ ଅଞ୍ଚଳର ସାମାଜିକ କର୍ମୀ, ସଚେତନ ନାଗରିକ, ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ, ପର୍ଯ୍ୟଟକ, ପର୍ଯ୍ୟଟନପ୍ରେମୀ, ଶ୍ରଦ୍ଧାଳୁ ଭକ୍ତ ସମାଜ ଓ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ଦାବି କରିଛନ୍ତି।

## ୧୮କୃତୀ ପ୍ରତିଯୋଗୀ ପୁରସ୍କୃତ

ବେଗୁନିଆ,୨୫ା୪(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ଥାନା ପକ୍ଷରୁ ଥାନା ଅଧିକାରୀ କାହ୍ନୁଚରଣ ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଏବଂ ବୋଲଗଡ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରମୋଦ ସ୍ୱାଇଁଙ୍କ ସହଯୋଗରେ ବେଗୁନିଆ, ବୋଲଗଡ଼ର ବିଭିନ୍ନ ଉଚ୍ଚ ବିଦ୍ୟାଳୟରେ ଭାରତୀୟ ନ୍ୟାୟ ସଂହିତା ଉପରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବୋଲଗଡ଼ ମଣ୍ଡଳ ଅନ୍ତର୍ଗତ ପିତୁକୁଳିର ପ୍ରଧାନ ଶିକ୍ଷକ ସୁଧୀର କୁମାର ସେଠୀ, ଦେଉଳିସ୍ଥିତ ଆଞ୍ଚଳିକ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁକାନ୍ତି ଦେଇ ଏବଂ ବେଗୁନିଆସ୍ଥିତ ପିଏମ୍‌ଶ୍ରୀ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ସ୍ମୃତିସ୍ମିତା ବେହେରାଙ୍କୁ ଭାରତୀୟ ନ୍ୟାୟ ସଂହିତା ପ୍ରସଙ୍ଗ ଉପରେ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା କରିବା ପାଇଁ ଥାନା ଅଧିକାରୀ ସ୍ୱାଇଁଙ୍କ ଅନୁରୋଧକ୍ରମେ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରମୋଦ ସ୍ୱାଇଁ ନିର୍ଦ୍ଦେଶ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆଇନ ଓ ସାକ୍ଷରତା ସଚେତନତା ନିମିତ୍ତ ହୋଇଥିବା ପ୍ରତିଯୋଗିତାରେ ବେଗୁନିଆ ଥାନା ଅଧିକାରୀ ସ୍ୱାଇଁ ଏବଂ ତାଙ୍କ ସହକର୍ମୀ ମନୋଜ କୁମାର ଶତପଥୀ, ସଞ୍ଜୟ କୁମାର ପାତ୍ର, ଜଗନ୍ନାଥ ସେଠୀ ଓ ପ୍ରଦୀପ କୁମାର ବେହେରା ସମ୍ପୃକ୍ତ ବିଦ୍ୟାଳୟରେ ଆଇନ ସଚେତନତା ଉପରେ ଆଲୋକପାତ କରିବା ସହ ପ୍ରତି ବିଭାଗର ତିନିଜଣ ଲେଖାଏ ମୋଟ୍ ୧୮ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ।

## ସଙ୍ଗୀତ ମଞ୍ଜରୀ ଉତ୍ସବ




ପୁରୁଣା ଭୁବନେଶ୍ୱରର,୨୫ା୪(ସୁବାସ ଚନ୍ଦ୍ର ପ୍ରଧାନ)

ସାଇ କଳା ସଂସଦ ଏବଂ ଅନୁଚିନ୍ତନ ମଙ୍ଗଳା ଟେମ୍ପୁଲ ଟ୍ରଷ୍ଟ ମିଳିତ ଆନୁକୂଲ୍ୟରେ ଶୁକ୍ରବାର ଗୀତ ଗୋବିନ୍ଦ ସଦନ ପ୍ରେକ୍ଷାଳୟରେ ସଙ୍ଗୀତ ମଞ୍ଜରୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ଅନିନ୍ଦିତା ଦାସ, ସମ୍ମାନିତ ଅତିଥିଭାବେ ଗୀତା ପାଢ଼ୀ ଏବଂ ସାମାଜିକ କର୍ମୀ ଶରତ ପଟ୍ଟନାୟକ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଆୟୋଜକ ଅନୁଷ୍ଠାନର ୨୦ରୁ ଊର୍ଦ୍ଧ୍ୱ ଶିଳ୍ପୀଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ କରାଯାଇଥିଲା। ସଙ୍ଗୀତ ନିର୍ଦ୍ଦେଶକ ସଞ୍ଜୟ ଦେବ, ସଂଯୋଜକ ବିଶ୍ୱଜିତ ବଳିୟାରସିଂହ ଏବଂ ସାଇଶ୍ରଦ୍ଧା ଅମ୍ବିକାଙ୍କୁ ସଙ୍ଗୀତ ମଞ୍ଜରୀ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ସଂସଦର ମୁଖ୍ୟ ପୁଷ୍ପାଞ୍ଜଳି ନାୟକ ଧନ୍ୟବାଦ ଦେଇଥିଲେ। ସାଇ କଳା ସଂସଦର କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସୁସ୍ଥ ମାନବ ସମାଜ ଗଠନରେ ପ୍ରାଣୀ ଚିକିତ୍ସକଙ୍କ ଅବଦାନ ଅତୁଳନୀୟ

ଭୁବନେଶ୍ୱର, ୨୫ା୪(ବନ୍ଦନା ସେଠୀ)



ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର ପ୍ରାଣୀ ଚିକିତ୍ସା ବିଜ୍ଞାନ, ପ୍ରାଣୀ ପାଳନ ପ୍ରତିଷ୍ଠାନ ଓଡ଼ିଶା, ପ୍ରାଣୀ ଚିକିତ୍ସା ପରିଷଦ ଏବଂ ଓଡ଼ିଶା ପ୍ରାଣୀ ଚିକିତ୍ସା ସମିତିର ମିଳିତ ଆନୁକୂଲ୍ୟରେ ଶନିବାର ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ପାଳିତ ହୋଇଯାଇଛି। ସୋଆ କ୍ୟାମ୍ପସ ଅଡିଟୋରିୟମ୍ ହଲ୍‌ରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ସୋଆ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଉଦ୍‌ଘାଟନ କରି ସୁସ୍ଥ ମାନବ ସମାଜ ଗଠନରେ ପ୍ରାଣୀ ଚିକିତ୍ସକଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ। ପ୍ରାଣୀ ଚିକିତ୍ସା ବିଜ୍ଞାନ ଓ ପ୍ରାଣୀ ପାଳନ ପ୍ରତିଷ୍ଠାନର ଅଧ୍ୟକ୍ଷ ପ୍ରଫେସର ସୁଶାନ୍ତ କୁମାର ଦାସ ସ୍ୱାଗତ ଭାଷଣରେ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ସିଫା ନିର୍ଦ୍ଦେଶକ ପ୍ରମୋଦ କୁମାର ସାହୁ ଆମ ଖାଦ୍ୟ ଓ ସ୍ୱାସ୍ଥ୍ୟ ଗଠନରେ ପ୍ରାଣୀ ଏବଂ ପ୍ରାଣୀ ଚିକିତ୍ସକଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ପ୍ରାଣୀଜ ଖାଦ୍ୟ ନିରାପତ୍ତା ଓ ପ୍ରାଣୀଠାରୁ ମନୁଷ୍ୟକୁ ବ୍ୟାପୁଥିବା ବିଭିନ୍ନ ରୋଗ ଯଥା ବାର୍ଡଫ୍ଲୁ, ଜଳାତଙ୍କ, ଆନ୍ଥ୍ରାକ୍ସ, ଯକ୍ଷ୍ମା ଆଦିକୁ ରୋକିବା ଏବଂ ବିଭିନ୍ନ ପ୍ରାଣୀଜ ପୁଷ୍ଟିସାର ଦୁଗ୍ଧ, ମାଂସ ଓ ଅଣ୍ଡା ଉତ୍ପାଦନ ବୃଦ୍ଧିରେ ପ୍ରାଣୀ ଚିକିତ୍ସକମାନଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରାଯାଇଥିଲା। ଏହି ଅବସରରେ ପୂର୍ବରୁ ଆୟୋଜିତ କୁଇଜ୍ ଓ ବକ୍ତୃତା ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ପ୍ରାଣୀ ସମ୍ପଦ ବିକାଶ କ୍ଷେତ୍ରରେ ବିଭିନ୍ନ ଦିଗରେ ପାରଦର୍ଶିତା ଲାଭ କରିଥିବା ୧୨ଜଣ ବରିଷ୍ଠ ପ୍ରାଣୀ ଚିକିତ୍ସାବିତ୍ ଏବଂ ୨ଜଣ ପ୍ରାଣୀ ସମ୍ପଦ ଉଦ୍ୟୋଗୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଫେସର ଶ୍ରୀନିବାସ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।




୨୫।୪।୨୦୨୬

| | |
|---|---|
| ୫,୨୭,୫୪୮ ଟଙ୍କା | |
| ସୁନା | ୨.୧୦୦ ଗ୍ରାମ୍ |
| ରୁପା | ୧୭.୮୦୦ ଗ୍ରାମ୍ |

# ବୈଶାଖ ଶେଷ ଶନିବାର, ନବଗ୍ରହ ପୀଠରେ ଭିଡ଼

- ସାପ କାମୁଡ଼ାରେ ମହିଳା ଭକ୍ତ ଗୁରୁତର
- ନୋ ପାର୍କିଂ ଜୋନ୍‌ରେ ଗାଡ଼ି ପାର୍କିଂ
- ଟ୍ରାଫିକ୍ ସମସ୍ୟା ଯୋଗୁ ପୂଜାର୍ଚ୍ଚନା କରି ନ ପାରି ଫେରିଗଲେ ଶ୍ରଦ୍ଧାଳୁ

କୋଣାର୍କ,୨୫।୪(ଜ୍ୟୋତିରାଜ ମହାନ୍ତି)



ବୈଶାଖ ଶେଷ ଶନିବାର ନବଗ୍ରହ ପୀଠରେ ଓଡ଼ିଶାର କୋଣଅନୁକୋଣରୁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ନବଗ୍ରହ ପୀଠକୁ ସଂଯୋଗ କରୁଥିବା କୋଣାର୍କ ମେଡିକାଲ ଛକଠାରୁ ମନ୍ଦିର ପ୍ରବେଶ ରାସ୍ତା ସୂର୍ଯ୍ୟ ମନ୍ଦିର ନୋ ପାର୍କିଂ ଜୋନ୍ ତଥା ନିଷିଦ୍ଧାଞ୍ଚଳରେ ବେଆଇନ ଗାଡ଼ି ପାର୍କିଂ କରାଯାଇଥିବାରୁ ନବଗ୍ରହ ମନ୍ଦିରରେ ପୂଜାର୍ଚ୍ଚନା କରିବା ପାଇଁ ଆସିଥିବା ଶ୍ରଦ୍ଧାଳୁଙ୍କ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଦୀର୍ଘ ୧ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଟ୍ରାଫିକ୍ ବ୍ୟବସ୍ଥା ବେହାଲ ହୋଇପଡ଼ିଥିଲା। ଖବରପାଇ କୋଣାର୍କ ପୋଲିସ ପହଞ୍ଚିଥିଲେ ମଧ୍ୟ ପୋଲିସ ପ୍ରଶାସନ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରିବା ବଦଳରେ ନିଜକୁ ଅସହାୟ ମନେକରିବା ଘଟଣାକୁ ବୁଦ୍ଧିଜୀବୀ ମହଲରେ ନିନ୍ଦା କରାଯାଇଛି।

ଏହି ପରିପ୍ରେକ୍ଷୀରେ ନବଗ୍ରହ ମନ୍ଦିରଠାରେ ଶ୍ରଦ୍ଧାଳୁମାନେ ପୂଜାର୍ଚ୍ଚନା ଓ ହୋମଯଜ୍ଞ ଆଦି କାର୍ଯ୍ୟ ସମ୍ପାଦନ କରିଥିଲେ। ସୂର୍ଯ୍ୟ ମନ୍ଦିର ନୋ ପାର୍କିଂ ଜୋନରେ ଗାଡ଼ି ପାର୍କିଂ ଯୋଗୁ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ନବଗ୍ରହ ପୀଠରେ ପୂଜାର୍ଚ୍ଚନା ଓ ହୋମଯଜ୍ଞ କରି ନ ପାରି ଫେରି ଯାଇଥିବା ଭଳି ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଥିଲା। ଏହି ପରିପ୍ରେକ୍ଷୀରେ ନବଗ୍ରହ ପୀଠରେ ପୂଜାର୍ଚ୍ଚନା ଓ ହୋମଯଜ୍ଞ ଆଦି କାର୍ଯ୍ୟ ଶେଷ କରିବା ପରେ ଜଗତ୍‌ସିଂହପୁର ଜିଲା ପାରାଦୀପ ମଧୁବନ ଅଞ୍ଚଳର ରିଙ୍କି ସେନାପତି (୩୦) ମନ୍ଦିର ବେଢ଼ାରେ ବସିଥିବା ବେଳେ ଏକ ସାପ ସମ୍ପୃକ୍ତ ମହିଳାଙ୍କୁ କାମୁଡ଼ି ଥିଲା। ଏହି ଘଟଣା ସମ୍ପର୍କରେ ସମ୍ପୃକ୍ତ ମହିଳାଙ୍କ ଚିକିତ୍ସା ପାଇଁ ଆମ୍ବୁଲାନ୍ସ ସେବାକୁ ଯୋଗାଯୋଗ କରାଯାଇଥିଲା ବେଳେ ମେଡିକାଲ ଛକ ଠାରୁ ନବଗ୍ରହ ମନ୍ଦିର ପର୍ଯ୍ୟନ୍ତ ନୋ ପାର୍କିଂ ଜୋନରେ ରାସ୍ତାର ଉଭୟ ପାର୍ଶ୍ୱରେ ବେଆଇନ ଭାବେ ଗାଡି ପାର୍କିଂ ଯୋଗୁ ଆମ୍ବୁଲାନ୍ସ ଭିତରକୁ ଯାଇ ପାରି ନ ଥିଲା। ନବଗ୍ରହ ପୀଠରୁ ଶ୍ରଦ୍ଧାଳୁ ଭକ୍ତମାନେ ସଂପୃକ୍ତ ମହିଳାଙ୍କୁ କାନ୍ଧରେ ବସାଇ ପ୍ରଥମେ ଚିକିତ୍ସା ପାଇଁ କୋଣାର୍କ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ସାପ କାମୁଡ଼ା ଇଞ୍ଜେକ୍ସନ ଉପଲବ୍ଧ ନ ଥିବାରୁ ମହିଳାଙ୍କୁ ଆମ୍ବୁଲାନ୍ସ ଯୋଗେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଯାଇଥିଲା। ସୂର୍ଯ୍ୟ ମନ୍ଦିର ନୋ ପାର୍କିଂ ଜୋନରେ ବେଆଇନ ଦୁଇ ଚକିଆ ଯାନ ପାର୍କିଂ ପାଇଁ କିଏ ଅନୁମତି ଦେଇଥିଲା ସ୍ଥାନୀୟ ପୋଲିସ ସବୁ ଦେଖି ନୀରବଦ୍ରଷ୍ଟା ସାଜିବା, ଟ୍ରାଫିକ ବ୍ୟବସ୍ଥା ବିପର୍ଯ୍ୟସ୍ତ ହେବା ଯୋଗୁ ଶ୍ରଦ୍ଧାଳୁଙ୍କ ଯାତାୟାତ ଠପ୍ ଓ ପୂଜାର୍ଚ୍ଚନା ନ କରି ଫେରିଯିବା ଭଳି ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହି ଘଟଣାର ଉଚ୍ଚ ସ୍ତରୀୟ ତଦନ୍ତ କରିବା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ ପୂର୍ବକ ଏଦିଗରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ କୋଣାର୍କ ଅଞ୍ଚଳର ସାମାଜିକ କର୍ମୀ, ସଚେତନ ନାଗରିକ, ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ, ପର୍ଯ୍ୟଟକ, ପର୍ଯ୍ୟଟନପ୍ରେମୀ, ଶ୍ରଦ୍ଧାଳୁ ଭକ୍ତ ସମାଜ ଓ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ଦାବି କରିଛନ୍ତି।

# ୧୩୯ ଜଣଙ୍କୁ ଅନ୍ତ୍ୟୋଦୟ ଗୃହ କାର୍ଯ୍ୟାଦେଶ

ଡେଲାଙ୍ଗ,୨୫।୪(ରଶ୍ମିରଞ୍ଜନ ପ୍ରଧାନ)

**ଜାତୀୟ ପଞ୍ଚାୟତିରାଜ ଦିବସ**

ଡେଲାଙ୍ଗ ବ୍ଲକର ଅରିସଲ ଛକରେ ଜାତୀୟ ପଞ୍ଚାୟତିରାଜ ଦିବସ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ବିଧାୟକ ଆଶ୍ରିତ ପଟ୍ଟନାୟକ, ବିଡିଓ ସମୀର ବେହେରା, ସହକାରୀ ନିର୍ବାହୀଯନ୍ତ୍ରୀ ସୁବ୍ରତ ବାରିକ, ଆତ୍ମା କମିଟି ଅଧ୍ୟକ୍ଷ ଲଡ୍ଡୁ କିଶୋର ରାୟ, ସମିତିସଭ୍ୟା ରୀତାଞ୍ଜଳି ପ୍ରଧାନ, ସରପଞ୍ଚ ହରିହର ସାଇଁ, ସରପଞ୍ଚ ପ୍ରତିନିଧି ବିମଳଚନ୍ଦ୍ର ସେନାପତି, ମହାଦେବ ରାଉତରାୟ, ଅଶୋକ ବେହେରା ପ୍ରମୁଖ ଉପସ୍ଥିତ ରହି ସରକାରୀ ଯୋଜନାକୁ ଲୋକଙ୍କ ନିକଟରେ ପହଞ୍ଚାଇବା ଓ ଯୋଜନାଗୁଡ଼ିକୁ ଠିକ୍ ଭାବେ ବିନିଯୋଗ କରିବା ପାଇଁ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ସମ୍ପର୍କରେ ଆଲୋକପାତ କରିଥିଲେ। ସଚ୍ଚିକାନ୍ତ ନାୟକ ସଭା ସଂଯୋଜନା କରିଥିବା ବେଳେ ଅନ୍ତ୍ୟୋଦୟ ଗୃହ ନିର୍ଦ୍ଧାରିତ ସମୟ ପୂର୍ବରୁ କାର୍ଯ୍ୟ ଶେଷ କରିଥିବା ନେଇ ଅଗ୍ରୀମ ୨୦ ହଜାର ଟଙ୍କା ଅନୁକମ୍ପାମୂଳକ ରାଶି ପ୍ରଦାନ କରାଯାଇଥିଲା। ସେହିପରି ୧୩୯ ଜଣଙ୍କୁ ଅନ୍ତ୍ୟୋଦୟ ଗୃହ କାର୍ଯ୍ୟାଦେଶ, ୧ଟି ଟ୍ରାଇ ସାଇକେଲ, ୩୭୭ ଜଣଙ୍କୁ ରାଶନକାର୍ଡ଼, ୨ଜଣଙ୍କୁ ଗୃହ ପ୍ରବେଶ, ୪ଜଣଙ୍କୁ ଅଗ୍ରୀମ ଅର୍ଥରାଶି ବିତରଣ କରାଯାଇଥିବା ନେଇ ବ୍ଲକ ପ୍ରକଳ୍ପ ସଂଯୋଜକ ଦିଲୀପ କୁମାର ସୁନ୍ଦରାୟ ସୂଚନା ଦେଇଥିଲେ।

# ରାସ୍ତାକଡ଼କୁ ଲେଉଟିଲା କାର୍

କଣାସ,୨୫।୪(ବିଭୂତି ଭୂଷଣ ତ୍ରିପାଠୀ)

ବାଣପୁରରୁ କରମଳା ଅଭିମୁଖେ ଯାଉଥିବା ଏକ କାର୍ ଅଡାଲ ଛକ ନିକଟରେ ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଥିବା ଏକ ଗଡ଼ିଆକୁ ଲେଉଟିଥିଲା। କାର୍‌ରେ ଥିବା ଯାତ୍ରୀମାନଙ୍କର କୌଣସି କ୍ଷୟକ୍ଷତି ହୋଇନାହିଁ। କାର୍‌ଟି ଲେଉଟିବା ମାତ୍ରେ ପାଖରେ ଥିବା ସ୍ଥାନୀୟ ଲୋକମାନେ କାର୍ ଡୋର ଭାଙ୍ଗି ମା' ଓ ପୁଅ ୨ଜଣଙ୍କୁ ଉଦ୍ଧାର କରିଥିଲେ। ମା' ଓ ପୁଅ ଦୁଇ ଜଣ ସାମାନ୍ୟ ଆହତ ହୋଇଛନ୍ତି। ସ୍ଥାନୀୟ ଲୋକଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ମା' ପୁଅ ବଞ୍ଚିଯାଇଛନ୍ତି। ଖବରପାଇ ଗଡ଼ିଶାଗଦା ପୋଲିସ ଦୁର୍ଘଟଣା ସ୍ଥଳରେ ପହଞ୍ଚି କାର୍‌କୁ ଜବତ କରିଛି।

# ୩ଶହରୁ ଊର୍ଦ୍ଧ୍ୱ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା




ସ୍ୱାସ୍ଥ୍ୟ ସେବା ଶିବିରରେ ଉପସ୍ଥିତ କର୍ମକର୍ତ୍ତାମାନେ ।

ଗୋପ,୨୫।୪(ଭାରତୀ ଭୂଷଣ ଉପାଧ୍ୟାୟ)

**ସେବକ ସଂଗଠନ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟସେବା ଶିବିର**

କେବଳ ମାଗଣା ସ୍ୱାସ୍ଥ୍ୟସେବା ଶିବିର ନୁହେଁ। ଦୀର୍ଘ ବର୍ଷ ଧରି ଅଗ୍ରଣୀ ସ୍ୱେଚ୍ଛାସେବୀ ଭାବେ ପରିଚିତ ସେବକ ସଂଗଠନ ଫାଉଣ୍ଡେଶନ ପକ୍ଷରୁ ଗରିବ ଲୋକଙ୍କ ସେବା ସହିତ ବିଭିନ୍ନ ସମୟରେ ବିଭିନ୍ନ ସେବାକାର୍ଯ୍ୟ କରିଆସୁଛି। ଶନିବାର ବନାଖଣ୍ଡି ପଞ୍ଚାୟତର ବଗଲେଇ ସ୍କୁଲ ପରିସରରେ ଆୟୋଜିତ ମାଗଣା ସ୍ୱାସ୍ଥ୍ୟସେବା ଶିବିରରେ ମୁଖ୍ୟ ଅତିଥି ଭାବେ ଅନୁଷ୍ଠାନର ନିର୍ଦ୍ଦେଶକ ଆଲୋକ ଜେନା ଯୋଗ ଦେଇଥିଲେ। ଏହି ମାଗଣା ସ୍ୱାସ୍ଥ୍ୟସେବା ଶିବିର ଶନିବାର ଆରମ୍ଭ ହେବା ପରେ ବିଭିନ୍ନ ଅଞ୍ଚଳରୁ ୩ଶହରୁ ଊର୍ଦ୍ଧ୍ୱ ରୋଗୀ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ପରେ ଭୁବନେଶ୍ୱର ଏମ୍ସ ହସ୍ପିଟାଲର ଅସ୍ଥିଶଲ୍ୟ ବିଭାଗର ଡ. ବିଶ୍ୱଜିତ ପାତ୍ର ଓ ହାଇଟେକ୍ ମେଡିକାଲ୍‌ର ଡାକ୍ତର ପୁଲକ ରଞ୍ଜନ ପଣ୍ଡାଙ୍କ ସମେତ ଅନ୍ୟ ବିଭାଗର ଡାକ୍ତରମାନେ ଆବଶ୍ୟକତା ଅନୁସାରେ ଔଷଧ ଲେଖିବା ପରେ ସଂଗଠନ ପକ୍ଷରୁ ମାଗଣାରେ ଔଷଧ ଯୋଗାଇ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ସଂଗଠନର ସଦସ୍ୟ କେଦାର ମଲ୍ଲିକ, ରଞ୍ଜିତ କୁମାର ଦାସ, ପପୁନା ମଲ୍ଲିକ ସହିତ ଅନ୍ୟ କର୍ମକର୍ତ୍ତାମାନେ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଦେଶୀ ମଦ ବିକ୍ରି, ୨ ମହିଳା ଗିରଫ

ପୁରୀ,୨୫।୪(ଅଜିତ୍ କୁମାର ମହାନ୍ତି)

ବେଆଇନ ଭାବେ ଦେଶୀ ମଦ ପ୍ରସ୍ତୁତ ଓ ବିକ୍ରି ଅଭିଯୋଗରେ ସମୁଦ୍ରକୂଳ ଥାନା ପୋଲିସ ୨ ଜଣଙ୍କୁ ଗିରଫ କରି ଦୁଇଟି ଭିନ୍ନ ଭିନ୍ନ ମାମଲାରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ବିଶେଷ ସୂତ୍ରରୁ ପୋଲିସକୁ ଖବର ମିଳିଥିଲା ଯେ, ସିଟି ରୋଡ୍ ନୂଆସାହିର ତାରା ମହାନ୍ତି ନାମକ ଜଣେ ମହିଳା ବେଆଇନ ଦେଶୀ ମଦ ପ୍ରସ୍ତୁତ କରିବା ସହ ବିକ୍ରୟ କରୁଛନ୍ତି। ଖବରପାଇ ପୋଲିସ ଚଢ଼ାଉ କରି ଅଭିଯୁକ୍ତଙ୍କ ନିକଟରୁ ୨୦୦ ଲିଟର ପୋଚ, ୨୦ଲିଟର ଦେଶୀ ମଦ, ୫ଟି ଅଲୁମିନିୟମ୍ ପାତ୍ର, ୫ଟି ପ୍ଲାଷ୍ଟିକ୍ ଜାର ସହ ୫ଟି ଟିଣ ପାତ୍ର ଜବତ କରିଛି। ଉକ୍ତ ଘଟଣାରେ ପୋଲିସ କେସ୍ ନଂ ୧୨୪/୨୬ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ସେହିପରି ଅନ୍ୟଏକ ଘଟଣାରେ ପୋଲିସ ସିଟି ରୋଡ୍ ନୂଆସାହିର ଅଙ୍କା ନୀଳାମାନ ନାମକ ମହିଳାଙ୍କୁ ଗିରଫ କରିଛି। ତାଙ୍କ ଠାରୁ ପୋଲିସ ୨୦୦ ଲିଟର ପୋଚ, ୨୦ ଲିଟର ଦେଶୀ ମଦ, ୫ଟି ପାତ୍ର, ୫ଟି ପ୍ଲାଷ୍ଟିକ୍ ଜାର୍ ସହ ୫ଟି ଟିଣର ପାତ୍ର ଜବତ କରିଛି। ଏନେଇ ପୋଲିସ କେସ ନଂ ୧୨୫/୨୬ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି।

### ଛୁରାମାଡ଼ରେ ଯୁବକ ଗୁରୁତର

ପୁରୀ,୨୫।୪(ଅଜିତ୍ କୁମାର ମହାନ୍ତି)

ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଶନିବାର ଜଣେ ଯୁବକଙ୍କୁ ଛୁରାମାଡ଼ ହୋଇଥିବା ଜଣାପଡ଼ିଛି। ଆକ୍ରମଣର ଶିକାର ଯୁବକ ହେଲେ କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ରାମଚଣ୍ଡୀ ବାଲିଉପରର ଚଗଲା ନାୟକ(୩୦)। ତାଙ୍କୁ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଶନିବାର ସନ୍ଧ୍ୟାରେ ଚଗଲା ଘର ସମ୍ମୁଖରେ ଛିଡ଼ା ହୋଇଥିଲେ। ଏହି ସମୟରେ ୨ ଜଣ ଦୁର୍ବୃତ୍ତ ହଠାତ୍ ଆସି ତାଙ୍କୁ ଏକ ଛୁରିରେ ଆକ୍ରମଣ କରିଥିଲେ। ସେ କିଛି ବୁଝିପାରି ନ ଥିଲେ। ପାଟି କରିବାରୁ ଦୁର୍ବୃତ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଖବରପାଇ କୁମ୍ଭାରପଡ଼ା ପୋଲିସ ପହଞ୍ଚି ତଦନ୍ତ ଚଳାଇଛି। ତେବେ ଆକ୍ରମଣର ପ୍ରକୃତ କାରଣ ଜଣାପଡ଼ି ନ ଥିଲେ ମଧ୍ୟ ପୂର୍ବଶତ୍ରୁତାକୁ ନେଇ ଏହି ଆକ୍ରମଣ ହୋଇଥିବା ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଛି।

### ନାଟକ 'ସୁଖ ନିଅଣ୍ଟକୁ ଦୁଃଖ ଅଣ୍ଟିଏ' ମଞ୍ଚସ୍ଥ

ନିରାକାରପୁର,୨୫।୪(ମାନସ ଚନ୍ଦ୍ର ପଟ୍ଟନାୟକ)

ଲେଣ୍ଡୋ ପଞ୍ଚାୟତ ଅନ୍ତର୍ଗତ ରେଙ୍ଗଟା ଷଠିପଦର ଗ୍ରାମର ମା'ଭଗବତୀ ନାଟ୍ୟ ସଂସଦ ପକ୍ଷରୁ ସାମାଜିକ ନାଟକ 'ସୁଖ ନିଅଣ୍ଟକୁ ଦୁଃଖ ଅଣ୍ଟିଏ' ମଞ୍ଚସ୍ଥ ହୋଇଯାଇଛି। ମୁକ୍ତାକାଶ ରଙ୍ଗମଞ୍ଚରେ ଅନୁଷ୍ଠାନର କଳାକାରମାନେ ଅଭିନୟ କରିଥିଲେ। ଏହି ନାଟକର ନାଟ୍ୟ ନିର୍ଦ୍ଦେଶନା ଈଶ୍ୱର ଚନ୍ଦ୍ର ପରିଡ଼ା ଦେଇଥିବା ବେଳେ ବେଣୁଧର ପ୍ରଧାନ ଏବଂ ଭାସ୍କର ସ୍ୱାଇଁ ପରିଚାଳନା କରିଥିଲେ।

# ଜିଲାସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତା ଆରମ୍ଭ




ଜିଲାସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତାର ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

ପୁରୀ,୨୫।୪(ଅଜିତ୍ କୁମାର ମହାନ୍ତି)

ପୁରୀ ମହାନଗର ନିଗମ ଅଧୀନରେ ମୋଚିସାହି ସ୍ଥିତ କଲ୍ୟାଣମଣ୍ଡପରେ ଶୁକ୍ରବାର ଠାରୁ ଦୁଇଦିନିଆ ୧୯ତମ କିରୋଗୀ ଓ ୧୧ତମ ପୁଂସି ଜିଲାସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତା ଆରମ୍ଭ ହୋଇଛି। ଟାଏକୋଣ୍ଡୋ ଆସୋସିଏଶନ ଅଫ୍ ପୁରୀ ଓ ଦି ସ୍କୁଲ ଅଫ୍ ଟାଏକୋଣ୍ଡୋର ମିଳିତ ଆନୁକୂଲ୍ୟରେ ଆୟୋଜିତ ପ୍ରତିଯୋଗିତାରେ ଜିଲାର ବିଭିନ୍ନ ଅଞ୍ଚଳରୁ ୧୪୮ ଜଣ ବାଳକ ଓ ୧୦୫ ଜଣ ବାଳିକା ସମୁଦାୟ ୨୫୩ ଜଣ ପ୍ରତିଯୋଗୀ ଭାଗ ନେଇଛନ୍ତି। ୧୦ଟି ଟ୍ରେନିଂ ସେଣ୍ଟରରୁ ଆସିଥିବା ବାଳକ ଓ ବାଳିକାମାନେ କିରୋଗୀ ଓ ପୁଂସି ଇଭେଣ୍ଟରେ ନିଜ ଦକ୍ଷତା ପ୍ରଦର୍ଶନ କରୁଛନ୍ତି। ପ୍ରତିଯୋଗିତାରେ ଆଧୁନିକ ଇଲେକ୍ଟ୍ରୋନିକ୍ ସେନ୍ସର ମାଧ୍ୟମରେ ସ୍କୋରିଂ ବ୍ୟବସ୍ଥା କରାଯାଇଛି। ଓଡ଼ିଶା ଟାଏକୋଣ୍ଡୋ ସଂଘ ପକ୍ଷରୁ ୧୮ ଜଣ ଜାତୀୟ ରେଫରୀ ପ୍ରତିଯୋଗିତାକୁ ପରିଚାଳନା କରୁଥିବାବେଳେ, ମୌଳିନ୍ଦୁ କୁମାର ମହାନ୍ତ ଓ ଏମ୍.ଡି. ରାମଜାନ ମୁଖ୍ୟ ଟେକ୍ନିକାଲ ଅଫିସିଆଲ୍ ଭାବେ ଦାୟିତ୍ୱ ନିଭାଉଛନ୍ତି। ଉଦ୍‌ଘାଟନୀ ଅବସରରେ ରାଜ୍ୟସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆଙ୍କ ସହ ରବି ଶଙ୍କର ପ୍ରତିହାରୀ, ବ୍ୟୋମକେଶ ଅଭିଳାଷ ପ୍ରସାଦ, ସୁଦର୍ଶନ ସାହୁ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

# ଗାଳ୍ପିକ ବଦ୍ରି ମିଶ୍ର ସମ୍ବର୍ଦ୍ଧିତ

ପୁରୀ,୨୫।୪(ଅଜିତ୍ କୁମାର ମହାନ୍ତି)

ଅମୃତ ପିଢ଼ି ସୃଷ୍ଟିରେ ଉଲ୍ଲେଖନୀୟ ଅବଦାନ ପାଇଁ ଓଡ଼ିଶାର ବିଶିଷ୍ଟ ଗାଳ୍ପିକ ତଥା ଗୀତିକାର ବଦ୍ରି ମିଶ୍ରଙ୍କୁ ରାଜ୍ୟ ସରକାରଙ୍କ ଓଡ଼ିଆ ପକ୍ଷରେ ସମ୍ବର୍ଦ୍ଧିତ କରାଯାଇଛି। ମିଶ୍ର ଏଯାଏଁ ବିଭିନ୍ନ ଦେବଦେବୀଙ୍କୁ ନେଇ ତାଙ୍କର ୮୩୪ଟି ଭଜନ, ଜଣାଣ ପ୍ରସାରଣ ହୋଇଥିଲା ବେଳେ, ୧୩ଟି ଗଳ୍ପ, ଗୀତିକବିତା ଓ ପ୍ରବନ୍ଧ ସଂକଳନ ପ୍ରକାଶ ପାଇସାରିଛି। ଜଣେ ବରିଷ୍ଠ ସାମ୍ବାଦିକ ଓ ସ୍ତମ୍ଭକାର ଭାବରେ ଓଡ଼ିଶାରେ ପରିଚିତ ବଦ୍ରି ମିଶ୍ରଙ୍କ କାହାଣୀକୁ ଦ୍ୱିଭାଷିକ ଚଳଚ୍ଚିତ୍ର 'ଆଜିର ରେବତୀ', ଓଡ଼ିଶା ଓ ପଶ୍ଚିମବଙ୍ଗରେ ଲୋକାଦୃତ ହୋଇଛି। ଏହାବ୍ୟତୀତ ଜଣେ କଣ୍ଠଶିଳ୍ପୀ, ସଂଗୀତ ସଂଯୋଜକ ଓ ଭାଗବତ ଭାଷ୍ୟକାର ଭାବରେ ଚର୍ଚ୍ଚିତ ମିଶ୍ରଙ୍କୁ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ଉଚ୍ଚପଦସ୍ଥ ଅଧିକାରୀ ଡକ୍ଟର ଦେବ ପ୍ରସାଦ ଦାଶ ଓ ଓଡ଼ିଶା ସାହିତ୍ୟ ଏକାଡେମୀ ସମ୍ପାଦକ ଡ. ଚନ୍ଦ୍ରଶେଖର ହୋତା, ଭୁବନେଶ୍ୱରଠାରେ ଓଡ଼ିଆ ପକ୍ଷ ସନ୍ତକ ପ୍ରଦାନ କରିଛନ୍ତି।

# ଜମିବାଡ଼ି ବିବାଦକୁ ନେଇ ଗଣ୍ଡଗୋଳ

ବଲଙ୍ଗା,୨୫।୪(କେଦାରେଶ୍ୱର ନନ୍ଦ)

**ଉଭୟ ପକ୍ଷରୁ ମାମଲା ରୁଜୁ**

ବଲଙ୍ଗା ଥାନା ଅନ୍ତର୍ଗତ ବିଦ୍ୟାଧରପୁର ଗ୍ରାମରେ ଜମିବାଡ଼ି ବିବାଦକୁ କେନ୍ଦ୍ର କରି ଗଣ୍ଡଗୋଳ ହୋଇଛି। ଏ ନେଇ ଥାନାରେ ଉଭୟଙ୍କ ପକ୍ଷରୁ ଦୁଇଟି ପୃଥକ ପୃଥକ ମାମଲା ରୁଜୁ ହୋଇଛି।

ଲକ୍ଷ୍ମୀ ବାରିକ କରିଥିବା ଅଭିଯୋଗ ଅନୁଯାୟୀ, ଶୁକ୍ରବାର ମୁଁ ଓ ମୋର ସ୍ୱାମୀ ଜମିରୁ ମୁଗ ଓପାଡ଼ିବା ସମୟରେ ପଡ଼ୋଶୀ ଦୟାନିଧି ବାରିକ ଓ ତାଙ୍କ ସ୍ତ୍ରୀ ଡଲି ବାରିକ ବିଲରୁ ଭେଣ୍ଡି ତୋଳି ଘରକୁ ଫେରୁଥିଲେ। ସେହି ସମୟରେ ମୋର ସ୍ୱାମୀ ବାବୁଲି ବାରିକ ଦୟାନିଧିଙ୍କୁ କହିଥିଲେ ଯେ, ବନ୍ଧା ପଟା ଠିକ୍ କଲେ ଆମେ ଘର କାମ ଆରମ୍ଭ କରିବୁ। ଏହି କଥା ଶୁଣି ଦୟାନିଧି କହିଥିଲେ ତମେ ମୋର ସମସ୍ତ ଭାଇଙ୍କୁ ଜଣାଅ। ବାବୁଲି ପୁଅ ମହେଶ୍ୱର ଦୟାନିଧିଙ୍କୁ କହିଥିଲେ ଯେ, ଆମେ କ'ଣ ତମ ଭାଇମାନଙ୍କୁ ଜଣ ଜଣ କରି କହିବୁ କହି ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ପରେ ଘର ପାଖକୁ ଆସି ମୋ ପୁଅ, ସ୍ୱାମୀଙ୍କୁ ଦୟାନିଧି, ପ୍ରଶାନ୍ତ, ଡଲି, କାମିନୀ ଓ ସଂଯୁକ୍ତା ମିଶି ଆକ୍ରମଣ କରିଥିଲେ। ପାଟିତୁଣ୍ଡ ଶୁଣି ପଡ଼ିଶା ଘର ଲୋକମାନେ ଘଟଣାସ୍ଥଳରେ ପହଞ୍ଚିଯିବାରୁ ଏମାନେ ପଳାଇଥିଲେ। ପରେ ୧୦୮ ଆମ୍ବୁଲାନ୍ସ ଯୋଗେ ସାକ୍ଷୀଗୋପାଳ ଡାକ୍ତରଖାନାରେ ଚିକିତ୍ସା କରାଯାଇଥିବା ଲକ୍ଷ୍ମୀ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି।

ଅପରପକ୍ଷରେ ମଞ୍ଜୁଲତା ବାରିକଙ୍କ ଅଭିଯୋଗ ଅନୁଯାୟୀ, ଜମିବାଡ଼ି ବିବାଦକୁ ନେଇ ଆମ ପଡ଼ୋଶୀ ଘରର ବାବୁଲା ବାରିକ ମଧ୍ୟରେ ପୂର୍ବରୁ କଳହ ଉପୁଜିଥିଲା। ଉଭୟ ପକ୍ଷଙ୍କ ମଧ୍ୟରେ ଶୁକ୍ରବାର ସମାଧାନ ହେବାର ଥିଲା। ଶୁକ୍ରବାର ସକାଳେ ମୁଁ ଓ ମୋର ସ୍ୱାମୀ ବିଲରୁ ଭେଣ୍ଡି ତୋଳି ଘରକୁ ଆସିଥିଲୁ। ସ୍ୱାମୀ ଭେଣ୍ଡି ନେଇ ବଜାରକୁ ଯିବାପରେ ମୁଁ ଘରେ ବସି ଗୋଡ଼ରୁ କଣ୍ଟା କାଢୁଥିବା ବେଳେ ବାବୁଲି ବାରିକଙ୍କ ପୁଅ ମହେଶ୍ୱର ମୋ ପାଖକୁ ଆସି ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଗୋଟେ ଧକ୍କା ପକାଇଥିଲା ବୋଲି ମଞ୍ଜୁଲତା ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ପୋଲିସ ଅଭିଯୋଗ ପାଇବା ପରେ ଉଭୟଙ୍କ ବିରୋଧରେ ୧୨୨/୨୬ ଓ ୧୨୩/୨୬ରେ ଦୁଇଟି ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

# ପାଠାଗାର ଆନ୍ଦୋଳନ କ୍ରିୟାଶୀଳ କରାଯିବା ଉପରେ ଗୁରୁତ୍ୱ

**ଶିକ୍ଷାଶ୍ରୀ ଶିଶୁ ପାଠାଗାରର ୨୨ତମ ବାର୍ଷିକ ଉତ୍ସବ**

ପୁରୀ,୨୫।୪(ଅଜିତ୍ କୁମାର ମହାନ୍ତି)




ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ଶିଶୁ ସାହିତ୍ୟିକମାନେ।

ପାଠାଗାର ହେଉଛି ଏକମାତ୍ର ସ୍ଥାନ, ଯେଉଁଠି ବିନା ଖର୍ଚ୍ଚରେ ପୃଥିବୀକୁ ଆବିଷ୍କାର କରିହୁଏ। ମନ ପାଇଁ ସ୍ୱାସ୍ଥ୍ୟକେନ୍ଦ୍ର ହେଉଛି ପାଠାଗାର, ଯାହାକି ମଣିଷକୁ ମୁକ୍ତି ପ୍ରଦାନ କରେ ଏବଂ ସଭ୍ୟତା ଓ ସଂସ୍କୃତିର ବିକାଶକୁ ଆଗକୁ ନିଏ। ପ୍ରତି ପଞ୍ଚାୟତରେ ପାଠାଗାର ସ୍ଥାପନ ସହିତ ପାଠାଗାର ଆନ୍ଦୋଳନକୁ ଅଧିକରୁ ଅଧିକ କ୍ରିୟାଶୀଳ କରାଯିବା ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଛନ୍ତି। ଶନିବାର ଶିକ୍ଷାଶ୍ରୀ ଶିଶୁ ପାଠାଗାରର ୨୨ତମ ବାର୍ଷିକ ଉତ୍ସବ ୟୁଥ ହଷ୍ଟେଲ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ପୁରୀ ଜିଲା ବରିଷ୍ଠ ନାଗରିକ ମଞ୍ଚର ସଭାପତି ସାହିତ୍ୟିକ ଡ. କାର୍ତ୍ତିକ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାରସ୍ୱତ ସମାରୋହରେ ଉଦ୍‌ଘାଟକ ଭାବେ 'ଆମ ପରଶମଣି'ର ସମ୍ପାଦକ ତଥା ଶିଶୁ ସାହିତ୍ୟିକ ଡ. ରାମଚନ୍ଦ୍ର ଦେଓ, ମୁଖ୍ୟ ଅତିଥି ଭାବେ କେନ୍ଦ୍ର ବାଲ୍ ସାହିତ୍ୟ ପୁରସ୍କାରପ୍ରାପ୍ତ ବରିଷ୍ଠ ଶିଶୁ ସାହିତ୍ୟିକ ଡ. ନରେନ୍ଦ୍ର ପ୍ରସାଦ ଦାସ, ମୁଖ୍ୟବକ୍ତା ଭାବେ ଜିଲା ଶିକ୍ଷା ଓ ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନର ପ୍ରାକ୍ତନ ଅଧ୍ୟକ୍ଷ ଚଣ୍ଡେଶ୍ୱର ମହାପାତ୍ର, ସମ୍ମାନିତ ଅତିଥି ଭାବେ ଶିଶୁ କିଶୋର ସାହିତ୍ୟ ଏକାଡେମୀ, ଓଡ଼ିଶାର ସାଧାରଣ ସମ୍ପାଦକ ବୀରେନ୍ଦ୍ର ମହାନ୍ତି ଯୋଗଦେଇଥିଲେ। ପ୍ରାରମ୍ଭରେ ମହେନ୍ଦ୍ର ବିଶୋଇ ଉତ୍ସବର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିବା ବେଳେ ପାଠାଗାରର ପ୍ରତିଷ୍ଠାତା ସମ୍ପାଦକ ରମେଶ ଚନ୍ଦ୍ର ଦାଶ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଶିଶୁ ସାହିତ୍ୟିକ ସୁଶାନ୍ତ କୁମାର ସେନାପତି ଅତିଥି ପରିଚୟ ଏବଂ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ବରଗଡ଼ ଶିଶୁଶ୍ରୀ ଭ୍ରାମ୍ୟମାଣ ପାଠାଗାରର ପ୍ରତିଷ୍ଠାତା ଡ. ରବିନାରାୟଣ ସାହୁ, ନୟାଗଡ଼ ନୂଆଗାଁସ୍ଥିତ ଦାଶରଥି ପଟ୍ଟନାୟକ ପାଠାଗାର ଓ ସଂଗ୍ରହାଳୟର ଦୀପକ କୁମାର ପଟ୍ଟନାୟକ, ଶିକ୍ଷକ ଓ ନାଟ୍ୟ ସଂଗଠକ ବିକାଶ ଦତ୍ତ, ବାଲେଶ୍ୱରସ୍ଥିତ ଲୋକନାଥ ପାଠାଗାରର ପ୍ରତିଷ୍ଠାତା ତଥା ଶିଶୁ ପତ୍ରିକା 'ବାଇ ଚଢ଼େଇ'ର ସମ୍ପାଦକ ବିକାଶ କୁମାର ଶତପଥୀ, ଶିଶୁ ସାହିତ୍ୟିକା ସୁଜାତା ସିହ୍ନା ଏବଂ ବ୍ରହ୍ମଗିରି ବିଜିପୁରର କୃତୀ ଛାତ୍ର ସାଦ୍ୟାନ୍ତ ଶତପଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଜ୍ଞା ସାହୁ ମଞ୍ଚ ସଂଯୋଜନା କରିଥିଲେ। କଣ୍ଠଶିଳ୍ପୀ ପ୍ରୀତିଶା ମହାପାତ୍ର ଭକ୍ତି ସଂଗୀତ ପରିବେଷଣ କରିଥିବା ବେଳେ ପ୍ରଶାନ୍ତ କୁମାର ତ୍ରିପାଠୀ ଶିଶୁ କବିତା ପାଠ କରିଥିଲେ। କବି କ୍ରିଷ୍ଣା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଫଟୋରେ ଖବର




ସ୍ଥାନୀୟ ସଂସ୍କୃତି ଭବନଠାରେ ସମ୍ପର୍କ ଅନୁଷ୍ଠାନ ପକ୍ଷରୁ ଅନୁଷ୍ଠିତ 'ସୁରକ୍ଷିତ ନିବେଶ ଓ ସାଇବର ସୁରକ୍ଷା' ସଚେତନତା ଶିବିରରେ ଯୋଗଦେଇଥିବା ଅତିଥିମାନେ।




ରାଧାରମଣ ଫାଉଣ୍ଡେଶନର ବାର୍ଷିକୋତ୍ସବରେ କଳାକାରମାନେ ମାହାରୀ ନୃତ୍ୟ କରୁଛନ୍ତି। (ଫଟୋ– ଯଜ୍ଞେଶ୍ୱର ମହାନ୍ତି)

## ସଂକ୍ଷେପରେ

### ଉତ୍କଳ ସମ୍ମିଳନୀର ପୂର୍ବତନ କୋଷାଧକ୍ଷ ଭାବଗ୍ରାହୀଙ୍କ ପରଲୋକ

ଭୁବନେଶ୍ୱର,୨୫।୪ (ସୌମ୍ୟରଞ୍ଜନ ରାଉତ)

ଉତ୍କଳ ସମ୍ମିଳନୀର ପୂର୍ବତନ କୋଷାଧକ୍ଷ ଭାବଗ୍ରାହୀ ମିଶ୍ରଙ୍କ ଖାରବେଳ ନଗରସ୍ଥିତ ବାସଭବନରେ ଶୁକ୍ରବାର ଭୋର ୩ଟାରେ ପରଲୋକ ହୋଇଯାଇଛି। ତାଙ୍କୁ ୯୨ ବର୍ଷ ବୟସ ହୋଇଥିଲା। ଉତ୍କଳ ସମ୍ମିଳନୀ ପକ୍ଷରୁ ଉପଦେଷ୍ଟା ପଦ୍ମଚରଣ ନାୟକ, ସଭାପତି ଅନନ୍ତ ପ୍ରସାଦ ଜେନା ଓ ସାଧାରଣ ସମ୍ପାଦକ ଦିଲ୍ଲୀପ ଦାଶଶର୍ମା ପ୍ରମୁଖ ଶୋକ ବ୍ୟକ୍ତ କରିଛନ୍ତି। ସେମାନେ କହିଛନ୍ତି, ଭାବଗ୍ରାହୀ ୧୯୯୫ ମସିହା ଜାନୁୟାରୀରେ ସମ୍ମିଳନୀର କୋଷାଧକ୍ଷ ଭାବେ ନିର୍ବାଚିତ ହୋଇ ୧୯୯୯ ମସିହା ପର୍ଯ୍ୟନ୍ତ ଅନୁଷ୍ଠାନକୁ ସ୍ୱଚ୍ଛ ଓ ନିର୍ମଳ ଭାବରେ ଚଳାଇବା ପାଇଁ ଆପ୍ରାଣ ଉଦ୍ୟମ କରିଥିଲେ। ସେ ସମ୍ମିଳନୀର ଗୌରବ ଅକ୍ଷୁଣ୍ଣ ରଖିବା ପାଇଁ ବହୁ ଚେଷ୍ଟା କରିଥିଲେ ବୋଲି ସମ୍ମିଳନୀ ପକ୍ଷରୁ କୁହାଯାଇଛି।

### ଦେଶୀ ମଦ ବିକ୍ରି, ୨ ମହିଳା ଗିରଫ

ପୁରୀ,୨୫।୪(ଅଜିତ୍ କୁମାର ମହାନ୍ତି)

ବେଆଇନ ଭାବେ ଦେଶୀ ମଦ ପ୍ରସ୍ତୁତ ଓ ବିକ୍ରି ଅଭିଯୋଗରେ ସମୁଦ୍ରକୂଳ ଥାନା ପୋଲିସ ୨ ଜଣଙ୍କୁ ଗିରଫ କରି ଦୁଇଟି ଭିନ୍ନ ଭିନ୍ନ ମାମଲାରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ବିଶେଷ ସୂତ୍ରରୁ ପୋଲିସକୁ ଖବର ମିଳିଥିଲା ଯେ, ସିଟି ରୋଡ୍ ନୂଆସାହିର ତାରା ମହାନ୍ତି ନାମକ ଜଣେ ମହିଳା ବେଆଇନ ଦେଶୀ ମଦ ପ୍ରସ୍ତୁତ କରିବା ସହ ବିକ୍ରୟ କରୁଛନ୍ତି। ଖବରପାଇ ପୋଲିସ ଚଢ଼ାଉ କରି ଅଭିଯୁକ୍ତଙ୍କ ନିକଟରୁ ୨୦୦ ଲିଟର ପୋଚ, ୨୦ଲିଟର ଦେଶୀ ମଦ, ୫ଟି ଅଲୁମିନିୟମ୍ ପାତ୍ର, ୫ଟି ପ୍ଲାଷ୍ଟିକ୍ ଜାର ସହ ୫ଟି ଗିଣ ପାତ୍ର ଜବତ କରିଛି। ଉକ୍ତ ଘଟଣାରେ ପୋଲିସ କେସ୍ ନଂ ୧୨୪/୨୬ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ସେହିପରି ଅନ୍ୟଏକ ଘଟଣାରେ ପୋଲିସ ସିଟି ରୋଡ୍ ନୂଆସାହିର ଅଙ୍କା ନୀଳାମାନ ନାମଙ୍କ ମହିଳାଙ୍କୁ ଗିରଫ କରିଛି। ତାଙ୍କ ଠାରୁ ପୋଲିସ ୨୦୦ ଲିଟର ପୋଚ, ୨୦ ଲିଟର ଦେଶୀ ମଦ, ୫ଟି ପାତ୍ର, ୫ଟି ପ୍ଲାଷ୍ଟିକ୍ ଜାର୍ ସହ ୫ଟି ଗିଣର ପାତ୍ର ଜବତ କରିଛି। ଏନେଇ ପୋଲିସ କେସ ନଂ ୧୨୫/୨୬ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି।

### ଯୁବକଙ୍କୁ ଛୁରାମାଡ଼

ପୁରୀ,୨୫।୪(ଅଜିତ୍ କୁମାର ମହାନ୍ତି)

ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଶନିବାରଜଣେ ଯୁବକଙ୍କୁ ଛୁରାମାଡ଼ ହୋଇଥିବା ଜଣାପଡ଼ିଛି। ଆକ୍ରମଣର ଶିକାର ଯୁବକ ହେଲେ କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ରାମଚଣ୍ଡୀ ବାଲିଉପରର ଚଗଲା ନାୟକ(୩୦)। ତାଙ୍କୁ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଶନିବାର ସନ୍ଧ୍ୟାରେ ଚଗଲା ଘର ସମ୍ମୁଖରେ ଛିଡ଼ା ହୋଇଥିଲେ। ଏହି ସମୟରେ ୨ ଜଣ ଦୁର୍ବୃତ୍ତ ହଠାତ୍ ଆସି ତାଙ୍କୁ ଏକ ଛୁରିରେ ଆକ୍ରମଣ କରିଥିଲେ। ସେ କିଛି ବୁଝିପାରି ନ ଥିଲେ। ପାଟି କରିବାରୁ ଦୁର୍ବୃତ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଖବରପାଇ କୁମ୍ଭାରପଡ଼ା ପୋଲିସ ପହଞ୍ଚି ତଦନ୍ତ ଚଳାଇଛି। ତେବେ ଆକ୍ରମଣର ପ୍ରକୃତ କାରଣ ଜଣାପଡ଼ି ନ ଥିଲେ ମଧ୍ୟ ପୂର୍ବଶତ୍ରୁତାକୁ ନେଇ ଏହି ଆକ୍ରମଣ ହୋଇଥିବା ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଛି।

# ସୁସ୍ଥ ମାନବ ସମାଜ ଗଠନରେ ପ୍ରାଣୀ ଚିକିତ୍ସକଙ୍କ ଅବଦାନ ଅତୁଳନୀୟ

ଭୁବନେଶ୍ୱର, ୨୫।୪(ବନ୍ଦନା ସେଠୀ)



ପ୍ରାଣୀ ଚିକିତ୍ସା ଦିବସ ପାଳନ ଅବସରରେ ଅତିଥିମାନେ।

ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର ପ୍ରାଣୀ ଚିକିତ୍ସା ବିଜ୍ଞାନ, ପ୍ରାଣୀ ପାଳନ ପ୍ରତିଷ୍ଠାନ ଓଡ଼ିଶା, ପ୍ରାଣୀ ଚିକିତ୍ସା ପରିଷଦ ଏବଂ ଓଡ଼ିଶା ପ୍ରାଣୀ ଚିକିତ୍ସା ସମିତିର ମିଳିତ ଆନୁକୂଲ୍ୟରେ ଶନିବାର ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ପାଳିତ ହୋଇଯାଇଛି। ସୋଆ କ୍ୟାମ୍ପସ ଅଡିଟୋରିୟମ୍ ହଲ୍‌ରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ସୋଆ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଉଦ୍‌ଘାଟନ କରି ସୁସ୍ଥ ମାନବ ସମାଜ ଗଠନରେ ପ୍ରାଣୀ ଚିକିତ୍ସକଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ। ପ୍ରାଣୀ ଚିକିତ୍ସା ବିଜ୍ଞାନ ଓ ପ୍ରାଣୀ ପାଳନ ପ୍ରତିଷ୍ଠାନର ଅଧକ୍ଷ ପ୍ରଫେସର ସୁଶାନ୍ତ କୁମାର ଦାସ ସ୍ୱାଗତ ଭାଷଣରେ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ସିଫା ନିର୍ଦ୍ଦେଶକ ପ୍ରମୋଦ କୁମାର ସାହୁ ଆମ ଖାଦ୍ୟ ଓ ସ୍ୱାସ୍ଥ୍ୟ ଗଠନରେ ପ୍ରାଣୀ ଏବଂ ପ୍ରାଣୀ ଚିକିତ୍ସକଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ପ୍ରାଣୀଜ ଖାଦ୍ୟ ନିରାପତ୍ତା ଓ ପ୍ରାଣୀଠାରୁ ମନୁଷ୍ୟକୁ ବ୍ୟାପୁଥିବା ବିଭିନ୍ନ ରୋଗ ଯଥା ବାର୍ଡଫ୍ଲୁ, ଜଳାତଙ୍କ, ଆନ୍ଥ୍ରାକ୍ସ, ଯକ୍ଷ୍ମା ଆଦିକୁ ରୋକିବା ଏବଂ ବିଭିନ୍ନ ପ୍ରାଣୀଜ ପୁଷ୍ଟିସାର ଦୁଗ୍ଧ, ମାଂସ ଓ ଅଣ୍ଡା ଉତ୍ପାଦନ ବୃଦ୍ଧିରେ ପ୍ରାଣୀ ଚିକିତ୍ସକମାନଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରାଯାଇଥିଲା। ଏହି ଅବସରରେ ପୂର୍ବରୁ ଆୟୋଜିତ କୁଇଜ୍ ଓ ବକ୍ତୃତା ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ପ୍ରାଣୀ ସମ୍ପଦ ବିକାଶ କ୍ଷେତ୍ରରେ ବିଭିନ୍ନ ଦିଗରେ ପାରଦର୍ଶିତା ଲାଭ କରିଥିବା ୧୨ଜଣ ବରିଷ୍ଠ ପ୍ରାଣୀ ଚିକିତ୍ସାବିତ୍ ଏବଂ ୨ଜଣ ପ୍ରାଣୀ ସମ୍ପଦ ଉଦ୍ୟୋଗୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଫେସର ଶ୍ରୀନିବାସ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।


ରାଜଧାନୀରେ ଖରାତାତି ଓ ଗୁଳୁଗୁଳି ଲୋକଙ୍କୁ ଅସ୍ତବ୍ୟସ୍ତ କରିଦେଉଛି। ପାଣିକୁ ଥଣ୍ଡା ଓ ସ୍ୱାସ୍ଥ୍ୟପ୍ରଦ ଲାଗି ମାଟି ପାତ୍ରର ଚାହିଦା ବଢ଼ୁଛି। ଏପରିସ୍ଥିତିରେ ଖଣ୍ଡଗିରି ନିକଟ ଜାତୀୟ ରାଜପଥ ପାର୍ଶ୍ୱରେ ଜଣେ ବ୍ୟକ୍ତି ମାଟିପାତ୍ରରେ ଟ୍ୟାପ୍ ଲଗାଇ ବିକ୍ରି କରୁଛନ୍ତି। (ଫଟୋ– ବିକାଶ ନାୟକ)

# ୩୭୪ ବୁଲା କୁକୁରଙ୍କୁ ଟିକା



ଏକ ଶିବିରରେ ବୁଲାକୁକୁରଙ୍କୁ ଟିକାକରଣ କରାଯାଉଛି।

### ବିଏମ୍‌ସି ପକ୍ଷରୁ ସାମୂହିକ ଜଳାତଙ୍କ ପ୍ରତିରୋଧୀ ଟିକାକରଣ ଶିବିର

ଭୁବନେଶ୍ୱର, ୨୫।୪ (ବନ୍ଦନା ସେଠୀ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଶନିବାର ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସାର୍ବଜନୀନ ସ୍ୱାସ୍ଥ୍ୟ ଏବଂ ପ୍ରାଣୀ କଲ୍ୟାଣକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ସହରର ୯ଟି ଅନୁଷ୍ଠାନରେ ସ୍ୱତନ୍ତ୍ର ସାମୂହିକ ଜଳାତଙ୍କ ପ୍ରତିରୋଧୀ ଟୀକାକରଣ ଶିବିର ଆୟୋଜନ କରାଯାଇଥିଲା। ସାମୂହିକ କୁକୁର ଟୀକାକରଣ (ଏମ୍‌ଡିଭି) କାର୍ଯ୍ୟକ୍ରମ ଅଧୀନରେ ଅନୁଷ୍ଠାନିକ ଏବଂ ଆବାସିକ ପରିସରରେ ଥିବା ମୋଟ ୩୭୪ଟି ବୁଲା କୁକୁରଙ୍କୁ ଟିକା ଦିଆଯାଇଥିଲା ବିଏମ୍‌ସିର ପ୍ରାଣୀ ଚିକିତ୍ସା ଅଧିକାରୀ, ଓଡ଼ିଶା ପ୍ରାଣୀ ଚିକିତ୍ସା କଲେଜ, ଓୟୁଏଟିର ପ୍ରାଣୀ ଚିକିତ୍ସା ଇଣ୍ଟର୍ନମାନଙ୍କୁ ଦକ୍ଷ କୁକୁର ଧରାଳି ଏବଂ ପାରାଭେଟ ଦ୍ୱାରା ସହାୟତା କରାଯାଇଥିଲା। ସୈନିକ ସ୍କୁଲ, ଇନ୍‌ଷ୍ଟିଚ୍ୟୁଟ୍ ଅଫ ଫିଜିକ୍ସ, କଳିଙ୍ଗ ଷ୍ଟାଡିୟମ, କ୍ୟାପିଟାଲ ହସ୍ପିଟାଲ, ପ୍ରାଣୀ ଚିକିତ୍ସା ବିଜ୍ଞାନ ଏବଂ ଓୟୁଏଟି ପ୍ରାଣୀ ପାଳନ କଲେଜ, ଲୋକ ଭବନ, ଲୋକସେବା ଭବନ, ଏମ୍‌ସ ଭୁବନେଶ୍ୱର ଏବଂ କଳିଙ୍ଗ ନଗର (କେ–୮) ରେସିଡେଣ୍ଟ ୱେଲଫେୟାର ଆସୋସିଏଶନ ସୋସାଇଟି ପରିସରରେ ଏହି ଟିକାକରଣ ଶିବିର ଆୟୋଜନ କରାଯାଇଥିଲା। ଏମ୍‌ଡିଭି କାର୍ଯ୍ୟକ୍ରମର ବିଏମ୍‌ସି ନୋଡାଲ ଅଧିକାରୀ ଡା. ପ୍ରଶାନ୍ତ କୁମାର ଶିକା କହିଛନ୍ତି, ଏହି ଅଭିଯାନ ବୁଲାକୁକୁରଙ୍କ ସଂଖ୍ୟା ମଧ୍ୟରେ ଅତି କମ୍‌ରେ ୭୦ ପ୍ରତିଶତ ଟିକାକରଣ କଭରେଜ ହାସଲ କରିବା ପାଇଁ ଏକ ବ୍ୟାପକ ରଣନୀତିର ଅଂଶବିଶେଷ। ଏହା ରାବିଜ ସଂକ୍ରମଣ ଚକ୍ରକୁ ଭାଙ୍ଗିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାନଦଣ୍ଡ ଭାବେ କାର୍ଯ୍ୟ କରିବ।

## ବାଲି ବୋଝେଇ ହାଇୱା ଜବତ, ଚାଳକ ଗିରଫ

ବାଲକାଟୀ,୨୫।୪(ମନୋଜ ମଣ୍ଡଳ)

ବାଲିଅନ୍ତା ଥାନା ଅଧୀନ ବାଲକାଟି ଫାଣ୍ଡି ଅନ୍ତର୍ଗତ ପଞ୍ଚାୟତ ରୋଡ ନିକଟରୁ ପୋଲିସ ଏକ ବାଲି ବୋଝେଇ ହାଇୱା ଜବତ କରିଛି। ଏଥିସହ ଚାଳକଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେ ହେଲେ କଟକ ଜିଲା ନିଆଳି ଅଞ୍ଚଳର ରାଜୁ ସାମଲ। ଏନେଇ ଥାନାରେ ମାମଲା(ନଂ.୨୦୩/୨୬)ରୁଜୁ କରାଯାଇଛି।

ଥାନା ଅଧିକାରୀ ଅନିଲ କୁମାର ପରିଡାଙ୍କ ନିର୍ଦ୍ଦେଶ କ୍ରମେ ଏକ ଟିମ୍ ଶୁକ୍ରବାର ରାତିରେ ବନମାଳୀପୁର ପୂର୍ତ୍ତ ବିଭାଗ ମୁଖ୍ୟ ରାସ୍ତାର ପଞ୍ଚାୟତ ରୋଡସ୍ଥିତ ଏକ ଘରୋଇ ନର୍ସିଂ କଲେଜ ସମ୍ମୁଖରେ ବ୍ଲକିଂ କରାଯାଇଥିଲା। ରାତି ପ୍ରାୟ ୧.୨୦ରେ ଏକ ବାଲି ବୋଝେଇ ହାଇୱା ବାଲିପାଟଣା ପଟୁ ବାଲକାଟୀ ଆଡକୁ ଆସୁଥିବା ବେଳେ ପୋଲିସ ଗାଡ଼ିକୁ ଅଟକାଇଥିଲା। ଯାଞ୍ଚ ବେଳେ ପୋଲିସ ଗାଡ଼ିରେ ବାଲି ଚାଲାଣ ହେଉଥିବା ଜାଣିବାକୁ ପାଇଥିଲା। ପରେ ହାଇୱାର ପରିବହନର କାଗଜପତ୍ର ମାଗିଥିଲା। ମାତ୍ର ହାଇୱା ଚାଳକ ରାଜୁ ବୈଧ କାଗଜ ପତ୍ର ଦେଖାଇ ପାରି ନ ଥିଲେ।

# ଓର୍‌ମାସ୍ ପକ୍ଷରୁ ଆମ୍ବ ଚାଷୀ, ହିତାଧିକାରୀଙ୍କ କ୍ଷମତା ବିକାଶ ଶିବିର




ଭୁବନେଶ୍ୱର,୨୫।୪(ସୁଚିସ୍ମିତା ସାହୁ)

ଓଡ଼ିଶା ଗ୍ରାମୀଣ ବିକାଶ ଏବଂ ମାର୍କେଟିଂ ସୋସାଇଟି (ଓର୍‌ମାସ) ପକ୍ଷରୁ ଆମ୍ବ ଚାଷ ସମ୍ପର୍କିତ ଏକ ସ୍ୱତନ୍ତ୍ର କ୍ଷମତା ବିକାଶ କର୍ମଶାଳା ଶନିବାର ଭୁବନେଶ୍ୱରସ୍ଥିତ ଏସ୍‌ଆଇଆର୍‌ଡି କ୍ୟାମ୍ପସ ମନରେଗା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଆମ୍ବକୁ କିପରି ସୁରକ୍ଷିତ ଭାବେ ଅମଳ କରାଯିବ ଏବଂ ବିଦେଶକୁ ରପ୍ତାନି କରି ଅଧିକ ଲାଭ ଅର୍ଜନ କରିହେବ ସେନେଇ କର୍ମଶାଳାରେ ଆଲୋଚନା ହୋଇଥିଲା। ବୈଜ୍ଞାନିକ ପଦ୍ଧତିରେ ଆମ୍ବ ଅମଳ ଏବଂ ପରବର୍ତ୍ତୀ ପରିଚାଳନା ସମ୍ପର୍କରେ ପ୍ରତିଭାଗୀଙ୍କୁ ସଚେତନ କରାଯାଇଥିଲା। ବିଶେଷକରି ଫଳର ଗୁଣବତ୍ତା ରକ୍ଷା, ଗ୍ରେଡିଂ, ପ୍ୟାକେଜିଂ, କୋଲ୍ଡ ଚେନ ପରିଚାଳନା ଏବଂ ବଜାର ସଂଯୋଗୀକରଣ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହାସହ ଅନ୍ତର୍ଜାତୀୟ ବଜାରରେ ଓଡ଼ିଶାର ଆମ୍ବର ଚାହିଦା ବୃଦ୍ଧି କରିବା ପାଇଁ ରପ୍ତାନି ସୁଯୋଗର ଉପଯୋଗ କରିବାକୁ ବିଶେଷଜ୍ଞମାନେ ପରାମର୍ଶ ଦେଇଥିଲେ। କର୍ମଶାଳାରେ ଓର୍‌ମାସ୍‌ର ଅତିରିକ୍ତ ସିଇଓ (ଅର୍ଥ) ସଞ୍ଜୀବ କୁମାର ସିଂ କହିଲେ, ଏହି ପ୍ରଶିକ୍ଷଣ ମାଧ୍ୟମରେ ଚାଷୀମାନେ ନିଜ ବଗିଚାର ଆମ୍ବକୁ କିପରି ବିଦେଶ ବଜାରକୁ ପହଞ୍ଚାଇପାରିବେ, ସେଥିପାଇଁ ଠିକ୍ ଜ୍ଞାନ ଅର୍ଜନ କରିପାରିବେ। ଅତିରିକ୍ତ ସିଇଓ (ପ୍ରଶାସନ) ଗୀତାଞ୍ଜଳି ବେହେରା ଠିକ ଯତ୍ନ ନେଲେ ଆମ୍ବ ସମୟ ପୂର୍ବରୁ ନଷ୍ଟ ହେବ ନାହିଁ ଏବଂ ଚାଷୀଙ୍କ ଆୟ ବୃଦ୍ଧି ପାଇବ ବୋଲି କହିଥିଲେ। ଏହି କର୍ମଶାଳାରେ ଓଡ଼ିଶାର ୧୫ଟି ପ୍ରମୁଖ ଆମ୍ବ ଉତ୍ପାଦନକାରୀ ଜିଲାରୁ ଚାଷୀ ଏବଂ କୃଷି ଅଧିକାରୀମାନେ ଭାଗ ନେଇଥିଲେ।

# ସଙ୍ଗୀତ ମଞ୍ଜରୀ ଉତ୍ସବ



ପୁରୁଣା ଭୁବନେଶ୍ୱରର,୨୫।୪(ସୁବାସ ଚନ୍ଦ୍ର ପ୍ରଧାନ)

ସାଇ କଳା ସଂସଦ ଏବଂ ଅନୁଚିନ୍ତନ ମଙ୍ଗଳା ଟେମ୍ପୁଲ ଟ୍ରଷ୍ଟ ମିଳିତ ଆନୁକୂଲ୍ୟରେ ଶୁକ୍ରବାର ଗୀତ ଗୋବିନ୍ଦ ସଦନ ପ୍ରେକ୍ଷାଳୟରେ ସଙ୍ଗୀତ ମଞ୍ଜରୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ଅନିନ୍ଦିତା ଦାସ, ସମ୍ମାନିତ ଅତିଥିଭାବେ ଗୀତା ପାଢ଼ୀ ଏବଂ ସାମାଜିକ କର୍ମୀ ଶରତ ପଟ୍ଟନାୟକ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଆୟୋଜକ ଅନୁଷ୍ଠାନର ୨୦ରୁ ଊର୍ଦ୍ଧ୍ୱ ଶିଳ୍ପୀଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ କରାଯାଇଥିଲା। ସଙ୍ଗୀତ ନିର୍ଦ୍ଦେଶକ ସଞ୍ଜୟ ଦେବ, ସଂଯୋଜକ ବିଶ୍ୱଜିତ ବଳିୟାରସିଂହ ଏବଂ ସାଇଶ୍ରଦ୍ଧା ଅମ୍ବିକାଙ୍କୁ ସଙ୍ଗୀତ ମଞ୍ଜରୀ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ସଂସଦର ମୁଖ୍ୟ ପୁଷ୍ପାଞ୍ଜଳି ନାୟକ ଧନ୍ୟବାଦ ଦେଇଥିଲେ। ସାଇ କଳା ସଂସଦର କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଡ୍ରେନ୍ ଉପରୁ ଜବରଦଖଲ ହଟାଇଲା ବିଡିଏ

ଭୁବନେଶ୍ୱର, ୨୫।୪(ବନ୍ଦନା ସେଠୀ)




ରାଜଧାନୀରେ ଜଳବନ୍ଦୀ ସମସ୍ୟାର ସମାଧାନ ପାଇଁ ବିଡିଏ ଓ ବିଏମ୍‌ସି ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ସହରର ବିଭିନ୍ନ ସ୍ଥାନରେ ଡ୍ରେନ୍ ଉପରେ କରାଯାଇଥିବା ବେଆଇନ ନିର୍ମାଣକୁ ଉଚ୍ଛେଦ କରାଯାଇଛି। ଅନେକ ସ୍ଥାନରେ ଡ୍ରେନ ଉପରେ ପାଚେରି, କ୍ୟାବିନ ଏବଂ ସ୍ଥାୟୀ ସ୍ଲାବ ନିର୍ମାଣ କରାଯିବା ଫଳରେ ବର୍ଷା ଜଳ ନିଷ୍କାସନ ବାଧାପ୍ରାପ୍ତ ହେଉଥିଲା। ସାମାନ୍ୟ ବର୍ଷାରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଥିଲା। ତେଣୁ ପ୍ରଶାସନ ପକ୍ଷରୁ ବୁଲ୍‌ଡୋଜର ସାହାଯ୍ୟରେ ଏହି ବେଆଇନ ଦଖଲ ଓ ନିର୍ମାଣ ଭାଙ୍ଗି ଦିଆଯାଇଛି। ଉଚ୍ଛେଦ ପୂର୍ବରୁ ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କୁ ନିଜଆଡୁ ଜବରଦଖଲ ହଟାଇବାକୁ ନୋଟିସ ଦିଆଯାଇଥିଲା। ମାତ୍ର ନିର୍ଦ୍ଧାରିତ ସମୟ ମଧ୍ୟରେ ସେଗୁଡ଼ିକ ନ ହଟିବାରୁ ପ୍ରଶାସନ କଠୋର ଆଭିମୁଖ୍ୟ ଗ୍ରହଣ କରିଛି। ଆଗକୁ ମୌସୁମୀ ବର୍ଷା ଥିବାରୁ ସହରବାସୀ ଯେପରି ଜଳବନ୍ଦୀ ସମସ୍ୟାର ସମ୍ମୁଖୀନ ନ ହୁଅନ୍ତି, ସେଥିପାଇଁ ଡ୍ରେନଗୁଡ଼ିକୁ ସମ୍ପୂର୍ଣ୍ଣ ରୂପେ ସଫା ଏବଂ ମୁକ୍ତ ରଖିବାକୁ ଅଭିଯାନ ଆରମ୍ଭ ହୋଇଛି। ଡ୍ରେନେଜ ସିଷ୍ଟମରେ ଥିବା ସମସ୍ତ ଅବରୋଧ ହଟାଇବା ପାଇଁ ବିଡିଏ କଡ଼ା ନିର୍ଦ୍ଦେଶ ଦେଇଛି। ଏହି ଉଚ୍ଛେଦ ଅଭିଯାନ ଆଗାମୀ ଦିନରେ ସହରର ଅନ୍ୟାନ୍ୟ ପ୍ରମୁଖ ଅଞ୍ଚଳରେ ମଧ୍ୟ ଜାରି ରହିବ। ଯେଉଁମାନେ ପୁଣି ଥରେ ଜବରଦଖଲ କରିବାକୁ ଚେଷ୍ଟା କରିବେ, ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଡିଏ କର୍ତ୍ତୃପକ୍ଷ କହିଛନ୍ତି।

# ବ୍ରହ୍ମେଶ୍ୱର ଭାଗବତ ବାସୁଦେବଙ୍କ ମେଳଣ ଆରମ୍ଭ

ଭୁବନେଶ୍ୱର,୨୫।୪ (ସୌମ୍ୟରଞ୍ଜନ ରାଉତ)



ସୀତା ନବମୀ ଶନିବାର ୯୫ତମ ବ୍ରହ୍ମେଶ୍ୱର ଭାଗବତ ବାସୁଦେବଙ୍କ ମେଳଣ ଉତ୍ସବ ବ୍ରହ୍ମେଶ୍ୱର ମେଳଣ ପଡ଼ିଆରେ ଆରମ୍ଭ ହୋଇଛି। ସନ୍ଧ୍ୟାରେ ବ୍ରହ୍ମେଶ୍ୱର, ବାଙ୍କୁଆଳ, ବାସୁଆଘାଇ, ବଡ଼ଗଡ଼, ଲକ୍ଷ୍ମୀସାଗର ଓ କେଶୁରା ଅଞ୍ଚଳର ଦୋଳବିମାନ ଏକାଠି ହୋଇ ଜମାଣ ଶୋଭାଯାତ୍ରାରେ ବାହାରି ଗ୍ରାମ୍ୟ ପରିକ୍ରମା କରିଥିଲେ। ବାଜବାଣ, ଲୋକବାଦ୍ୟ, ଲୋକନୃତ୍ୟରେ ରୋଶଣି ଶୋଭାଯାତ୍ରା ଜମିଥିଲା। ବିଅଁ ମେଳଣ ପଡ଼ିଆରେ ବିଜେ କରିବା ପରେ ସମସ୍ତ ଦେବଦେବୀଙ୍କ ସହ ଭେଟଆଳତି ଓ ଭୋଗଲାଗି କରାଯାଇଥିଲା। ଅଗଣିତ ଶ୍ରଦ୍ଧାଳୁ ବିମାନରେ ବିଅଁଙ୍କୁ ଦର୍ଶନ କରିଥିଲେ। ରବିବାରଠାରୁ ବ୍ରହ୍ମେଶ୍ୱର ସାଂସ୍କୃତିକ ପରିଷଦ ପକ୍ଷରୁ କଳିଙ୍ଗ ଗଣନାଟ୍ୟ ଯାତ୍ରା ପରିବେଷଣ କରିବ। ପରିଷଦ ସଭାପତି ସତିଶ ପ୍ରସାଦ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜମାଣ ଉତ୍ସବ ପରିଚାଳନା ହୋଇଥିବାବେଳେ ବିକ୍ରମ କେଶରୀ ମହାନ୍ତି, ବିଜୟ କୁମାର ପଟ୍ଟନାୟକ, ରଞ୍ଜିତ ପଟ୍ଟନାୟକ, ରମେଶ ଦାସ, ତପନ ସ୍ୱାଇଁ, ତପନ କୁମାର ନାୟକ, ପ୍ରତ୍ୟୁଷ କୁମାର ଭଞ୍ଜ ପ୍ରମୁଖ ସହଯୋଗ କରିଥିଲେ। ଏହି ଉତ୍ସବ ୪ଦିନ ଧରି ଚାଲିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।

# ଅସ୍ତିତ୍ୱ ହରାଉଛି ଐତହ୍ୟ କୀର୍ତ୍ତିରାଜି

ଖୋର୍ଦ୍ଧା,୨୫।୪(ପ୍ରଭାତ ପାଣିଗ୍ରାହୀ)



ରକ୍ଷଣାବେକ୍ଷଣ ଅଭାବରୁ ଖୋର୍ଦ୍ଧାର ଅନେକ ଐତିହ୍ୟ କୀର୍ତ୍ତିରାଜି ଧ୍ୱଂସାଭିମୁଖୀ ହେବାକୁ ବସିଛି। ଐତିହ୍ୟ ଗଡ଼ଖୋର୍ଦ୍ଧା, ବଙ୍କାଡ଼ଗଡ଼, ତାପଙ୍ଗଗଡ, ଚଡପାଠୀର ଅସ୍ତିତ୍ୱ ହଜିବାକୁ ବସିଛି। ସେହିପରି ବରୁଣେଇ ପାହାଡ଼ ଶୀର୍ଷରେ ଥିବା ପାଣ୍ଡବଘରା ଗୁମ୍ଫାରେ ଦ୍ୱିତୀୟ ଶତାବ୍ଦୀର ଓଡ଼ିଆ ଲିପି, ତାପଙ୍ଗ ସନ୍ନିକଟ ଭୋଗପୁର ପାହାଡ଼ ଗୁମ୍ଫାରେ ଖୋଦିତ ଲିପି, ଖୋର୍ଦ୍ଧାରେ ଥିବା ବ୍ରିଟିଶ ଶାସନ ସମୟର କଚେରି ଗମ୍ଭୁଜ, ବିଜେବି ହାଇସ୍କୁଲର ଶତାଧିକ ବର୍ଷର ଐତିହାସିକ ପ୍ରେକ୍ଷାଳୟ ଓ ପ୍ରାସାଦର ସଂରକ୍ଷଣ କରାଯିବାର ଆବଶ୍ୟକତା ରହିଛି ବୋଲି ଗବେଷକ ଓ ବୁଦ୍ଧିଜୀବୀ ମତ ଦିଅନ୍ତି।

ଐତିହାସିକ ପ୍ରଫେସର ନାରାୟଣ ରାଓ କହିଛନ୍ତି, ଖୋର୍ଦ୍ଧାଗଡ଼ର ପୁନରୁଦ୍ଧାର କରାଗଲେ ରାଣୀ ପୋଖରୀ ସମେତ ବହୁ କୀର୍ତ୍ତିରାଜି ସଂରକ୍ଷଣ ହୋଇପାରିବ। ପାଇକ ବିଦ୍ରୋହର ସମସ୍ତ ସ୍ମୃତି ଖୋର୍ଦ୍ଧାଗଡ଼ ସହ ଜଡ଼ିତ। ଏହାର ପୁନରୁଦ୍ଧାର ଜରୁରୀ। ସେହିପରି ଗବେଷକ ସତ୍ୟବାଦୀ ବଳିୟାରସିଂ କହିଛନ୍ତି, ବରୁଣେଇ ପାହାଡ଼ରେ ଖୋର୍ଦ୍ଧା ରାଜାଙ୍କ ଇଷ୍ଟଦେବୀ ମା' ବରୁଣେଇ, କରୁଣେଇ ବିଜେ କରିଛନ୍ତି। କୁହାଯାଏ, ଏହି ପାହାଡ଼ ଉପରୁ ଶ୍ରୀମନ୍ଦିର ନୀଳଚକ୍ର ଦୃଶ୍ୟମାନ ହୁଏ। ଔଷଧୀୟ ଗୁଳ୍ମରେ ପାହାଡ଼ ପରିପୂର୍ଣ୍ଣ। ଏହି ଐତିହ୍ୟ ପାହାଡ଼ର ସଂରକ୍ଷଣ ପାଇଁ ସରକାରଙ୍କ ପକ୍ଷରୁ କୌଣସି ଯୋଜନା ନାହିଁ। ପାହାଡ଼ ଉପରକୁ ରୋପ ୱେ ଏବଂ ପାହାଡ ଉପରେ ପାଇକ ବିଦ୍ରୋହର ମୁଖ୍ୟ ନାୟକ ଜୟୀ ରାଜଗୁରୁ ଏବଂ ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତି ନିର୍ମାଣ କରାଗଲେ ଅନ୍ତର୍ଜାତୀୟ ସ୍ତରରେ ଏହାର ଗୌରବ ବୃଦ୍ଧି ପାଇବ। ସେହିପରି ଗବେଷକ ଗୋପାଳ ଦାସ କହିଛନ୍ତି, ବରୁଣେଇରେ ୨ହଜାର ବର୍ଷ ତଳର ଓଡ଼ିଆରେ ଲେଖାଯାଇଥିବା ଶିଳାଲେଖ, ବୌଦ୍ଧି କୀର୍ତ୍ତି ରହିଛି। ୧୮୩୬ ଏବଂ ୧୮୭୬ରେ ଦୁଇ ଜଣ ବିଖ୍ୟାତ୍ ପ୍ରତ୍ନତତ୍ତ୍ୱବିତ୍ ଏହି ଲିପି ସମ୍ପର୍କରେ କୋଲକରତାରୁ ପ୍ରକାଶିତ 'ଏସିଆଟିକ୍ ଜର୍ଣ୍ଣାଲ' ରେ ପ୍ରକାଶ କରିଥିଲେ। ସେହିପରି ନରଣଗଡ଼ ସନ୍ନିକଟ ଭୋଗପୁରସ୍ଥିତ ପାହାଡ଼ରେ ଖୋଦିତ ପ୍ରାଚୀନ ଲିପି ଖୋଦିତ ଗୁମ୍ଫା ରହିଛି। ଶୀଘ୍ର ଏହାର ସଂରକ୍ଷଣ ନ କଲେ ପ୍ରାଚୀନ ଓଡ଼ିଆ ଲିପିର କ୍ରମବିକଶିତ ପ୍ରାମାଣିକ ତଥ୍ୟ ନଷ୍ଟ ହୋଇଯିବ । ବୀରଭୂମି ଖୋର୍ଦ୍ଧାରେ ସହସ୍ର ବର୍ଷ ଧରି ଅସଂଖ୍ୟ ଯୁଦ୍ଧରେ ବୀରଗତିପ୍ରାପ୍ତ ଶହୀଦମାନଙ୍କ ସ୍ମୃତିରେ ସ୍ଥାପିତ ବୀରଶିଳା ବାଜପୁର, କାଇପଦର, ଖୁଦୁପୁର ଆଦି ସ୍ଥାନରେ ରହିଛି। ଜିଲା ପ୍ରଶାସନ ସଂସ୍କୃତି ଭବନ ପରିସରସ୍ଥ ସଂଗ୍ରହାଳୟକୁ ଏଗୁଡ଼ିକୁ ନ ଆଣିଲେ ବିଲୁପ୍ତ ହୋଇଯିବ। ସଂସ୍କୃତି ଗବେଷକ ଶକ୍ତିଶଙ୍କର ମିଶ୍ର କହିଛନ୍ତି, ଭାବଗତ ତୁଙ୍ଗି ଗାଦିରେ ଥିବା ତାଳପତ୍ର ପୋଥି ସଂରକ୍ଷଣ ପାଇଁ ସଚେତନତା ଜରୁରୀ। ଗଡଖୋର୍ଦ୍ଧା, ଗଡମାଣିତ୍ରୀ ଏବଂ ନଇରୀ, କାଙ୍କଣଶୀଖରୀ ସମେତ ପ୍ରାଚୀନ କୀର୍ତ୍ତିରାଜୀ ସୁରକ୍ଷା ଜରୁରୀ। ସେହିପରି କଳିଙ୍ଗ ପାଇକ ସଙ୍ଗଠନ ସମ୍ପାଦକ କୃଷ୍ଣଚନ୍ଦ୍ର ଶ୍ରୀଚନ୍ଦନ କୁହନ୍ତି, ଐତହ୍ୟ, ସଂସ୍କୃତି ହେଉଛି ଗୋଟିଏ ଜାତିର ପରିଚୟ। ଏହା ଲୁପ୍ତ ହୋଇଗଲେ, ସେହି ଜାତିର ଅସ୍ତିତ୍ୱ ହଜିଯାଏ। ପାଇକଙ୍କ ଅସୀମ ବୀରତ୍ୱର ସ୍ମୃତିକୁ ସାଇତି ରଖିଥିବା ଖୋର୍ଦ୍ଧାଗଡ଼ର ପୁନରୁଦ୍ଧାର ନ ହେଲେ ବିଲୁପ୍ତ ହୋଇଯିବ। ଶିକ୍ଷାବିତ୍ ଭୀମସେନ ପ୍ରଧାନ କୁହନ୍ତି, ୨୦୧୯ ଡିସେମ୍ବର ୮ତାରିଖ ବରୁଣେଇ ପାହାଡ଼ ପାଦଦେଶରେ ପାଇକ ସ୍ମାରକୀ ନିର୍ମାଣ ପାଇଁ ତତ୍କାଳୀନ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଶିଳାନ୍ୟାସ କରିଥିଲେ। ୮ବର୍ଷ ବିତିବାକୁ ଆସିଲାଣି, ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ ଚାଲିଛି। ଗବେଷକ ସମ୍ବିତ ପଟ୍ଟନାୟକ କୁହନ୍ତି, ଗଡଖୋର୍ଦ୍ଧା ଦୁର୍ଗ ବିଲୁପ୍ତ ଅବସ୍ଥାରେ ରହିଛି। ପାଇକ ବିଦ୍ରୋହର ମୂକସାକ୍ଷୀ ଭାବେ ଦଣ୍ଡାୟମାନ ହୋଇ ରହିଥିବା ବରୁଣେଇ ପାହାଡ ଅସ୍ତିତ୍ୱ ହରାଇବାକୁ ବସିଛି। ବରୁଣେଇ ପାହାଡରେ ବୌଦ୍ଧ କୀର୍ତ୍ତିରାଜୀ, ଶିଳଲେଖ ଏହାର ଐତହାସିକତା ପ୍ରମାଣ ଦିଏ। ଏହାର ସଂରକ୍ଷଣ ଜରୁରୀ। ସେହିପରି ତାପଙ୍ଗ ଦଳବେହେରା ସ୍ମୃତି ପରିଷଦ ସମ୍ପାଦକ ସଂଗ୍ରାମ ଜଗଦ୍ଦେବ କୁହନ୍ତି, ବକ୍ସିଙ୍କ ପରେ ମାଧବ ଚନ୍ଦ୍ର ଦଳବେହେରାଙ୍କ ନେତୃତ୍ୱରେ ତାପଙ୍ଗ ନିକଟ ଯୁଦ୍ଧପଡିଆରେ ବ୍ରିଟିଶ ବିରୋଧରେ ସଶସ୍ତ୍ର ସଂଗ୍ରାମ କରିଥିଲେ। ସେହି ପଡ଼ିଆକୁ ଐତିହାସିକ ଯୁଦ୍ଧପଡିଆ ଏବଂ ତାପଙ୍ଗଗଡ, ଚଡପାଠୀ, ହସ୍ତିନେଶ୍ୱରୀ ଠାକୁରାଣୀ ପୀଠର ପୁନରୁଦ୍ଧାର ପାଇଁ ଦାବି କରିଛନ୍ତି।

## ଜୟଦେବ ପୀଠ ଅସାମାଜିକଙ୍କ ଆଡ୍ଡାସ୍ଥଳ ପାଲଟିଛି



### ଜିଲାପାଳଙ୍କ ନିକଟରେ ଫେରାଦ ହେଲେ ଏକାଧିକ ସାଧୁସନ୍ଥ

ଖୋର୍ଦ୍ଧା,୨୫।୪(ପ୍ରଭାତ ପାଣିଗ୍ରାହୀ)

ବାଲିଅନ୍ତା ବ୍ଲକ କେନ୍ଦୁବିଲ୍ୱସ୍ଥିତ ଜୟଦେବଙ୍କ ପୀଠ ଅସାମାଜିକ ଯୁବକଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଏହି ପୀଠରେ କେତେଜଣ ଅସାଧୁ ବ୍ୟବସାୟୀ ଯାତ୍ରା ପାର୍ଟି ପକାଇ ଅଶ୍ଳୀଳ ନୃତ୍ୟ ପରିବେଷଣ ଦ୍ୱାରା ଜୟଦେବଙ୍କ ଏହି ପବିତ୍ର ପୀଠକୁ ଅପମାନିତ କରୁଛନ୍ତି। ଏହି ପୀଠର ଗରିମା, ସମ୍ମାନ ଦୃଷ୍ଟିରୁ ଏହାକୁ ଅସାମାଜିକଙ୍କଠାରୁ ମୁକ୍ତ ପାଇଁ ଏକାଧିକ ସାଧୁସନ୍ଥ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି।

ଏଥିରେ ଉଲ୍ଲେଖ ରହିଛି ଯେ, ଏହି ପୀଠ ଏବେ ଅସାମାଜିକଙ୍କ ଚରାଭୂଇଁ ପାଲଟିଛି। ମଦ, ମାଂସର ଆସର ସହ ଜୁଆଖେଳ, ଆପରାଧିକ କାର୍ଯ୍ୟକଳାପ ଚାଲିଛି। ଜୟଦେବଙ୍କ ପୀଠ ଶ୍ରୀଜଗନ୍ନାଥଙ୍କ ସଂସ୍କୃତି ସହ ଜଡ଼ିତ। ତେଣୁ ଏହି ପୀଠରେ ସ୍ୱତନ୍ତ୍ରତା ରହିଛି। ଜୟଦେବଙ୍କ ଜନ୍ମଭୂମି ଭାବେ ସାରା ବିଶ୍ୱରେ ଖ୍ୟାତି ରହିଥିବା ବେଳେ ଏମାନେ ଏହାର ଭକ୍ତିମୟ ପରିବେଶ ନଷ୍ଟ କରିବା ସହ ଏକପ୍ରକାର କଳୁଷିତ ବାତାବରଣ ସୃଷ୍ଟି କରିଛନ୍ତି। ଜୟଦେବଙ୍କ ଏହି ପୀଠକୁ ବହୁ ଭକ୍ତ, ପର୍ଯ୍ୟଟକଙ୍କ ଆଗମନ ହୋଇଥାଏ। ତେବେ ଅସାମାଜିକଙ୍କ ଆଡ୍ଡା ଯୋଗୁ ଭକ୍ତମାନେ ଏଠାକୁ ଆସିବାକୁ ସୁରକ୍ଷିତ ମଣୁନାହାନ୍ତି। ଏହାର ପରିବେଶକୁ ନଷ୍ଟ କରୁଥିବା ବ୍ୟକ୍ତି ବିଶେଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ଦାବି କରିଛନ୍ତି। ଅନ୍ୟପକ୍ଷରେ ଏହା ଉପରେ ପୋଲିସ କମିଶନରଙ୍କ ସହ ଆଲୋଚନା କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି।

## ମୃତ ବ୍ୟକ୍ତିଙ୍କ ସମ୍ପତ୍ତି ୨ଜଣଙ୍କ ନାଁରେ ରେକର୍ଡଭୁକ୍ତ ଅଭିଯୋଗ

ଖୋର୍ଦ୍ଧା,୨୫।୪(ପ୍ରଭାତ ପାଣିଗ୍ରାହୀ)

ଜଟଣୀ ତହସିଲ ଅଧୀନ ତରାବୋଇ ପଞ୍ଚାୟତର ହରିଡ଼ାମଡ଼ା ଗ୍ରାମର ଜଣେ ମୃତ ବ୍ୟକ୍ତିଙ୍କ ସମ୍ପତ୍ତିକୁ ବେଆଇନ ଭାବେ ୨ଜଣ ବ୍ୟକ୍ତି ନିଜ ନାମରେ ରେକର୍ଡଭୁକ୍ତ କରାଇନେଇଛନ୍ତି ବୋଲି ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଏହି ଜମିପଟ୍ଟାର ରେଜିଷ୍ଟ୍ରେଶନ ରଦ୍ଦ କରିବା ସହ ସମ୍ପୃକ୍ତ ବ୍ୟକ୍ତି ଏବଂ ଏହାକୁ ପ୍ରୋତ୍ସାହନ ଦେଇଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

ଅଭିଯୋଗ ଅନୁଯାୟୀ, ଏହି ଜମିର ନାମଧାରୀ ନିତ୍ୟାନନ୍ଦ ଦାସଙ୍କ ୨୦୦୬ ମେ'୧୮ରେ ପରଲୋକ ହୋଇଯାଇଛି। ତେବେ ନିତ୍ୟାନନ୍ଦଙ୍କ ନାମରେ ରହିଥିବା ଦୁଇ ଏକର ୭୩୫ ଡିସିମିଲ ଜମିକୁ ୨୦୨୦ ଜାନୁଆରୀ ୪ରେ ଭୁବନେଶ୍ୱର ଖଣ୍ଡଗିରି ଥାନା କଳିଙ୍ଗ ବିହାର ଅଞ୍ଚଳର ରତିକାନ୍ତ ମହାପାତ୍ର ଏବଂ ଏୟାରଫିଲ୍ଡ ଥାନା ଭୀମଟାଙ୍ଗୀର ପାର୍ଥ ସାରଥି ମହାପାତ୍ର ଭୁବନେଶ୍ୱର ସବ୍‌ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟରେ ନିଜ ନାମରେ ରେକର୍ଡଭୁକ୍ତ କରାଇନେଇଛନ୍ତି। ଦୀର୍ଘ ବର୍ଷ ପରେ ମୃତକଙ୍କ ପରିବାରର ଦୟାନିଧି ଦାସ ଏହି ଘଟଣା ସଂକ୍ରାନ୍ତରେ ଜାଣିବା ପରେ ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଜଣେ ମୃତ ବ୍ୟକ୍ତିଙ୍କ ନାଁରେ ଥିବା ଜମିକୁ ପରିବାରବର୍ଗ ଅଗୋଚରରେ କେଉଁ ଆଇନ ବଳରେ ସବ୍‌ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟରେ ଜମି ରେକର୍ଡଭୁକ୍ତ କରାଗଲା, ତାହାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଏହାର ନିରପେକ୍ଷ ତଦନ୍ତ, ଏହି ଅନିୟମିତତା ପଛର ମାଷ୍ଟରମାଇଣ୍ଡ ଏବଂ ରେକର୍ଡଭୁକ୍ତ କରାଇ ନେଇଥିବା ସମ୍ପୃକ୍ତ ୨ଜଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଅନ୍ୟପକ୍ଷରେ ଏହାର ତଦନ୍ତ କରାଯାଇ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି।

## ବିଏନ୍‌ଏସ୍ ସମ୍ପର୍କିତ ଆଲୋଚନାଚକ୍ର, ପ୍ରତିଯୋଗିତା



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ ଏବଂ ଅନ୍ୟମାନେ।

ଖୋର୍ଦ୍ଧା,୨୫।୪(ପ୍ରଭାତ ପାଣିଗ୍ରାହୀ)

ଭାରତୀୟ ନ୍ୟାୟ ସଂହିତା(ବିଏନ୍‌ଏସ୍) ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଓଡ଼ିଶା ପୋଲିସ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି। ଏହି ପରିପ୍ରେକ୍ଷୀରେ ଖୋର୍ଦ୍ଧା ଆଦର୍ଶ ଥାନା ଏବଂ ସିଗ୍‌ମା ପବ୍ଲିକ ସ୍କୁଲର ମିଳିତ ସହଯୋଗରେ ସ୍କୁଲରେ ଛାତ୍ରୀଛାତ୍ର, ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକଙ୍କୁ ନେଇ ଭାରତୀୟ ନ୍ୟାୟ ସଂହିତା ସମ୍ପର୍କରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷା ମମତାଞ୍ଜଳିପଟ୍ଟନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଦର୍ଶ ଥାନା ଅଧିକାରୀ ସଞ୍ଜୟ କୁମାର ନାୟକ, ସବ୍‌ଇନ୍ସପେକ୍ଟର ସସ୍ମିତା ବେହେରା, ଏଏସ୍‌ଆଇ ସୁଶାନ୍ତ ମଲ୍ଲିକ, କୁଳମଣି ହେମ୍ବ୍ରମ ପ୍ରମୁଖ ଯୋଗଦେଇ ନୂତନ ନ୍ୟାୟ ସଂହିତା ସମ୍ପର୍କରେ ପ୍ରତିପାଦନ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଭାରତୀୟ ନ୍ୟାୟ ସଂହିତା ସମ୍ପର୍କିତ ବକ୍ତୃତା ଏବଂ ପ୍ରବନ୍ଧ ପ୍ରତିଯୋଗିତା ହୋଇଥିଲା। ଶିକ୍ଷୟିତ୍ରୀ ସୁମିତା ତ୍ରିପାଠୀଙ୍କ ସଂଯୋଜନାରେ ଆୟୋଜିତ ଏହି ପ୍ରତିଯୋଗିତାକୁ ବିରଞ୍ଚି ନାରାୟଣ ପଣ୍ଡା, ବସନ୍ତ କୁମାର ଖୁଣ୍ଟିଆ, ଦୀପ୍ତି ରଞ୍ଜନ ରଣା ପ୍ରମୁଖ ପରିଚାଳନା କରିଥିଲେ। ବକ୍ତୃତାରେ ବିଷ୍ଣୁ ପ୍ରସାଦ ସେଠୀ ଏବଂ ପ୍ରବନ୍ଧରେ ତୃପ୍ତିମୟୀ ସ୍ୱାଇଁ ପ୍ରଥମ ସ୍ଥାନ ଅଧିକାର କରି ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ସ୍କୁଲର ଉପାଧ୍ୟକ୍ଷ ତୁଷାର ରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ଅଘୋଷିତ ବିଦ୍ୟୁତ୍‌କାଟକୁ ନେଇ ଅସନ୍ତୋଷ

ଖୋର୍ଦ୍ଧା,୨୫।୪(ପ୍ରଭାତ ପାଣିଗ୍ରାହୀ)

ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଦିନକୁ ଦିନ ତାପମାତ୍ରା ଉପରମୁହାଁ ହେବାରେ ଲାଗିଛି। ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ବଜାର ରାସ୍ତା ଶୂନଶାନ ହୋଇପଡୁଛି। ଅନ୍ୟପଟେ ଏହି ସମୟରେ ବିନା କାରଣରେ ବିଦ୍ୟୁତ୍ କାଟ ହେଲେ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ଖୋଦ୍ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ଏହା ସତ୍ତ୍ୱେ ଖୋର୍ଦ୍ଧାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି। ରାତି ସାଢ଼େ ୧୧ଟା ପରେ ଏକ ଘଣ୍ଟା ବିଦ୍ୟୁତ୍ କାଟ ହେଉଥିବା ବେଳେ ଦିନରେ ୩ରୁ ୪ଥର ବିଦ୍ୟୁତ୍ କାଟ ହେଉଛି। ତେବେ ବିଦ୍ୟୁତ୍ କାଟ କାରଣ ଜାଣିବା ପାଇଁ ସ୍ଥାନୀୟ ବିଦ୍ୟୁତ୍ ବିଭାଗ କିମ୍ବା କର୍ମଚାରୀଙ୍କ ନମ୍ବରକୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ନମ୍ବର ଲାଗୁନାହିଁ ବୋଲି କେତେଜଣ ବିଦ୍ୟୁତ୍ ଉପଭୋକ୍ତା ଗଣମାଧ୍ୟମରେ କହିଛନ୍ତି। ଫଳରେ ଅଘୋଷିତ ବିଦ୍ୟୁତ୍ କାଟ ଯୋଗୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସାମାଜିକ କର୍ମୀ ପ୍ରସନ୍ନ ପାଇକରାୟ କହିଛନ୍ତି, ଦିନରେ ଅସହ୍ୟ ତାତି, ଗୁଳୁଗୁଳିକୁ ଅଘୋଷିତ ବିଦ୍ୟୁତ୍ କାଟ ଅସ୍ତବ୍ୟସ୍ତ କଲାଣି। ସନ୍ଧ୍ୟା ହେଲେ ଲୋଭୋଲଟେଜ ରହୁଥିବା ବେଳେ ରାତିରେ ଏକାଧିକ ଥର ବିଦ୍ୟୁତ୍ କାଟ ହେଉଛି। ସେହିଭଳି ସାମନ୍ତରାପୁର ପ୍ରବୀଣ ଭଞ୍ଜ କୁହନ୍ତି, ବିଳମ୍ବିତ ରାତିରେ ବାରମ୍ବାର ବିଦ୍ୟୁତ୍ କାଟ ଅସହ୍ୟ ହେଲାଣି। ତୁରନ୍ତ ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ନିବେଦନ କରିଛନ୍ତି। ଅନ୍ୟପକ୍ଷରେ ଏନେଇ ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

## ୮୪ଜଣଙ୍କ ଚକ୍ଷୁ ପରୀକ୍ଷା




ଖୋର୍ଦ୍ଧା,୨୫।୪(ପ୍ରଭାତ ପାଣିଗ୍ରାହୀ)

ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ମୈତ୍ରୀ ଭବନ ପରିସରରେ ଶନିବାର ରୋଟାରୀ କ୍ଲବ ପକ୍ଷରୁ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ପୂର୍ବତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି ଉଦ୍‌ଘାଟନ କରିଥିଲେ। ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଡାକ୍ତର ଦେବୀ ପ୍ରସାଦ ଶ୍ରୀଚନ୍ଦନଙ୍କ ନେତୃତ୍ୱରେ ୮୪ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇ ୨୪ଜଣଙ୍କୁ ଚଷମା ପ୍ରଦାନ କରାଯାଇଛି। ପୌର ଉପାଧ୍ୟକ୍ଷ ସୌର୍ଯ୍ୟ ରଞ୍ଜନ ମହାନ୍ତି, ରୋଟାରିଆନ ଦେବ ପ୍ରସାଦ ମଜୁମଦାର, ଶୁଚିସ୍ମିତା ପରିଜା, ରୋଟାରୀ ସଭାପତି ସୁକାନ୍ତ ନାୟକ, ଆଲୋକ ପଟ୍ଟନାୟକ, ଶାଶ୍ୱତ କୁମାର ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ। ମହାବିଦ୍ୟାଳୟର ଜାତୀୟ ସେବା ଯୋଜନାର କାର୍ଯ୍ୟକାରୀ ଅଧିକାରୀ ଟି. ଅକ୍ଷୟ କୁମାର ଏବଂ ଅଧ୍ୟାପକ ସୁବୋଧ କୁମାର ଜଗଦ୍ଦେବ ପରିଚାଳନା କରିଥିଲେ। କଲେଜର ଉପାଧ୍ୟକ୍ଷ ପ୍ରମୋଦ କୁମାର ସାମଲ, ପ୍ରଶାସନିକ ଅଧିକାରୀ ଗଦାଧର ସାହୁ, ଡ.ଅନିଲ କୁମାର ସାହୁ, ଡ.ଅନିଲ କୁମାର ରାୟ, ପ୍ରଦୀପ୍ତ ମହାପାତ୍ର, ସିପ୍ରା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରମିକ କଂଗ୍ରେସର ପ୍ରଥମ କାର୍ଯ୍ୟକାରିଣୀ ବୈଠକ

ଜଟଣୀ,୨୫।୪(ରବୀନ୍ଦ୍ରନାଥ ମହାକୁଡ଼)

ଖୋର୍ଦ୍ଧାରୋଡ୍ ରେଳ ମଣ୍ଡଳସ୍ଥିତ ଶ୍ରମିକ କଂଗ୍ରେସ କାର୍ଯ୍ୟାଳୟଠାରେ ପ୍ରଥମ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ହାଜି ମହମ୍ମଦ ମୁସ୍ତାକ ଅଲ୍ଲୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଆୟବ୍ୟୟର ହିସାବ ସହିତ ସର୍ବସମ୍ମତିକ୍ରମେ ସନ୍ତୋଷ କୁମାର ସିଂଙ୍କୁ ଟିଆର୍‌ଡି ବିଭାଗର କ୍ୱାର୍ଟର କମିଟି ସଭ୍ୟ ପାଇଁ ମନୋନୀତ କରାଯାଇଛି। କର୍ମଚାରୀଙ୍କ ମୌଳିକ ଅସୁବିଧା ସମ୍ପର୍କରେ ଦୀର୍ଘଦିନରୁ ମଣ୍ଡଳ ସହକାରୀ ଯନ୍ତ୍ରୀ ସେଟଲମେଣ୍ଟ ରବି ଶଙ୍କର ପୋଦାର ଏବଂ ସହକାରୀ ଯନ୍ତ୍ରୀ ଟ୍ରାକ୍ ଡି.କେ ସ୍ୱାଇଁଙ୍କୁ ଇନଫର୍ମାଲ ମିଟିଂ ପାଇଁ ଦିଆଯାଇଥିବା ଦାବିଗୁଡିକ ଏଯାବତ୍ ପୂରଣ ହୋଇ ନ ଥିବାରୁ ଉକ୍ତ ସମସ୍ୟାର ସମାଧାନ ପାଇଁ ଆୟୋଜକ ସଙ୍ଗଠନର ଶାଖା ସମ୍ପାଦକ ଏଲ୍.ଡି.ମହାନ୍ତିଙ୍କ ନେତୃତ୍ୱରେ କମିଟିର ସମସ୍ତ ସଦସ୍ୟ ଉଭୟ ମଣ୍ଡଳ ସହକାରୀ ଯନ୍ତ୍ରୀଙ୍କୁ ଭେଟିଥିଲେ। ସହକାରୀ ଯନ୍ତ୍ରୀ ପୋଦାର କାର୍ଯ୍ୟ ସମୀକ୍ଷା ନିମନ୍ତେ କନିଷ୍ଠ ଯନ୍ତ୍ରୀ ଦୀପ୍ତିକାନ୍ତ ନାୟକ, ନୟନ କିଶୋର ଗିରି ଏବଂ ଶ୍ରୀୟା ମହାନ୍ତିଙ୍କ ସହିତ ଆଲୋଚନା କରି ତତ୍କାଳ କାମ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମୋଟରୀ ଷ୍ଟେଶନ ଲେଭଲ କ୍ରସିଂ ୮ର ନୂତନ ଗୁମଟି ନିର୍ମାଣ, ସାକ୍ଷୀଗୋପାଳ ଟିଆର୍‌ଡି ଡିପୋ, କଲୋନୀବାସୀ ଏବଂ ମାଳତିପାଟପୁର ଷ୍ଟେଶନଠାରେ ବିଶୁଦ୍ଧ ପିଇବା ପାଣି ଯୋଗାଣ, ଖୋର୍ଦ୍ଧାରୋଡଠାରେ ଅବସ୍ଥିତ ରେଡଙ୍ଗ କଲୋନୀ, ଆକାଉଣ୍ଟ କଲୋନୀ ଓ ଟ୍ରାଫିକ କଲୋନୀର ଷ୍ଟାଫ କ୍ୱାର୍ଟରର ସମସ୍ତ ରୁମ ଟାଇଲ, ଅତ୍ୟାଧୁନିକ ରୋଷେଇ ଘର, ଶୌଚାଳୟ, ଆଗପଛ ସିମେଣ୍ଟ ଚଟାଣ ଓ ନାଳଗୁଡିକ ପୁନରୁଦ୍ଧାର କାମ ଭଳି ବିଭିନ୍ନ ଜରୁରିକାଳୀନ କାର୍ଯ୍ୟ ଉପରେ ଶାଖା ସମ୍ପାଦକ ମହାନ୍ତି ଓ ମଣ୍ଡଳ ସହ ସଂଯୋଜକ ନିରଞ୍ଜନ ମିଶ୍ର ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି ବୈଠକରେ ଉପସଭାପତି ଜି.ରାମମୋହନ ରାଓ, ସହ ସମ୍ପାଦକ ସୁନୀଲ ପରିଡା, ରାକେଶ ଘଡେଇ, ଯୁବ ସଂଯୋଜକ ସନ୍ତୋଷ ଖଟେଇ, ରଜତ ମହାନ୍ତି ଏବଂ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଇଡେନ ସ୍କୁଲର ବାର୍ଷିକୋତ୍ସବ ଉଦ୍‌ଯାପିତ


ଉଦ୍‌ଯାପନୀ ଉତ୍ସବରେ ବିଧାୟକ ଅରୁଣ ସାହୁ, ପ୍ରଦୀପ ସାହୁ ଏବଂ ଅନ୍ୟମାନେ।

ବେଗୁନିଆ,୨୫।୪(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ବୋତଲମା ପଞ୍ଚାୟତ ଅନ୍ତର୍ଗତ ପାଟଣା ହାଟ ଛକରେ ଥିବା ଇଡେନ ସ୍କୁଲରେ ଚାଲିଥିବା ୧୬ତମ ବାର୍ଷିକ ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ତନୁଜା ପାଟ୍ଟଶାଣୀଙ୍କ ଅଧ୍ୟକ୍ଷତା ଏବଂ ଶିକ୍ଷୟିତ୍ରୀ ପ୍ରଣତୀ ପଟ୍ଟନାୟକଙ୍କ ସଂଯୋଜନାରେ ନୟାଗଡ ବିଧାୟକ ଡ.ଅରୁଣ କୁମାର ସାହୁ ମୁଖ୍ୟ ଅତିଥି, ବେଗୁନିଆ ବିଧାୟକ ପ୍ରଦୀପ ସାହୁ ମୁଖ୍ୟ ବକ୍ତା, ଜିଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀ ରାଣୀ ଗୁମାନସିଂହ, ବୈଜ୍ଞାନିକ ଡ. ପ୍ରଣୟ କୁମାର ସ୍ୱାଇଁ, ପ୍ରଫେସର ଡ. ବିନୟ ଭୂଷଣ ଜେନା, ସରପଞ୍ଚ ଆରତ ମାଝୀ, ସାମାଜିକକର୍ମୀ ଭିକାରୀ ଚରଣ ସାହୁ, ପଦ୍ମ ଲୋଚନ ରାଉତରାୟ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ମତବ୍ୟକ୍ତ କରିଥିଲେ। ସଭା ପ୍ରାରମ୍ଭରେ ଶିକ୍ଷୟିତ୍ରୀ ଗୀତାଞ୍ଜଳି ଅତିଥିଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ଶ୍ରଦ୍ଧାଞ୍ଜଳି ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ଶେଷରେ ଅନୁଷ୍ଠାନର ଅଧ୍ୟକ୍ଷ ଲଲାଟେନ୍ଦୁ ପାଟ୍ଟଶାଣୀ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ଆନ୍ତଃ ଜିଲା ସିନିୟର ମହିଳା ଟି୨୦ କ୍ରିକେଟ: କଟକ ବିଜୟୀ

ଖୋର୍ଦ୍ଧା,୨୫।୪(ପ୍ରଭାତ ପାଣିଗ୍ରାହୀ)

ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ଆନ୍ତଃ ଜିଲା ସିନିୟର ମହିଳା ଟି୨୦ କ୍ରିକେଟ ପ୍ରତିଯୋଗିତା ଖୋର୍ଦ୍ଧା ଜୋନ ମ୍ୟାଚ୍‌ରେ ଶନିବାର କଟକ ଟିମ୍ ବିଜୟୀ ହୋଇଛି। ସ୍ଥାନୀୟ ବିଜେବି ହାଇସ୍କୁଲ ମିନି ଷ୍ଟାଡିୟମଠାରେ କଟକ ଏବଂ ଜଗତ୍‌ସିଂହପୁର ଟିମ୍ ମଧ୍ୟରେ ମ୍ୟାଚ୍ ହୋଇଥିଲା। କଟକ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୫ଉଇକେଟ ବିନିମୟରେ ୨୪୩ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ମୋନାଲିସା ରାଉତ ୬୮ବଲରୁ ଅପରାଜିତ ୧୩୯ରନ, ଅନନ୍ୟା ବେହେରା ଓ ଜୟେସ ନାୟକ ୨୩ ରନ ଲେଖାଏ କରିଥିଲେ। ଜଗତ୍‌ସିଂହପୁର ଟିମ୍‌ର ସାଇ ସ୍ମୃତି ବର୍ଦ୍ଧନ ୩ଟି ଉଇକେଟ ନେଇଥିଲେ। ଜବାବରେ ଜଗତ୍‌ସିଂହପୁର ଟିମ୍ ୨୦ ଓଭରରେ ୮ ଉଇକେଟ ବିନିମୟରେ ୫୧ରନ ସଂଗ୍ରହ କରି ପରାଜିତ ହୋଇଥିଲା। କଟକ ଟିମ୍‌ର ଜାହ୍ନବୀ ଷଡ଼ଙ୍ଗୀ ୩ଟି ଏବଂ ଭବାନୀ ଧଡା ୨ଟି ଉଇକେଟ ନେଇଥିଲେ। ଚିନ୍ମୟ ପଣ୍ଡା ଏବଂ ସ୍ମିଥ ଦଳେଇ ମ୍ୟାଚ୍ ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ଉମେଶ ମିଶ୍ର ଦାୟିତ୍ୱ ତୁଲାଇଥିଲେ। ଅତିଥିଭାବେ ପୂର୍ବତନ ପୌରାଧ୍ୟକ୍ଷା ସଂଯୁକ୍ତା ସାହୁ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। କ୍ରିକେଟ ଆସୋସିଏଶନ ଅଫ୍ ଦି ଡିଷ୍ଟ୍ରିକ୍ଟ ଖୋର୍ଦ୍ଧାର ସମ୍ପାଦକ ତଥା ଓସିଏ କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ଚଣ୍ଡୀ ପ୍ରସାଦ ଆଚାର୍ଯ୍ୟ, ବ୍ରିଜେଶ ପ୍ରଧାନ, କାଜଲ ବଳିୟାରସିଂ, ଅବ୍ୟକ୍ତ ହରିହର ଖାଡ଼ଙ୍ଗା, ବିରଞ୍ଚି ନାରାୟଣ ଜେନା ପ୍ରମୁଖ ଉପସ୍ଥିତ ଥିଲେ।


ଅତିଥି ଖେଳାଳିଙ୍କ ସହ ହାତ ମିଳାଉଛନ୍ତି।

## ତ୍ରିଲୋଚନେଶ୍ୱର କ୍ରିକେଟ ଟିମ୍ ଚାମ୍ପିୟନ

କୃଷ୍ଣପ୍ରସାଦ,୨୫।୪(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଅଲଣ୍ଡା ପଞ୍ଚାୟତର ଡିଛିଣି ତ୍ରିଲୋଚନେଶ୍ୱର କ୍ରିକେଟ ଟିମ୍ ଆନୁକୂଲ୍ୟରେ ମଙ୍ଗଳାକୁଦି ଷ୍ଟାଡିୟମରେ ଚାଲିଥିବା ବ୍ଲକସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟରେ ଆୟୋଜକ ତ୍ରିଲୋଚନେଶ୍ୱର ଟିମ୍ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ୍ ତ୍ରିଲୋଚନେଶ୍ୱର କ୍ରିକେଟ ଟିମ୍ ଡିଛିଣି ଏବଂ ଜଟାଧାରୀ କ୍ରିକେଟ କ୍ଲବ ସାନଅଁଳ ମଧ୍ୟରେ ହୋଇଥିଲା। ତ୍ରିଲୋଚନେଶ୍ୱର ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୭୭ରନ ସଂଗ୍ରହ କରିଥିଲା। ଜବାବରେ ଜଟାଧାରୀ କ୍ରିକେଟ କ୍ଲବ ଆବଶ୍ୟକ ରନ ସଂଗ୍ରହ ନ କରିପାରି ପରାଜିତ ହୋଇଥିଲା। ଫଳରେ ତ୍ରିଲୋଚନେଶ୍ୱର ଟିମ୍ ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲା। ସୁଶାନ୍ତ କୁମାର ପଲେଇ ଏବଂ ରାହୁଲ କୁମାର ତରେଇ ମ୍ୟାଚ୍ ପରିଚାଳନା କରିଥିବା ବେଳେ ସ୍ୱାଧୀନ କୁମାର ପଲେଇ, ଅଜୟ କୁମାର ପ୍ରଧାନ ଧାରା ବିବରଣୀ ଏବଂ ସୀତାଂଶୁ ଜେନା, ରତିଜେନା ସ୍କୋରବୋର୍ଡରେ ସହଯୋଗ କରିଥିଲେ। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ଅଲଣ୍ଡା ସରପଞ୍ଚ ବିଷ୍ଣୁପ୍ରିୟା ବିଶ୍ୱାଳ, ସମ୍ମାନିତ ଅତିଥି ଡିଛିଣି ଗ୍ରାମ୍ୟ କମିଟି ସଭାପତି ଦୀନବନ୍ଧୁ ଜେନା, ଅଲଣ୍ଡା ପଞ୍ଚାୟତ ଭାଜପା ସଭାପତି ଶରତ ଚନ୍ଦ୍ର ଜେନା, ବୀଣାପାଣି ୟୁଥ୍ କ୍ଲବ ସଭାପତି ବସନ୍ତ ପଲେଇ, କୋଷାଧ୍ୟକ୍ଷ ବୁଲୁ କୁମାର ସାହୁ, ସରପଞ୍ଚଙ୍କ ପ୍ରତିନିଧି ଦିଲୀପ କୁମାର ଦଳେଇ ପ୍ରମୁଖ ଯୋଗଦେଇ ଉଭୟ ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ। ତ୍ରିଲୋଚନେଶ୍ୱର କ୍ରିକେଟ ଟିମ୍‌ର ସମସ୍ତ ସଦସ୍ୟ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।


ଅତିଥି ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରୁଛନ୍ତି।

## ସଂକ୍ଷେପରେ

### ବିଦ୍ୟାଳୟ ନିକଟରେ ଚୋରା ମଦ କାରବାର
#### ଅବକାରୀ ବିଭାଗ ନିଷ୍କ୍ରିୟ

**ଯୋଗେଶ୍ୱରପୁର,୨୫।୪(ରଶ୍ମିରଞ୍ଜନ ସାହୁ)**

ନୟାହାଟ ଅଞ୍ଚଳରେ ଚୋରା ମଦ କାରବାର ବଢ଼ିଚାଲିଛି। ଅବକାରୀ ବିଭାଗ ଧରପଗଡ଼ କରିବା ପରିବର୍ତ୍ତେ ଚୁପ୍ ବସିଥିବା ସାଧାରଣରେ ଅଭିଯୋଗ ହେଉଛି। ପାଞ୍ଚଣା ପ୍ରାଥମିକ ବିଦ୍ୟାଳୟ ପାଚେରି ପାର୍ଶ୍ୱରେ ଦେଶୀ ବିଦେଶୀ ନକଲି ମଦ କାରବାର ହେଉଥିବାବେଳେ କେତେଜଣ ବ୍ୟକ୍ତି ମଦ୍ୟପାନ କରି ବିଦ୍ୟାଳୟ ନିକଟରେ ଅସଭ୍ୟ ଭାଷାରେ ଗାଳଗୁଲଜ କରିବା ଦ୍ୱାରା ପିଲାଙ୍କ ପାଠପଢାରେ ବିଶୃଙ୍ଖଳା ସୃଷ୍ଟି ହେଉଛି। ବାଲିଦଣ୍ଡାର କେତେକ ଦୋକାନରେ ଚୋରା ମଦ କାରବାର ହେବା ଯୋଗୁ ଅବକାରୀ ବିଭାଗ ଓ ପୋଲିସ ପକ୍ଷରୁ ଚଢ଼ାଉ କରାଯାଇଥିଲେ ମଧ୍ୟ ପୁଣି ସେଠାରେ ମଦ ଆସର ଜମିଲାଣି। ସନ୍ଧ୍ୟା ହେଲେ ଝିଅ ଓ ମହିଳାମାନେ ବାହାରକୁ ବାହାରିବାକୁ ନିରାପଦ ମଣୁନାହାନ୍ତି। ଶୋରଭା ପଞ୍ଚାୟତର ଝଞ୍ଜଳିଆ ଓ ବଉଲାଙ୍ଗ ଭୀମାପଡା ଗ୍ରାମରେ ଚୋରା ମଦ କାରବାର କାୟା ବିସ୍ତାର କରିଛି। ଅବକାରୀ ବିଭାଗ କର୍ମଚାରୀମାନେ ଚଢ଼ାଉ ବେଳେ କୋହଳ ମନୋଭାବ ପୋଷଣ କରୁଥିବାରୁ ଉକ୍ତ ଘଟଣା ପ୍ରତି ଅବକାରୀ ଏସ୍‌ପିଙ୍କ ଦୃଷ୍ଟି ପଡୁ ବୋଲି ସାଧାରଣରେ ଦାବି ହେଉଛି।

#### ଅସ୍ତରଙ୍ଗ ବ୍ଲକରେ ପଞ୍ଚାୟତିରାଜ ଦିବସ
### ୧୩୧ ଅନ୍ତ୍ୟୋଦୟ ଗୃହ କାର୍ଯ୍ୟାଦେଶ ବଣ୍ଟନ

**ଅସ୍ତରଙ୍ଗ,୨୫।୪ (ପ୍ରଦୀପ୍ତ କୁମାର ଦୀକ୍ଷିତ/ମମତା ଜେନା)**

ଅସ୍ତରଙ୍ଗ ବ୍ଲକ ଅଧୀନସ୍ଥ ୧୫ଟି ପଞ୍ଚାୟତରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ଶୁକ୍ରବାର ସନ୍ଧ୍ୟାରେ ଅସ୍ତରଙ୍ଗ ବ୍ଲକ ପରିସରରେ ଅନୁଷ୍ଠିତ ବ୍ଲକସ୍ତରୀୟ ସମାରୋହକୁ ଅସ୍ତରଙ୍ଗ ବ୍ଲକ ଅଧ୍ୟକ୍ଷା ଆରତୀ ନାୟକ ଏବଂ ବିଡିଓ ସସ୍ମିତା ବେହେରା ଉଦ୍‌ଘାଟନ କରି ପଞ୍ଚାୟତିରାଜ ଦିବସ ପାଳନ ସମ୍ପର୍କରେ ଆଲୋଚନା କରିଥିଲେ। ପଞ୍ଚାୟତସ୍ତରରେ ୧୩୧ ଜଣ ନୂତନ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଗୃହ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ଏହି ଅବସରରେ ଅସ୍ତରଙ୍ଗ ସରପଞ୍ଚ ରାମଚନ୍ଦ୍ର କାଣ୍ଡି, ନଇଁଗୁଆଁ ସରପଞ୍ଚ ମଞ୍ଜୁଲତା ଖୁଣ୍ଟିଆ, ମାଣ୍ଡିକି ସରପଞ୍ଚଙ୍କ ପ୍ରତିନିଧି ଇନ୍ଦ୍ରମଣୀ ଜେନାଙ୍କ ସମେତ ପଞ୍ଚାୟତର ବରିଷ୍ଠ କାର୍ଯ୍ୟନିର୍ବାହୀ ଅଧିକାରୀମାନେ ଉପସ୍ଥିତ ଥିଲେ।

### ଭକ୍ତଙ୍କଠାରୁ ଚୋରି, ଜଣେ ଗିରଫ

**ପୁରୀ,୨୫।୪(ଅଜିତ୍ କୁମାର ମହାନ୍ତି)**

ଭକ୍ତଙ୍କଠାରୁ ଭ୍ୟାନିଟି ବ୍ୟାଗ୍ ଚୋରି ଅଭିଯୋଗରେ ସିଂହଦ୍ୱାର ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଗଞ୍ଜାମ ଜିଲାର କୁନୁ ମହାପାତ୍ର। ପୋଲିସ ଅଭିଯୁକ୍ତଙ୍କଠାରୁ ଭ୍ୟାନିଟି ସହ ତା' ଭିତରେ ଥିବା ୫ଟି ମୋବାଇଲ୍ ଓ ଆଧାର କାର୍ଡ ଜବତ କରିଛି। ଏନେଇ ପୋଲିସ କେସ୍ ନଂ.୧୧୩/୨୬ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ପୋଲିସ ସୂଚନାନୁଯାୟୀ, କଟକର ମାତୃପ୍ରସାଦ ସ୍ୱାଇଁ ତାଙ୍କ ସାଙ୍ଗ ଓ ସମ୍ପର୍କୀୟଙ୍କ ସହ ଏମାର ମଠ ଚକଡ଼ାରେ ଠିଆ ହୋଇଥିବା ବେଳେ ତାଙ୍କ ହାତରୁ ଭ୍ୟାନିଟି ଚୋରିକରି ନେଇଥିଲେ। ସେଠାରେ ନିୟୋଜିତ ଥିବା ପୋଲିସ ଏବଂ ସିକ୍ୟୁରିଟି ଗାର୍ଡଙ୍କ ସହାୟତାରେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲେ। ତାଙ୍କଠାରୁ ପୋଲିସ ଚୋରି ଭ୍ୟାନିଟି ଜବତ କରିଛି।

### ମା'ଦକ୍ଷିଣେଶ୍ୱରୀଙ୍କ ସୁନାରୁପା ଅଳଙ୍କାର ଚୋରି

**ବାଲିପାଟଣା,୨୫।୪(ଅଭିମନ୍ୟୁ ନାୟକ)**

ବାଲିପାଟଣା ଥାନା ଅଧୀନ ବିଶ୍ୱନାଥପୁରସ୍ଥିତ ମା'ଦକ୍ଷିଣେଶ୍ୱରୀଙ୍କ ମନ୍ଦିରରୁ ଶୁକ୍ରବାର ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ମନ୍ଦିରର ମୁଖ୍ୟ ଫାଟକ ତାଲା ଭାଙ୍ଗି ଭିତରକୁ ପ୍ରବେଶ କରିବା ସହିତ ମା'ଙ୍କ ବିଗ୍ରହରୁ ସୁନା ଚିତା ଓ ରୁପା ଆଖି ଲୁଟି ନେଇଯାଇଛନ୍ତି। ପୂଜକ ଲକ୍ଷ୍ମଣ କୁମାର ପଣ୍ଡା ଶନିବାର ସକାଳେ ମନ୍ଦିରକୁ ଆସିଥିବା ବେଳେ ମୁଖ୍ୟ ଦ୍ୱାରର ତାଲା ଭାଙ୍ଗି ଯାଇଥିବା ଦେଖି ସନ୍ଦେହ କରିଥିଲେ। ପରେ ସ୍ଥାନୀୟ ଲୋକଙ୍କୁ ଏନେଇ ଜଣାଇବା ସହ ମନ୍ଦିର ଖୋଲିବା ପରେ ମା'ଙ୍କ ବିଗ୍ରହରୁ ସୁନା ଓ ରୁପା ଅଳଙ୍କାର ନ ଥିବା ଦେଖିବାକୁ ମିଳିଥିଲା। ଏନେଇ ଥାନାରେ ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ ଚଳାଇଛି।

# କଳା ସଂସ୍କୃତି କ୍ଷେତ୍ରରେ ସତ୍ୟବାଦୀ ଆଗକୁ ବଢ଼ିବ

#### ୨ ଦିନିଆ ସଙ୍ଗୀତ ନୃତ୍ୟ ଉତ୍ସବ ଉଦ୍‌ଘାଟିତ

**ସାକ୍ଷୀଗୋପାଳ,୨୫।୫(କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ/ଭରତ ରାଉତ)**



ଅତିଥିମାନେ ଖବରଦାତା ପ୍ରଶାନ୍ତ କୁମାର ବାରିକଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ।

ପାରମ୍ପରିକ ଶାସ୍ତ୍ରୀୟ ଉପସ୍ଥାପନାର ଆକର୍ଷଣୀୟ ମନୋରଞ୍ଜନ କାର୍ଯ୍ୟକ୍ରମ ୪୯ତମ ନୃତ୍ୟ ଓ ସଙ୍ଗୀତ ଉତ୍ସବ ଶନିବାର ଉଦ୍‌ଘାଟିତ ହୋଇଛି। ସ୍ଥାନୀୟ ପଞ୍ଚସଖା ପଡ଼ିଆରେ ସତ୍ୟବାଦୀ ସଙ୍ଗୀତ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଓ ସୁନାମଧନ୍ୟ କଳାକାରଙ୍କୁ ନେଇ ଆୟୋଜିତ ଉତ୍ସବକୁ ମୁଖ୍ୟ ଅତିଥି ଭାବେ ଯାଜପୁର ଜିଲାପାଳ ଅମର କୁମାର କର ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ପାରମ୍ପରିକ କଳା ସଂସ୍କୃତିକୁ ବିକଶିତ କରିବା କ୍ଷେତ୍ରରେ ସତ୍ୟବାଦୀ ଆଗକୁ ବଢ଼ିବ ବୋଲି ମୁଖ୍ୟ ଅତିଥି କର କହିଛନ୍ତି। ନୃତ୍ୟ ସଙ୍ଗୀତକୁ ବଞ୍ଚାଇ ରଖିବା ନିମନ୍ତେ ସତ୍ୟବାଦୀ ଅଞ୍ଚଳବାସୀଙ୍କ ସହଯୋଗ ପାଇଁ ଶିଳ୍ପୋଦ୍ୟୋଗୀ ନିଶିକାନ୍ତ ମିଶ୍ର ଆହ୍ୱାନ ଦେଇଛନ୍ତି।

ଗୁରୁ ରତିକାନ୍ତ ମହାପାତ୍ର ଓ ଜୟପୁର ପଞ୍ଚାୟତ ସମିତିସଭ୍ୟ ଦୀପକ ଶତପଥୀ ଯୋଗଦେଇଥିଲେ। ମହାବିଦ୍ୟାଳୟ ସଭାପତି ଦୁର୍ଗାପ୍ରସାଦ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ସମ୍ପାଦକ ବଦ୍ରିନାରାୟଣ ଖୁଣ୍ଟିଆ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଶିକ୍ଷାବିତ୍ ପ୍ରଫେସର ବୃନ୍ଦାବନ ରଥ, ସୁଲେଖକ ଆର୍ତ୍ତତ୍ରାଣ ଶତପଥୀ, ସଙ୍ଗୀତ ସାଧକ ଜଗନ୍ନାଥ ମହାପାତ୍ର, ସାମ୍ବାଦିକତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଖବରଦାତା ବିଶ୍ୱଜିତ୍ ମହାନ୍ତି, ପ୍ରଶାନ୍ତ କୁମାର ବାରିକ, କୌଶିକ୍ ମହାପାତ୍ର, ଅମର ଶତପଥୀ, ସଙ୍ଗୀତ ସାଧକ ରୂପକ ପରିଡ଼ା, ନୃତ୍ୟଶିଳ୍ପୀ ରାଜଶ୍ରୀ ପ୍ରହରାଜଙ୍କ ସମେତ ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ।

ପ୍ରାରମ୍ଭରେ ଗୁରୁ ବୈକୁଣ୍ଠ ସେଠୀଙ୍କ ନିର୍ଦ୍ଦେଶନାରେ ଛାତ୍ରୀଛାତ୍ରମାନେ ବୃନ୍ଦ ତବଲା ବାଦନ କରିଥିଲେ। ଗୁରୁ ଅଶୋକ କୁମାର ସାହୁଙ୍କ ସହିତ ଛାତ୍ରୀଛାତ୍ର ବୃନ୍ଦଓଡ଼ିଶୀ ସଙ୍ଗୀତ ଗାୟନ, ସୁନାମଧନ୍ୟ କଣ୍ଠଶିଳ୍ପୀ ରୂପକ କୁମାର ପରିଡ଼ା ଓଡ଼ିଶୀ ସଙ୍ଗୀତ ପରିବେଷଣ କରିଥିଲେ। ସେହିପରି ଗୁରୁ ରତିକାନ୍ତ ମହାପାତ୍ରଙ୍କ ନୃତ୍ୟ ସଂଯୋଜନାରେ ନୃତ୍ୟଶିଳ୍ପୀ ରାଜଶ୍ରୀ ପ୍ରହରାଜ ଓଡ଼ିଶୀ ନୃତ୍ୟ, ଗୁରୁ ଲିଙ୍ଗରାଜ ସ୍ୱାଇଁଙ୍କ ନିର୍ଦ୍ଦେଶନାରେ ବୃନ୍ଦଓଡ଼ିଶୀ ନୃତ୍ୟ ଭୁବନେଶ୍ୱରରୁ ଆସିଥିବା ନୃତ୍ୟଶିଳ୍ପୀମାନେ ପରିବେଷଣ କରିଥିଲେ। ଅନୁଷ୍ଠାନର ପୁରୁଣା ଫଟୋଚିତ୍ର ପ୍ରଦର୍ଶନ ଜରିଆରେ ଦର୍ଶକମାନେ ଫଟୋ ଗ୍ୟାଲେରି ବୁଲି ଦେଖିଥିଲେ। ଚିତ୍ରାଙ୍କନ ବିଭାଗର ଛାତ୍ରୀଛାତ୍ର ଲାଇଭ୍ ପେଣ୍ଟିଂରେ ନିମଗ୍ନ ରହିଥିବା ଦେଖାଯାଇଛି। ଅଞ୍ଜନ ହୋତା କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଉପସଭାପତି ବ୍ରଜକିଶୋର ମହାପାତ୍ର, ଚିରସ୍ରୋତା ଖୁଣ୍ଟିଆ, ମୀରା ଦାଶ ପ୍ରମୁଖ ସହଯୋଗ କରିଥିଲେ।

## ପ୍ରଚଣ୍ଡ ରୌଦ୍ରତାପ: ପଶୁପକ୍ଷୀଙ୍କ ପାଇଁ ଜଳକୁଣ୍ଡ ନାହିଁ

**ପିପିଲି,୨୫।୪(ଦୁର୍ଗାମାଧବ ମିଶ୍ର)**

ଆଗାମୀ ଦିନରେ ପ୍ରଚଣ୍ଡ ରୌଦ୍ରତାପ ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ମିଳିଛି। ତେବେ ଏନ୍‌ଏସି ଅଞ୍ଚଳ କିମ୍ବା ପିପିଲି ବ୍ଲକର କେଉଁଠାରେ ବି ବୁଲା ଗୋରୁ ଓ ପଶୁପକ୍ଷୀଙ୍କ ପାଇଁ ଜଳକୁଣ୍ଡ ବ୍ୟବସ୍ଥା କରାଯାଇନାହିଁ। ଏହାକୁ ନେଇ ପ୍ରାଣୀ ଓ ପକ୍ଷୀପ୍ରେମୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ ଉପରେ ରହୁଥିବାରୁ ବୁଲା ଗୋରୁ ଓ ପଶୁପକ୍ଷୀଙ୍କ ପାଇଁ ତୁରନ୍ତ ଜଳକୁଣ୍ଡ ବ୍ୟବସ୍ଥା କରାଯିବା ଉଚିତ ବୋଲି ସେମାନେ ମତ ଦେଇଛନ୍ତି। ପଶୁପକ୍ଷୀମାନେ ପାଣି ଟୋପାଏ ପାଇଁ ତହଳ ବିକଳ ହେଉଥିବା ଦେଖିବାକୁ ମିଳୁଛି। ଗ୍ରୀଷ୍ମଋତୁରେ ବୁଲା ଗୋରୁ ଓ କୁକୁରଙ୍କ ପାଇଁ ପ୍ରତିବର୍ଷ ପିପିଲିର ବିଭିନ୍ନ ସ୍ଥାନରେ ଏନ୍‌ଏସି ପକ୍ଷରୁ ଜଳକୁଣ୍ଡ ବସାଯାଏ। ପ୍ରତିଦିନ ଏହି କୁଣ୍ଡରେ ପାଣି ଭର୍ତ୍ତି କରି ରଖାଯାଏ। ବୁଲା ଗୋରୁ, କୁକୁର, ବିଭିନ୍ନ ପଶୁପକ୍ଷୀ ସେଠାକୁ ଆସି ପାଣି ପିଇ ଶୋଷ ମେଣ୍ଟାଇଥାନ୍ତି। ମାତ୍ର ଚଳିତବର୍ଷ ଏପର୍ଯ୍ୟନ୍ତ ସେମାନଙ୍କ ପାଇଁ ଜଳକୁଣ୍ଡ ବସାଯାଇନାହିଁ। ଏ ସମ୍ପର୍କରେ ପିପିଲି ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରିଣୀ କାଦମ୍ବିନୀ ଜେନା କହିଛନ୍ତି, ଗ୍ରୀଷ୍ମ ପ୍ରକୋପକୁ ଦୃଷ୍ଟିରେ ରଖି ଏନ୍‌ଏସି ପକ୍ଷରୁ ବିଭିନ୍ନ ସ୍ଥାନରେ ଜଳଛତ୍ର ଖୋଲାଯାଇଛି। ସେହିପରି ବୁଲା ଗୋରୁ, କୁକୁର ଏବଂ ଅନ୍ୟ ପଶୁପକ୍ଷୀମାନଙ୍କ ପାଇଁ କୁଣ୍ଡ କିଣା ସରିଛି। ଖୁବଶୀଘ୍ର ପିପିଲି ସହରର ବିଭିନ୍ନ ସ୍ଥାନରେ ପାଣିକୁଣ୍ଡ ରଖାଯିବ।

## ନୈତିକ, ଆଧ୍ୟାତ୍ମିକ ମୂଲ୍ୟବୋଧଭିତ୍ତିକ ଶିକ୍ଷାକୁ ଗୁରୁତ୍ୱ

**ଡେଲାଙ୍ଗ,୨୫।୪(ରଶ୍ମିରଞ୍ଜନ ପ୍ରଧାନ)**

ଡେଲାଙ୍ଗ ଉନ୍ନୀତ ଉଚ୍ଚପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷକ ଅଭୟ ଚରଣ ସାହୁଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ଉତ୍ସବରେ ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ସତ୍ୟନାରାୟଣ ଆଚାର୍ଯ୍ୟ ମୁଖ୍ୟ ଅତିଥିଭାବେ ଯୋଗଦେଇ ନୈତିକ, ଆଧ୍ୟାତ୍ମିକ ମୂଲ୍ୟବୋଧଭିତ୍ତିକ ଶିକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ସଂସ୍କୃତି ନିର୍ଦ୍ଦେଶକ ମାନସ ରଞ୍ଜନ ମହାପାତ୍ର, ଶୈଳବାଳା ମହାପାତ୍ର, ପଞ୍ଚାୟତ ସମିତି ଅଧ୍ୟକ୍ଷା ରମାଦେବୀ ରାଉତରାୟ, ପ୍ରାକ୍ତନ ମଣ୍ଡଳ ଶିକ୍ଷାଧିକାରୀ ସଚ୍ଚିଦାନନ୍ଦ ପ୍ରଧାନ, ଖବରଦାତା ପ୍ରସନ୍ନ ତ୍ରିପାଠୀ, ଶିକ୍ଷକ ସଂଘ ସମ୍ପାଦକ ପ୍ରଶାନ୍ତ ଦାସ, ଶିକ୍ଷାବିତ ରାମଚନ୍ଦ୍ର ଦାଶ, ସନ୍ତୋଷ ମହାନ୍ତି, ଲକ୍ଷ୍ମୀପ୍ରସାଦ ପାଣି, ନିରଞ୍ଜନ ସାହୁ, ପ୍ରାକ୍ତନ ଏବିଇଓ ଶ୍ୟାମସୁନ୍ଦର ଦାସ, ପୂର୍ବତନ ସରପଞ୍ଚ ଦୁର୍ଗାଚରଣ ରାଉତରାୟ, ପରିଚାଳନା କମିଟି ଅଧ୍ୟକ୍ଷ ପ୍ରମୋଦ କୁମାର ସେଠୀ, ଶିକ୍ଷକ ଶୈଳେନ୍ଦ୍ର କୁମାର ସାବତ ପ୍ରମୁଖ ଯୋଗଦେଇ ଉତ୍ତମ ଶିକ୍ଷା ହିଁ ଜୀବନର ମୂଳଦୁଆ ବୋଲି କହିଥିଲେ। ଏହି ଅବସରରେ ମେଧାବୀ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଓ ପରିଚାଳନା କମିଟିର ସଦସ୍ୟମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅପରାହ୍ନରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଆଶିଷ ରଞ୍ଜନ ସ୍ୱାଇଁ ମଞ୍ଚ ପରିଚାଳନା କରିଥିଲେ।

# ପୀଡ଼ିତାଙ୍କୁ ନ୍ୟାୟ ଦାବିରେ କଂଗ୍ରେସର ବିକ୍ଷୋଭ



ନାବାଳିକାଙ୍କୁ ନ୍ୟାୟ ଦାବିରେ ପୁରୀ ଏସ୍‌ପିଙ୍କୁ ଭେଟି ଫେରୁଛନ୍ତି କଂଗ୍ରେସ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍।

#### ବ୍ରହ୍ମଗିରି ନାବାଳିକା ବଳାତ୍କାର ଘଟଣା

**ପୁରୀ,୨୫।୪(ଅଜିତ୍ କୁମାର ମହାନ୍ତି)**

ବ୍ରହ୍ମଗିରି ଥାନା ଅନ୍ତର୍ଗତ ସାତପଡ଼ା ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର ଘଟଣା ଏବେ ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ହୋଇଛି। ଦୋଷୀଙ୍କୁ କଠୋର ଦଣ୍ଡ ଦେବା ସହ ପୀଡ଼ିତାଙ୍କୁ ଉପଯୁକ୍ତ ନ୍ୟାୟ ସହ କ୍ଷତିପୂରଣ ଦେବାକୁ ବିଭିନ୍ନ ମହଲରେ ଦାବି କରାଯାଉଛି। ଏହି ପରିପ୍ରେକ୍ଷୀରେ ପ୍ରଦେଶ କଂଗ୍ରେସ ରାଜ୍ୟ ସଭାପତିଙ୍କ ନିର୍ଦ୍ଦେଶକ୍ରମେ ଏକ ପ୍ରତିନିଧିମଣ୍ଡଳୀ ପୀଡ଼ିତାଙ୍କ ଗାଁକୁ ଯାଇ ପରିବାର ସହ ଆଲୋଚନା କରିବା ପରେ ଏସ୍‌ପିଙ୍କୁ ସାକ୍ଷାତ କରିଛନ୍ତି। ସଭାପତିଙ୍କ ନିର୍ଦ୍ଦେଶକ୍ରମେ କଂଗ୍ରେସ ଫ୍ୟାକ୍ଟ ଫାଉଣ୍ଡିଂ ଟିମ୍‌ର ଅଧ୍ୟକ୍ଷ ସତ୍ୟବ୍ରତ ପାତ୍ରଙ୍କ ଅଧ୍ୟକ୍ଷତାରେ କଂଗ୍ରେସ ପ୍ରତିନିଧିମଣ୍ଡଳୀ ଏସ୍‌ପିଙ୍କୁ ଭେଟି ଘଟଣା ସମ୍ପର୍କରେ ଆଲୋଚନା କରିବା ସହ ଅଭିଯୁକ୍ତ ବିରୋଧରେ କ'ଣ କ'ଣ ଦଫା ଆଦି ଲାଗୁ କରାଯାଇଛି ସେ ସମ୍ପର୍କରେ ଆଲୋଚନା କରିଥିଲେ। ସେହିଭଳି ପୀଡ଼ିତାଙ୍କ ପରିବାର ଲୋକଙ୍କୁ ସୁରକ୍ଷା ସହ କ୍ଷତିପୂରଣ ପ୍ରଦାନ, ପୀଡ଼ିତାଙ୍କୁ ଉପଯୁକ୍ତ କ୍ଷତିପୂରଣ ୩୦ ଲକ୍ଷ ଟଙ୍କା ପ୍ରଦାନ ଓ ନାବାଳିକାଙ୍କୁ ଉଚିତ ନ୍ୟାୟ ନ ମିଳିଲା ପର୍ଯ୍ୟନ୍ତ ପୀଡ଼ିତା ପରିବାରକୁ ସୁରକ୍ଷା ଯୋଗାଇଦେବା ପାଇଁ ଦାବି କରାଯାଇଛି। ବ୍ରହ୍ମଗିରିରେ ପୋଲିସ ପାଟ୍ରୋଲିଂକୁ କଡ଼ାକଡ଼ି କରାଯିବା ସହ ଭବିଷ୍ୟତରେ ଯେଭଳି ଏହିପରି ଘଟଣାର ପୁନରାବୃତ୍ତି ନ ହୁଏ, ସେଥିପ୍ରତି ଉଭୟ ଜିଲା ଏବଂ ପୋଲିସ ପ୍ରଶାସନ ଗୁରୁତ୍ୱ ଦେବାକୁ ଦାବି କରାଯାଇଛି। ନାବାଳିକା ବଳାତ୍କାର ଘଟଣାରେ ନିରପେକ୍ଷ ତଦନ୍ତ, ଯଥାଶୀଘ୍ର କୋର୍ଟରେ ଅଭିଯୋଗ ଫର୍ଦ୍ଦ ଦାଖଲ ଏବଂ ଦ୍ରୁତ ବିଚାର, ପୀଡ଼ିତାଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ପାଇଁ ଦଳ ଦାବି କରିଛି। ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ କରା ନ ଗଲେ ନ୍ୟାୟ ପାଇଁ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବା ସହ ଅମରଣ ଅନଶନ କରାଯିବ ବୋଲି କଂଗ୍ରେସ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

## ପଞ୍ଚାୟତିରାଜ ବ୍ୟବସ୍ଥା ଗ୍ରାମ ଉନ୍ନତିର ମୂଳଭିତ୍ତି
#### - ଜାତୀୟ ପଞ୍ଚାୟତିରାଜ ଦିବସ ସମାରୋହ

**ପିପିଲି,୨୫।୪(ଦୁର୍ଗାମାଧବ ମିଶ୍ର)**

ପିପିଲି ବ୍ଲକ ଜସୁଆପୁରର ଶ୍ରୀ ଶ୍ରୀ ବୁଦ୍ଧେଶ୍ୱର ମହାଦେବଙ୍କ ପ୍ରାଙ୍ଗଣରେ ଜାତୀୟ ପଞ୍ଚାୟତିରାଜ ଦିବସ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପିପିଲି ବ୍ଲକର ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ଏବଂ ସ୍ଥାନୀୟ ଜନପ୍ରତିନିଧିମାନେ ଯୋଗ ଦେଇଥିଲେ। ବୁଦ୍ଧେଶ୍ୱର ମହାଦେବଙ୍କ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପିପିଲି-ଡେଲାଙ୍ଗ ବିଧାୟକ ଆଶ୍ରିତ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ପିପିଲି ବିଡିଓ ସରୋଜ କୁମାର ରାଉତ, ମୁଖ୍ୟବକ୍ତା ପିପିଲି ଥାନାର ଭାରପ୍ରାପ୍ତ ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ ଯୋଗଦେଇ ଭାରତ ଏକ ଗଣତାନ୍ତ୍ରିକ ରାଷ୍ଟ୍ର ବୋଲି କହିଛନ୍ତି। ୩୨ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିବା ବେଳେ ୧୬ ହିତାଧିକାରୀଙ୍କୁ ଭଉଁ ପ୍ରଦାନ କରାଯାଇଥିଲା। ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ ପାଇଁ କରାଯାଇଥିବା ଜାଗା ନିରୂପଣ ସାଙ୍ଗକୁ କାର୍ଯ୍ୟକ୍ରମରେ ମାତ୍ରାଧିକ ବିଳମ୍ବକୁ ନେଇ ହିତାଧିକାରୀ ଏବଂ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଲା ଜାତୀୟସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳନ ଅବସରରେ ତ୍ରିସ୍ତରୀୟ ପଞ୍ଚାୟତିରାଜର ଜନପ୍ରତିନିଧି ତଥା ଜିଲାପରିଷଦ ସଭ୍ୟ, ବ୍ଲକ ଅଧ୍ୟକ୍ଷା କିମ୍ବା ଉପାଧ୍ୟକ୍ଷ କାହାରିକୁ ଦେଖିବାକୁ ମିଳି ନ ଥିଲା। ଏ ସମ୍ପର୍କରେ ୨୪ ନମ୍ବର ଜିଲାପରିଷଦ ସଭ୍ୟ ଧରଣୀଧର ସାହୁ କହିଛନ୍ତି ଆମେ ବିରୋଧୀ ଦଳରେ ଥିବାରୁ ଆମକୁ ଅଣଦେଖା କରାଯାଇଛି। ଠିକ୍ ଢଙ୍ଗରେ ନିମନ୍ତ୍ରଣ ନ କରି ମୋବାଇଲ୍‌ରେ ମେସେଜ କରି ନିମନ୍ତ୍ରଣ କରାଯାଇଛି ବୋଲି କହିଥିଲେ।

## ବାଣୀ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବରେ କୁନି କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

**ପିପିଲି,୨୫।୪(ଦୁର୍ଗା ମାଧବ ମିଶ୍ର)**

ଜଇଶପାଟଣାସ୍ଥିତ ବାଣୀ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଭାରେ ମୁଖ୍ୟ ଅତିଥି ଭାବେ ପିପିଲି ଥାନାଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ, ମୁଖ୍ୟବକ୍ତା ଭାବେ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ମୁଖ୍ୟ ଡ. ଜ୍ଞାନରଞ୍ଜନ ପଣ୍ଡା, ସମ୍ମାନିତ ଅତିଥି ଭାବେ ପିପିଲି ମଣ୍ଡଳ ଶିକ୍ଷାଧିକାରୀ ପୀତବାସ ସେଠୀ, ଗୋବିନ୍ଦପୁର ପଞ୍ଚାୟତର ସମିତିସଭ୍ୟା କବିତା ଖଟେଇ, ଶିକ୍ଷାବିତ୍ ଚିନ୍ତାମଣି ଓଝା, ସମାଜସେବୀ ଅଭୟ ସାମନ୍ତରାୟ, ସାମ୍ବାଦିକ ସଞ୍ଜୟ କୁମାର ପ୍ରଧାନ ଯୋଗଦେଇ ସର୍ବାଙ୍ଗୀନ ଉନ୍ନତିରେ ମାତାପିତା, ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମତପ୍ରକାଶ କରିଥିଲେ। ସଭାପତି ଅର୍ଜୁନ ମହାରଣାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସମ୍ପାଦକ ଅନ୍ନପୂର୍ଣ୍ଣା ରାଉତରାୟ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ପ୍ରଧାନଶିକ୍ଷକ ପବିତ୍ର ମୋହନ ନାୟକ ଧନ୍ୟବାଦ ଦେଇଥିଲେ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ୧୩ ଗ୍ରାମ୍ ବ୍ରାଉନସୁଗାର ଜବତ, ଜଣେ କୋର୍ଟଚାଲାଣ

**ବାଘମାରୀ,୨୫।୪(ମିହିର ରଞ୍ଜନ ମହାପାତ୍ର)**

ବାଘମାରୀ ଥାନା ପୋଲିସ ଶନିବାର ଚଢ଼ାଉ କରି ୧୩ଗ୍ରାମ୍ ବ୍ରାଉନ୍‌ସୁଗାର ଓ ଦୁଇଟି ମୋବାଇଲ ଫୋନ ଜବତ କରିବା ସହ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଖୋର୍ଦ୍ଧା ସାମନ୍ତରାପୁର ଗ୍ରାମର ସଦାଶିବ ନାୟକ ଓରଫ ସିଲୁ(୨୫)। ସୂଚନା ମୁତାବକ, ବାଘମାରୀ ଥାନା ଅଧୀନ ବାମଡ଼ିହ ବସ୍‌ଷ୍ଟାଣ୍ଡ ନିକଟରେ ଜଣେ ଯୁବକ ବ୍ରାଉନସୁଗାର କାରବାର ପାଇଁ ଗ୍ରାହକଙ୍କୁ ଅପେକ୍ଷା କରିଛି ବୋଲି ପୋଲିସ ଖବର ପାଇଥିଲା। ଏହା ପରେ ପୋଲିସ ପକ୍ଷରୁ ଗଠିତ ଏକ ଟିମ୍ ଘଟଣାସ୍ଥଳରେ ଚଢ଼ାଉ କରି ସଦାଶିବଙ୍କୁ ଧରିବା ସହ ବ୍ରାଉନସୁଗାର ଜବତ କରିଥିଲା। ଏନେଇ ଥାନାରେ ଏକ ମାମଲା (ନଂ.୧୨୪/୨୬)ରୁଜୁ ହୋଇଛି। ଥାନା ଅଧିକାରୀ ସୁଚିତ୍ରା ଜେନାଙ୍କ ତତ୍ତ୍ୱାବଧାନରେ ଏସ୍‌ଆଇ ଲିଙ୍ଗରାଜ ସିଠ, ଏଏସ୍‌ଆଇ ଜଗନ୍ନାଥ ପୂଜାରୀ, ହାବିଲଦାର ପି.ସେନାପତି, କନଷ୍ଟେବଲ ବସନ୍ତ କୁମାର ଦଳବେହେରା ଚଢ଼ାଉରେ ସାମିଲ ଥିଲେ। ଏସ୍‌ଆଇ ପୁଷ୍ପଲତା ଲେଙ୍କା ଘଟଣାର ତଦନ୍ତକାରୀ ଅଧିକାରୀ ଭାବେ ତଦନ୍ତ ଜାରି ରଖିଛନ୍ତି।

## ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତି ଅନାବରଣ

**ଚାରିଛକ,୨୫।୪(ଶିଶିର କୁମାର ସ୍ୱାଇଁ)**

ଚାରିଛକ ନିକଟସ୍ଥ ଭୋଦର ପ୍ରାଥମିକ ବିଦ୍ୟାଳୟ ପରିସରରେ ସ୍ୱାମୀ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତି ଅନାବରଣ ହୋଇଯାଇଛି। କାର୍ଯ୍ୟକ୍ରମରେ ଉକ୍ତ ଶିକ୍ଷାନୁଷ୍ଠାନର ପୁରାତନ ୧୯୬୭ ମସିହାର ଛାତ୍ର ତଥା ପୂର୍ବତନ ଉପ ଆୟୁକ୍ତ କେନ୍ଦ୍ର ଅବକାରୀ ବିଭାଗର ଅଧିକାରୀ ଚନ୍ଦ୍ରକାନ୍ତ ଦଳାଇ ଯୋଗଦେଇ ଆନୁଷ୍ଠାନିକ ଭାବେ ସ୍ୱାମୀ ବିବେକାନନ୍ଦଙ୍କ ନୂତନ ମୂର୍ତ୍ତି ଅନାବରଣ କରିଥିଲେ। ବିଦ୍ୟାଳୟ ପରିସରରେ ପୂର୍ବରୁ ଆଜିର ଅତିଥିଙ୍କ ନେତୃତ୍ୱରେ ସ୍ଥାପନ କରାଯାଇଥିବା ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିକୁ ନିମାପଡ଼ା ବ୍ଲକର ପୂର୍ବତନ ଅଧ୍ୟକ୍ଷ ସ୍ୱର୍ଗତ ଘନଶ୍ୟାମ ସ୍ୱାଇଁ ଉନ୍ମୋଚନ କରିଥିବା ବେଳେ ଏକ ନୂତନ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବା ପାଇଁ ଦଳାଇ ନିଷ୍ପତ୍ତି ନେଇଥିଲେ। ପୂର୍ବରୁ ନିର୍ମାଣ କରାଯାଇଥିବା ସ୍ୱାମୀ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତିକୁ ଶନିବାର ଉନ୍ମୋଚନ କରାଯାଇଥିଲା। କାର୍ଯ୍ୟକ୍ରମ ସମୟରେ ଶିକ୍ଷାନୁଷ୍ଠାନର ପ୍ରଧାନ ଶିକ୍ଷକ କୃପାସିନ୍ଧୁ ସିଂ, ସହକାରୀ ଶିକ୍ଷୟିତ୍ରୀ ବନଜା ନନ୍ଦିନୀ ସାହୁ, ଶିଶୁ ସେବିକା ରିଙ୍କି ବିନ୍ଧାଣିଙ୍କ ସହ ଅନୁଷ୍ଠାନର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, କର୍ମଚାରୀ, ଅଭିଭାବକ ଓ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

## ତ୍ରିଲୋଚନେଶ୍ୱର କ୍ରିକେଟ ଟିମ୍ ଚାମ୍ପିୟନ

**କୃଷ୍ଣପ୍ରସାଦ,୨୫।୪ (କୈଳାସ ଚନ୍ଦ୍ର ପଟ୍ଟନାୟକ)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଅଲଣ୍ଡା ପଞ୍ଚାୟତର ତିଛିଣି ତ୍ରିଲୋଚନେଶ୍ୱର କ୍ରିକେଟ ଟିମ୍ ଆନୁକୂଲ୍ୟରେ ମଙ୍ଗଳାକୁଦି ଷ୍ଟାଡିୟମରେ ଚାଲିଥିବା ବ୍ଲକସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟରେ ଆୟୋଜକ ତ୍ରିଲୋଚନେଶ୍ୱର ଟିମ୍ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ୍ ତ୍ରିଲୋଚନେଶ୍ୱର କ୍ରିକେଟ ଟିମ୍ ତିଛିଣି ଏବଂ ଜଟାଧାରୀ କ୍ରିକେଟ କ୍ଲବ ସାନଅଁଳ ମଧ୍ୟରେ ହୋଇଥିଲା। ତ୍ରିଲୋଚନେଶ୍ୱର ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୭୭ରନ ସଂଗ୍ରହ କରିଥିଲା। ଜବାବରେ ଜଟାଧାରୀ କ୍ରିକେଟ କ୍ଲବ ଆବଶ୍ୟକ ରନ ସଂଗ୍ରହ ନ କରିପାରି ପରାଜିତ ହୋଇଥିଲା। ଫଳରେ ତ୍ରିଲୋଚନେଶ୍ୱର ଟିମ୍ ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲା। ସୁଶାନ୍ତ କୁମାର ପଲେଇ ଏବଂ ରାହୁଲ କୁମାର ତରେଇ ମ୍ୟାଚ୍ ପରିଚାଳନା କରିଥିବା ବେଳେ ସ୍ୱାଧୀନ କୁମାର ପଲେଇ, ଅଜୟ କୁମାର ପ୍ରଧାନ ଧାରା ବିବରଣୀ ଏବଂ ସୀତାଂଶୁ ଜେନା, ରତିଜେନା ସ୍କୋରବୋର୍ଡରେ ସହଯୋଗ କରିଥିଲେ। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ଅଲଣ୍ଡା ସରପଞ୍ଚ ବିଷ୍ଣୁପ୍ରିୟା ବିଶ୍ୱାଳ, ସମ୍ମାନିତ ଅତିଥି ତିଛିଣି ଗ୍ରାମ୍ୟ କମିଟି ସଭାପତି ଦୀନବନ୍ଧୁ ଜେନା, ଅଲଣ୍ଡା ପଞ୍ଚାୟତ ଭାଜପା ସଭାପତି ଶରତ ଚନ୍ଦ୍ର ଜେନା, ବୀଣାପାଣି ଯୁଥ୍ କ୍ଲବ ସଭାପତି ବସନ୍ତ ପଲେଇ, କୋଷାଧ୍ୟକ୍ଷ ବୁଲୁ କୁମାର ସାହୁ, ସରପଞ୍ଚଙ୍କ ପ୍ରତିନିଧି ଦିଲୀପ କୁମାର ଦଳେଇ ପ୍ରମୁଖ ଯୋଗଦେଇ ଉଭୟ ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ। ତ୍ରିଲୋଚନେଶ୍ୱର କ୍ରିକେଟ ଟିମ୍‌ର ସମସ୍ତ ସଦସ୍ୟ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

# ଭୋଳାନାଥ ଗୁରୁକୁଳ ଫାଉଣ୍ଡେଶନର ସମାବର୍ତ୍ତନ ମହୋତ୍ସବ

**ନିମାପଡ଼ା,୨୫।୪(ବିଚିତ୍ରାନନ୍ଦ ସାହୁ)**

ନିମାପଡ଼ା ଗୋପାଳପୁରସ୍ଥିତ ଭୋଳାନାଥ ଗୁରୁକୁଳ ଫାଉଣ୍ଡେଶନ ପକ୍ଷରୁ ୪ର୍ଥ ସମାବର୍ତ୍ତନ ମହୋତ୍ସବ-୨୦୨୬, ରାଜ୍ୟସ୍ତରୀୟ ଶିଳ୍ପୀ ସମାବେଶ ଓ ସମ୍ବର୍ଦ୍ଧନା ସମାରୋହ ଫାଉଣ୍ଡେଶନ ଟ୍ରଷ୍ଟଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ଭାରତ ସରକାରଙ୍କ ଆୟକର ବିଭାଗର ପ୍ରମୁଖ ଆୟୁକ୍ତ ଡ. ଅମ୍ଳାନ ତ୍ରିପାଠୀ, ଓଡ଼ିଶା ବୁଣାକାର ମହାସଂଘର ସଭାପତି ଶ୍ରୀଧର ବେହେରା, ଓଡ଼ିଶା ହସ୍ତଶିଳ୍ପ ବିଭାଗର ପ୍ରାକ୍ତନ ସହନିର୍ଦ୍ଦେଶକ ଦେବେନ୍ଦ୍ର ମିଶ୍ର, ପୁରୀ ଜିଲା ହସ୍ତଶିଳ୍ପ କେନ୍ଦ୍ରର ଉପନିର୍ଦ୍ଦେଶକ ବିଷ୍ଣୁପଦ ମାରାଣ୍ଡି, ୱାର୍ଲ୍ଡ ଆର୍ଟ ଓଡ଼ିଶାର ସମ୍ପାଦକ ଡ. ବିପିନ ବିହାରୀ ସାହୁ, ପୁରୀର ହସ୍ତଶିଳ୍ପ ବିକାଶ ଅଧିକାରୀ ସୂର୍ଯ୍ୟକାନ୍ତ ପଣ୍ଡା, ଭାଜପାର ମଣ୍ଡଳ ସଭାପତି ସନ୍ତୋଷ କୁମାର ପରିଡ଼ା, ଭୋଳାନାଥ ଗୁରୁକୁଳ ଫାଉଣ୍ଡେଶନର ପରିଚାଳନା ନିର୍ଦ୍ଦେଶିକା ଜାତୀୟ ପୁରସ୍କାରପ୍ରାପ୍ତ ପଟ୍ଟଚିତ୍ର ଶିଳ୍ପୀ ସୌଦାମିନୀ ସ୍ୱାଇଁ, ଅଧ୍ୟକ୍ଷ ଜାତୀୟ ପୁରସ୍କାରପ୍ରାପ୍ତ ପଟ୍ଟଚିତ୍ର ଶିଳ୍ପୀ ଶରତ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇ ଶିଳ୍ପୀମାନେ ହିଁ ସମାଜର ଆତ୍ମା, ଆମ କଳାସଂସ୍କୃତି, ଆମ ସ୍ୱାଭିମାନ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

ଏହି ଅବସରରେ ଭୋଳାନାଥ ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ସାମ୍ବାଦିକତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ନିମାପଡ଼ାର ବରିଷ୍ଠ ଖବରଦାତା ବିଚିତ୍ରାନନ୍ଦ ସାହୁଙ୍କୁ ଭୋଳାନାଥ ଶିଳ୍ପୀସଖା ସମ୍ମାନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିବାବେଳେ, ଶ୍ରୀଧର ମହାରଣାଙ୍କୁ ଶିଳ୍ପୀ କୁଳଚନ୍ଦ୍ରମା ସମ୍ମାନ, ପଟ୍ଟଚିତ୍ର ଶିଳ୍ପୀ ସରସ୍ୱତୀ ଦୀକ୍ଷିତ, କତାକଣ୍ଢେଇ ଶିଳ୍ପୀ ଡଲି ଦାସ, ତାଳପତ୍ର ଖୋଦେଇ ଶିଳ୍ପୀ ସନ୍ତୋଷ କୁମାର କାମେଲ ପ୍ରମୁଖଙ୍କୁ ଭୋଳାନାଥ ଶିଳ୍ପୀ ସମ୍ମାନ, ଖବରଦାତା ବିକାଶ କୁମାର ବାରିକଙ୍କୁ ଶିଳ୍ପୀସଖା ସମ୍ମାନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଚିତ୍ରକଳା ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତିତ୍ୱ ହାସଲ କରିଥିବା ୧୪ଜଣ କୃତୀ ପ୍ରତିଭାଙ୍କୁ ଅତିଥିମାନେ ମାନପତ୍ର ଓ ଟ୍ରଫି ପ୍ରଦାନ କରି ପୁରସ୍କୃତ କରିଥିଲେ। ଅନୁଷ୍ଠାନ ପକ୍ଷରୁ ମଞ୍ଚାସୀନ ଅତିଥିଙ୍କୁ ସମ୍ମାନିତ ଓ ସମ୍ବର୍ଦ୍ଧିତ କରାଯାଇଥିଲା। କବି ଗଙ୍ଗାଧର ଓଝା ଉତ୍ସବର ସଂଯୋଜନା ଓ ପରିଚାଳନା କରିଥିଲେ।

#### ଖବରଦାତାଙ୍କୁ 'ଭୋଳାନାଥ ଶିଳ୍ପୀସଖା ସମ୍ମାନ'


ଅତିଥିଙ୍କ ଗହଣରେ ସମ୍ମାନିତ ଓ ସମ୍ବର୍ଦ୍ଧିତ ବରିଷ୍ଠ ଖବରଦାତା।

## କଟକ ସଦର ଥାନା ସମ୍ମୁଖରେ ଖୋଲିଲା ଜଳଛତ୍ର

ଫୁଲନଖରା,(ସତ୍ୟରଞ୍ଜନ ଦାସ ମହାପାତ୍ର): କଟକ-ଭୁବନେଶ୍ୱର ୧୬ନମ୍ବର ଜାତୀୟ ରାଜପଥ କଟକ ସଦର ଥାନା ସମ୍ମୁଖରେ ଶନିବାର ଜଳଛତ୍ର କେନ୍ଦ୍ର ଖୋଲାଯାଇଛି। ଡାହାଳିଆବାଗ ଗ୍ରାମର ସ୍ୱେଚ୍ଛାସେବୀ ପୁନମ ମହାନ୍ତି ଓ ମିଟନ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଜଳଛତ୍ର କେନ୍ଦ୍ରକୁ ସଦର ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ। ରାଜ୍ୟରେ ପ୍ରଚଣ୍ଡ ଖରା ସାଙ୍ଗକୁ ଅସହ୍ୟ ଗୁଳୁଗୁଳି ଅନୁଭୂତ ହେଉଛି। ଲୋକଙ୍କ ଏଭଳି ଅବସ୍ଥା ଦେଖି ଏଠାରେ ଜଳଛତ୍ର କେନ୍ଦ୍ର ଖୋଲାଯାଇଛି। ପ୍ରତ୍ୟେକ ଦିନ ଏଠାରେ ପଥଚାରୀଙ୍କୁ ଦହିପାଣି ବଣ୍ଟନ କରାଯାଉଛି।

**ସଂକ୍ଷେପରେ**

## ଶନିଦେବଙ୍କ ଯାତ୍ରା, ଜଳାଭିଷେକ ଉତ୍ସବ



ଚୌଦ୍ୱାର,୨୫।୪(ଆଶୁତୋଷ ଦାସ)

ଚୌଦ୍ୱାର ଅଞ୍ଚଳର ବିଭିନ୍ନ ଶନିଦେବ ମନ୍ଦିରରେ ଗ୍ରହରାଜଙ୍କ ଜଳାଭିଷେକ ଉତ୍ସବ ଓ ଶନିଯାତ୍ରା ଧୁମଧାମରେ ଅନୁଷ୍ଠିତ ହୋଇଯାଇଛି। ଶନିବାର ପ୍ରଭାତରୁ ମନ୍ଦିରଗୁଡ଼ିକରେ କଳସଯାତ୍ରା, ସୂର୍ଯ୍ୟପୂଜା, ଗୋପୂଜା, ଜଳାଭିଷେକ ଆଦି ବିଭିନ୍ନ କାର୍ଯ୍ୟକ୍ରମ ରୀତିନୀତିରେ ସମ୍ପନ୍ନ କରାଯାଇଥିଲା। ଗ୍ରହରାଜଙ୍କୁ ସନ୍ତୁଷ୍ଟି ପାଇଁ ମନ୍ଦିରଗୁଡ଼ିକରେ ଯଜ୍ଞାନୁଷ୍ଠାନର ଆୟୋଜନ କରାଯାଇଥିଲା। ଶ୍ରଦ୍ଧାଳୁମାନେ ମନ୍ଦିରରେ ପୂଜାର୍ଚ୍ଚନା କରିବା ସହିତ ଗ୍ରହରାଜଙ୍କୁ ଜଳାଭିଷେକ କରିଥିଲେ। ସନ୍ଧ୍ୟାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ମନ୍ଦିରରେ ଭଜନ ସମାରୋହ, ସଂକୀର୍ତ୍ତନ, ପ୍ରସାଦ ସେବନ ଆଦି ବହୁବିଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଥିଲା। ଚୌଦ୍ୱାର ପୌରପାଳିକା ଅନ୍ତର୍ଗତ ବେଉରାସାହି, ନବଗ୍ରହ ସାହି, ହିଙ୍ଗୁଳେଇ ସାହି, କପାଳେଶ୍ୱର, ନୂଆସାହି, ହାଉସିଂବୋର୍ଡ, ନଖରା ପଞ୍ଚାୟତ ଅନ୍ତର୍ଗତ ଚାଞ୍ଚୋ ଆଦି ସ୍ଥାନରେ ଥିବା ଶନିଦେବ ମନ୍ଦିରରେ ପ୍ରବଳ ଜନ ସମାଗମ ହୋଇଥିବା ଦେଖିବାକୁ ମିଳିଥିଲା।

## ପରିସ୍ଥିତି ଅନୁଧ୍ୟାନ କଲେ ଯନ୍ତ୍ରୀ

**ପରମହଂସ ନାଥ ମନ୍ଦିର ଦଧିନଉତି ଉପରେ ବଜ୍ରପାତ ଘଟଣା**

କଟକ ସଦର,୨୫।୪(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ପରମହଂସ ନାଥ ଦେବଙ୍କ ମନ୍ଦିର ଦଧିନଉତି ଉପରେ ବଜ୍ରପାତ ଯୋଗୁ ପଥର ଖସି ତଳେ ପଡ଼ି ଭାଙ୍ଗିଯାଇଥିଲା। ମନ୍ଦିରର ପରିସ୍ଥିତି ଅନୁଧ୍ୟାନ ନିମନ୍ତେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଓ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗର ଯନ୍ତ୍ରୀ ଶୁକ୍ରବାର ଗସ୍ତରେ ଆସିଥିଲେ। ମନ୍ଦିର ଚୂଡାରେ ଆର୍ଥ ନ ଥିବାରୁ କ୍ଷତି ଘଟିଲା ବୋଲି ଅନୁସନ୍ଧାନରୁ ଜଣାପଡିଛି। ଏହାର ମରାମତି କାମ ଶୀଘ୍ର ଆରମ୍ଭ ପାଇଁ ବିଧାୟକ ସେଠୀ ପରାମର୍ଶ ଦେଇଥିଲେ। ଏହି ଅନୁଧ୍ୟାନରେ ରାଜ୍ୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥାର ଯନ୍ତ୍ରୀ ପ୍ରସନ୍ନ କୁମାର ସାହୁଙ୍କ ସମେତ ପୂର୍ତ୍ତ ବିଭାଗର ଯନ୍ତ୍ରୀମାନେ ଉପସ୍ଥିତ ଥିଲେ। ବର୍ତ୍ତମାନ ପୂର୍ତ୍ତ ବିଭାଗ ଦ୍ୱାରା ମନ୍ଦିରର ଉନ୍ନୟନମୂଳକ କାର୍ଯ୍ୟ ଚାଲୁ ରହିଛି।

## ବ୍ଲକସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳିତ

କଣ୍ଟାପଡ଼ା,୨୫।୪(ସୁରନାରାୟଣ ସାହୁ)

କଣ୍ଟାପଡ଼ା ବିଜୟରାଜ ମେମୋରିଆଲ ହାଇସ୍କୁଲ ପରିସରରେ ବ୍ଲକସ୍ତରୀୟ ପଞ୍ଚାୟତିରାଜ ଦିବସ ଶୁକ୍ରବାର ସନ୍ଧ୍ୟାରେ ପାଳିତ ହୋଇଯାଇଛି। ନିଆଳି ବିଧାୟକ ଛବି ମଲିକ ଯୋଗଦେଇ ୬୧ଜଣ ଅନ୍ତ୍ୟୋଦୟ ଆବାସ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ସେହିପରି ୫୦ଜଣ ହିତାଧିକାରୀଙ୍କୁ ରାଶନ କାର୍ଡ ଓ ୩୧ଜଣ ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିଥିଲେ। ଏଥିରେ କଣ୍ଟାପଡ଼ା ବିଡିଓ ସ୍ୱପ୍ନିତା ନାୟକ, ଅତିରିକ୍ତ ବିଡିଓ ରୁବି ତପସ୍ୱିନୀ ଦାସ, ସହକାରୀ ଯନ୍ତ୍ରୀ ଧନଞ୍ଜୟ ନାୟକ, ଯୋଗାଣ ଅଧିକାରୀ ମୋଚିରାମ ଦାସଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ବ୍ଲକ ଆମ୍ବା ଅଧକ୍ଷ ପ୍ରଦୀପ୍ତ ପାତ୍ର, କଣ୍ଟାପଡା ପଞ୍ଚାୟତ ସରପଞ୍ଚ ନିର୍ମଳ ସାହୁ, ସମିତି ସଭ୍ୟ ପବିତ୍ର ସ୍ୱାଇଁ, ବାଗଲପୁର ପଞ୍ଚାୟତ ସରପଞ୍ଚ ଜ୍ୟୋତ୍ସ୍ନାରାଣୀ ସେଠୀ, ଝିଙ୍କିରି ସରପଞ୍ଚ ଅଭିଷେକ ମହାପାତ୍ରଙ୍କ ସମେତ ବହୁ ସଂଖ୍ୟାରେ ଭାଜପା କର୍ମୀ ଉପସ୍ଥିତ ଥିଲେ।

## ରାମ ମନ୍ଦିର ନିଧି ସଂଗ୍ରାହକଙ୍କ ପରଲୋକ

କଟକ ସଦର,୨୫।୪(ସୁଶାନ୍ତ କୁମାର ଜେନା)

ଅଯୋଧ୍ୟା ରାମ ମନ୍ଦିର ନିର୍ମାଣ ବେଳେ ବାରଦା ଅଞ୍ଚଳରେ ନିଧି ସଂଗ୍ରହ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଜଗଦୀଶ ଚନ୍ଦ୍ର ଦାସଙ୍କ ଶୁକ୍ରବାର ପରଲୋକ ହୋଇଯାଇଛି। ସ୍ୱର୍ଗତ ଦାସ ସେନା ବାହିନୀର ଜଣେ କର୍ମଚାରୀ ଥିଲେ। ଜୀବନ କାଳରେ ବିଭିନ୍ନ ଧାର୍ମିକ କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ। ମୃତ୍ୟୁ ବେଳକୁ ପତ୍ନୀ ନିର୍ମଳା ଦାଶ, ୩ପୁତ୍ର ଓ ପୁତ୍ରବଧୂ ଉପସ୍ଥିତ ଥିଲେ। ଅନ୍ତିମ ସଂସ୍କାର ଗ୍ରାମ ଶ୍ମଶାନରେ କରାଯାଇଥିବା ବେଳେ ଜ୍ୟେଷ୍ଠ ପୁତ୍ର ଚୈତନ୍ୟ ଦାଶ ମୁଖାଗ୍ନି ଦେଇଥିଲେ।

# ‘ମ୍ୟାଲେରିଆ ନିରାକରଣ ପ୍ରତି ସଚେତନ ହେବା ଜରୁରୀ’

କଟକ,୨୫।୪(କାର୍ତ୍ତିକ ସାହୁ)




ଜିଲା ସ୍ୱାସ୍ଥ୍ୟ ଭବନ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ବିଶ୍ୱ ମ୍ୟାଲେରିଆ ଦିବସ ପାଳନ ଅବସରରେ ଉପସ୍ଥିତ ଅତିଥିମାନେ ।

**ବିଶ୍ୱ ମ୍ୟାଲେରିଆ ଦିବସ**

ଜିଲାସ୍ତରୀୟ ବିଶ୍ୱ ମ୍ୟାଲେରିଆ ଦିବସ ଜିଲା ସ୍ୱାସ୍ଥ୍ୟ ଭବନ ସମ୍ମିଳନୀ କକ୍ଷରେ ଶନିବାର ପାଳିତ ହୋଇଯାଇଛି। ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଅଶୋକ କୁମାର ମିଶ୍ର କାର୍ଯ୍ୟକ୍ରମରେ ଯୋଗଦେଇ ମ୍ୟାଲେରିଆର କାରଣ ଜାଣି ନିରାକରଣ ପ୍ରତି ସଚେତନ ରହିବା ଜରୁରୀ ବୋଲି କହିଥିଲେ। ଏହି ଅବସରରେ ଭେକ୍ଟର ବାହିତ ରୋଗ ପରାମର୍ଶଦାତା ସ୍ମୃତି ରଞ୍ଜନ ରାଉତ ମ୍ୟାଲେରିଆର ଲକ୍ଷଣ, ମ୍ୟାଲେରିଆ ନିରାକରଣ ନିମନ୍ତେ ପ୍ରତିରୋଧମୂଳକ ପଦକ୍ଷେପ ଓ ମଶାଜନିତ ଅନ୍ୟ ରୋଗଗୁଡିକ ଉପରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଅନ୍ୟ ଦେଶରେ ମ୍ୟାଲେରିଆ ନିୟନ୍ତ୍ରଣର ସଫଳ ମଡେଲଗୁଡ଼ିକୁ ଉଲ୍ଲେଖ କରି ସମସ୍ତଙ୍କୁ ସଚେତନ ରହିବାକୁ ସେ ଆହ୍ୱାନ ଦେଇଥିଲେ। ମ୍ୟାଲେରିଆ ସମ୍ପର୍କିତ ଏକ କୁଇଜ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲା କାର୍ଯ୍ୟକ୍ରମ ପରିଚାଳକ ଟି. ନାରାୟଣ ରାଓ ଧନ୍ୟବାଦ ଦେଇଥିଲେ। ଅନ୍ତର୍ଜାତୀୟ ୱାଇଜମ୍ୟାନ ସଙ୍ଗଠନ ପକ୍ଷରୁ ବିଶ୍ୱ ମ୍ୟାଲେରିଆ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଏକ ମାନବ ଶୃଙ୍ଖଳ ଅନୁଷ୍ଠିତ ହୋଇଥିଲା। ବହୁ ଛାତ୍ରୀଛାତ୍ର ଓ ସମାଜର ବିଭିନ୍ନ ବର୍ଗର ବୁଦ୍ଧିଜୀବୀ ଏଥିରେ ସାମିଲ ହୋଇଥିଲେ। ୱାଇଏମ୍‌ସିଏ ମିଳିତ ଉଦ୍ୟମରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ୱାଇଜମ୍ୟାନ ଉତ୍ତର, ପୂର୍ବ ଓ ଉତ୍ତରପୂର୍ବ ଭାରତର ଆଞ୍ଚଳିକ ନିର୍ଦ୍ଦେଶକ ଆଇନଜୀବୀ ପ୍ରସନ୍ନ କୁମାର ନନ୍ଦ ଅଧକ୍ଷତା କରିଥିଲେ। ମ୍ୟାଲେରିଆ ନିବାରଣ ପାଇଁ ଚିକିତ୍ସା ସହ ଜନ ସଚେତନତା ଆବଶ୍ୟକ ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ। ଜିଲା ଗଭର୍ନର ସତ୍ୟ ଗୋପାଳ ପରିଜା, ଏଲ୍.ଆର୍.ଡି.ଇ ଡାକ୍ତର ସୁରଜିତ ସାହୁ, ଡାକ୍ତର ପ୍ରଭାତ ମିଶ୍ର, ରଞ୍ଜିତା ପ୍ରଧାନ, ପ୍ରଶାନ୍ତ କୁମାର ମହାପାତ୍ର, ଆଇନଜୀବୀ ସିଦ୍ଧାର୍ଥ ମିଶ୍ର, ସଞ୍ଜୟ ମହାନ୍ତି, ମନୋରଞ୍ଜନ ସାମନ୍ତରାୟଙ୍କ ସହ ଏନ୍‌ସିସି, ସ୍କାଉଟ ଆଣ୍ଡ ଗାଇଡ୍ସ, ଷ୍ଟୁଆର୍ଟ ସ୍କୁଲ, ନ୍ୟୁ ଷ୍ଟୁଆର୍ଟ ସ୍କୁଲ, କାଜି ବଜାର ସରକାରୀ ବିଦ୍ୟାଳୟର, ସ୍କାଉଟ ଆଣ୍ଡ ଗାଇଡ୍ସ ସ୍ୱେଚ୍ଛାସେବୀ ସମେତ ବିଭିନ୍ନ ସଙ୍ଗଠନର ଛାତ୍ରୀଛାତ୍ର ଭାଗ ନେଇଥିଲେ। ୱାଇଏମ୍‌ସି ସମ୍ପାଦକ ଆଲୋକ କୁମାର ସାହୁ ଧନ୍ୟବାଦ ଦେଇଥିଲେ। ଉପସ୍ଥିତ ଛାତ୍ରୀଛାତ୍ର ଓ ବୁଦ୍ଧିଜୀବୀ ମ୍ୟାଲେରିଆ ନିରାକରଣ ସଂକଳ୍ପରେ ଆୟୋଜିତ ସ୍ୱାକ୍ଷର ଅଭିଯାନରେ ସାମିଲ ହୋଇଥିଲେ। ଏହି ଅବସରରେ ପିଲାମାନଙ୍କ ମଧ୍ୟରେ ଅନୁଷ୍ଠିତ ପ୍ଲାକାର୍ଡ ଓ ଚିତ୍ରକଳା ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଆଗାମୀ ଦିନରେ ସ୍ୱାସ୍ଥ୍ୟ ବିଭାଗ ପରାମର୍ଶକ୍ରମେ ଜିଲାର ବିଭିନ୍ନ ମଶା ପ୍ରବଣ ଅଞ୍ଚଳରେ ସଚେତନତା ସୃଷ୍ଟି ସହିତ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ଘୋଷଣା କରାଯାଇଥିଲା।



ଗ୍ରହରାଜ ଶନିଙ୍କ ଜନ୍ମ ଦିବସରେ ଚାନ୍ଦିନୀଚୌକ ଅଷ୍ଟଶମ୍ଭୁ ମନ୍ଦିର ପ୍ରାଙ୍ଗଣରେ ଥିବା ଶନିଦେବଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଳୁମାନେ ଜଳଲାଗି କରୁଛନ୍ତି । (ଫଟୋ: ରାଜକିଶୋର ମହାନ୍ତି)

## ୧୩୦ରୁ ଊର୍ଦ୍ଧ୍ୱ ଚୋରା ଗ୍ୟାସ୍ ସିଲିଣ୍ଡର ଜବତ

ବ୍ରାହ୍ମଣଝରିଲୋ,୨୫।୪

କଟକ ଜିଲା ଯୋଗାଣ ବିଭାଗ ସଦର ଥାନା ଅନ୍ତର୍ଗତ ବ୍ରାହ୍ମଣଝରିଲୋ ଅଞ୍ଚଳରେ ଚଢ଼ାଉ କରି ଚୋରା ଘରୋଇ ରନ୍ଧନ ଗ୍ୟାସ୍ ସିଲିଣ୍ଡର ଜବତ ହୋଇଛି। ଏକ ଭଡ଼ା ଘରେ ଗ୍ୟାସ ଭର୍ତ୍ତି ହୋଇ ଗଚ୍ଛିତ ଥିବା ୧୩୦ରୁ ଊର୍ଦ୍ଧ୍ୱ ସିଲିଣ୍ଡର ଜବତ କରାଯାଇଥିଲା। ଏହି ଘଟଣାରେ ଦୁଇଟି ଟାଟା ଏସିଇ ଓ ଗୋଟିଏ ପିକ୍‌ଅପ୍ ଗାଡ଼ି ମଧ ଜବତ ହୋଇଛି। ଚୋରା କାରବାରରେ ୨ଜଣଙ୍କୁ ଅଟକ ରଖାଯାଇଥିଲାବେଳେ ମାଲିକ ଫେରାର ଅଛନ୍ତି। ସୂଚନାଯୋଗ୍ୟ, ଜୋନ ୪ ଏସିପି ଅମିତାଭ ମହାପାତ୍ରଙ୍କ ନେତୃତ୍ୱରେ ଚଢ଼ାଉରେ କଟକ ସଦର ଅତିରିକ୍ତ ଯୋଗାଣ ଅଧିକାରୀ, ବାରଙ୍ଗ ବ୍ଲକ ଯୋଗାଣ ନିରୀକ୍ଷକ ଓ ସଦର ଥାନା ଆଇଆଇସି ପ୍ରମୁଖ ସାମିଲ ଥିଲେ।

## ମା’ ସାରଦେଈଙ୍କ ନୂତନ ବିଗ୍ରହ, ମନ୍ଦିର ପ୍ରତିଷ୍ଠା ଉତ୍ସବ

ଖୁଣ୍ଟୁଣୀ,୨୫।୪(ସଚ୍ଚିଦାନନ୍ଦ ପଣ୍ଡା)

ଆଠଗଡ଼ ବ୍ଲକ ଡାଳଭାଗ ପଞ୍ଚାୟତ ଛେନାଖିଆନୂଆଗାଁ ଗ୍ରାମ ଆରାଧ୍ୟା ଗ୍ରାମ ଦେବତୀ ମା’ ସାରଦେଈଙ୍କ ଦୁଇଦିନିଆ ନୂତନ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା ଉତ୍ସବ ଶୁକ୍ରବାର ପୂର୍ଣ୍ଣାହୁତି ହୋଇଥିଲା। କର୍ତ୍ତା ଭାବେ ବୃନ୍ଦାବନ ସେନାପତି ଓ କର୍ତ୍ତୀ ଭାବେ ବୈଜୟନ୍ତୀ ସେନାପତି କାର୍ଯ୍ୟ ସମ୍ପାଦନ କରିଥିଲେ। ଏଥିରେ ମହିଳା ଗୋଷ୍ଠୀ ସଂକୀର୍ତ୍ତନ ମଣ୍ଡଳୀ ଓ ସ୍ଥାନୀୟ ନଦିଆ ଗୋଷ୍ଠୀ ୨୪ ଘଣ୍ଟିଆ ନାମ ସଂକୀର୍ତ୍ତନ କରିଥିଲେ। ପ୍ରତିଷ୍ଠା ଉତ୍ସବରେ ଅତିଥି ଭାବେ ଆଠଗଡ଼ ଭାଜପା ନେତା ଅଭୟ କୁମାର ବାରିକ ମା’ଙ୍କ ପାଖରେ ଆଠଗଡ଼ ଓ ଟିଗିରିଆବାସୀଙ୍କ ମଙ୍ଗଳ କାମନା କରିଥିଲେ। ଏଥିରେ ତଳଗଡ଼, ଡାଳଭାଗ, ପାଟେଣିଗାଁ, କୁଲାଇଲୋ ଓ ଛେନାଖିଆନୂଆଗାଁ ଗ୍ରାମରୁ ଶହଶହ ମହିଳା ଓ ପୁରୁଷ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ସମସ୍ତ କାର୍ଯ୍ୟକ୍ରମରେ ଛେନାଖିଆନୂଆଗାଁ ଗ୍ରାମ ସଭାପତି ରମେଶ ଚନ୍ଦ୍ର ଦାସ, ଗଦାଧର ସେନାପତି, ଜିତେନ୍ଦ୍ର ନାୟକ ଓ ଅନ୍ୟ ସମସ୍ତ ଯୁବକ ସହଯୋଗ କରିଥିଲେ। ଅପରାହ୍ନରେ ନଗର ପରିକ୍ରମା ପରେ ମା’ଙ୍କୁ ମନ୍ଦିର ପ୍ରବେଶ କରାଯାଇଥିଲା।

## ଅବକାରୀ ଆଇନର ଯୁବପିଢ଼ି ଉପରେ ପ୍ରଭାବ ଶୀର୍ଷକ ଆଲୋଚନାଚକ୍ର

କଟକ,୨୫।୪(କାର୍ତ୍ତିକ ସାହୁ)

କ୍ରିମିନାଲ କୋର୍ଟସ ବାର୍ ଆସୋସିଏଶନ କନ୍‌ଫରେନ୍ସ ହଲରେ ଯୁବଆଇନଜୀବୀଙ୍କ ଦ୍ୱାରା ଆୟୋଜିତ ଅବକାରୀ ଆଇନର ଆଗାମୀ ଯୁବପିଢ଼ି ଉପରେ ପ୍ରଭାବ ଶୀର୍ଷକ ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ରୂପେ ଜିଲା ଓ ଦୌରା ଜଜ ମାନସ ରଞ୍ଜନ ବାରିକ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଓଡିଶାର ବିଭିନ୍ନ ଆଇନ କଲେଜର ଛାତ୍ରୀଛାତ୍ରଙ୍କ ସହ ଆଇନଜୀବୀ ଅଂଶଗ୍ରହଣ କରି ବର୍ତ୍ତମାନ ପରିପେକ୍ଷୀରେ ଅବକାରୀ ଆଇନର ଉପକାରିତା ଓ ଅପକାରିତା ସମ୍ପର୍କରେ ବିଭିନ୍ନ ଉଚ୍ଚ ନ୍ୟାୟାଳୟ ଓ ନିମ୍ନ ଅଦାଲତର ନିର୍ଣ୍ଣାୟକ ନିଷ୍ପତ୍ତି ସମ୍ପର୍କରେ ଆଲୋକପାତ କରିଥିଲେ। ବିଚାରକ ଭାବରେ ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ କୁମାର ସାହୁ, ବାଦଲ ଚନ୍ଦ୍ର ରାୟ, କ୍ଷେତ୍ର ମୋହନ ବେହେରା ଓ ସଞ୍ଜୟ କୁମାର ପଟ୍ଟନାୟକ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କ ଉପସ୍ଥାପନାଗୁଡିକୁ ତର୍ଜମା କରି ତନ୍ମଧ୍ୟରୁ କୃତିତ୍ୱ ଅର୍ଜନ କରିଥିବା ଆଇନଜୀବୀଙ୍କୁ ଚୟନ କରିଥିଲେ। ଏଥିରେ କ୍ରିମିନାଲ କୋର୍ଟସ ବାର୍ ଆସୋସିଏଶନର ସମ୍ପାଦକ ଆଇନଜୀବୀ ଗଦାଧର ସାହୁ, ଉପସଭାପତି ତାପସ କୁମାର ନାୟକ, ସମରେନ୍ଦ୍ର ମହାନ୍ତି, ନେପାଳ ପ୍ରକାଶ ସାମନ୍ତ, ବିଛନ୍ଦା ନାୟକ, ସନ୍ଧ୍ୟାରାଣୀ ଦାସ, ମାନସ ରଞ୍ଜନା ପୃଷ୍ଟି ଯୋଗଦାନ କରିଥିଲେ। ବାସୁଦେବ ସେଠୀ ଧନ୍ୟବାଦ ଦେଇଥିଲେ।

## ଶିବିରରେ ୨୦୦ରୁ ଊର୍ଦ୍ଧ୍ୱ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା




ଶିବିରରେ ଜଣେ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

ଚୌଦ୍ୱାର,୨୫।୪(ଆଶୁତୋଷ ଦାସ)

ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ମଙ୍ଗରାଜପୁର ପଞ୍ଚାୟତ କୋଚିଲା ନୂଆଗାଁରେ ଦାତବ୍ୟ ସ୍ୱାସ୍ଥ୍ୟସେବା ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ଇମ୍ଫା ଶିଳ୍ପ ଗୋଷ୍ଠୀର ସାମାଜିକ ଦାୟିତ୍ୱବୋଧ ଶାଖା ବଂଶୀଧର ଇଲାପଣ୍ଡା ଫାଉଣ୍ଡେଶନ୍ ପକ୍ଷରୁ କୋଚିଲା ନୂଆଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆୟୋଜିତ ଶିବିରକୁ ସ୍ଥାନୀୟ ସରପଞ୍ଚ ଦେବେନ୍ଦ୍ର ନାଥ ପାଣ୍ଡବ ଏବଂ ଇମ୍ଫାର ପାୱାର ପ୍ଲାଣ୍ଟ ପରିଚାଳନା ମୁଖ୍ୟ ଲଲାଟ କିଶୋର ମହାପାତ୍ର ଉଦ୍‌ଘାଟନ କରିଥିଲେ। ସମିତି ସଭ୍ୟା ମମତା ସାମାଡ଼, ରବୀନ୍ଦ୍ର ରାଉତ, ଇମ୍ଫାର ନିରଞ୍ଜନ ସାହୁ, ସଞ୍ଜୀବ ପୁରୋହିତ ପ୍ରମୁଖ ଅଧିକାରୀ ଅତିଥି ଭାବେ ଯୋଗଦେଇଥିଲେ। ଡା.ସବ୍ୟସାଚୀ ମହାପାତ୍ର, ଡା. ବରୁଣ ଅଗ୍ରୱାଲ, ଡା. ସୁବିମଳ ଦାସ, ଡା. ହିମାଂଶୁ ସାହୁଙ୍କ ସମେତ ଅସ୍ଥିଶଲ୍ୟ, ଭେଷଜ, ସ୍ତ୍ରୀ ଓ ପ୍ରସୂତି, ଦନ୍ତ ଓ ଶିଶୁ ବିଭାଗର ବିଶେଷଜ୍ଞ ଡାକ୍ତରମାନେ ଯୋଗଦେଇ ଅଞ୍ଚଳର ୨୦୦ରୁ ଊର୍ଦ୍ଧ୍ୱ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ମାଗଣାରେ ଔଷଧ ବଣ୍ଟନ କରାଯାଇଥିଲା। ବରିଷ୍ଠ ଲୋକ ସମ୍ପର୍କ ଅଧିକାରୀ ମାନସ ବସନ୍ତିଆଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଅଧିକାରୀ ମାନସ ରଞ୍ଜନ ପ୍ରଧାନ, ସ୍ଥିତପ୍ରଜ୍ଞ ଦାସ, ସୁଦୀପ୍ତ ମହାନ୍ତି, ଅଭିଷେକ ଘୋଷ, ବିଶ୍ୱଜିତ ମିଶ୍ର, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୋପୀନାଥ ପ୍ରଧାନଙ୍କ ସମେତ ୧୦ରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ପରିଚାଳନା କରିଥିଲେ।

# ୮ ମାସ ପରେ ବି ମିଳିପାରୁନି ବ୍ୟବଚ୍ଛେଦ ରିପୋର୍ଟ

**■ ଏସ୍‌ସିବି ଦୌଡ଼ି ଦୌଡ଼ି ନିରାଶ ମୃତକଙ୍କ ପରିବାରବର୍ଗ**

**■ ଟୁଇଟରରେ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ କଲେ**

କଟକ,୨୫।୪(ଶିଳ୍ପା ପ୍ରିୟଦର୍ଶିନୀ)



BIJAYA KUMAR NAYAK
@BIJAYAK75547362
X.com
Translated from Odia by Grok
Even after eight months, the post-mortem report is not available,, Shantlata Nanda (71) of Odisha Gram under Bhubana Block of Dhenkanal District, who was undergoing treatment in the Medicine Department of Cuttack Big Medical, has passed away @CMO_Odisha @SecyChief @HFWOdisha @SCBMCHCTC @MahalingMukesh
Rate this translation:

DEPARTMENT OF FORENSIC MEDICINE AND TOXICOLOGY
S.C.B. MEDICAL COLLEGE, CUTTACK
DEAD BODY CARRYING CERTIFICATE

ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ(ଏସ୍‌ସିବି)ରେ ରୋଗୀ ମୃତ୍ୟୁ ପରେ ବ୍ୟବଚ୍ଛେଦ ରିପୋର୍ଟ ପାଇବାକୁ ପରିବାର ଲୋକେ ହଟହଟା ହେଉଛନ୍ତି। ୮ ମାସ ହେବ ପରିବାର ଲୋକ ମେଡିକାଲକୁ ଦୌଡ଼ି ଦୌଡ଼ି ନିରାଶ ହୋଇଛନ୍ତି। ଶେଷରେ ସାମାଜିକ ଗଣମାଧ୍ୟମ ଟୁଇଟର ଯୋଗେ ବିଜୟ କୁମାର ନାୟକ ନାମକ ଜଣେ ବ୍ୟକ୍ତି ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟ ସଚିବ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏବଂ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଏନେଇ ଅଭିଯୋଗ କରିଛନ୍ତି। ତେବେ ରୋଗୀ ଜୀବିତ ଅବସ୍ଥାରେ ଏସ୍‌ସିବିରେ ନାନା ସମସ୍ୟାର ସମ୍ମୁଖୀନ ହେଉଥିବାବେଳେ ଏବେ ମୃତ୍ୟୁ ପରେ ମଧ୍ୟ ମୃତକଙ୍କୁ ଉଚିତ ସମ୍ମାନ ଦିଆଯାଇ ପାରୁନାହିଁ।

ମିଳିଥିବା ସୂଚନା ମୁତାବକ, ଢେଙ୍କାନାଳ ଜିଲା ଭୁବନ ଅଞ୍ଚଳର ଶାନ୍ତିଲତା ନନ୍ଦ(୭୦)ଙ୍କ ଗତବର୍ଷ ଅଗଷ୍ଟ ୬ରେ ମୃତ୍ୟୁ ଘଟିଥିଲା। ମୃତ୍ୟୁ ପରେ ପରିବାର ଲୋକେ ମେଡିକାଲକୁ ବ୍ୟବଚ୍ଛେଦ ରିପୋର୍ଟ ପାଇଁ ଆସିଥିବାବେଳେ କେବଳ ତାରିଖ ପରେ ତାରିଖ ପରିବାର ଲୋକଙ୍କୁ ଦିଆଯାଇଥିଲା। ଏପରିକି ଏହି ତାରିଖ ଗଡ଼ି ଆଜକୁ ୮ ମାସ ବିତିଥିଲେ ମଧ୍ୟ ଉକ୍ତ ରିପୋର୍ଟ ପରିବାର ଲୋକେ ପାଇପାରିନାହାନ୍ତି। ଏଭଳି ଅବହେଳା ହେବାରୁ ପରିବାର ଲୋକ ଟୁଇଟର ଯୋଗେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିବା ସହ ତୁରନ୍ତ ରିପୋର୍ଟ ପ୍ରଦାନ କରିବାକୁ ଦାବି କରିଛନ୍ତି। ତେବେ ମେଡିକାଲ କର୍ତ୍ତୃପକ୍ଷ ସମସ୍ତ ଦିଗରେ ତତ୍ପରତା ଦେଖାଉଥିବାବେଳେ ମୃତକଙ୍କ କ୍ଷେତ୍ରରେ ଏଭଳି ଅବହେଳା କରିବା ଘଟଣାକୁ ସାଧାରଣରେ ନିନ୍ଦା କରାଯାଇଛି। ଏ ସମ୍ପର୍କରେ ମେଡିକାଲ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ଓଡ଼ିଶା ଶିଳ୍ପ ସଂଘରେ ରକ୍ତଦାନ ଶିବିର: ୧୩୦ ୟୁନିଟ୍ ସଂଗ୍ରହ




କଟକ,୨୫।୪(କାର୍ତ୍ତିକ ସାହୁ)

ଓଡ଼ିଶା ଶିଳ୍ପ ସଂଘ, କମିଶନରେଟ ପୋଲିସ ଏବଂ ଭାରତୀୟ ରେଡ୍‌କ୍ରସ୍ ସୋସାଇଟିର ମିଳିତ ଆନୁକୂଲ୍ୟରେ ରକ୍ତଦାନ ଶିବିର ଓଡ଼ିଶା ଶିଳ୍ପ ସଂଘ ସଭା ଗୃହରେ ଶନିବାର ଅନୁଷ୍ଠିତ ହୋଇଯାଇଛି। କମିଶନରେଟ ପୋଲିସର ସହ ଉପାୟୁକ୍ତ ରଞ୍ଜିତ ପୃଷ୍ଟି ଶିବିରକୁ ଉଦ୍‌ଘାଟନ କରି ଓଡ଼ିଶା ଶିଳ୍ପ ସଂଘର ପ୍ରୟାସକୁ ପ୍ରଶଂସା କରିଥିଲେ। ଜଗତପୁର ଥାନା ଆଇଆଇସି ପ୍ରଶାନ୍ତ କୁମାର ସାସ୍ମଲ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଶିବିରରୁ ୧୩୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ରକ୍ତଦାନ କରିଥିବା ସମସ୍ତ ରକ୍ତଦାତାଙ୍କୁ ଶିଳ୍ପ ସଂଘ ପକ୍ଷରୁ ଏକ ବକେଟ ଅଫ ଜୋଇ ନାମକ ଉପହାର ଦିଆଯାଇଥିଲା। ରେଡ୍‌କ୍ରସ୍ ପକ୍ଷରୁ ଡା. କନକଲତା ଦେଇ, ଅବିନାଶ ଦାସ, ଭାଗ୍ୟଧର ସାହୁ, ସୁନୀଲ କୁମାର ଖଣ୍ଡେଇ, ଗୋବିନ୍ଦ ଚରଣ ମହନ୍ତ ଯୋଗଦେଇଥିଲେ। ଶିଳ୍ପ ସଂଘର ଅଧକ୍ଷ ଅବନୀ କାନୁନ୍‌ଗୋ ରକ୍ତଦାତାମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଶିଳ୍ପ ସଂଘର ସଭାପତି ରାଜେଶ କାନୁନ୍‌ଗୋ, ଉପସଭାପତି ବିନୋଦ ଭୂତ, ସମ୍ପାଦକ ଦେବେନ୍ଦ୍ର ଶର୍ମା, ସହସମ୍ପାଦକ ରୁଦ୍ର ନାରାୟଣ ଆଚାର୍ଯ୍ୟ, ଅର୍ଥ ସମ୍ପାଦକ ଶୁଭ୍ରକାନ୍ତ ପଣ୍ଡା, ଅଜୟ ପଣ୍ଡା, ଅଶୋକ ସାହୁ, ରମା ବଲ୍ଲଭ ନାୟକ, ପୁଷ୍ପା ସାମଲ, ମୁସାରଟ ସରିଫ, ରେଶ୍ମା ଦାସ, ସୁଶ୍ରୀ ପ୍ରଜ୍ଞା ପ୍ରିୟଦର୍ଶିନୀ, ବିଭୁଦତ୍ତ ସାମନ୍ତ ରାୟ ପ୍ରମୁଖ କରିଥିଲେ।

## ଜାତୀୟ ଆଇନ ବିଶ୍ୱବିଦ୍ୟାଳୟରେ ଆଲୋଚନାଚକ୍ର

କଟକ,୨୫।୪(କାର୍ତ୍ତିକ ସାହୁ)




ନ୍ୟାଶନାଲ ଲ’ ୟୁନିଭର୍ସିଟି ଓଡ଼ିଶା, କଲେଜ ଅଫ ଫାର୍ମାସ୍ୟୁଟିକାଲ ସାଇନ୍ସେସ, ଭୁବନେଶ୍ୱର ସହଯୋଗରେ ଏମ୍‌ବିଏ ସ୍ୱାସ୍ଥ୍ୟ ପରିଚାଳନା ଓ ଆଇନରେ କ୍ୟାରିଅର ପଥ, କୌଶଳ ବିକାଶ ଓ ଶିଳ୍ପ ପ୍ରସ୍ତୁତି ବିଷୟରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସହଯୋଗୀ ପ୍ରଫେସର ଡ. ଆର୍ଯ୍ୟାଲୋପା ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପୂର୍ବତନ ବିଧାୟକ ପ୍ରସାଦ ହରିଚନ୍ଦନ, ପୂର୍ବତନ ବିଧାୟକ ସୁର ରାଉତରାୟ, ସହଯୋଗୀ ଅନୁଷ୍ଠାନର ଅଧକ୍ଷ ପ୍ରଫେସର ନରେନ୍ଦ୍ର ପରିଡ଼ା ଯୋଗଦେଇ ସ୍ୱାସ୍ଥ୍ୟ ପରିଚାଳନା ଓ ଆଇନ କ୍ଷେତ୍ରର ବୃଦ୍ଧିଶୀଳ ଗୁରୁତ୍ୱ, ବହୁଶାଖୀୟ ଶିକ୍ଷା ଏବଂ ଶିଳ୍ପ ଆଧାରିତ କୌଶଳ ବିକାଶର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ। ଆଲୋଚନା ସତ୍ରଗୁଡ଼ିକରେ ଭବିଷ୍ୟତ କ୍ୟାରିୟର ସୁଯୋଗ, ସ୍ୱାସ୍ଥ୍ୟ ଶାସନ ବ୍ୟବସ୍ଥାର ପରିବର୍ତ୍ତନ ଏବଂ ଶିଳ୍ପ-ଶିକ୍ଷା ସମ୍ପର୍କ ଉପରେ ଚର୍ଚ୍ଚା ହୋଇଥିଲା। ଅତିଥିମାନେ ବହୁଶାଖୀୟ ଶିକ୍ଷା, ନବୀନତା ଏବଂ କୌଶଳ-ଆଧାରିତ ଶିକ୍ଷାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ।

# କ୍ଲଷ୍ଟର ଆଧାରିତ ପ୍ରାଣୀ ପାଳନକୁ ଗୁରୁତ୍ୱ

**ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ପାଳିତ**

କଟକ,୨୫।୪(କାର୍ତ୍ତିକ ସାହୁ)



ଅତିଥିମାନେ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରୁଛନ୍ତି।

ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ଅବସରରେ ଓ ରାଜ୍ୟ ନୌବାଣିଜ୍ୟ ସଂଗ୍ରହାଳୟ ପରିସରରେ ଜିଲାସ୍ତରୀୟ ପ୍ରାଣୀ ଚିକିତ୍ସା ଦିବସ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କ୍ଲଷ୍ଟର ଆଧାରିତ ପ୍ରାଣୀ ପାଳନ ଓ ରୋଜଗାର ସୃଷ୍ଟି ଉପରେ ଗୁରୁତ୍ୱ ଦେଇଥିଲେ। ଜିଲାପାଳ କହିଥିଲେ, ଏକ ସ୍ଥାନରେ ଗୋଷ୍ଠୀ ଆଧାରରେ କ୍ଷୀର ଉତ୍ପାଦନ, ଛେଳି, ଘୁଷୁରି ଓ କୁକୁଡ଼ା ପାଳନ କରାଯାଇ ପାରିଲେ ସରକାରୀ ସହାୟତା ସହଜରେ ମିଳିପାରିବ। ଏହା ସହିତ ଚାଷୀମାନଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରାଯାଇ ତାଙ୍କର ଆୟ ବୃଦ୍ଧି କରିବାକୁ ସେ ଆହ୍ୱାନ ଜଣାଇଥିଲେ। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ସୁଶାନ୍ତ କୁମାର ନାୟକ, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ (କୃଷି) ଇଂ. ପ୍ରଶାନ୍ତ କୁମାର ଜେନା ଓ ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଅଭିମନ୍ୟୁ ସାହୁ ଉପସ୍ଥିତ ଥିଲେ। ଏହି ବର୍ଷର ବିଷୟ ଉତ୍ତମ ଖାଦ୍ୟ ଓ ସ୍ୱାସ୍ଥ୍ୟ ପାଇଁ ପ୍ରାଣୀ ଚିକିତ୍ସା ଉପରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ୨୦୨୫-୨୬ ଆର୍ଥିକ ବର୍ଷରେ କଟକ ଜିଲାର ନରସିଂହପୁର ବ୍ଲକ ପ୍ରାଣୀ ସମ୍ପଦ ସେବା ଓ ବିଭିନ୍ନ ଯୋଜନାର ସଫଳ ରୂପାୟନ ପାଇଁ ରାଜ୍ୟରେ ସର୍ବଶ୍ରେଷ୍ଠ ବ୍ଲକ ଭାବେ ଚୟନ ହୋଇଥିବାରୁ ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ନୀହାର ରଞ୍ଜନ ମିଶ୍ରଙ୍କ ସହ ଅନ୍ୟ ପ୍ରାଣୀ ଚିକିତ୍ସକ ଓ ପ୍ରାଣୀଧନ ନିରୀକ୍ଷକ ମାନଙ୍କୁ ସମ୍ମାନିତ କରାଯାଇଥିଲା।

## ହୋଟେଲ ମାଲିକଙ୍କୁ ଆକ୍ରମଣ ଘଟଣା, ଆଉ ଜଣେ ଗିରଫ

ଭୁବନେଶ୍ୱର, ୨୫।୪ (ପ୍ରସନଜିତ୍ ସାହୁ)

ହୋଟେଲ ମାଲିକଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ଶନିବାର ନୟାପଲ୍ଲୀ ଥାନା ପୋଲିସ ଆଇଆର୍‌ସି ଭିଲେଜସ୍ଥିତ କେସିସି ଫିଲ୍ଡ ନିକଟରୁ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ନୟାପଲ୍ଲୀ ଅଞ୍ଚଳର ଶ୍ରୀକାନ୍ତ ପରିଡା। ପୂର୍ବରୁ ଆକ୍ରମଣରେ ସମ୍ପୃକ୍ତ ୧୦ ଅଭିଯୁକ୍ତଙ୍କ ମଧ୍ୟରୁ ପୂର୍ବରୁ ପୋଲିସ ୪ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପ୍ରକାଶଯୋଗ୍ୟ, ୨୦୨୦ ସେପ୍ଟେମ୍ବର ୨ରେ ୧୦ ଜଣ ଦୁର୍ବୃତ୍ତ ବେହେରା ସାହିସ୍ଥିତ ଶୁଭଲକ୍ଷ୍ମୀ ହୋଟେଲର ମାଲିକ ସୁରେଶ କୁମାର ବେହେରା ଓ କର୍ମଚାରୀଙ୍କୁ ଆକ୍ରମଣ ସହ ଭଙ୍ଗାରୁଜା କରି କ୍ୟାଶ୍ କାଉଣ୍ଟରରୁ ୨ ହଜାର ୭ ଶହ ଟଙ୍କା ନେଇଯାଇଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା(ନଂ. ୩୩୨/୨୦୨୦) ରୁଜୁ କରି ୪ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେମାନଙ୍କ ହେପାଜତରୁ ବିଭିନ୍ନ ମାରଣାସ୍ତ୍ର ଜବତ କରିଥିଲା।

# ରାଜ୍ୟରେ ଅଛନ୍ତି ୮୩,୫୭୬ ଘରଚଟିଆ

**ରାତି ପାହି ଆସିବାବେଳକୁ ଏମାନଙ୍କ କିଚିରି ମିଚିରି ଶବ୍ଦ ପରିବେଶରେ ଭରି ଦେଉଥିଲା ଚଞ୍ଚଳତା। ପିଲାଠୁ ବୃଦ୍ଧ ସମସ୍ତେ ଏମାନଙ୍କୁ ଦଣ୍ଡେ ଚାହାନ୍ତୁ ବା ନ ଚାହାନ୍ତୁ ଏକ ସକାରାତ୍ମକ ଭାବ ସୃଷ୍ଟି ହେଉଥିଲା। କିନ୍ତୁ ଗତ କିଛିବର୍ଷ ହେଲା ଏଭଳି ପକ୍ଷୀଙ୍କ ବିଚରଣ ଢେର କମିଯାଇଛି। ଏମାନେ କେଉଁଠି କେମିତି ଦେଖା ଯାଉଥିବାବେଳେ ସହରାଞ୍ଚଳରେ ଏମାନଙ୍କୁ ପ୍ରାୟ ଦେଖିବାକୁ ମିଳୁନାହିଁ। ପରିବେଶରେ ସରସତା ଭରୁଥିବା ଏହି ପକ୍ଷୀ ହେଉଛନ୍ତି 'ଘରଚଟିଆ'। ଏମାନଙ୍କ ସଂରକ୍ଷଣ ତଥା ବଂଶବୃଦ୍ଧି ପାଇଁ କେତେକ ସ୍ଥାନରେ ବ୍ୟବସ୍ଥା କରାଯାଉଥିବାବେଳେ ଏ ଦିଗରେ ସଚେତନତା ମଧ୍ୟ ସୃଷ୍ଟି କରାଯାଉଛି।**

ଭୁବନେଶ୍ୱର,୨୫।୪ (ବନ୍ଦନା ସେଠୀ)



ବନ୍ୟଜନ୍ତୁ ସୁରକ୍ଷା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ୱାଇଲ୍ଡଲାଇଫ ଫାଉଣ୍ଡେଶନ ପକ୍ଷରୁ ଓଡ଼ିଶାରେ ପ୍ରଥମ ଘରଚଟିଆ ଗଣନା କରାଯାଇଛି। ୨୦୨୫-୨୬ରେ କରାଯାଇଥିବା ଏହି ଗଣନା ଅନୁସାରେ, ସମଗ୍ର ରାଜ୍ୟରେ ମୋଟ ୮୩,୫୭୬ଟି ଘରଚଟିଆ ଚିହ୍ନଟ କରାଯାଇଛି। ସବୁଠାରୁ ଅଧିକ ସଂଖ୍ୟକ ଅର୍ଥାତ୍ ୩୦,୦୦୦ରୁ ଊର୍ଦ୍ଧ୍ୱ ଘରଚଟିଆ ସୋନପୁର ଜିଲାରେ ଦେଖିବାକୁ ମିଳିଛି। ସେହିପରି ଓଡ଼ିଶାର ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ଘରଚଟିଆଙ୍କ ସଂଖ୍ୟା ଅନେକ କମ୍ ଥିବାବେଳେ ପଶ୍ଚିମ ଓଡ଼ିଶାରେ ସେମାନଙ୍କ ସଂଖ୍ୟା ଅଧିକ ରହିଥିବା ଗଣନାରୁ ଜଣାପଡ଼ିଛି। ଏ ନେଇ ୱାଇଲ୍ଡଲାଇଫ ଫାଉଣ୍ଡେଶନର ସଂସ୍ଥାପକ ପ୍ରମୋଦ ଡାଲ କହିଛନ୍ତି, ଏହି ଗଣନାରୁ ଘରଚଟିଆଙ୍କ ବିତରଣରେ ଅଞ୍ଚଳଭିତ୍ତିକ ପାର୍ଥକ୍ୟ ସ୍ପଷ୍ଟ ହୋଇଛି। ପଶ୍ଚିମ ଓଡ଼ିଶାରେ ସେମାନଙ୍କ ପ୍ରଜାତି ଅଧିକ ଥିବାବେଳେ, ଉପକୂଳ ଅଞ୍ଚଳରେ ସଂଖ୍ୟା କମ୍ ରହିଛି। ଏହି ଗଣନା ମୟୂରଭଞ୍ଜ, ଗଞ୍ଜାମ, ଖୋର୍ଦ୍ଧା, କୋରାପୁଟ, ସମ୍ବଲପୁର, ବଲାଙ୍ଗୀର, ଝାରସୁଗୁଡ଼ା, କଟକ, ପୁରୀ, କେନ୍ଦ୍ରାପଡ଼ା, ଜଗତସିଂହପୁର, ଭଦ୍ରକ ଏବଂ ବାଲେଶ୍ୱର ଭଳି ଜଲାରେ କରାଯାଇଥିଲା। ଓଡ଼ିଶାରେ ଘରଚଟିଆଙ୍କ ସଂଖ୍ୟା ସମ୍ବନ୍ଧୀୟ ମୂଳ ତଥ୍ୟ ସଂଗ୍ରହ କରିବାକୁ ଲକ୍ଷ୍ୟ ରହିଛି। ଏକ ସମୟରେ ସହର ଅଞ୍ଚଳରେ ମଧ୍ୟ ସାଧାରଣ ଭାବେ ଦେଖାଯାଉଥିବା ଏହି ପକ୍ଷୀ ବାସସ୍ଥାନ ନ ମିଳିବା, ସହରୀକରଣ, ପ୍ରଦୂଷଣ ଆଦି କାରଣ ପାଇଁ ବିଶ୍ୱସ୍ତରରେ କମିଯାଉଥିବା ସୂଚନା ଦିଆଯାଇଛି।

## ରଥଖଳାରୁ...



ରଥଖଳାରେ ଶନିବାର ତୁମ୍ବର ଗୋଲେଇ କାର୍ଯ୍ୟ କରାଯାଉଛି। (ଫଟୋ-ଯଜ୍ଞେଶ୍ୱର ମହାନ୍ତି)

# ୪୨ ତୁମ୍ବର ଗୋଲେଇ କାର୍ଯ୍ୟ ଶେଷ

ପୁରୀ,୨୫।୪

(ଅଜିତ୍ କୁମାର ମହାନ୍ତି)

**ଆଜି ହେବ ବିନ୍ଧ ଅନୁକୂଳ**

ଘୋଷଯାତ୍ରା ନିମନ୍ତେ ଶ୍ରୀନଅର ସ୍ଥିତ ଅସ୍ଥାୟୀ ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଶନିବାର ପଞ୍ଚମ ଦିନରେ ପହଞ୍ଚିଛି। ୩ ରଥର ମୋଟ ୪୨ଟି ତୁମ୍ବର ଗୋଲେଇ କାର୍ଯ୍ୟ ଶେଷ ହେବା ସହ ତୁମ୍ବ ବିନ୍ଧ ପାଇଁ ତୁମ୍ବଗୁଡ଼ିକରେ ସୂତାବାଡ଼ିଆ କାର୍ଯ୍ୟ ଶେଷ ହୋଇଛି। ଶନିବାର ସୁଦ୍ଧା ତିନିରଥର ମୋଟ ୪୨ଟି ତୁମ୍ବର ଗୋଲେଇ କାର୍ଯ୍ୟ ଶେଷ ହୋଇଛି। ରବିବାର ସକାଳେ ତୁମ୍ବ ବିନ୍ଧ ଅନୁକୂଳ ପୂଜା ସହ ତୁମ୍ବଗୁଡ଼ିକର ବିନ୍ଧ କାର୍ଯ୍ୟ ଆରମ୍ଭ ହେବ। ଏଥିପାଇଁ ୩ ରଥର ଦୁଇଟି ଲେଖାଏଁ ତୁମ୍ବର ବିନ୍ଧ ଅନୁକୂଳ ପୂଜା ପାଇଁ ପୂର୍ବ ପ୍ରସ୍ତୁତି ପାଇଁ ଶନିବାର ରଥଖଳା ବେଶ୍ ଚଳଚଞ୍ଚଳ ହୋଇଯାଇଛି। ତିନିରଥ ମୁଖ୍ୟ ମହାରଣାମାନେ ନିଜ ନିଜର ସାଥୀ ମହାରଣା ସେବକ ଭାଇଙ୍କ ସହ ମିଶି ମାପ ପ୍ରକାରେ ତୁମ୍ବଗୁଡ଼ିକର ସୂତାବାଡ଼ିଆ କାର୍ଯ୍ୟ ଶେଷ କରିଛନ୍ତି। ମଧ୍ୟାହ୍ନରେ ରତ୍ନଭଣ୍ଡାର ଓଏସ୍‌ଡି ଜିତେନ୍ଦ୍ର କୁମାର ସାହୁ ରଖଖଳା ପରିଦର୍ଶନ କରିବା ସହ ନିର୍ମାଣ କାର୍ଯ୍ୟ ଅଗ୍ରଗତି ସମ୍ପର୍କରେ ବୁଝିଥିଲେ। ଭୋଇ ସର୍ଦ୍ଦାର ରବି ଭୋଇ ୩ ରଥର ସମସ୍ତ ତୁମ୍ବଗୁଡ଼ିକର ଗୋଲେଇ କାର୍ଯ୍ୟ ଶେଷ ପରେ ସୂତାବାଡ଼ିଆ କାର୍ଯ୍ୟ ଚାଲୁ ରହିଛି। ଦୋଳବେଦୀ ସ୍ଥିତ ଅସ୍ଥାୟୀ କମାରଶାଳରେ ୩ ରଥର କମାର ସେବକମାନେ ଅର କଣ୍ଟା ପ୍ରସ୍ତୁତି ଜାରି ରଖିଛନ୍ତି।

## ମା'ଦକ୍ଷିଣେଶ୍ୱରୀଙ୍କ ସୁନାରୁପା ଅଳଙ୍କାର ଚୋରି

ବାଲିପାଟଣା,୨୫।୪(ଅଭିମନ୍ୟୁ ନାୟକ)

ବାଲିପାଟଣା ଥାନା ଅଧୀନ ବିଶ୍ୱନାଥପୁରସ୍ଥିତ ମା'ଦକ୍ଷିଣେଶ୍ୱରୀଙ୍କ ମନ୍ଦିରରୁ ଶୁକ୍ରବାର ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ମନ୍ଦିରର ମୁଖ୍ୟ ଫାଟକ ତାଲା ଭାଙ୍ଗି ଭିତରକୁ ପ୍ରବେଶ କରିବା ସହିତ ମା'ଙ୍କ ବିଗ୍ରହରୁ ସୁନା ଚିତା ଓ ରୁପା ଆଖି ଲୁଟି ନେଇଯାଇଛନ୍ତି। ପୂଜକ ଲକ୍ଷ୍ମଣ କୁମାର ପଣ୍ଡା ଶନିବାର ସକାଳେ ମନ୍ଦିରକୁ ଆସିଥିବା ବେଳେ ମୁଖ୍ୟ ଦ୍ୱାରର ତାଲା ଭାଙ୍ଗି ଯାଇଥିବା ଦେଖି ସନ୍ଦେହ କରିଥିଲେ। ପରେ ସ୍ଥାନୀୟ ଲୋକଙ୍କୁ ଏନେଇ ଜଣାଇବା ସହ ମନ୍ଦିର ଖୋଲିବା ପରେ ମା'ଙ୍କ ବିଗ୍ରହରୁ ସୁନା ଓ ରୁପା ଅଳଙ୍କାର ନ ଥିବା ଦେଖିବାକୁ ମିଳିଥିଲା। ଏନେଇ ଥାନାରେ ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ ଚଳାଇଛି।

## ସ୍ତ୍ରୀଙ୍କୁ କମେଣ୍ଟ, ସ୍ୱାମୀଙ୍କୁ ଆକ୍ରମଣ: ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୨୫।୪ (ପ୍ରସନଜିତ୍ ସାହୁ)

ଜଣେ ମହିଳାଙ୍କୁ କମେଣ୍ଟ ମାରିବା ସହ ତାଙ୍କ ସ୍ୱାମୀଙ୍କୁ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ଜଟଣୀ ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେହେଲେ ଗଜପତି ନଗର ରାଜା ବଜାର ଅଞ୍ଚଳର ଏସ୍. କେ. ଇବ୍ରାହିମ୍। ପୋଲିସ ଇବ୍ରାହିମଙ୍କୁ କୋର୍ଟ ଚାଲାଣ କରିଛି।

ପ୍ରକାଶ ଯେ, ଗତ ୭ ତାରିଖରେ ଦୁର୍ଗା ବେହେରା ମନ୍ଦିର ଯାଉଥିବା ସମୟରେ ଏସ୍‌କେ ସଦ୍ଦାମ, ରୁବେନ, ମୋଗଲି ଏବଂ ରାଜୁ ନାମକ ଅଭିଯୁକ୍ତ ତାଙ୍କୁ କମେଣ୍ଟ ମାରିଥିଲେ। ସେ ପ୍ରତିବାଦ କରିବାରୁ ସେମାନେ ତାଙ୍କୁ ଆକ୍ରମଣ କରିଥିଲେ। ଏହାକୁ ନେଇ ଦୁର୍ଗା ଜଟଣୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ. ୧୬୬/୨୦୨୬) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ମାମଲା ବିଷୟରେ ଜାଣିବା ପରେ ଅଭିଯୁକ୍ତମାନେ ରାଗି ଯାଇ ଗତ ୨୨ତାରିଖ ସନ୍ଧ୍ୟା ୭ଟାରେ ଦୁର୍ଗାଙ୍କ ସ୍ୱାମୀ ସିଦ୍ଧାନ୍ତ ବେହେରାଙ୍କୁ ରାଜା ବଜାରର ଏସ୍.କେ. ସଦ୍ଦାମ, ତାଙ୍କ ସାନଭାଇ ଇମନ୍ତୁ, ମାଟା, ରୁବେନ ନାୟକ ଏବଂ ଅନ୍ୟ ଇବ୍ରାହିମ୍ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏହାପରେ ସେମାନେ ତାଙ୍କ ମୁଣ୍ଡରେ ବନ୍ଧୁକ ଦ୍ୱାରା ଆଘାତ କରି ମାଡ଼ ମାରିବାରୁ ସେ ତଳେ ପଡ଼ି ଯାଇଥିଲେ। ତଳେ ପଡ଼ିଯାଇଥିବା ଅବସ୍ଥାରେ ଅଭିଯୁକ୍ତମାନେ ତାଙ୍କୁ ଚାପଡ଼ରେ ଆକ୍ରମଣ କରିବାରୁ ସେ ଘଟଣାସ୍ଥଳରେ ରକ୍ତାକ୍ତ ଅବସ୍ଥାରେ ପଡ଼ି ରହିଥିଲେ। ଏହାପରେ କେତେଜଣ ସ୍ଥାନୀୟ ଲୋକ ତାଙ୍କୁ ଜଟଣୀ ମେଡିକାଲକୁ ନେଇଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ଡାକ୍ତର ସିଦ୍ଧାନ୍ତଙ୍କୁ ଏମ୍‌ସ ସ୍ଥାନାନ୍ତର କରିଥିଲେ। ଅଭିଯୋଗକାରିଣୀ ଗର୍ଭବତୀ ଥିବାରୁ ସେ ଗଜପତି ନଗରରେ ଥିବା ତାଙ୍କ ବାପଘରକୁ ଯାଇଥିଲେ। ତେବେ ଥାନାରେ କୌଣସି ଅଭିଯୋଗ କଲେ ତାଙ୍କୁ ଏବଂ ତାଙ୍କ ପରିବାର ସଦସ୍ୟଙ୍କୁ ମାରି ଦିଆଯିବ ବୋଲି ଅଭିଯୁକ୍ତ ସଦ୍ଦାମଙ୍କ ସ୍ତ୍ରୀ ଫରିଦା ବେଗମ ଓରଫ କାଜଲ ତାଙ୍କ ବାପଘରକୁ ଆସି ଧମକ ଦେଇଥିଲେ। ତଦନ୍ତ ସମୟରେ ଅଭିଯୁକ୍ତ ଇବ୍ରାହିମ୍‌ଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଇବ୍ରାହିମ ଅଭ୍ୟାସଗତ ଅପରାଧୀ ହୋଇଥିବାବେଳେ ପୂର୍ବରୁ ତାଙ୍କ ନାମରେ ଜଟଣୀ ଥାନାରେ ୫ଗୋଟି ଭିନ୍ନ ଆପରାଧିକ ମାମଲା ରହିଥିବା ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି।

## ଖଣ୍ଡା, ଲୁହାରଡ଼୍‌ରେ ମରଣାନ୍ତକ ଆକ୍ରମଣ, ଜଣେ ଗିରଫ

ଭୁବନେଶ୍ୱର, ୨୫।୪ (ପ୍ରସନଜିତ୍ ସାହୁ)

ଘରେ ପଶି ଖଣ୍ଡାରେ ଆକ୍ରମଣ ଅଭିଯୋଗରେ ଖଣ୍ଡଗିରି ଥାନା ପୋଲିସ ଶନିବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେହେଲେ ବରାବାରି ଗ୍ରାମର ଉଦିତ କୁମାର ବେହେରା। ଉକ୍ତ ଗ୍ରାମର ବିଶ୍ୱମୋହନ ବେହେରା ପୂର୍ବରୁ ଡ୍ରେନେଜ୍ କାମ ପାଇଁ ତାଙ୍କ ଘର ସାମ୍ନାରେ ରାସ୍ତାର ଏକ ଅଂଶ ଖୋଳିଥିଲେ, ଯାହାକୁ ସେହି ଗ୍ରାମର ଅରୂପାନନ୍ଦ ବିଶ୍ୱାଳ ବିରୋଧ କରିଥିଲେ। ଗତ ୨୩ ତାରିଖରେ ରାସ୍ତା କାମ ସମୟରେ ଅରୂପାନନ୍ଦଙ୍କ ସ୍ତ୍ରୀ ଯଶୋଦା ବିଶ୍ୱାଳ ମଧ୍ୟ ପ୍ରତିବାଦ କରିଥିଲେ। ପ୍ରତିବାଦ ସତ୍ତ୍ୱେ କାମ ଚାଲୁ ରହିବାରୁ ପ୍ରମାଣ ପାଇଁ ସେ ଫଟୋ ଉଠାଇ ଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ରାତି ପ୍ରାୟ ୮ ଟା ୩୦ରେ ବିଶ୍ୱମୋହନ, ସ୍ତ୍ରୀ ଆଲିମା ବେହେରା ଏବଂ ପୁଅ ଆକାଶ ବେହେରା ମିଳିତଭାବେ ଅରୂପାନନ୍ଦଙ୍କ ଘରେ ପହଞ୍ଚି ତାଙ୍କ ସହ ପରିବାର ସଦସ୍ୟଙ୍କୁ ଖରାପ ଭାଷାରେ ଗାଳିଗୁଲଜ କରିବାରୁ ଝଗଡ଼ା ଆରମ୍ଭ ହୋଇଥିଲା। ପରେ ଆଲିମାଙ୍କ ସହ ତାଙ୍କ ୨ ସହଯୋଗୀ ଉଦିତ ଏବଂ ଅନ୍ୟ ଜଣେ ଖଣ୍ଡା ଏବଂ ଲୁହା ରଡରେ ଅରୂପାନନ୍ଦ ଏବଂ ତାଙ୍କ ଭାଇ ହାଡିବନ୍ଧୁ ବିଶ୍ୱାଳଙ୍କୁ ଆକ୍ରମଣ କରିଥିଲେ। ପ୍ରତିବାଦ କରିବାରୁ ଅରୂପାନନ୍ଦଙ୍କ ସ୍ତ୍ରୀ ଏବଂ ମା'ଙ୍କୁ ସେମାନେ ଆକ୍ରମଣ କରିଥିଲେ। ଅରୂପାନନ୍ଦଙ୍କ ଅଭିଯୋଗ ଆଧାରରେ ଖଣ୍ଡଗିରି ଥାନା ପୋଲିସ ଏକ ମାମଲା ରୁଜୁ କରି ଉଦିତଙ୍କୁ ଗିରଫ କରିବା ସହିତ କୋର୍ଟ ଚାଲାଣ କରିଛି।

# ଜଳିଗଲା କାର୍

ଯାଁଳା,୨୫।୪(ବୁଲା ବାରିକ)



ଯାଁଳା ସ୍ଥିତ ୧୬ନମ୍ବର ଜାତୀୟ ରାଜପଥ ପାର୍ଶ୍ୱ କ୍ରିଷ୍ଣା ପ୍ରିୟା ଆପାର୍ଟମେଣ୍ଟଠାରେ ଥିବା ଏକ କାର୍(ଓଡି ୦୨କେ ୪୬୪୮) ଶନିବାର ଜଳିଯାଇଛି। ଏହି ଅଗ୍ନିକାଣ୍ଡରେ କାର୍‌ର ସମ୍ମୁଖଭାଗ ଜଳି ଯାଇଥିବା ବେଳେ ଏଥିରେ କାହାର କିଛି କ୍ଷୟକ୍ଷତି ହୋଇ ନ ଥିବା ଜଣାପଡ଼ିଛି। ଶର୍ଟସର୍କିଟରୁ ନିଆଁ ଲାଗିଥିବା ଅନୁମାନ କରାଯାଉଛି। ଖବରପାଇ ଜଟଣୀ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଦୀପକ



@ ଗୁରୁ



@ ଈପ୍‌ସିତା



@ ଶିବରାମ୍



@ ଆୟୁଷ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଯୋଗାଣ ବିଭାଗର ଚଢ଼ାଉ: ୧୬ ଗ୍ୟାସ୍ ସିଲିଣ୍ଡର ଜବତ

ବାଙ୍କୀ,୨୫।୪

(ଶୁଭେନ୍ଦୁ ମହାପାତ୍ର)

ବେଆଇନ ଭାବେ ଏଲ୍‌ପିଜି ଗ୍ୟାସ୍ ସିଲିଣ୍ଡର ରଖି ବେପାର କରୁଥିବା ଅଭିଯୋଗରେ ଶନିବାର ଯୋଗାଣ ବିଭାଗ ପକ୍ଷରୁ କଟକ ଜିଲା ବାଙ୍କୀ ଥାନା ଅନ୍ତର୍ଗତ ସୁବର୍ଣ୍ଣପୁର ଗ୍ରାମରେ ଚଢ଼ାଉ କରାଯାଇଛି। ଏହି ଅଭିଯୋଗରେ ୧୬ ଘରୋଇ ସିଲିଣ୍ଡର ଜବତ କରାଯାଇଛି। ଯୋଗାଣ ବିଭାଗ ଓ ସୁବର୍ଣ୍ଣପୁର ବିଟ୍ ହାଉସ ପୋଲିସର ମିଳିତ ସହଯୋଗରେ ଏହି ଚଢ଼ାଉ ହୋଇଥିଲା।

ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରେ ବେଆଇନ ଭାବେ ଗ୍ୟାସ ଗଚ୍ଛିତ ରଖାଯାଇଥିବା ନେଇ ଅଭିଯୋଗ ହେବାପରେ ଯୋଗାଣ ବିଭାଗ ପକ୍ଷରୁ ଉପରୋକ୍ତ ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉ ବେଳେ ପୋଲିସ ସେଠାରୁ ୧୨ଟି ପୂର୍ଣ୍ଣ ଗ୍ୟାସ ସିଲିଣ୍ଡର ସହ ୪ଟି ଖାଲି ସିଲିଣ୍ଡର ଜବତ କରିଛି। ଆଠଗଡ଼ ଯୋଗାଣ ଅଧିକାରୀ ବିଷ୍ଣୁ ଚରଣ ପରିଡା, ଜିଲା ସଦର ଯୋଗାଣ ବିଭାଗ ଅଧିକାରୀ ଦେବୀ ପ୍ରସାଦ ଦାସ, ବାଙ୍କୀ ଯୋଗାଣ ବିଭାଗ ନିରୀକ୍ଷଣ ଅଧିକାରୀ ଚିନ୍ମୟୀ କାଣ୍ଡି , ସୁବର୍ଣ୍ଣପୁର ବିଟ୍ ହାଉସ ଅଧିକାରୀ ସମ୍ଭିତ କୁମାର ସ୍ୱାଇଁ ପ୍ରମୁଖ ଏହି ଚଢ଼ାଉରେ ସାମିଲ ହୋଇଥିଲେ। ଆଗାମୀ ଦିନରେ ବେଆଇନ ଏଲ୍‌ପିଜି କଳାବଜାର କରୁଥିବା ବ୍ୟବସାୟୀମାନଙ୍କ ଉପରେ ନଜର ରଖାଯିବ। ଏହି ମାମଲା ଜିଲାପାଳଙ୍କ ପାଖରେ ଦାଖଲ କରାଯିବ ବୋଲି ଆଠଗଡ଼ ଯୋଗାଣ ଅଧିକାରୀ ବିଷ୍ଣୁ ଚରଣ ପରିଡା ସୂଚନା ଦେଇଛନ୍ତି।



ଯୋଗାଣ ବିଭାଗ ପକ୍ଷରୁ ଚଢ଼ାଉ କରଯାଇ ଜବତ କରାଯାଇଥିବା ଗ୍ୟାସ ସିଲିଣ୍ଡର।

# ରଥଯାତ୍ରାରେ କମାଇ ଦିଆଯିବ କର୍ଡନ ପାସ୍

ଭୁବନେଶ୍ୱର, ୨୫।୪(ସୁନିତ୍ ମିଶ୍ର)

ଆସନ୍ତା ଜୁଲାଇରେ ହେବାକୁ ଥିବା ରଥଯାତ୍ରାକୁ ନେଇ ୪ର୍ଥ ପ୍ରସ୍ତୁତି ବୈଠକ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଗତ ବୈଠକରେ ହୋଇଥିବା ନିଷ୍ପତ୍ତିଗୁଡ଼ିକ କେତେଦୂର କାର୍ଯ୍ୟକାରୀ କରାଯାଇଛି ସେନେଇ ସମୀକ୍ଷା ହୋଇଛି। ରଥଯାତ୍ରାର ଯଥେଷ୍ଟ ପୂର୍ବରୁ ସମସ୍ତ ପ୍ରକାର ପ୍ରସ୍ତୁତି ସାରିବାକୁ ମୁଖ୍ୟ ଶାସନ ସଚିବ ସମ୍ପୃକ୍ତ ବିଭିନ୍ନ ବିଭାଗ ଏବଂ ସଂସ୍ଥାଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ଏଥର ରଥଟଣା କିପରି ଶୃଙ୍ଖଳିତ ହେବ ତାକୁ ନେଇ ଆଲୋଚନା ହୋଇଛି। ଗତଥର କାର୍‌କେଡ୍ ପାସ୍ ଅଧିକ ହୋଇଯିବା କାରଣରୁ ରଥଟଣା ସମୟରେ ବ୍ୟାପକ ବିଶୃଙ୍ଖଳା ଦେଖାଦେଇଥିଲା। କାର୍‌କେଡ୍ ଭିତରକୁ ଏତେ ଲୋକ କିପରି ଆସିଲେ ବୋଲି ଚାରିଆଡ୍ରୁ ପ୍ରଶ୍ନ ଆସିଲା। ଏଥର ସେହି ସମସ୍ୟା ଯେପରି ନ ହେବ ସେଥିପ୍ରତି ମୁଖ୍ୟ ସଚିବ ବିଶେଷ ଧ୍ୟାନ ଦେଇଥିବା ଲକ୍ଷ୍ୟ କରାଯାଇଛି। ତେଣୁ ଏଥର କର୍ଡନ ପାସ୍ ବହୁ ପରିମାଣରେ କମାଇଦେବା ପାଇଁ ନିଷ୍ପତ୍ତି ହୋଇଥିବା ଜଣାପଡ଼ିଛି। ରଥ ନିର୍ମାଣ ଏବଂ ଆନୁଷଙ୍ଗିକ ପ୍ରସ୍ତୁତି ସମ୍ପର୍କରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ସୂଚନା ଦେଇଛନ୍ତି। ରଥ ଦଉଡ଼ି ଯେପରି ମଜଭୁତ ହେବ ସେଥିପ୍ରତି ଧ୍ୟାନଦେବାକୁ କୁହାଯାଇଛି। ଓବିସିସି ପକ୍ଷରୁ ନିର୍ମାଣାଧୀନ ଥିବା ବଲ୍ଲଭ ତୀର୍ଥଯାତ୍ରୀ କେନ୍ଦ୍ର, ଆଚାର୍ଯ୍ୟ ହରିହର ଛକର ପୁନର୍ବିକାଶ, ଦିଗବାରେଣୀଠାରେ ବହୁତଳ ପାର୍କିଂ ବ୍ୟବସ୍ଥା, ଯାତ୍ରିକ ପାର୍କିଂ-୧ର ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସେହିପରି ଶ୍ରୀଗୁଣ୍ଡିଚା ମନ୍ଦିରର ପୁନରୁଦ୍ଧାର ଓ ନବୀକରଣ କାର୍ଯ୍ୟ ରଥଯାତ୍ରା ପୂର୍ବରୁ ସାରିବା ନେଇ ପ୍ରସ୍ତୁତି ଅଗ୍ରଗତି ଘଟିଛି। ଅଧିକ ବର୍ଷା ହେଲେ ପୁରୀ ସହରକୁ ଜଳ ନିଷ୍କାସନ ବ୍ୟବସ୍ଥା ନେଇ ଯୋଜନା ସମ୍ପର୍କରେ ଉପସ୍ଥାପନ କରାଯାଇଥିଲା। ଜଳ ନିଷ୍କାସନ ଲାଗି ୨୩ଟି ସ୍ଥାନରେ ଉଚ୍ଚ କ୍ଷମତା ବିଶିଷ୍ଟ ପମ୍ପସେଟ୍ ଦ୍ୱାରା ଜଳ ନିଷ୍କାସନ ହେବ। ବଡ଼ଦାଣ୍ଡରେ ରଥଯାତ୍ରା ସମୟରେ ବିଭିନ୍ନ ସଂସ୍ଥା ପକ୍ଷରୁ ମାଗଣା ରନ୍ଧାଖାଦ୍ୟ ବଣ୍ଟନ କରାଯାଇଥିବା ଯୋଗୁ ରଥଟଣା ସମୟରେ ଅସୁବିଧା ସୃଷ୍ଟି ହେଉଛି। ଏହାଦ୍ୱାରା ବଡ଼ଦାଣ୍ଡ ମଧ୍ୟ ଅପରିଷ୍କାର ହେବାର ଅନ୍ୟତମ କାରଣ ହେଉଛି। ଫଳରେ ବଡ଼ଦାଣ୍ଡର କେତୋଟି ନିର୍ଦ୍ଦିଷ୍ଟ ସ୍ଥାନରେ ରନ୍ଧାଖାଦ୍ୟ ବଣ୍ଟନ କରାଯିବ।



ବିଏସ୍ଇ ସେନ୍‌ସେକ୍ସ
୭୬,୬୬୪ (-୯୯୯)



୧ ଡଲାର = ୯୪.୨୫ ଟଙ୍କା



ବ୍ରେଣ୍ଟ କ୍ରୁଡ୍ ଅଏଲ୍
(ପ୍ରତି ବ୍ୟାରେଲ୍)
୧୦୫.୩ ଡଲାର

# ଡିଜିଟାଲ ୱାଲେଟ୍ ପାଇଁ ବଦଳିବ ନିୟମ

## ଆରବିଆଇ ପକ୍ଷରୁ କଡ଼ା ମାର୍ଗଦର୍ଶିକା ପ୍ରସ୍ତାବ

ନୂଆଦିଲ୍ଲୀ, ୨୫।୪ (ଆଇଏଏନ୍ଏସ୍)

ଦେଶରେ ଡିଜିଟାଲ କାରବାରକୁ ଅଧିକ ସୁରକ୍ଷିତ ଏବଂ ସ୍ୱଚ୍ଛ କରିବା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ବଡ଼ ପଦକ୍ଷେପ ନେଇଛି। ଡିଜିଟାଲ ୱାଲେଟ୍ ଏବଂ ପ୍ରିପେଡ୍ କାର୍ଡ (ପିପିଆଇ) ବ୍ୟବହାର କରୁଥିବା ଗ୍ରାହକଙ୍କ ସୁରକ୍ଷା ପାଇଁ ଆର୍‌ବିଆଇ ନୂତନ 'ଡ୍ରାଫ୍ଟ ମାଷ୍ଟର ଡାଇରେକ୍ସନ' ଜାରି କରିଛି।

ପ୍ରସ୍ତାବିତ ନିୟମ ଅନୁଯାୟୀ, ଜେନେରାଲ ପର୍ପଜ୍ ପ୍ରିପେଡ୍ ୱାଲେଟ୍‌ରେ ଜଣେ ଗ୍ରାହକ ସର୍ବାଧିକ ୨ ଲକ୍ଷ ଟଙ୍କା ରଖିପାରିବେ। ତେବେ ନଗଦ ଟଙ୍କା ମାଧ୍ୟମରେ ୱାଲେଟ୍ ଲୋଡ୍ କରିବାର ସୀମା ମାସିକ ୧୦,୦୦୦ ଟଙ୍କାକୁ ସୀମିତ ରଖାଯାଇଛି। ସେହିପରି ଯେଉଁ



ଅଣ-ବ୍ୟାଙ୍କିଙ୍ଗ୍ ସଂସ୍ଥାଗୁଡ଼ିକ ୱାଲେଟ୍ ସେବା ଯୋଗାଇଦେବାକୁ ଚାହୁଁଛନ୍ତି, ସେମାନଙ୍କର ସର୍ବନିମ୍ନ ନେଟ୍-ୱର୍ଥ ୫ କୋଟି ଟଙ୍କା ହେବା ଆବଶ୍ୟକ। କାର୍ଯ୍ୟ ଆରମ୍ଭ କରିବାର ତୃତୀୟ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଏହାକୁ ୧୫ କୋଟି ଟଙ୍କାକୁ ବୃଦ୍ଧି କରିବାକୁ ପଡ଼ିବ। ଗ୍ରାହକଙ୍କଠାରୁ ସଂଗୃହୀତ ସମସ୍ତ ଅର୍ଥକୁ କମ୍ପାନୀଗୁଡ଼ିକ ଏକ ପୃଥକ୍ 'ଏସ୍କ୍ରୋ ଆକାଉଣ୍ଟ'ରେ ରଖିବାକୁ ବାଧ୍ୟତାମୂଳକ କରାଯାଇଛି, ଯାହାକି କୌଣସି ବାଣିଜ୍ୟିକ ବ୍ୟାଙ୍କରେ ରହିବ। ଏସ୍କ୍ରୋ ଆକାଉଣ୍ଟ ହେଉଛି ସୁରକ୍ଷିତ ମଧ୍ୟସ୍ଥ ଆକାଉଣ୍ଟ। ଏହା ଏକ ପ୍ରକାର ଅସ୍ଥାୟୀ ବ୍ୟାଙ୍କ ଆକାଉଣ୍ଟ, ଯେଉଁଠାରେ ଦୁଇଜଣଙ୍କ ମଧ୍ୟରେ କାରବାର ଚାଲିଥିବା ସମୟରେ ତୃତୀୟ ପକ୍ଷ (ଏକ ବିଶ୍ୱସ୍ତ ବ୍ୟାଙ୍କ) ଟଙ୍କାକୁ ସୁରକ୍ଷିତ ଭାବେ ଧରି ରଖିଥାଏ।

ସେହିପରି କୌଣସି କାରଣରୁ କାରବାର ବିଫଳ ହେଲେ, ତୁରନ୍ତ ଗ୍ରାହକଙ୍କ ୱାଲେଟ୍‌କୁ ଟଙ୍କା ଫେରସ୍ତ କରାଯିବ। ଏହା ସହିତ ୱାଲେଟ୍‌ର ସମସ୍ତ ନିୟମ ଓ ଶୁଳ୍କ ବିଷୟରେ ଇଂଲିଶ, ହିନ୍ଦୀ ଏବଂ ଆଞ୍ଚଳିକ ଭାଷାରେ ସୂଚନା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଟ୍ରାଞ୍ଜିଟ ପିପିଆଇ (ଯେପରିକି ମେଟ୍ରୋ କାର୍ଡ) ପାଇଁ ସୀମା ୩,୦୦୦ ଟଙ୍କା ରଖାଯାଇଥିବାବେଳେ ଅନ୍ୟ କେତେକ କ୍ଷେତ୍ରରେ ମାସିକ ସର୍ବାଧିକ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରିବାର ସୁବିଧା ମିଳିବ।

ଆର୍‌ବିଆଇ ଏହି ପ୍ରସ୍ତାବ ଉପରେ ଜନସାଧାରଣ ଏବଂ ସଂଶ୍ଲିଷ୍ଟ ପକ୍ଷମାନଙ୍କଠାରୁ ଆସନ୍ତା ମେ ୨୨ ସୁଦ୍ଧା ମତାମତ ଲୋଡ଼ିଛି। ଏହା ପରେ ଚୂଡ଼ାନ୍ତ ନିୟମ ଲାଗୁ କରାଯିବ। ଏହି ନୂତନ ନିୟମ ଦ୍ୱାରା ଡିଜିଟାଲ ପେମେଣ୍ଟ କ୍ଷେତ୍ରରେ ହେଉଥିବା ଜାଲିଆତି ରୋକାଯାଇପାରିବ ଏବଂ ଗ୍ରାହକମାନେ ଅଧିକ ସୁରକ୍ଷିତ ଭାବେ ୱାଲେଟ୍ ବ୍ୟବହାର କରିପାରିବେ ବୋଲି ଆଶା କରାଯାଉଛି।

# ଚାଉଳ ରପ୍ତାନି ପ୍ରଭାବିତ

ଭୁବନେଶ୍ୱର,୨୫।୪(ଅନୁରାଧା ମହାରଣା)

ଆମେରିକା ଏବଂ ଇରାନ ମଧ୍ୟରେ ଚାଲିଥିବା ଉତ୍ତେଜନା ବିଶ୍ୱ ବଜାରକୁ ବାଧାପ୍ରାପ୍ତ କରିଛି। ଏହା ମଧ୍ୟରେ ଚାଉଳ ରପ୍ତାନି ମଧ୍ୟ ପ୍ରଭାବିତ ହେବାରେ ଲାଗିଛି। ବାଣିଜ୍ୟ ମନ୍ତ୍ରଣାଳୟ ଅନୁଯାୟୀ, ମଧ୍ୟପ୍ରାଚ୍ୟ ସମେତ ଅନେକ ପଥରେ ଯୋଗାଣ ହ୍ରାସ ପାଇଛି, ଯାହା ଫଳରେ ରପ୍ତାନିରେ ବଡ଼ ହ୍ରାସ ଘଟିଛି। ଭାରତ ବିଶ୍ୱସ୍ତରରେ ଚାଉଳର ଏକ ପ୍ରମୁଖ ଉତ୍ପାଦକ, ମାତ୍ର ବର୍ତ୍ତମାନର ପରିସ୍ଥିତିକୁ ଦୃଷ୍ଟିରେ ରଖି ଏହି ବଜାର ସ୍ଥିର ଥିବା ପରି ମନେହେଉଛି। ବାଣିଜ୍ୟ ମନ୍ତ୍ରଣାଳୟର ଏକ ସାମ୍ପ୍ରତିକ ରିପୋର୍ଟ ଅନୁଯାୟୀ, ୨୦୨୫-୨୬ ଆର୍ଥିକ ବର୍ଷରେ ଚାଉଳ ରପ୍ତାନି ୭.୫% ହ୍ରାସ ପାଇ ୧୧.୩୩ ବିଲିୟନ ଡଲାର ହେବ ବୋଲି ଆକଳନ କରାଯାଇଛି। ମାର୍ଚ୍ଚ ମାସରେ ରପ୍ତାନି ୧୫.୩୬ ପ୍ରତିଶତ ହ୍ରାସ ପାଇ ୯୧୭.୫ ନିୟୁତ ଡଲାର ହୋଇଛି। ଇରାନ ଭାରତରୁ ସର୍ବାଧିକ ପରିମାଣର ବାସ୍‌ମତି ଚାଉଳ କିଣେ। ମାତ୍ର ବର୍ତ୍ତମାନର ପରିସ୍ଥିତିକୁ ଦୃଷ୍ଟିରେ ରଖି ଅର୍ଡର ପ୍ରବାହ, ପେମେଣ୍ଟ ପ୍ରବାହ ଏବଂ ପଠାଇବା ସମୟସୂଚୀ ଉପରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପଡ଼ୁଛି। ମଧ୍ୟପ୍ରାଚ୍ୟର ଦେଶ ଯେପରିକି ଇରାକ, ୟୁଏଇ, ସାଉଦି ଆରବ ଏବଂ ଓମାନକୁ ଯୋଗାଣ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭାବରେ ପ୍ରଭାବିତ ହେଉଛି। ରିପୋର୍ଟରେ ଏହା ମଧ୍ୟ ସୂଚାଇଆଯାଇଛି ଯେ ଚାଉଳ ଆମଦାନୀ ଗ୍ରହଣ କରୁଥିବା ଦେଶଗୁଡ଼ିକ ବର୍ତ୍ତମାନର ପରିସ୍ଥିତି ଯୋଗୁ ଦେୟ ଦେବାକୁ ଅସମର୍ଥତା ପ୍ରକାଶ କରିଛନ୍ତି, ଯାହା ରପ୍ତାନିକାରୀଙ୍କ ମଧ୍ୟରେ ଉତ୍ତେଜନା ସୃଷ୍ଟି କରିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ଭାରତ ୧୨.୫ ବିଲିୟନ ଆମେରିକୀୟ ଡଲାର ମୂଲ୍ୟର ୨୦.୧ ନିୟୁତ ଟନ୍ ଚାଉଳ ରପ୍ତାନି କରିଥିଲା, ଯାହା ୧୭୨ରୁ ଅଧିକ ଦେଶରେ ପହଞ୍ଚିଥିଲା। ଭାରତକୁ ଚାଉଳର ସର୍ବବୃହତ୍ ଉତ୍ପାଦକ ଏବଂ ରପ୍ତାନିକାରୀ ଭାବରେ ବିବେଚନା କରାଯାଏ। ୨୦୨୪-୨୫ ରେ ଏହା ପ୍ରାୟ ୪୭ ନିୟୁତ ହେକ୍ଟର ଜମିରୁ ପ୍ରାୟ ୧୫୦ ନିୟୁତ ଟନ୍ ଚାଉଳ ଉତ୍ପାଦନ କରିଥିଲା, ଯାହା ବିଶ୍ୱ ଉତ୍ପାଦନର ପ୍ରାୟ ୨୮%।

# ଆଦାନୀଙ୍କ ସମ୍ପତ୍ତି ୧୦୬ ବିଲିୟନ ଡଲାର

ନୂଆଦିଲ୍ଲୀ, ୨୫।୪(ଅନୁରାଧା ମହାରଣା)

ଭାରତର ପ୍ରମୁଖ ଶିଳ୍ପପତି ଗୌତମ ଆଦାନୀଙ୍କ ସମ୍ପତ୍ତିରେ ବଡ଼ ବୃଦ୍ଧି ଘଟିଛି। ବ୍ଲୁମ୍‌ବର୍ଗ ବିଲିୟନେୟାର୍ସ ଇଣ୍ଡେକ୍ସ ଅନୁଯାୟୀ ତାଙ୍କର ସମ୍ପତ୍ତି ପ୍ରାୟ ୧୦୬ ବିଲିୟନ ଡଲାରରେ ପହଞ୍ଚିଛି, ଯାହା ତାଙ୍କୁ ବିଶ୍ୱର ସବୁଠାରୁ ଧନୀ ବ୍ୟକ୍ତିଙ୍କ ତାଲିକାରେ ୧୭ତମ ସ୍ଥାନରେ ରଖିଛି। ସେ ୧୦୦ ବିଲିୟନ ଡଲାରରୁ ଅଧିକ ସମ୍ପତ୍ତି ଥିବା ଲୋକଙ୍କ ସ୍ୱତନ୍ତ୍ର କ୍ଲବ୍‌ରେ ସାମିଲ ହୋଇଛନ୍ତି ଏବଂ ବିଶ୍ୱର ୧୮ତମ ଧନୀ ବ୍ୟକ୍ତି। ବ୍ଲୁମ୍‌ବର୍ଗ ବିଲିୟନେୟାର୍ସ ଇଣ୍ଡେକ୍ସ ଅନୁଯାୟୀ ଗୋଟିଏ ଦିନରେ ଗୌତମ ଆଦାନୀଙ୍କ ସମ୍ପତ୍ତି ପ୍ରାୟ ୭.୧୬ ବିଲିୟନ ଡଲାର କିମ୍ବା ପ୍ରାୟ ୫୯,୦୦୦ କୋଟି ଟଙ୍କା ବୃଦ୍ଧି ପାଇଛି। ପରବର୍ତ୍ତୀ ସମୟରେ ତାଙ୍କର ସମ୍ପତ୍ତି ୧୦୬ ବିଲିୟନ ଡଲାର ଅର୍ଥାତ୍ ୧୦ ଲକ୍ଷ କୋଟି ଟଙ୍କା ବୃଦ୍ଧି ପାଇ ତାଙ୍କୁ ବିଶ୍ୱର ସବୁଠାରୁ ଧନୀ ବ୍ୟକ୍ତିଙ୍କ ତାଲିକାରେ ୧୭ତମ ସ୍ଥାନରେ ରଖିଛି। ୨୦୨୬ ସୁଦ୍ଧା ତାଙ୍କର ସମ୍ପତ୍ତି ମୂଲ୍ୟ ପ୍ରାୟ ୨୧.୪ ବିଲିୟନ ଡଲାର ଅର୍ଥାତ୍ କିମ୍ବା ୨ ଲକ୍ଷ କୋଟି ଟଙ୍କା ବୃଦ୍ଧି ପାଇଛି। ଏଲନ୍ ମସ୍କ ବର୍ତ୍ତମାନ ୬୪୭ ବିଲିୟନ ଡଲାର ସମ୍ପତ୍ତି ସହିତ ବିଶ୍ୱର ସବୁଠାରୁ ଧନୀ ପଦବୀରେ ଅଛନ୍ତି।

# ମେମୁ ଟ୍ରେନ୍ ସେବା ସମୟସୂଚୀରେ ପରିବର୍ତ୍ତନ

ଭୁବନେଶ୍ୱର,୨୫।୪
(ଅନୁରାଧା ମହାରଣା)



ଯାତ୍ରୀମାନଙ୍କ ସୁବିଧା ଏବଂ ରେଳ ପରିଚାଳନାଗତ ଦକ୍ଷତା ବୃଦ୍ଧିକରିବା ପାଇଁ ଦୁଇଟି ମେମୁ ଟ୍ରେନ୍ ସେବାର ସମୟସୂଚୀକୁ ଶନିବାରଠାରୁ ସଂଶୋଧିତ କରାଯାଇଛି। ଟ୍ରେନ୍ ନମ୍ବର ୬୮୪୨୧ ଅନଗୋଳ-ପୁରୀ ମେମୁ ଏବଂ ଟ୍ରେନ୍ ନମ୍ବର ୬୮୪୩୭ ଭଦ୍ରକ-କଟକ ମେମୁ ପାଇଁ ନୂତନ ସମୟସୂଚୀ ପରିବର୍ତ୍ତନ କରାଯାଇଥିବା ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି। ଯାତ୍ରା ଆରମ୍ଭ କରିବା ପୂର୍ବରୁ ଯାତ୍ରୀମାନେ ଏନ୍‌ଟିଇଏସ୍ କିମ୍ବା ୟୁଟିଏସ୍ ଆପ୍ ମାଧ୍ୟମରେ ଟ୍ରେନ୍ ସମୟ ଯାଞ୍ଚ କରିବାକୁ ଅନୁରୋଧ କରାଯାଉଛି। ଏହି ସଂଶୋଧନ ଦ୍ୱାରା ଟ୍ରେନ୍‌ର ସମୟାନୁବର୍ତ୍ତିତା ବଜାୟ ରଖିବା ଏବଂ ବ୍ୟସ୍ତବହୁଳ ସେକ୍ସନଗୁଡ଼ିକରେ ସୁରୁଖୁରୁରେ ଟ୍ରେନ୍ ପରିଚାଳନା ସୁନିଶ୍ଚିତ କରାଯାଇପାରିବ ବୋଲି ଆଶା କରାଯାଉଛି ।

# ୱେଲ୍‌କମ୍ ହୋଟେଲରେ ଅନ୍ତର୍ଜାତୀୟ ବ୍ରାଣ୍ଡେଡ୍ ପୋଷାକ ବିକ୍ରୟ

ଭୁବନେଶ୍ୱର,୨୫।୪(ଅନୁରାଧା ମହାରଣା)

ବ୍ରାଣ୍ଡେଡ୍ ରେଡିମେଡ୍ ପୋଷାକର ଏକ ଅନ୍ତର୍ଜାତୀୟ ରପ୍ତାନି ଶୃଙ୍ଖଳା ଭୁବନେଶ୍ୱରର ଡୁମୁଡୁମାସ୍ଥିତ ୱେଲ୍‌କମ୍ ହୋଟେଲରେ ବ୍ରାଣ୍ଡେଡ୍ ପୋଷାକ ବିକ୍ରୟ ଆୟୋଜନ କରିଛି । କମ୍ପାନୀ ସିଲେଇ ମୂଲ୍ୟରେ ସମସ୍ତ ଷ୍ଟକ୍ ବିକ୍ରି କରିବ। ଏହି ସେଲ୍‌ରେ ସମଗ୍ର ପରିବାର ପାଇଁ ରେଡିମେଡ୍ ଏବଂ ବିବାହ ଋତୁ ପାଇଁ ସମସ୍ତ ନୂଆ କଲେକ୍ସନ ଉପଲବ୍ଧ କରାଯାଇଛି। ଭୁବନେଶ୍ୱରରେ କମ୍ପାନୀ ପ୍ରଥମ ଥର ପାଇଁ ଏହାର ଗ୍ରୀଷ୍ମକାଳୀନ ପୋଷାକର ବାର୍ଷିକ ଷ୍ଟକ୍ କ୍ଲିୟରାନ୍ସ ବିକ୍ରୟ ଆୟୋଜନ କରିଛି। ଏହି ସେଲ୍‌ରେ ବ୍ରାଣ୍ଡେଡ୍ ଜିନ୍ସ, ଶାର୍ଟ, ଟ୍ରାଉଜର ବ୍ଲେଜର, ସର୍ଟସ୍, ଲେଡିଜ୍ କୁର୍ତ୍ତି, ଲେଡିଜ୍ ଜିନ୍ସ, ଟି-ଶାର୍ଟ, ୱେଷ୍ଟର୍ନ ପୋଷାକ, କିଡ୍ସ ୱେର ଏବଂ ବ୍ରାଣ୍ଡେଡ୍ ଫୁଟ୍‌ୱେରରେ



ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର କଲେକ୍ସନ ରହିଛି। ଏପ୍ରିଲ ୨୮ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ସେଲ୍‌ରେ ବିଭିନ୍ନ ପୋଷାକ ଉପରେ ବିବାହ ସିଜନ୍ ପାଇଁ ୮୦% ପର୍ଯ୍ୟନ୍ତ ରିହାତି ସହ ସମ୍ପୂର୍ଣ୍ଣ ଷ୍ଟକ୍ ପ୍ରଦାନ କରାଯାଉଛି। ଏଥିରେ ୩୫,୦୦୦ରୁ ଅଧିକ ରେଡିମେଡ୍ ପୋଷାକ ରହିଛି। ବ୍ରାଣ୍ଡେଡ୍ ଶାର୍ଟ ୧୨୦୦ଟଙ୍କା, ଜିନ୍ସ ୧୬୦୦ ଟଙ୍କାରେ, ଟ୍ରାଉଜର ୬୦୦ରୁ ୭୦୦ଟଙ୍କାରେ, ବ୍ରାଣ୍ଡେଡ୍ ମହିଳା କୁର୍ତ୍ତି ୬୦୦ ଟଙ୍କାରେ, ବ୍ରାଣ୍ଡେଡ୍ ମହିଳା ଜିନ୍ ୬୦୦ ଟଙ୍କାରେ, ବ୍ରାଣ୍ଡେଡ୍ ମହିଳା ପୋଷାକ ୩୦୦ରୁ ୬୦୦ଟଙ୍କାରେ, ପିଲାମାନଙ୍କ ପୋଷାକ ୩୦୦ରୁ ୬୦୦ଟଙ୍କାରେ, ବ୍ରାଣ୍ଡେଡ୍ ସୁଜ୍ ୩୦୦ରୁ ୬୦୦ଟଙ୍କାରେ ମିଳିପାରୁଛି। ସେହିପରି ୮୦୦ରୁ ୨୦୦୦ଟଙ୍କାରେ ଲେଡିଜ୍‌କଲେକ୍ସନ ରହିଛି।

# ବିଏସ୍ଏନ୍ଏଲ୍ ଓଡ଼ିଶା ସର୍କଲର ଉଲ୍ଲେଖନୀୟ ସଫଳତା





ଭୁବନେଶ୍ୱର,୨୫।୪(ଅନୁରାଧା ମହାରଣା)

ଆର୍ଥିକ ବର୍ଷ ୨୦୨୫-୨୬ରେ ବିଏସ୍ଏନ୍ଏଲ୍ ଓଡ଼ିଶା ସର୍କଲ ଜାତୀୟ ସ୍ତରରେ ଦୁଇଟି ପ୍ରତିଷ୍ଠିତ ସମ୍ମାନ ଅର୍ଜନ କରିଛି। ସର୍ବୋତ୍ତମ ପ୍ରଦର୍ଶନକାରୀ ସର୍କଲ ଏବଂ ଏଣ୍ଟରପ୍ରାଇଜ୍ ବିଜନେସ୍ (ଇବି)ରେ ଭଲ କାର୍ଯ୍ୟଦକ୍ଷତା ପାଇଁ ବିଏସ୍ଏନ୍ଏଲ୍ ପୁରସ୍କୃତ ହୋଇଛି। ଏହି ପୁରସ୍କାରଗୁଡ଼ିକୁ ଯୋଗାଯୋଗ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ଏମ୍ ସିନ୍ଧିଆ ପ୍ରଦାନ କରିଛନ୍ତି। ବିଏସ୍ଏନ୍ଏଲ୍ ଓଡ଼ିଶା ସର୍କଲର ମୁଖ୍ୟ ସାଧାରଣ ପ୍ରବନ୍ଧକ ଦୁଷ୍ମନ୍ତ କୁମାର ବେହେରାଙ୍କ ନେତୃତ୍ୱରେ ଏକ ଆହ୍ୱାନମୂଳକ ଟେଲିକମ୍ ପରିବେଶରେ ଓଡ଼ିଶା ସର୍କଲ କାର୍ଯ୍ୟକରୁଛି। ବିଏସ୍ଏନ୍ଏଲ୍ ତାହାର ରୌପ୍ୟ ଜୟନ୍ତୀ ବର୍ଷ ପାଳନ କରୁଥିବାବେଳେ ରାଜ୍ୟରେ ଡିଜିଟାଲ ସଂଯୋଗ ସୁଦୃଢ଼ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଆସୁଛି। କିଛିଦିନ ତଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଝାରସୁଗୁଡ଼ାରୁ ଆତ୍ମନିର୍ଭର ଭାରତ ଅଭିଯାନ ଅଧୀନରେ ସ୍ୱଦେଶୀ ୪ଜି ଷ୍ଟ୍ୟାକ୍ ସେବା ଉଦ୍‌ଘାଟନ କରିଥିଲେ। ଦୁର୍ଗମ ଅଞ୍ଚଳରେ ସଂଯୋଗକୁ ଆହୁରି ସୁଦୃଢ଼ କରିବା ପାଇଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶିମିଳିପାଳ ବ୍ୟାଘ୍ର ଅଭୟାରଣ୍ୟର ପ୍ରମୁଖ ଅଞ୍ଚଳରେ ଥିବା ଗୁଡ୍‌ଗୁଡିଆରେ ୩ଟି ସାଚୁରେଶନ ମୋବାଇଲ ଟାୱାର ଉଦ୍‌ଘାଟନ କରିଥିଲେ। ଗ୍ରାହକମାନଙ୍କୁ ସୁଲଭ ସେବା ପ୍ରଦାନ କରିବା ପାଇଁ ବିଏସ୍ଏନ୍ଏଲ୍ ମଧ୍ୟ ୧ ଟଙ୍କାରେ ସିମ୍ କାର୍ଡ ପ୍ରଦାନ କରୁଛି। ଏହା ଦ୍ୱାରା ଟେଲିକମ୍ ସେବାର ବ୍ୟାପକ ପ୍ରବେଶ ସମ୍ଭବ ହୋଇପାରିବ।

# ବିଭିନ୍ନ କ୍ଷେତ୍ରରେ ପ୍ଲେସ୍‌ମେଣ୍ଟ ପାଇଲେ ବିଜିୟୁ ଛାତ୍ରୀଛାତ୍ର

ଭୁବନେଶ୍ୱର,୨୫।୪(ଅନୁରାଧା ମହାରଣା)

ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି (ବିଜିୟୁ) ଚଳିତ ବର୍ଷର କ୍ୟାମ୍ପସ ପ୍ଲେସ୍‌ମେଣ୍ଟ ଡ୍ରାଇଭ୍‌ରେ ସଫଳତା ହାସଲ କରିଛି। କ୍ୟାମ୍ପସରେ ୨୦ରୁ ଅଧିକ ବିଭିନ୍ନ କ୍ଷେତ୍ର ପାଇଁ ଆୟୋଜିତ ପ୍ଲେସ୍‌ମେଣ୍ଟ ଡ୍ରାଇଭ୍‌ରେ ବହୁ ପ୍ରତିଷ୍ଠିତ କମ୍ପାନୀ ଯୋଗଦେଇଥିବା ବେଳେ ବାର୍ଷିକ ୧୭ ଲକ୍ଷରୁ ଊର୍ଦ୍ଧ୍ୱ (ଏଲ୍‌ପିଏ)ପ୍ୟାକେଜ୍‌ରେ ଛାତ୍ରୀଛାତ୍ର ନିଯୁକ୍ତି ପାଇଛନ୍ତି। ଏର୍ନଷ୍ଟ ଆଣ୍ଡ ୟଙ୍ଗ୍ (ଇୱାଇ), ଏଡିପି (ଅଟୋମେଟିକ୍ ଡାଟା ପ୍ରୋସେସିଂ), ଲୟଡ୍ସ ବ୍ୟାଙ୍କିଙ୍ଗ୍ ଗ୍ରୁପ୍, ଡେଲଏଟ୍, ଅଲ୍ଟ୍ରାଟେକ୍, ଟିସିଏସ୍ ଏବଂ ଫେଡେରାଲ ବ୍ୟାଙ୍କ ଭଳି ପ୍ରତିଷ୍ଠିତ କମ୍ପାନୀଗୁଡ଼ିକ ନିଯୁକ୍ତିଦାତା ଭାବେ ଯୋଗଦେଇଥିଲେ। ମ୍ୟାନେଜମେଣ୍ଟ କ୍ଷେତ୍ରରେ ଫର୍ଚ୍ୟୁନ ୫୦୦ କମ୍ପାନୀ, ଏଡିପି, ୫ ଜଣ ଛାତ୍ରଙ୍କୁ ଆନାଲିଷ୍ଟ ପଦ ପାଇଁ ନିଯୁକ୍ତ କରିଛି। ୟୁନାଇଟେଡ୍ କିଙ୍ଗଡମ୍(ୟୁକେ)ର ବ୍ୟାଙ୍କିଙ୍ଗ୍ ସଂସ୍ଥା ଲୟଡ୍ସ ବ୍ୟାଙ୍କିଙ୍ଗ୍ ଗ୍ରୁପ୍‌ର ଅଫ୍‌ସୋର ସେଣ୍ଟର ଲୟଡ୍ସ ଟେକ୍ନୋଲୋଜି ସେଣ୍ଟର ଏମ୍‌ବିଏ ଏବଂ ଏମ୍.କମ୍‌ର ୯ ଜଣଙ୍କୁ ନିଯୁକ୍ତି ଦେଇଛି। ଫେଡେରାଲ ବ୍ୟାଙ୍କ ପକ୍ଷରୁ ୧୭ ଲକ୍ଷ ସିଟିସି ପ୍ୟାକେଜରେ ନିଯୁକ୍ତି ସୁଯୋଗ ପ୍ରଦାନ କରାଯାଇଛି। ଏଇୱାଇ ପକ୍ଷରୁ ୨୮ ଜଣ ଏବଂ ଡେଲଏଟ୍ ପକ୍ଷରୁ ଏମ୍.କମ୍‌ର ଛାତ୍ରୀଛାତ୍ରଙ୍କୁ ନିଯୁକ୍ତି ଦିଆଯାଇଛି। ସେହିପରି ଅଲ୍ଟ୍ରାଟେକ୍ ସିମେଣ୍ଟ ୩ ଜଣ ଏମ୍‌ବିଏ ଛାତ୍ରୀଙ୍କୁ ନିଯୁକ୍ତ କରିଛି। ଏମ୍‌ସିଏ, ବିସିଏ ଓ ବିଏସ୍‌ସି- ଡାଟା ସାଇନ୍ସ ଭଳି ଆପ୍ଲାଏଡ୍ ସାଇନ୍ସ ପ୍ରୋଗ୍ରାମଗୁଡ଼ିକରେ ଟିସିଏସ୍, ଡେଲଏଟ୍ ଏବଂ ଟେକ୍ ମହିନ୍ଦ୍ରା ଭଳି ପ୍ରମୁଖ ଆଇଟି କମ୍ପାନୀଗୁଡ଼ିକ ସଫ୍ଟୱେର ଡେଭଲପମେଣ୍ଟ, ଆନାଲିଟିକ୍ସ ଏବଂ ଡିଜିଟାଲ ଟ୍ରାନ୍ସଫର୍ମେଶନ ପାଇଁ ନିଯୁକ୍ତି ଦେଇଛନ୍ତି। ଆଇନ ଏବଂ ଅର୍ଥନୀତି ବିଭାଗର ଛାତ୍ରୀଛାତ୍ରମାନେ ମଧ୍ୟ ଭଲ ନିଯୁକ୍ତି ସୁଯୋଗ ପାଇଛନ୍ତି। ବିଜିୟୁର ଆଉଟରିଚ୍ ଆଣ୍ଡ ଇଣ୍ଟରନ୍ୟାଶନାଲ ଆଫେୟାର୍ସର ଡିନ୍ ଡ. ସତ୍ୟକାମ ମିଶ୍ର କହିଛନ୍ତି, 'ଏଡିପି, ଡେଲଏଟ୍ ଏବଂ ଲୟଡ୍ସ ଗ୍ରୁପ୍ ଭଳି ଅଗ୍ରଣୀ କମ୍ପାନୀଗୁଡ଼ିକର ପ୍ଲେସ୍‌ମେଣ୍ଟ ଡ୍ରାଇଭରେ ଅଂଶଗ୍ରହଣ, ଆମ ଶିକ୍ଷାନୁଷ୍ଠାନ ପ୍ରତି ଶିଳ୍ପଜଗତର ବିଶ୍ୱାସକୁ ଦର୍ଶାଉଛି।

# ଉତ୍ତର ପ୍ରଦେଶର କୃଷି ଉତ୍ପାଦନରେ ଅଗ୍ରଗତି

ଲକ୍ଷ୍ନୌ,୨୫।୪

ଉତ୍ତର ପ୍ରଦେଶ କୃଷି ଉତ୍ପାଦନରେ ଉଲ୍ଲେଖନୀୟ ଅଗ୍ରଗତି କରୁଛି। ଉତ୍ତର ପ୍ରଦେଶର କୃଷି ଅଭିବୃଦ୍ଧି ହାର ୮%ରୁ ପ୍ରାୟ ୧୮% ପର୍ଯ୍ୟନ୍ତ ବୃଦ୍ଧିପାଇଛି। ଭାରତର ଅର୍ଥନୀତିରେ କୃଷିର ଅବଦାନ ପ୍ରାୟ ୪୧-୪୨% ଥିଲା, କିନ୍ତୁ ଏହି ଅଂଶ ଧୀରେ ଧୀରେ ହ୍ରାସପାଇଛି । ଯଦି କୃଷି ଏବଂ ଉତ୍ପାଦନ ମଧ୍ୟରେ ଉତ୍ତମ ସମନ୍ୱୟ ସ୍ଥାପନ କରାଯାଏ, ତେବେ ବିକାଶର ଗତି ଆହୁରି ତ୍ୱରାନ୍ୱିତ ହୋଇପାରିବ। ବର୍ତ୍ତମାନ ଉତ୍ପାଦନ ପ୍ରାୟ ୧୫-୧୬% ଅବଦାନ ଦେଉଛି, ଯେତେବେଳେ କୃଷିର ଅଂଶ ପ୍ରାୟ ୨୦-୨୧% ହ୍ରାସ ପାଇଛି। ତେଣୁ କୃଷିକୁ ମୂଲ୍ୟ ସମ୍ମିଳନ ସହ ସଂଯୋଗ କରିବା ଏବଂ ନୂତନ ପଦକ୍ଷେପଗୁଡ଼ିକୁ ଅଧିକ ପ୍ରଭାବଶାଳୀ ଭାବରେ ସୁଦୃଢ଼ ଏବଂ ବିସ୍ତାର କରିବାର ଆବଶ୍ୟକତା ରହିଛି। ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଶୁକ୍ରବାର ଲକ୍ଷ୍ନୌରେ ଆଞ୍ଚଳିକ କୃଷି ସମ୍ମିଳନୀ (ଉତ୍ତର ଜୋନ୍)ର ଉଦ୍‌ଘାଟନୀ



ଯୋଗୀ ଆଦିତ୍ୟନାଥ

ଉତ୍ସବରେ ଯୋଗଦେଇ ଏପରି କହିଛନ୍ତି। ସେ କହିଛନ୍ତି, ଉତ୍ତରପ୍ରଦେଶରେ କୃଷି ଅଭିବୃଦ୍ଧିରେ ଦେଖାଯାଇଥିବା ପରିବର୍ତ୍ତନ ବୈଜ୍ଞାନିକ କୌଶଳ, କୃଷି-ଜଳବାୟୁ କ୍ଷେତ୍ର-ଆଧାରିତ ରଣନୀତି ଏବଂ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ସମନ୍ୱିତ ପ୍ରୟାସର ଫଳାଫଳ। 'ଲାବ୍ ଟୁ ଲ୍ୟାଣ୍ଡ' ଧାରଣା ବର୍ତ୍ତମାନ ୟୁପିରେ କାର୍ଯ୍ୟକାରୀ ହୋଇଛି, ଯାହା ସିଧାସଳଖ ଚାଷୀମାନଙ୍କୁ ଲାଭ ଦେଉଛି। କୃଷି ଅଭିବୃଦ୍ଧି ହାରରେ ଉଲ୍ଲେଖନୀୟ ବୃଦ୍ଧି, ପ୍ରତି ହେକ୍ଟର ଉତ୍ପାଦକତାରେ ରେକର୍ଡ ଉନ୍ନତି, ବହୁ-ଫସଲ ପଦ୍ଧତିର ପ୍ରସାର ଏବଂ ମୂଲ୍ୟ ବୃଦ୍ଧି ଉପରେ ଅଧିକ ଧ୍ୟାନ ଦିଆଯାଇଛି - ଏହି ପରିବର୍ତ୍ତନର ସମସ୍ତ ସ୍ପଷ୍ଟ ସୂଚକ। ମୁଖ୍ୟମନ୍ତ୍ରୀ ଯୋଗୀ ଆଞ୍ଚଳିକ କୃଷି ସମ୍ମିଳନୀ, ଅନ୍ତର୍ଜାତୀୟ କୃଷି କେନ୍ଦ୍ର ସ୍ଥାପନ, କୃଷି ବିଜ୍ଞାନକେନ୍ଦ୍ରର ସୁଦୃଢ଼ୀକରଣ ଏବଂ ଏହି ପରିବର୍ତ୍ତନର ପ୍ରମୁଖ ବାହକ ଭାବରେ ପ୍ରଗତିଶୀଳ ଚାଷୀଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ସେ ଆହୁରି ମଧ୍ୟ କହିଛନ୍ତି ଯେ ଉତ୍ତର ପ୍ରଦେଶରେ ଏବେ ଦେଶର କୃଷି ଅର୍ଥନୀତିକୁ ଏକ ନୂତନ ଦିଗ୍‌ଦର୍ଶନ ଦେବାର ସମ୍ଭାବନା ରହିଛି। ବିଭିନ୍ନ ଦେଶ ଏବଂ ଅଞ୍ଚଳର ସ୍ୱତନ୍ତ୍ର କୃଷି-ଜଳବାୟୁ କ୍ଷେତ୍ର ଥିବାରୁ ନୀତିଗୁଡ଼ିକ ସେହି ଅନୁସାରେ ପ୍ରସ୍ତୁତ ହେବା ଉଚିତ। ମୁଖ୍ୟମନ୍ତ୍ରୀ ଯୋଗୀ କେନ୍ଦ୍ର କୃଷି ମନ୍ତ୍ରୀ ଶିବରାଜ ସିଂହ ଚୌହାନଙ୍କୁ କୃତଜ୍ଞତା ଜଣାଇ କହିଛନ୍ତି, ସେ ସାରା ଦେଶରେ ଏହି ଧାରଣାକୁ କାର୍ଯ୍ୟକାରୀ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି।

# ସାଇବର ସୁରକ୍ଷାକୁ ଗୁରୁତ୍ୱ ଦେବାକୁ କହିଲେ ନିର୍ମଳା

ମୁମ୍ବାଇ ,୨୫।୪

ଭାରତୀୟ ପୁଞ୍ଜିବଜାର ପାଇଁ ସାଇବର ସୁରକ୍ଷା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ସାଇବର ସୁରକ୍ଷାକୁ ଗୁରୁତ୍ୱ ଦେଇ ଏବେ ଆବଶ୍ୟକ ପଦକ୍ଷେପ ନିଆଯିବା ଜରୁରୀ ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମନ ଶନିବାର ଭାରତୀୟ ପ୍ରତିଭୂତି ବିନିମୟ ବୋର୍ଡ(ସେବି)ର ୩୦ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ଏକ ବିଶେଷ କାର୍ଯ୍ୟକ୍ରମରେ ଯୋଗ ଦେଇ କହିଛନ୍ତି। ଶନିବାର ସେବିକୁ ୩୦ ବର୍ଷ ପୂରିଥିଲାବେଳେ ଏହି ଅବସରରେ



ମୁମ୍ବାଇଠାରେ ଏକ ବିଶେଷ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ନିର୍ମଳା ତାଙ୍କର ଅଭିଭାଷଣରେ କହିଥିଲେ, ଏବେ ଭାରତୀୟ ଶେୟାର ବଜାର ପାଇଁ ସାଇବର ସୁରକ୍ଷା ନିତାନ୍ତ ଆବଶ୍ୟକ ହୋଇପଡ଼ିଛି। ଯଦି ସାଇବର ଆକ୍ରମଣକାରୀ ସେମାନଙ୍କ ଗୋଟିଏ ବି ଉଦ୍ୟମରେ ସଫଳ ହୁଅନ୍ତି ତେବେ ଏହା ଜାତୀୟସ୍ତରରେ ପୁଞ୍ଜି ବଜାରଠାରୁ ଆରମ୍ଭ କରି ଡିପୋଜଟାରୀ, କ୍ଲିୟରିଂ କର୍ପୋରେଶନ ଏବଂ ବ୍ୟାପକ ବ୍ରୋକରେଜ୍ ବ୍ୟବସ୍ଥାକୁ ମାତ୍ରାଧିକ କ୍ଷତି ପହଞ୍ଚାଇବ। ଏହାକୁ ଦୃଷ୍ଟିରେ ରଖି ସେବି ସାଇବର ସୁରକ୍ଷାକୁ ଗୁରୁତ୍ୱ ଦେଇ ଆବଶ୍ୟକ ପନ୍ଥା ଗ୍ରହଣ କରିବା ଉଚିତ ବୋଲି ନିର୍ମଳା କହିଛନ୍ତି।

# ଆନ୍ଥ୍ରୋପିକ୍‌ରେ ୧୦ ବିଲିୟନ ଡଲାର ନିବେଶ କରିବ ଗୁଗଲ

ୱାଶିଂଟନ୍ ,୨୫।୪

ଏବେ ସବୁକ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତା(ଏଆଇ)ର ପ୍ରଚଳନ ନେଇ ପ୍ରତିଦ୍ୱନ୍ଦ୍ୱିତା ଆରମ୍ଭ ହୋଇଯାଇଛି। ଆଗାମୀ ଦିନରେ ବିନା ଏଆଇରେ କାର୍ଯ୍ୟ ପରିଚାଳନା କରିବା ଅସମ୍ଭବ ବୋଲି ମନେ ହେଉଥିଲାବେଳେ ବିଶ୍ୱର ପ୍ରମୁଖ ଆଇଟି, ଇଣ୍ଟରନେଟ୍ ଏବଂ ଅନ୍ୟ ବ୍ୟବସାୟିକ କମ୍ପାନୀଗୁଡିକ ଏଆଇ ପ୍ରଚଳନ ଲାଗି ପର୍ଯ୍ୟାପ୍ତ ପୁଞ୍ଜି ନିବେଶ କରିବାକୁ ଯାଉଛନ୍ତି। ଏହିକ୍ରମରେ ଆଲଫାବେଟ୍ ଇନ୍‌କର୍ପୋରେଶନ ଅଧିକୃତ ଗୁଗଲ ଏଆଇ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଆନ୍ଥ୍ରୋପିକ୍ କମ୍ପାନୀରେ ୧୦ ବିଲିୟନ ଡଲାର ବିନିଯୋଗ କରିବାକୁ ଘୋଷଣା କରିଛି। ବିଶେଷକରି କ୍ଲାଉଡ୍ କୋଡ୍ ପାଇଁ ଗୁଗଲ ଏହି ପରିମାଣର ଅର୍ଥ ବିନିଯୋଗ କରିବାକୁ ଘୋଷଣା କରିଥିଲାବେଳେ ପରବର୍ତ୍ତୀ ସମୟରେ ଆଉ ୩୦ ବିଲିୟନ ଡଲାର ନିବେଶ କରିବ ବୋଲି କହିଛି। ଏହାଦ୍ୱାରା ବୈଶ୍ୱିକ ସ୍ତରରେ ଏଆଇ ମାଧ୍ୟମରେ କାର୍ଯ୍ୟ କରିବାକୁ ଗୁଗଲ କର୍ମଚାରୀମାନଙ୍କୁ ସୁଯୋଗ ମିଳିପାରିବ ବୋଲି କୁହାଯାଇଛି।

# ବିଇଏମ୍ଏଲ୍ ଟିପ୍ପାସାନ୍ଦ୍ରା କ୍ୟାମ୍ପସ ପରିଦର୍ଶନକଲେ ଅଶ୍ୱିନୀ

ଭୁବନେଶ୍ୱର,୨୫।୪(ଅନୁରାଧା ମହାରଣା)

ରେଳ, ସୂଚନା ଓ ପ୍ରସାରଣ, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଶନିବାର ବେଙ୍ଗାଲୁରୁର ବିଇଏମ୍ଏଲ୍ ଟିପ୍ପାସାନ୍ଦ୍ରା କ୍ୟାମ୍ପସ ପରିଦର୍ଶନ କରିଛନ୍ତି। ଏହି ଅବସରରେ ସେ ହାଇସ୍ପିଡ୍ ରେଳ ନିର୍ମାଣ ପାଇଁ ଉତ୍ସର୍ଗୀକୃତ ଏକ ସ୍ୱତନ୍ତ୍ର କମ୍ପ୍ଲେକ୍ସ 'ଆଦିତ୍ୟ'କୁ ଉଦ୍‌ଘାଟନ କରିଛନ୍ତି। ମନ୍ତ୍ରୀ ହାଇସ୍ପିଡ୍ ରେଳର ପରିବର୍ତ୍ତନକାରୀ ଶକ୍ତି ଉପରେ ଆଲୋକପାତ କରି କହିଛନ୍ତି , ଏହି ଟ୍ରେନ୍‌ଗୁଡ଼ିକର ଆଗମନ ଦ୍ୱାରା ପ୍ରମୁଖ ସହରଗୁଡ଼ିକୁ ପରସ୍ପରର ବିସ୍ତାର ଭାବରେ ଦେଖାଯିବ। ସେ ଚେନ୍ନାଇ ଏବଂ ବେଙ୍ଗାଲୁରୁ ମଧ୍ୟରେ ଯାତ୍ରା ସମୟର ଉଦାହରଣ ଦେଇ କହିଥିଲେ, ଏହା ମାତ୍ର ୭୩ ମିନିଟ୍‌କୁ ହ୍ରାସ ପାଇବ। ମନ୍ତ୍ରୀ କହିଛନ୍ତି, ଦୁଇଟି ନୂତନ ସେବା ପ୍ରଚଳନ ଦ୍ୱାରା ସଂଯୋଗୀକରଣ ବୃଦ୍ଧିପାଇବ। ହୁବ୍‌ଲି ଦେଇ ଏଲ୍ଏଚ୍‌ବି



କୋଚ୍ ବିଶିଷ୍ଟ ଏକ ନୂତନ ମେଲ୍ ଏକ୍ସପ୍ରେସ୍ ପ୍ରଚଳନ କରାଯିବ ଏବଂ ଏକ ବନ୍ଦେ ଭାରତ ସ୍ଲିପର ଏକ୍ସପ୍ରେସ୍ ଖୁବ୍ ଶୀଘ୍ର କାର୍ଯ୍ୟ ଆରମ୍ଭ କରିବାର ଯୋଜନା ରହିଛି। ମାଙ୍ଗାଲୁରୁ ଏବଂ ବେଙ୍ଗାଲୁରୁ ମଧ୍ୟରେ ବନ୍ଦେ ଭାରତ ସେବା ଖୁବ୍ ଶୀଘ୍ର ଆରମ୍ଭ ହେବ। ସେ ଗୁରୁତ୍ୱାରୋପ କରିଛନ୍ତି ଯେ ଏହି ସେବା ପାଇଁ ଯୋଜନା କାର୍ଯ୍ୟକାରୀ ହେବା ପୂର୍ବରୁ ମାଡ୍‌ଗାଓଁ ଏବଂ କର୍ଣ୍ଣାଟକର ଅନ୍ୟାନ୍ୟ ଉପକୂଳବର୍ତ୍ତୀ ସହରଗୁଡ଼ିକୁ ସଂଯୋଗ କରିବା ଉପରେ ଗୁରୁତ୍ୱ ଦିଆଯାଇଛି।

## ଜାତୀୟ ଖବର

# ଆଇସିୟୁ ସର୍ବନିମ୍ନ ମାନ ରକ୍ଷା ଲାଗି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ



**ନୂଆଦିଲ୍ଲୀ,୨୫।୪**

ସ୍ୱାସ୍ଥ୍ୟସେବାକୁ ନେଇ ଇଣ୍ଟେନସିଭ୍ କେୟାର ୟୁନିଟ୍(ଆଇସିୟୁ)ର ସର୍ବନିମ୍ନ ମାନ ରକ୍ଷା ଲାଗି ସୁପ୍ରିମକୋର୍ଟ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ନିର୍ଦ୍ଦେଶ ଦେଇଛନ୍ତି। ଜାତୀୟ ସ୍ତରରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କ୍ରିଟିକାଲ୍ କେୟାର ବ୍ୟବସ୍ଥାର ସୁବ୍ୟବସ୍ଥିତ ଭିତ୍ତିଭୂମିର ଉନ୍ନତି କରାଯିବା ଜରୁରୀ ବୋଲି ଦର୍ଶାଇ ସର୍ବୋଚ୍ଚ ନ୍ୟାୟାଳୟ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଏହି କାର୍ଯ୍ୟ ଶେଷ କରିବାକୁ କହିଛନ୍ତି। ସାରାଦେଶରେ କ୍ରିଟିକାଲ୍ କେୟାର ବ୍ୟବସ୍ଥାକୁ ନେଇ ଆଇସିୟୁ ପାଇଁ ମାର୍ଗଦର୍ଶିକା ଜାରି କରିବାକୁ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ(ଏମ୍ସ), ସାର୍ ଗଙ୍ଗାରାମ ହସ୍ପିଟାଲ, ଟାଟା ମେମୋରିଆଲ ହସ୍ପିଟାଲ ଏବଂ ମେଦାନ୍ତ ଭଳି ପ୍ରତିଷ୍ଠିତ ହସ୍ପିଟାଲର ବିଶେଷଜ୍ଞମାନଙ୍କ ଦ୍ୱାରା ଯେଉଁ ପରାମର୍ଶ ଦେଇଥିଲେ ତାହା ଉପରେ ସହମତି ପ୍ରକାଶ ପାଇବା ପରେ ଏହାକୁ ଏକ ମୌଳିକ ଦସ୍ତାବିଜ୍ ଭାବେ ବିବେଚନା କରି କାର୍ଯ୍ୟକାରୀ କରିବାକୁ ଜଷ୍ଟିସ୍ ଆଶାନୁଦ୍ଦିନ ଅମାନୁଲ୍ଲା ଓ ଜଷ୍ଟିସ୍ ଆର୍. ମହାଦେବନଙ୍କ ଖଣ୍ଡପୀଠ କହିଛନ୍ତି। ବିଶେଷଜ୍ଞମାନେ ଦେଇଥିବା ପରାମର୍ଶ ଅନୁଯାୟୀ ଆଇସିୟୁରେ ଏସ୍‌ଓପି ପ୍ରଚଳନ କରିବା, କର୍ମଚାରୀମାନଙ୍କୁ ସ୍ୱତନ୍ତ୍ର ପ୍ରଶିକ୍ଷଣ, ସମୟାନୁଯାୟୀ ସେବା, ରିଅଲ ଟାଇମ୍ ହସ୍ପିଟାଲ ଆକ୍ସେସ୍ ବ୍ୟବସ୍ଥା ପ୍ରଚଳନ ଏବଂ ରୋଗୀମାନଙ୍କ ସହାୟତା ଲାଗି ଜିପିଏସ୍ ଲୋକେଟର୍ ବ୍ୟବସ୍ଥା ପ୍ରଚଳନ କରିବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି।

# ଦଳ ଛାଡିଥିବା ଏମ୍‌ପିଙ୍କୁ ଅଯୋଗ୍ୟ ଘୋଷଣା କରିବ ଆପ୍

**ନୂଆଦିଲ୍ଲୀ,୨୫।୪**

ଆମ୍ ଆଦମୀ ପାର୍ଟି ଛାଡି ଭାଜପାରେ ଯୋଗ ଦେଇଥିବା ୭ ରାଜ୍ୟସଭା ଏମ୍‌ପିଙ୍କୁ ଅଯୋଗ୍ୟ ଘୋଷଣା କରିବାକୁ ଦଳ ପକ୍ଷରୁ ଶନିବାର କୁହାଯାଇଛି। ଏହି ଏମ୍‌ପିମାନେ ଯେଉଁ ଢଙ୍ଗରେ ଦଳ ଛାଡି ଦଳ ବିରୋଧରେ ବୟାନବାଜି କରୁଛନ୍ତି ତାହା ବେଆଇନ ଓ ଅସାମ୍ବିଧାନିକ ବୋଲି ଦର୍ଶାଇବା ସହ ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ କରିବାକୁ ନିଷ୍ପତ୍ତି ହୋଇଛି ବୋଲି ଆପ୍ କହିଛି। ଏଥିନେଇ ଖୁବଶୀଘ୍ର ରାଜ୍ୟସଭା ଅଧ୍ୟକ୍ଷଙ୍କୁ ପତ୍ର ଲେଖାଯିବ ଏବଂ ସେମାନଙ୍କୁ ଅଯୋଗ୍ୟ ଘୋଷଣା କରି ସଦସ୍ୟତା ରଦ୍ଦ କରାଯିବ ବୋଲି ଆପ୍ ରାଜ୍ୟସଭା ଏମ୍‌ପି ସଞ୍ଜୟ ସିଂ ଶନିବାର ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି।

# ତାମିଲନାଡୁ, ପଶ୍ଚିମବଙ୍ଗରେ ପୁନଃ ମତଦାନ ହେବନି

**ନୂଆଦିଲ୍ଲୀ,୨୫।୪**

ଇତିମଧ୍ୟରେ ତାମିଲନାଡୁରେ ଗୋଟିଏ ପର୍ଯ୍ୟାୟରେ ବିଧାନସଭା ନିର୍ବାଚନ ଶେଷ ହୋଇଛି। ସେହିପରି ପଶ୍ଚିମବଙ୍ଗରେ ପ୍ରଥମ ପର୍ଯ୍ୟାୟ ମତଦାନ ସରିଛି। ତାମିଲନାଡୁରେ ସମସ୍ତ ୨୩୪ ଆସନ ପାଇଁ ମତଦାନ କରାଯାଇଥିଲାବେଳେ ପଶ୍ଚିମବଙ୍ଗର ମୋଟ ୨୯୪ ଆସନ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୧୫୨ ଆସନ ପାଇଁ ମତଦାନ ହୋଇଛି। ତେବେ ମତଦାନ ହୋଇସାରିଥିବା ଦୁଇ ରାଜ୍ୟର ଏହିସବୁ ଆସନ ପାଇଁ ପୁନଃ ମତଦାନ ହେବ ନାହିଁ ବୋଲି ନିର୍ବାଚନ କମିଶନ ଶନିବାର ସ୍ପଷ୍ଟ କରିଛନ୍ତି।

# ‘ଅର୍ବାନ ଚ୍ୟାଲେଞ୍ଜ ଫଣ୍ଡ’ର ସୁବିନିଯୋଗ ନେଇ ଦିଲ୍ଲୀରେ ରଣନୈତିକ ପରାମର୍ଶ ବୈଠକ

## ଓଡ଼ିଶାର ପଦକ୍ଷେପ ନେଇ ମତ ରଖିଲେ ନଗର ଉନ୍ନୟନ ମନ୍ତ୍ରୀ



ବୈଠକରେ କେନ୍ଦ୍ର ମନ୍ତ୍ରୀ ମନୋହର ଲାଲ ଖଟ୍ଟରଙ୍କ ସହ ଓଡ଼ିଶା ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଏବଂ ବିଭିନ୍ନ ରାଜ୍ୟର ମନ୍ତ୍ରୀ ଓ ଅଧିକାରୀ।

**ଭୁବନେଶ୍ୱର, ୨୫।୪(ବନ୍ଦନା ସେଠୀ)**

ଭାରତର ସହରୀ ବିକାଶର ରୂପରେଖ ପରିବର୍ତ୍ତନ ଦିଗରେ ପଦକ୍ଷେପ ସ୍ୱରୂପ ‘ଅର୍ବାନ ଚ୍ୟାଲେଞ୍ଜ ଫଣ୍ଡ’ (ୟୁସିଏଫ୍) ସମ୍ପର୍କିତ ଏକ ଉଚ୍ଚସ୍ତରୀୟ ରଣନୈତିକ ପରାମର୍ଶ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ନୂଆଦିଲ୍ଲୀସ୍ଥିତ ଇଣ୍ଡିଆ ହାବିଟାଟ୍ ସେଣ୍ଟରଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଗୃହ ନିର୍ମାଣ ଓ ସହରୀ ବ୍ୟାପାର ମନ୍ତ୍ରୀ ମନୋହର ଲାଲ ଖଟ୍ଟର ଅଧ୍ୟକ୍ଷତା କରିଥିଲେ। ବୈଠକରେ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମନ୍ତ୍ରୀ ଏବଂ ବରିଷ୍ଠ ପଦାଧିକାରୀ ଯୋଗଦେଇ ଏହି ପଦକ୍ଷେପର କାର୍ଯ୍ୟକାରିତା ରଣନୀତି ଉପରେ ଆଲୋଚନା କରିଥିଲେ। ଓଡ଼ିଶା ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣ ଚନ୍ଦ୍ର ମହାପାତ୍ର ଯୋଗଦେଇ ୟୁସିଏଫ୍‌କୁ ଭାରତର ସହରୀ ରୂପାନ୍ତରଣ କ୍ଷେତ୍ରରେ ଏକ ‘ନୂତନ ପ୍ରାରମ୍ଭ’ ଭାବେ ବର୍ଣ୍ଣନା କରିଥିଲେ। ଏହି ପାଣ୍ଠି ବଜାରଭିତ୍ତିକ ବ୍ୟବସ୍ଥା ଏବଂ ଘରୋଇ ପୁଞ୍ଜି ବିନିଯୋଗ କରି ଆତ୍ମନିର୍ଭରଶୀଳ ତଥା ଅଭିବୃଦ୍ଧିମୁଖୀ ସହର ଗଠନରେ ସହାୟକ ହେବ ବୋଲି କହିଥିଲେ। ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢୀ ‘ବିକଶିତ ଓଡ଼ିଶା @ ୨୦୩୬’ ପାଇଁ ବ୍ୟାପକ ରୋଡ୍‌ମ୍ୟାପ୍ ବାବଦରେ ସୂଚନା ଦେବା ସହ ସମନ୍ୱିତ ଯୋଜନା, ତଥ୍ୟଭିତ୍ତିକ ଶାସନ ଏବଂ ପ୍ରତିଷ୍ଠାନିକ ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ। ଓଡ଼ିଶାର ସହରୀ ପରିବେଶକୁ ଅଧିକ ନିବେଶ-ଉପଯୋଗୀ, ସ୍ଥାୟୀ ଏବଂ ଅଭିନବ କରିବା ପାଇଁ ସଂସ୍କାରମୂଳକ ପଦକ୍ଷେପ ନିଆଯାଉଛି ବୋଲି ସେ ପ୍ରକାଶ କରିଥିଲେ।

ସହରୀ ରୂପାନ୍ତରଣ ଲାଗି ‘ଅର୍ବାନ ଚ୍ୟାଲେଞ୍ଜ ଫଣ୍ଡ’ ଯୋଜନାରେ କେନ୍ଦ୍ର ସରକାରଙ୍କ ୧ ଲକ୍ଷ କୋଟି ଟଙ୍କାର ବ୍ୟୟବରାଦ ସହିତ ପ୍ରକଳ୍ପର ପ୍ରାଥମିକତା, ତ୍ୱରିତ ଅନୁମୋଦନ ଏବଂ ପାଣ୍ଠିର ଦକ୍ଷ ବିନିଯୋଗ ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଏଥିରେ ମୁଖ୍ୟତଃ ଇଣ୍ଟିଗ୍ରେଟେଡ୍ କମାଣ୍ଡ ଆଣ୍ଡ୍ କଣ୍ଟ୍ରୋଲ ସେଣ୍ଟର, ପୌର ପରିଚାଳନାର ଡିଜିଟାଇଜେଶନ, ଡ୍ରୋନ୍‌ଭିତ୍ତିକ ଜମି ପରିଚାଳନା, ଟ୍ରାଞ୍ଜିଟ୍ ଓରିଏଣ୍ଟେଡ୍ ଡେଭଲପମେଣ୍ଟ ଏବଂ ମୌଳିକ ସହରୀ ଭିତ୍ତିଭୂମିର ସୁଦୃଢ଼ୀକରଣ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସମ୍ମିଳନୀରେ ଓଡ଼ିଶାର ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ବରିଷ୍ଠ ପଦାଧିକାରୀଙ୍କ ମଧ୍ୟରେ ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ, ଅତିରିକ୍ତ ସଚିବ ଶତ୍ରୁଘ୍ନ କର, ଆର୍ଥିକ ପରାମର୍ଶଦାତା ତଥା ଅତିରିକ୍ତ ସଚିବ ଶିଖା ବିଶ୍ୱାଳ, ବିଏମ୍‌ସି କମିଶନର ଚଞ୍ଚଳ ରାଣା, ପୁରୀ ମହାନଗର ନିଗମ କମିଶନର ସ୍ନେହା ଅରୁଗୁଲା ପ୍ରମୁଖ ଯୋଗଦେଇଥିଲେ।

## ଗ୍ରାହକଙ୍କ ଜମା ଟଙ୍କା ହଡ଼ପ ଘଟଣା

# ଫେରାର ପୂର୍ବତନ ବିସି ଗିରଫ

**ଧର୍ମଶାଳା,୨୫।୪ (ବଟକୃଷ୍ଣ ପରିଡା)**

ଗ୍ରାହକଙ୍କ ଜମା ଟଙ୍କା ହଡ଼ପ କରି ଫେରାର ଥିବା ୟୁକୋ ବ୍ୟାଙ୍କ, ଧର୍ମଶାଳା ଶାଖାର ପୂର୍ବତନ ବ୍ୟାଙ୍କ ପ୍ରତିନିଧି(ବିସି) ପ୍ରକାଶ ରଣାଙ୍କୁ ଧର୍ମଶାଳା ପୋଲିସ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ରଗଡ଼ି ଉପକାରାଗାରକୁ ପଠାଇ ଦିଆଯାଇଛି।

ଉକ୍ତ ଥାନାର ଅଭୟପୁର ଗ୍ରାମର ଶିବପ୍ରଧାନ ସ୍ଥାୟୀ ଜମା ପାଇଁ ପ୍ରକାଶଙ୍କୁ ୨୦୨୪ ଅକ୍ଟୋବରରେ ୬ ଲକ୍ଷ ଟଙ୍କା ଦେଇଥିଲେ। ପ୍ରକାଶ ଏହି ଟଙ୍କାକୁ ବ୍ୟାଙ୍କରେ ଜମା ନ କରି ହାତଲେଖା ଅବିକଳ ସ୍ଥାୟୀ ଜମା ବଣ୍ଡ ଧରାଇ ଦେଇଥିଲେ। ସେହିପରି କେୱାଇସି, ମୋବାଇଲ୍ ଲିଙ୍କ୍ ଓ ଏଟିଏମ୍ କାର୍ଡ ଆବେଦନ ପାଇଁ ତାଙ୍କଠାରୁ ନେଇଥିବା ଦସ୍ତଖତ ଏବଂ ଆଧାର କାର୍ଡ ବ୍ୟବହାର କରି ପ୍ରକାଶ ବର୍ଷକ ମଧ୍ୟରେ ୧୨ଲକ୍ଷ ୩୦ହଜାର ଟଙ୍କା ଉଠାଇ ନେଇଥିବା ବ୍ୟାଙ୍କ୍ ଷ୍ଟେଟ୍‌ମେଣ୍ଟରୁ ଜଣାପଡ଼ିଥିଲା। ଏଥିସହ ଶିବପ୍ରସାଦଙ୍କ ସ୍ତ୍ରୀ ସୁମିତ୍ରାଙ୍କ ଆକାଉଣ୍ଟରୁ ୫୫ହଜାର, ଝିଅ ବର୍ଷାଙ୍କ ଆକାଉଣ୍ଟରୁ ୫୦ହଜାର, ପୁତୁରା କଳ୍ପତରୁଙ୍କ ଆକାଉଣ୍ଟରୁ ୨୦ହଜାର, ଦିଗମ୍ବରପୁର ଗ୍ରାମର ଚନ୍ଦ୍ରମଣି ଖଟୁଆଙ୍କ ୧ଲକ୍ଷ ୯୨ହଜାର ଟଙ୍କା, ବାଳକୃଷ୍ଣ ପରିଡ଼ା ୨ଥରରେ ଦେଇଥିବା ୫୩ହଜାର ଟଙ୍କା, ଅଚ୍ୟୁତପୁର(ପାହାଡ଼ତଳି)ଗ୍ରାମର ରବୀନ୍ଦ୍ର ସାହୁଙ୍କ ୬୦ହଜାର, ଭବାନୀପୁର ପଞ୍ଚାୟତ ଭୁବନ ଗ୍ରାମର ସୁତାଂଶୁରାଣୀ ବରାଳଙ୍କ ୩ଲକ୍ଷ ୪୨ହଜାର, ବଡ଼କାଏମା ପଞ୍ଚାୟତ ଗୋଗଳ ଗ୍ରାମର ସବିତା ସାମଲଙ୍କ ୪୦ହଜାର ଓ ପ୍ରଥମାଖଣ୍ଡି ଗ୍ରାମର ଅନୁପମା ସାହାଣୀଙ୍କ ୩୦ହଜାର ଟଙ୍କାକୁ ବ୍ୟାଙ୍କରେ ଜମା କରିବା ବଦଳରେ ସେ ଲୁଟି ନେଇଥିଲେ।

ଏ ସମ୍ପର୍କରେ ସଂପୃକ୍ତ ଗ୍ରାହକମାନେ ବ୍ୟାଙ୍କ୍ କର୍ତ୍ତୃପକ୍ଷ, କଟକ ସାଇବର ଥାନା ଓ ଧର୍ମଶାଳା ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ସୁଫଳ ମିଳିପାରି ନ ଥିଲା। ଏହାପରେ ସେମାନେ ଟଙ୍କା ଫେରିପାଇବା ଦାବିରେ ବ୍ୟାଙ୍କ୍ ସମ୍ମୁଖରେ ଧାରଣା ଦେଇଥିଲେ। ଅଭିଯୁକ୍ତ ବ୍ୟାଙ୍କରେ ବସି କାମ କରୁଥିବାରୁ ଗ୍ରାହକ ତାଙ୍କୁ ବ୍ୟାଙ୍କ୍ କର୍ମଚାରୀ ଭାବି ଟଙ୍କା ଜମା କରିବାକୁ ଦେଇଥିଲେ। ହେଲେ ସେ ଟଙ୍କା ଜମା କରିବା ବଦଳରେ ୧୦ରୁ ଅଧିକ ଗ୍ରାହକଙ୍କ ପ୍ରାୟ ୨୭ଲକ୍ଷ ଟଙ୍କା ହଡ଼ପ କରି ଫେରାର୍ ହୋଇଯାଇଥିଲେ। ଏହାପରେ ବ୍ୟାଙ୍କ୍ ପକ୍ଷରୁ ମଧ୍ୟ ପ୍ରକାଶଙ୍କ ନାଁରେ ଥାନାରେ ଏତଲା ଦିଆଯାଇଥିଲା। ପୋଲିସ ନଂ.୬୦୨/୨୫ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ପ୍ରକାଶଙ୍କ ନାମରେ ୨ଟି କେସ୍ ଥାନାରେ ହୋଇଥିଲା ବୋଲି ଥାନାଅଧିକାରୀ ଚିନ୍ମୟୀ ସାହୁ ସୂଚନା ଦେଇଛନ୍ତି।

# ବିଶେଷ ସ୍ଥିତି ନ ଥିଲେ ଘରୋଇ ନିବନ୍ଧନ ହେବନାହିଁ: ଅରବିନ୍ଦ ପାଢ଼ୀ

**ଭୁବନେଶ୍ୱର, ୨୫।୪(ସୁନିତ୍ ମିଶ୍ର)**

ବିଭିନ୍ନ ଦଲିଲ୍ ନିବନ୍ଧନ ତଥା ପଞ୍ଜୀକରଣ ସମ୍ବନ୍ଧୀୟ ଆଇନଗତ ବ୍ୟବସ୍ଥାର କଡ଼ା ଅନୁପାଳନ ସୁନିଶ୍ଚିତ କରିବା ପାଇଁ ସମସ୍ତ ନିବନ୍ଧ କର୍ତ୍ତୃପକ୍ଷଙ୍କୁ ସ୍ପଷ୍ଟ ନିର୍ଦ୍ଦେଶ ଜାରି କରାଯାଇଛି। ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅରବିନ୍ଦ ପାଢ଼ୀ ଏନେଇ ଇନ୍ସପେକ୍ଟର ଜେନେରାଲ ଅଫ୍ ରେଜିଷ୍ଟ୍ରେଶନଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଦଲିଲ୍ ନିବନ୍ଧନ କିମ୍ବା ଜମି ପାଇଁ ବହୁ ସଂଖ୍ୟକ ମାମଲାରେ ଅଧିକାରୀ ଓ କର୍ମଚାରୀମାନେ ଘରକୁ ଯାଇ ନିବନ୍ଧନ କାର୍ଯ୍ୟ ସମ୍ପାଦନ କରାଯାଉଥିବା ସରକାରଙ୍କ ନଜରକୁ ଆସିଛି। ଏହା ଭାରତୀୟ ନିବନ୍ଧନ ଆଇନ ୧୯୦୮ ଏବଂ ଓଡ଼ିଶା ନିବନ୍ଧନ ନିୟମ ୧୯୮୮ର ମୂଳ ଉଦ୍ଦେଶ୍ୟ ତଥା ରୂପରେଖ ଅନୁଯାୟୀ ସମୁଚିତ ନୁହେଁ ବୋଲି ବିଭାଗ ପକ୍ଷରୁ ଉଲ୍ଲେଖ କରାଯାଇଛି। ଆଇନ ଅନୁଯାୟୀ କେବଳ ବିଶେଷ ସ୍ଥିତିରେ ଘରକୁ ଯାଇ ନିବନ୍ଧନ କାର୍ଯ୍ୟ ଅନୁମୋଦନ କରାଯାଇପାରିବ। ଯଦି କୌଣସି ବ୍ୟକ୍ତି ଶାରୀରିକ ଅସୁସ୍ଥତା, ଆଇନଗତ ଗିରଫଦାରି କିମ୍ବା ଅନ୍ୟ କୌଣସି ଆବଶ୍ୟକତାବଶତଃ ନିବନ୍ଧନ କାର୍ଯ୍ୟାଳୟକୁ ଯିବାରେ ଅସମର୍ଥ, ସେହି ସ୍ଥାନରେ ଏପରି ବ୍ୟବସ୍ଥା ଲାଗୁହେବ। କେବଳ ଏହିସବୁ ପରିସ୍ଥିତି ପରିପ୍ରେକ୍ଷୀରେ ନିବନ୍ଧନ କାର୍ଯ୍ୟକର୍ତ୍ତାଙ୍କୁ ସଂପୃକ୍ତ ବ୍ୟକ୍ତିଙ୍କ ଘରକୁ ଯାଇ କାର୍ଯ୍ୟ ସମ୍ପାଦନ କରିବାର ଅଧିକାର ରହିଛି। ଘରୋଇ ନିବନ୍ଧନ ପୂର୍ବରୁ କର୍ତ୍ତୃପକ୍ଷଙ୍କଠାରୁ ଅନୁମତି ନିଆଯିବା ଦରକାର। ସବୁ ଏଡିଏମ୍ ଏବଂ ରେଜିଷ୍ଟ୍ରାରଙ୍କୁ ଏହି ଆଇନର କାର୍ଯ୍ୟକାରିତା ନେଇ ପର୍ଯ୍ୟବେକ୍ଷଣ ଲାଗି ନିର୍ଦ୍ଦେଶ ଦିଆଯାଇଛି।

# ମାଟିତଳେ ରହିଛି ବିଲୁପ୍ତ ସଭ୍ୟତା

**ଭବାନୀପାଟଣା,୨୫।୪(ଉତ୍ତମ କୁମାର ଦାଶ)**



## କଳାହାଣ୍ଡିର ଐତିହ୍ୟ ଅସୁରଗଡ଼

ପ୍ରତ୍ନତାତ୍ତ୍ୱିକ ଖନନରୁ ମିଳୁଥିବା ଏକ ମାଟି ଖଣ୍ଡ କିମ୍ବା ଖୋଦିତ ଧାତୁଟିଏ ବି ପ୍ରତ୍ନତାତ୍ତ୍ୱିକ ବିଶ୍ଳେଷଣ ଇତିହାସର ପୃଷ୍ଠା ଓଲଟପାଲଟ କରିପାରେ। ପ୍ରତ୍ନତତ୍ତ୍ୱବିତ୍‌ଙ୍କ କହିବା ଅନୁସାରେ, କଳାହାଣ୍ଡି ଜିଲାରେ ପ୍ରସ୍ତର ଓ ଲୌହ ଯୁଗରେ ମଣିଷ ବସବାସ କରୁଥିଲେ। ଜିଲାର ଭୂ-ତଳେ ଏବେବି ଲୁଚିରହିଛି ଲୋପ ପାଇଯାଇଥିବା ଅନେକ ସଭ୍ୟତା। ଜିଲାର ନର୍ଲା ବ୍ଲକ ଅନ୍ତର୍ଗତ ସାନ୍ଧୁଲ ନଦୀ ଅବବାହିକାରେ ରହିଛି ଐତିହ୍ୟ ଅସୁରଗଡ଼। ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ)ର ଭୁବନେଶ୍ୱର ଶାଖା ଦ୍ୱାରା ଅସୁରଗଡ ଦୁର୍ଗର ଉତ୍‌ଖନନ କାର୍ଯ୍ୟ ୨୦୧୮-୧୯ ମସିହାରେ ହୋଇଥିଲା। ଖ୍ରୀଷ୍ଟପୂର୍ବ ଅଷ୍ଟମ ଶତାବ୍ଦୀ ଅର୍ଥାତ୍ ୨୮୦୦ ବର୍ଷ ପୂର୍ବେ ଅସୁରଗଡ଼ ବସତି ଥିବା ବିଭାଗ କହୁଛି। ଅସୁରଗଡ଼ର ଖନନ ସମୟରେ ମୌର୍ଯ୍ୟ ଶାସନ କାଳରୁ କୁଷାଣ ଶାସନ ପର୍ଯ୍ୟନ୍ତ ବହୁ ସାମଗ୍ରୀ ମିଳିଥିଲା। ଏହା ଲୌହ ସଭ୍ୟତାର ପ୍ରତୀକ ସୂଚିତ କରୁଛି ଓ ତାହା ଶିଶୁପାଳ ଗଡ଼ଠାରୁ ମଧ୍ୟ ପୁରୁଣା ବୋଲି ପ୍ରତ୍ନତାତ୍ତ୍ୱିକ ବିଭାଗ ପକ୍ଷରୁ କୁହାଯାଉଛି। ଲୌହକଳା, କୌଶଳ ବ୍ୟବହାର କରି ଏଠାକାର ଆଦିମ ଅଧିବାସୀ ଏକ ପୁରାତନ ସହରୀକରଣ ପ୍ରକ୍ରିୟାରେ ଯଥେଷ୍ଟ ଉନ୍ନତି କରିଥିବା ବେଳେ ମଲ୍ଲାର ଅଞ୍ଚଳ ସହ ଆନ୍ଧ୍ର ପ୍ରଦେଶର ବିଶାଖାପାଟଣା ପ୍ରାଚୀନ ବାଣିଜ୍ୟ ସହ ସଂଯୋଗ ରହିଥିବା କୁହାଯାଉଛି। ସେହି ଅସୁରଗଡର ଉତ୍ତର ପଶ୍ଚିମରେ ଅବସ୍ଥିତ ଭୀମକେଲା ଗାଁରେ ଗ୍ରାନାଇଟ ପଥରରେ ଖୋଦିତ କାରୁକାର୍ଯ୍ୟ ବିଶିଷ୍ଟ ଭଗବାନ ବିଷ୍ଣୁଙ୍କ ପ୍ରତିମା ଅବସ୍ଥାପିତ। ଗୁପ୍ତ ଯୁଗୀୟ ଖ୍ରୀଷ୍ଟାବ୍ଦ ପଞ୍ଚମରୁ ଷଷ୍ଠ ଶତାବ୍ଦୀର ବୋଲି ପ୍ରତ୍ନତତ୍ତ୍ୱବିତ ତଥା ଗବେଷକମାନେ ମତ ପ୍ରକାଶ କରିଛନ୍ତି। ଗୁପ୍ତ ଯୁଗର ପ୍ରାରମ୍ଭିକ କାଳରେ ମନ୍ଦିରଗୁଡ଼ିକର କେବଳ ଗର୍ଭଗୃହ ରହୁଥିଲା ଓ ସମତଳ ଛାତ ବିଶିଷ୍ଟ ହେଉଥିଲା। ଏଣୁ ଭଗ୍ନାବଶେଷ ମନ୍ଦିରଟି ଗୁପ୍ତଯୁଗୀୟ ପ୍ରାରମ୍ଭିକ ପର୍ଯ୍ୟାୟର ହୋଇଥିବା ଅନୁମାନ କରାଯାଏ। ସାନ୍ଧୁଲ ନଦୀ ଅବବାହିକାରେ ଅନେକ ପୁରାତନ ଖପୁରୀ, ଭଙ୍ଗାରୁଜା ମାଟି ପାତ୍ର, ପୁରୁଣା ଘରକଣା ଜିନିଷ, ପଥର ମାଳି, ଛୋଟ ମୁଗୁନି ପଥରରେ ନିର୍ମିତ ନାରୀ ପ୍ରତିମା, କାରୁକାର୍ଯ୍ୟ ବିଶିଷ୍ଟ ଭଗବାନ ବିଷ୍ଣୁଙ୍କ ଦଣ୍ଡାୟମାନ ଛୋଟ ଭଗ୍ନାବଶେଷ ମୂର୍ତ୍ତି ଗ୍ରାମର ଲୋକମାନେ ଉଦ୍ଧାର କରିଥିବାରୁ ଏହି ସ୍ଥାନକୁ ତ୍ରାମାଂଶୁ ସଂସ୍କୃତିର ଅବଶେଷ ବୋଲି ବିବେଚନା କରାଯାଏ। କେନ୍ଦ୍ର ପ୍ରତ୍ନତତ୍ତ୍ୱ ବିଭାଗ ନିୟମ ଅନୁଯାୟୀ ପ୍ରାଚୀନ ସ୍ମାରକୀ ପ୍ରତ୍ନତାତ୍ତ୍ୱିକ ସ୍ଥଳ ଅବଶେଷ (ସଂଶୋଧନ ଓ ବୈଧିକରଣ) ଅଧିନିୟମ ୨୦୧୦ ଧାରା ୨୦(କ) ଓ (ଖ) ଅନୁଯାୟୀ କୌଣସି କେନ୍ଦ୍ରୀୟ ସଂରକ୍ଷିତ ସ୍ଥଳ ବା ସ୍ମାରକ ସୀମାଠାରୁ ସର୍ବନିମ୍ନ ୧୦୦ମିଟର ଓ ଏହାଠାରୁ ଚତୁଃପାର୍ଶ୍ୱରେ ସର୍ବନିମ୍ନ ୨୦୦ ମିଟର ଅଞ୍ଚଳକୁ ଖନନ ଓ ନୂତନ ନିର୍ମାଣ ପାଇଁ ନିଷିଦ୍ଧାଞ୍ଚଳ ଓ ନିୟନ୍ତ୍ରିତ ଅଞ୍ଚଳ ଭାବେ ଘୋଷିତ ହୋଇଛି।

# ବିରୂପା ନଦୀରେ ବୁଡ଼ି ନାବାଳକ ଛାତ୍ର ମୃତ

## ଶନି ଓଷାରେ ଦର୍ଶନ କରିବାକୁ ଆସୁଥିବାବେଳେ ଅଘଟଣ

**ମାହାଙ୍ଗା,୨୫।୪ (ଅଜୟ କୁମାର ମହାନ୍ତି)**

କଟକ ଜିଲା ମାହାଙ୍ଗା ଥାନା ଅନ୍ତର୍ଗତ ମୂଳବସନ୍ତ ପଞ୍ଚାୟତସ୍ଥିତ ଗୁଣ୍ଡୁପୁର ଶନିଘାଟ ନିକଟ ବିରୂପା ନଦୀରେ ବୁଡ଼ିଯିବାରୁ ଶନିବାର ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ମାହାଙ୍ଗା ବ୍ଲକ ଅନ୍ତର୍ଗତ ରାହାଣିଆ ପଞ୍ଚାୟତ କାଳୀଅଣ୍ଡି ଗ୍ରାମର ପଦ୍ମଲୋଚନ ଜେନା (୧୭)। ସେ ଚଣ୍ଡିଖୋଲସ୍ଥିତ ବାବା ଭୈରବାନନ୍ଦ ମହାବିଦ୍ୟାଳୟର ଯୁକ୍ତ ୨ ଦ୍ୱିତୀୟ ବର୍ଷର ବାଣିଜ୍ୟ ବିଭାଗର ଛାତ୍ର ଥିଲେ। ଶନି ଓଷା ଓ ଶନିଶ୍ଚରଙ୍କ ବାର୍ଷିକ ଉତ୍ସବ ଉପଲକ୍ଷେ ମନ୍ଦିରକୁ ଦର୍ଶନ କରିବାକୁ ପଦ୍ମଲୋଚନ ସାଙ୍ଗ କୁସୁପୁର ପଞ୍ଚାୟତ ଅନ୍ତର୍ଗତ ବାଗସରପୁର ଗ୍ରାମର ମୃତ୍ୟୁଞ୍ଜୟ ସେଠୀଙ୍କ ସହ ଆସୁଥିବାବେଳେ ଏହି ଅଘଟଣ ଘଟିଛି। ଉଭୟ ସାଙ୍ଗ ବାଗସରପୁରଠାରେ ବିରୂପା ନଦୀରେ ପଶି ପାର୍ ହେଉଥିଲେ। ଏହି ସମୟରେ ଅସାବଧାନତାବଶତଃ ପଦ୍ମଲୋଚନ ପାଣିରେ ବୁଡି ଯାଇଥିଲେ।


ପଦ୍ମଲୋଚନ ଜେନା

ଏହାଦେଖି ସାଙ୍ଗ ମୃତ୍ୟୁଞ୍ଜୟ ବଡପାଟିରେ ଡାକ ପକାଇଥିଲେ ମଧ୍ୟ ମାଇକ ସାଉଣ୍ଡ ଯୋଗୁ ଶୁଣାଯାଇ ନ ଥିଲା। ଏବିଷୟରେ ମୃତ୍ୟୁଞ୍ଜୟ ଅନ୍ୟମାନଙ୍କର ଦୃଷ୍ଟି ଆକର୍ଷଣ କଲାବେଳକୁ ପଦ୍ମଲୋଚନ ବୁଡିଯାଇଥିଲେ। ଖବରପାଇ ସ୍ଥାନୀୟ ଲୋକେ ଖୋଜାଖୋଜି କରି ତାଙ୍କୁ ପାଣିରୁ ଉଦ୍ଧାର କରି ମାହାଙ୍ଗା ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ପଦ୍ମଲୋଚନଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏହାପରେ ମାହାଙ୍ଗା ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡାକ୍ତରଖାନା ପଠାଇଥିଲେ। ସେଠାରୁ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବାପରେ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପଦ୍ମଲୋଚନଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳ ଏବଂ କଲେଜ ଛାତ୍ରୀଛାତ୍ରଙ୍କ ମହଲରେ ଶୋକର ଛାୟା ଖେଳିଯାଇଛି।

# ଅନୁମତି ନ ମିଳିବାରୁ କଂଗ୍ରେସର ପଦଯାତ୍ରା ବନ୍ଦ

**ଭୁବନେଶ୍ୱର, ୨୫।୪(ସୁନିତ୍ ମିଶ୍ର)**

ଜଗତ୍‌ସିଂହପୁର ଢିଙ୍କିଆଠାରୁ କଂଗ୍ରେସ ଆରମ୍ଭ କରିବାକୁ ଥିବା ୮ ଦିନିଆ ଯାତ୍ରାକୁ ଅନୁମତି ମିଳିନାହିଁ। ଜଗତ୍‌ସିଂହପୁର ପ୍ରଶାସନ ପକ୍ଷରୁ ଅନୁମତି ନ ମିଳିବା ଯୋଗୁ ଉକ୍ତ ପଦଯାତ୍ରାକୁ ସ୍ଥଗିତ ରଖାଯାଇଥିବା କଂଗ୍ରେସ ମୁଖପାତ୍ର ରଜନୀ ମହାନ୍ତି କହିଛନ୍ତି। କଂଗ୍ରେସ ଭବନଠାରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ରଜନୀ କହିଛନ୍ତି, ଏହି ପଦଯାତ୍ରା ଢିଙ୍କିଆଠାରୁ ବାହାରି ୮ ଦିନରେ ଲୋକଭବନ ଠାରେ ପହଞ୍ଚିଥାଆନ୍ତା। ବିଭିନ୍ନ ଶିଳ୍ପସଂସ୍ଥା ପକ୍ଷରୁ କରାଯାଉଥିବା ବିସ୍ଥାପନ ପ୍ରସଙ୍ଗକୁ ନେଇ କଂଗ୍ରେସ ପକ୍ଷରୁ କାର୍ଯ୍ୟକ୍ରମ ପାଇଁ ସ୍ଥିର କରାଯାଇଥିଲା। ଜଗତ୍‌ସିଂହପୁର, ଯାଜପୁର, ଅନୁଗୋଳ, ସୁନ୍ଦରଗଡ଼ଠାରୁ କୋରାପୁଟ ରାୟଗଡ଼ା ପର୍ଯ୍ୟନ୍ତ କେବଳ ଶିଳ୍ପସଂସ୍ଥାଙ୍କ ସ୍ୱାର୍ଥକୁ ଆଖି ଆଗରେ ରଖି ଖଣି ଓ ଶିଳ୍ପାୟନକରି ଆଦିମ ଜନଜାତିଙ୍କୁ ବେନିୟମ ବିସ୍ଥାପନ କରାଯାଉଛି। କଂଗ୍ରେସ ଯେତେବେଳେ ଆଦିବାସୀ ଏବଂ ଏହାଦ୍ୱାରା ପ୍ରଭାବିତ ଲୋକଙ୍କ ସ୍ୱାର୍ଥ ଓ ନ୍ୟାୟ ପାଇଁ ଲଢ଼େଇ କରିବାକୁ ଉଦ୍ୟମ କରୁଛି କଂଗ୍ରେସର ମୁହଁବନ୍ଦ କରିବାକୁ ପ୍ରଶାସନ କାର୍ଯ୍ୟକ୍ରମ ପାଇଁ ଅନୁମତି ନ ଦେବା ଦୁଃଖଦାୟକ ବୋଲି ସେ କହିଛନ୍ତି। ପିସିସି ଉପସଭାପତି ଲଲାଟେନ୍ଦୁ ମହାପାତ୍ର କହିଛନ୍ତି, ଶାନ୍ତିପୂର୍ଣ୍ଣ ପଦଯାତ୍ରାକୁ ପ୍ରଶାସନ ଅନୁମତି ନ ଦେବା ଗଣତନ୍ତ୍ରର ହତ୍ୟା ।

## ସିଜିମାଳି ଖଣି ଖନନ ମାମଲା

# ତଥ୍ୟ ଅନୁସନ୍ଧାନ କଲା ଜାତୀୟ ଯୁବ କଂଗ୍ରେସ ଟିମ୍

**ରାୟଗଡ଼ା,୨୫।୪ (ଆଶିଷ ରଞ୍ଜନ ପଣ୍ଡା)**


ରାୟଗଡ଼ା ଜିଲା କାଶୀପୁର ବ୍ଲକ ସିଜିମାଳି ନିକଟସ୍ଥ କଣ୍ଟାମାଳ ଗ୍ରାମରେ କଂଗ୍ରେସ ଟିମ୍ ।

ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି) ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଓ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ନିର୍ଦ୍ଦେଶକ୍ରମେ ଶନିବାର ଜାତୀୟ ଯୁବ କଂଗ୍ରେସର ଏକ ଟିମ୍ ରାୟଗଡ଼ା ଗସ୍ତରେ ଆସି ସିଜିମାଳି ଅଞ୍ଚଳବାସୀ, କଣ୍ଟାମାଳ, ଶାଗବାରି ଗ୍ରାମବାସୀଙ୍କ ସହିତ ଆଲୋଚନା କରିଛନ୍ତି। ଟିମ୍ ଇନଚାର୍ଜ ମନୀଷ ଶର୍ମା, ଜାତୀୟ ଯୁବ କଂଗ୍ରେସର ରାଷ୍ଟ୍ରୀୟ ଅଧ୍ୟକ୍ଷ ଉଦୟଭାନ୍ ଚିବ୍, ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ରଙ୍କ ସମେତ ଓଡ଼ିଶା କଂଗ୍ରେସ ଏଆଇସିସି ପ୍ରଭାରୀ ଅଜୟ କୁମାର ଲଲୁ ପ୍ରମୁଖ ପ୍ରଥମେ ସିଜିମାଳି ଅଞ୍ଚଳର କଣ୍ଟାମାଳ ଓ ପରେ ଶାଗବାରି ଗ୍ରାମ ଯାଇ ଲୋକଙ୍କ ସହିତ ଆଲୋଚନା କରିଥିଲେ । କଣ୍ଟାମାଳ ଗ୍ରାମରେ ଉଭୟ ରାୟଗଡ଼ା ଓ କଳାହାଣ୍ଡି ଜିଲାର ଲୋକେ ନିଜର ଦୁଃଖ ଜଣାଇଥିଲେ। କେଉଁ ପରିସ୍ଥିତିରେ ପୋଲିସ ଓ ଆନ୍ଦୋଳନକାରୀଙ୍କ ମଧ୍ୟରେ ସଂଘର୍ଷ ହେଲା, ସେ ନେଇ କଂଗ୍ରେସ ନେତା ମତାମତ ସଂଗ୍ରହ କରିଥିଲେ। ସେମାନେ ପ୍ରଭାବିତଙ୍କ ସହ ଆଲୋଚନା କରି ପୋଲିସ ଓ ପ୍ରଶାସନର ଅମାନୁଷିକ କାର୍ଯ୍ୟକୁ ନିନ୍ଦା କରିଥିଲେ। ସିଜିମାଳି ପାହାଡ଼ ଉପରେ ଆଦିବାସୀଙ୍କ ସମ୍ପୂର୍ଣ୍ଣ ଅଧିକାର ଅଛି ବୋଲି କଂଗ୍ରେସ ନେତା ପ୍ରକାଶ କରିବା ସହ ସିଜିମାଳି ଖଣି ଖନନକୁ ଦଳ ପକ୍ଷରୁ ତୀବ୍ର ନିନ୍ଦା କରାଯାଉଛି ବୋଲି କହିଥିଲେ।

ବେଦାନ୍ତ କମ୍ପାନୀ ମାଲିକ ଆମ ଆଦିବାସୀଙ୍କ ଜଳ, ଜଙ୍ଗଲ ଜମି ନେଇ ବିଦେଶରେ ରହୁଥିବା ଅଜୟ କୁମାର ଲଲୁ କହିଛନ୍ତି । ସବୁବେଳେ ଗରିବ କାହିଁକି ତ୍ୟାଗ କରିବ, ଖଣି କମ୍ପାନୀ ମାଲିକ କାହିଁକି ଅଞ୍ଚଳବାସୀଙ୍କ ପ୍ରତି ସହଯୋଗର ହାତ ବଢ଼ାଇବ ନାହିଁ ବୋଲି ଜାତୀୟ ୟୁଥ୍ କଂଗ୍ରେସ ଇନ୍‌ଚାର୍ଜ ଚିବ୍ କହିଛନ୍ତି । ଖଣି ପ୍ରଭାବିତଙ୍କ ସହ ଆଲୋଚନା ସରିବା ପରେ ଏହି ଟିମ୍ ରାହୁଲ ଗାନ୍ଧୀଙ୍କୁ ଏକ ରିପୋର୍ଟ ପ୍ରଦାନ କରିବ ବୋଲି ଉଦୟଭାନ୍ କହିଛନ୍ତି। ଆବଶ୍ୟକ ପଡ଼ିଲେ ରାହୁଲ ଗାନ୍ଧୀ ମଧ୍ୟ ସିଜିମାଳି ଆସି ଲୋକଙ୍କ ସହିତ ମିଶି ସଂଗ୍ରାମ କରିବେ ବୋଲି ଉଦୟଭାନ୍ କହିଛନ୍ତି ।

## ଖୁବ୍‌ଶୀଘ୍ର ଆସିପାରନ୍ତି ରାହୁଲ ଗାନ୍ଧୀ

ଯୁବ କଂଗ୍ରେସ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୨୪ଘଣ୍ଟିଆ ସତ୍ୟାଗ୍ରହ ଆରମ୍ଭ କରାଯାଇଛି। ରବିବାର ପୂର୍ବାହ୍ନ ୯ଟା ପର୍ଯ୍ୟନ୍ତ ଏହା ଜାରି ରହିବ ବୋଲି ଉଦୟଭାନ୍ ସୂଚନା ଦେଇଛନ୍ତି । ଏହି ଗସ୍ତରେ କୋରାପୁଟ ଏମ୍‌ପି ସପ୍ତଗିରି ଶଙ୍କର ଉଲାକା, ରାୟଗଡ଼ା ବିଧାୟକ ଆପଲସ୍ୱାମୀ କାଡ୍ରାକା, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁତା, କୋରାପୁଟ ଜିଲା ସଭାପତି ରୂପକ ଭତ୍ରା, ଶଙ୍କର୍ଷଣ ମଙ୍ଗରାଜ, ବାପି ପଟ୍ଟନାୟକ, ହରିଶ ପଟ୍ଟନାୟକ, ଯୁବନେତା ଭବାନୀ ଶଙ୍କର ଜେନା, ସତ୍ୟବାନ ମାଣ୍ଡାଙ୍ଗି, ଜିଲା ଯୁବ କଂଗ୍ରେସ ସଭାପତି ମୋହନ ନାଏକ, ଅଶୋକ ପୁଆଲାଙ୍କ ସମେତ ବହୁ ବରିଷ୍ଠ କଂଗ୍ରେସ ନେତା ଓ ଯୁବନେତାମାନେ ଉପସ୍ଥିତ ଥିଲେ ।

# ଦୁର୍ଘଟଣା ପରେ ଟ୍ରକ୍-ଟ୍ରେଲର ଜଳିଗଲା



**ବାରିପଦା,୨୫।୪ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲା କୁଳିଅଣା ଥାନା ଅଧୀନ ୧୮ନଂ. ଜାତୀୟ ରାଜପଥର କାଠଶିରିସ ନିକଟରେ ଶନିବାର ରାତି ପ୍ରାୟ ୧୦ଟାବେଳେ ଟ୍ରକ୍ ଓ ଟ୍ରେଲର ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ,ଉଭୟ ଗାଡ଼ିରେ ନିଆଁ ଲାଗି ହୁତୁହୁତୁ ହୋଇ ଜଳି ଯାଇଥିଲା। ଦୁର୍ଘଟଣାରେ ଗୁରୁତର ହୋଇଥିବା ଟ୍ରକ୍ ଡ୍ରାଇଭରଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଡାକ୍ତରଖାନା ପଠାଇଛନ୍ତି। ଟ୍ରକ୍ ଓ ଟ୍ରେଲରର ହେଲପରଙ୍କ ପତ୍ତା ମିଳୁ ନ ଥିବାରୁ ଉଭୟେ ଜଳନ୍ତା ଗାଡ଼ି ଭିତରେ ରହି ଯାଇଥିବା ସ୍ଥାନୀୟ ଲୋକେ ସନ୍ଦେହ ପ୍ରକାଶ କରୁଥିବା କହିଛନ୍ତି। ରିପୋର୍ଟ ଲେଖାହେବା ସୁଦ୍ଧା ଅଗ୍ନିଶମ କର୍ମଚାରୀ ନିଆଁ ଲିଭା କାର୍ଯ୍ୟ ଜାରି ରଖିଥିଲେ। ପୋଲିସ ପହଞ୍ଚି ତଦନ୍ତ କରୁଛି।

# ଡ୍ରୋନ୍
## ବଢୁଛି ଡିମାଣ୍ଡ



**ଆମ ଦେଶରେ ପ୍ରତିରକ୍ଷା, ପର୍ଯ୍ୟଟନ, ସ୍ୱାସ୍ଥ୍ୟ, କୃଷି ଏବଂ ମନୋରଞ୍ଜନ ଭଳି ବିଭିନ୍ନ କ୍ଷେତ୍ରରେ ବର୍ତ୍ତମାନ ଡ୍ରୋନ୍ ଟେକ୍ନୋଲୋଜିର ବହୁଳ ବ୍ୟବହାର ହେଉଛି; ଯାହାକୁ ଆଖିଆଗରେ ରଖି ଦିନକୁ ଦିନ ଯୁବପିଢ଼ିଙ୍କ ପାଇଁ ଏ କ୍ଷେତ୍ରରେ ଭଲ କ୍ୟାରିୟର ଗଢ଼ିବାର ସମ୍ଭାବନା ବୃଦ୍ଧି ପାଉଛି...**



ଡ୍ରୋନ୍ କେବଳ ବିବାହ, ବ୍ରତ ଭଳି କାର୍ଯ୍ୟକ୍ରମରେ ଫଟୋଗ୍ରାଫି, ଭିଡିଓଗ୍ରାଫି ଆଦି ପାଇଁ ନୁହେଁ ; ବରଂ ବିଭିନ୍ନ କ୍ଷେତ୍ରରେ ବ୍ୟବହାର କରାଯାଉଛି। ଯେଉଁଥିପାଇଁ ସରକାରୀ ସ୍ତରରେ ମଧ୍ୟ ଏନେଇ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି। ବର୍ତ୍ତମାନ ଆମ ଦେଶରେ ଭିନ୍ନ ଭିନ୍ନ କ୍ଷେତ୍ରରେ ଆବଶ୍ୟକତାକୁ ଦେଖି ୨୫୦ ଗ୍ରାମ୍‌ର ନାନୋ ଡ୍ରୋନ୍‌ରୁ ଆରମ୍ଭ କରି ୧୫୦ କିଲୋଗ୍ରାମ୍‌ରୁ ଅଧିକ ଭାରି ଡ୍ରୋନ୍ ମଧ୍ୟ ବ୍ୟବହାର କରାଯାଉଛି। ତା'ଛଡ଼ା ବାହାର ଦେଶରେ ଡ୍ରୋନ୍ ମଗାଇବା ଉପରେ ସରକାର ଅଙ୍କୁଶ ଲଗାଇଥିବାରୁ ଡ୍ରୋନ୍ କେବଳ ନିଜ ଦେଶରେ ପ୍ରସ୍ତୁତ ହେଉଛି। ତେଣୁ ଅନେକ ସ୍ୱଦେଶୀ କମ୍ପାନୀ ସଂଖ୍ୟା ମଧ୍ୟ ବୃଦ୍ଧି ପାଉଛି। ତେଣୁ ଏ କ୍ଷେତ୍ରରେ କ୍ୟାରିୟର ଗଢ଼ିବାକୁ ଇଚ୍ଛୁକ ଯୁବତୀ ଯୁବକଙ୍କ ପାଇଁ ଏକାଧିକ ଅପ୍ସନ ରହିଛି।





**କ୍ୟାରିୟର ଅପ୍ସନ:**

**ଡ୍ରୋନ୍ ପାଇଲଟ୍:** ବର୍ତ୍ତମାନ ବିବାହ, ବ୍ରତ ଭଳି ଛୋଟ କାର୍ଯ୍ୟକ୍ରମ ହେଉ ଅବା କ୍ରିକେଟ୍ ୱାର୍ଲ୍ଡକପ୍ ମ୍ୟାଚ୍ ରେକର୍ଡିଂ ଭଳି ବଡ଼ ଇଭେଣ୍ଟ ଅବା ଏଗ୍ରିକଲ୍ଚର, ଟୁରିଜମ୍, ଡିଫେନ୍ସ ଭଳି ବିଭିନ୍ନ ସରକାରୀ କ୍ଷେତ୍ରରେ ଭିଡିଓଗ୍ରାଫି, ମ୍ୟାପିଂ, ସର୍ଭେ ଭଳି କାର୍ଯ୍ୟ ପାଇଁ ସବୁଥିରେ ଡ୍ରୋନ୍ ବ୍ୟବହାର କରାଯାଉଛି। ତେଣୁ ଏହାକୁ ଅପରେଟ୍ କରିବା ଲାଗି ତାଲିମପ୍ରାପ୍ତ ଡ୍ରୋନ୍ ପାଇଲଟ୍‌ଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଡାଇରେକ୍ଟୋରେଟ୍ ଜେନେରାଲ୍ ଅଫ୍ ସିଭିଲ୍ ଆଭିଏଶନ୍ (ଡିଜିସିଏ) ଅନୁମୋଦିତ ପ୍ରଶିକ୍ଷଣ କେନ୍ଦ୍ରରେ ତାଲିମପ୍ରାପ୍ତ ଡ୍ରୋନ୍ ପାଇଲଟ୍‌ଙ୍କୁ ଅଗ୍ରାଧିକାର ମିଳିଥାଏ।

**ଡ୍ରୋନ୍ ଟେକ୍ନିସିଆନ୍/ମେକାନିକ୍:** ଡ୍ରୋନ୍‌ର ବ୍ୟବହାର ଯେତେ ଅଧିକ ହେଉଛି, ସେହି ଅନୁଯାୟୀ ଏହାର ରକ୍ଷଣାବେକ୍ଷଣ (ମେଣ୍ଟେନାନ୍ସ), ବିଭିନ୍ନ ସମସ୍ୟାର ନିବାରଣ (ଟ୍ରବୁଲ୍‌ଶୁଟିଂ) ଆଦି କାର୍ଯ୍ୟ ପାଇଁ ତାଲିମପ୍ରାପ୍ତ ଡ୍ରୋନ୍ ଟେକ୍ନିସିଆନ୍ ବା ମେକାନିକ୍ ଜବ୍ ସଂଖ୍ୟା ମଧ୍ୟ ଦ୍ରୁତ ଗତିରେ ବଢ଼ିବାରେ ଲାଗିଛି। ବିଶେଷକରି ଇଲେକ୍‌ଟ୍ରୋନିକ୍ସ ଏବଂ ଏରୋସ୍ପେସ୍ ଇଂଜିନିୟରିଂ ଜ୍ଞାନ ଏଥିପାଇଁ ଗୁରୁତ୍ୱପୂର୍ଣ୍ଣ।

**ଡ୍ରୋନ୍ ଡାଟା ଆନାଲିଷ୍ଟ:** ଡ୍ରୋନ୍ ବ୍ୟବହାର କରି ସଂଗ୍ରହ କରାଯାଉଥିବା ହାଇ ରିଜୋଲ୍ୟୁଶନ୍ ଇମେଜେରୀ ବା ଡାଟାକୁ ବିଶ୍ଳେଷଣ କରିବା ଏବଂ ସମସ୍ୟାର ସମାଧାନ କରିବା ଡାଟା ଆନାଲିଷ୍ଟଙ୍କ କାର୍ଯ୍ୟ ହୋଇଥାଏ। ଉଦାହରଣ ସ୍ୱରୂପ ଆମେ କୃଷିକ୍ଷେତ୍ରକୁ ନେଇପାରିବା, ଯେଉଁଥିରେ ଡ୍ରୋନ୍ ପାଇଲଟ୍ ନେଇଥିବା ଏକ ବିସ୍ତୃତ କୃଷିକ୍ଷେତ୍ରର ଭିଡିଓ ଦେଖି ଡାଟା ଆନାଲିଷ୍ଟ ଫସଲର ମାନ, ରୋଗ ପୋକ ଲାଗିଛି କି ନା, କେଉଁଠି ସାର ଅବା ଔଷଧ ସିଞ୍ଚନ ଆଦି ଆବଶ୍ୟକ କି ନୁହେଁ ଯାଞ୍ଚ କରନ୍ତି। ତେଣୁ ଏହା ମଧ୍ୟ ଯୁବପିଢ଼ିଙ୍କ ପାଇଁ ଏକ ଭଲ କ୍ୟାରିୟର ଅପ୍ସନ ପାଲଟିଛି।

**ଡ୍ରୋନ୍ ସଫ୍ଟୱେର ଡେଭେଲପର୍:** ଅଟୋମେଶନ୍ ଏବଂ କୋଡିଂ ଆଦିରେ ରୁଚି ରଖୁଥିବା ଯୁବତୀଯୁବକଙ୍କ ପାଇଁ ଡ୍ରୋନ୍ ସଫ୍ଟୱେର ଡେଭେଲପର୍ ଭାବେ ଭଲ କ୍ୟାରିୟର ଅପ୍ସନ ରହିଛି। ଏଥିପାଇଁ ମୁଖ୍ୟତଃ ପାଇଥନ୍, ସି++ ଭଳି ଲାଙ୍ଗୁଏଜ୍‌ରେ ଦକ୍ଷତା ରହିବା ଆବଶ୍ୟକ। କାରଣ ଏହି ପ୍ରଫେସନାଲ୍‌ମାନଙ୍କୁ ଫ୍ଲାଇଟ୍ କଣ୍ଟ୍ରୋଲ୍ ସିଷ୍ଟମ୍, ଜିପିଏସ୍ ନେଭିଗେଶନ୍, ଡାଟା ପ୍ରୋସେସିଂ ଆଦି ସଫ୍ଟୱେର୍ ଡେଭେଲପ୍ କରିବାକୁ ହୋଇଥାଏ। ଆମ ଦେଶରେ ଅନେକ ସଫ୍ଟୱେର୍ କମ୍ପାନୀ ଏବଂ ଦକ୍ଷ ସଫ୍ଟୱେର୍ ଇଞ୍ଜିନିୟର, ଯେଉଁମାନେ ମଧ୍ୟ ଡ୍ରୋନ୍ ସଫ୍ଟୱେର୍ ଡେଭେଲପର୍ ଭାବେ କାର୍ଯ୍ୟ କରିପାରିବେ ଏବଂ ଉନ୍ନତ ମାନର ଡ୍ରୋନ୍ ପ୍ରସ୍ତୁତ କରିପାରିବେ।

**ଡ୍ରୋନ୍ ଇନ୍‌ଷ୍ଟ୍ରକ୍ଟର ଏବଂ ଟ୍ରେନର୍:** ଅଭିଜ୍ଞତା ଥିବା ତଥା ତାଲିମପ୍ରାପ୍ତ ଡ୍ରୋନ୍ ଟ୍ରେନର୍ ଛାତ୍ରୀଛାତ୍ରମାନଙ୍କୁ ପ୍ରଶିକ୍ଷଣ ମଧ୍ୟ ଦେଇପାରିବେ। ତେଣୁ ବିଭିନ୍ନ ଡ୍ରୋନ୍ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍‌ରେ ହେଉ କିମ୍ବା ସରକାରୀସ୍ତରରେ ମଧ୍ୟ ହେଉଥିବା ବିଭିନ୍ନ ପ୍ରୋଜେକ୍ଟରେ ଡ୍ରୋନ୍ ଇନ୍‌ଷ୍ଟ୍ରକ୍ଟର ବା ଟ୍ରେନର୍ ଭାବେ କାର୍ଯ୍ୟ କରିପାରିବେ।

**କ'ଣ କୁହନ୍ତି ଏମାନେ...**

**ମାନସ କୁମାର ଖଟେଇ** (ପିପିଲି)– ବଡ଼ ବଡ଼ ଇଭେଣ୍ଟଠୁ ଆରମ୍ଭ କରି ବିବାହ ବ୍ରତ ଭଳି ବିଭିନ୍ନ କାର୍ଯ୍ୟକ୍ରମ ପର୍ଯ୍ୟନ୍ତ ସବୁଠି ବର୍ତ୍ତମାନ ଡ୍ରୋନ୍ ବ୍ୟବହାର ହେଉଛି। ଏହା ଦେଖିବା ପରେ ଏଥିପ୍ରତି ଆଗ୍ରହ ସୃଷ୍ଟି ହୋଇଥିଲା। ତେଣୁ ଏହାକୁ ଅପରେଟ୍ କରିବାର ଟେକ୍‌ନିକ୍ ଶିଖିଲି ଏବଂ କେତୋଟି ଇଭେଣ୍ଟରେ ଭିଡିଓଗ୍ରାଫି କଲି। ଧୀରେ ଧୀରେ ଲୋକେ ମୋତେ ଚିହ୍ନିବା ପରେ ବର୍ତ୍ତମାନ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ଅର୍ଡର ଆସୁଛି। ତେଣୁ ମୋ ମତରେ ଡ୍ରୋନ୍ ବ୍ୟବହାର କରି ଭିଡିଓଗ୍ରାଫି କରିବା ବର୍ତ୍ତମାନ ନିଶ୍ଚିତ ଭାବେ ଯୁବପିଢ଼ିଙ୍କ ପାଇଁ ଏକ ଭଲ କ୍ୟାରିୟର ଅପ୍ସନ ପାଲଟିଛି।

**ସିବୁନା ସିଂହ** (ଗୁରୁଜଙ୍ଗ, ଖୋର୍ଦ୍ଧା)– ବିଭିନ୍ନ ପର୍ବପର୍ବାଣି, ବିବାହୋତ୍ସବ, ଯାନିଯାତ୍ରା, ଶୋଭାଯାତ୍ରା ଏବଂ ବଡ଼ ବଡ଼ ସରକାରୀ ଇଭେଣ୍ଟଗୁଡ଼ିକରେ ଡ୍ରୋନର ଡିମାଣ୍ଡ ବଢ଼ିଛି। ସମୟ ବଦଳିବା ସହ ଲୋକଙ୍କ ଲାଇଫଷ୍ଟାଇଲରେ ପରିବର୍ତ୍ତନ ଆସିଛି। ତେଣୁ ସେମାନଙ୍କ ଚାହିଦା, ଆବଶ୍ୟକତା ଅନୁସାରେ ଡ୍ରୋନ୍ ବ୍ୟବହାର କରାଯାଉଛି। ବର୍ତ୍ତମାନର ପ୍ରତିଯୋଗିତାମୂଳକ ଯୁଗରେ ଆମକୁ ମଧ୍ୟ ଡ୍ରୋନର ନୂଆ ଟେକ୍ନୋଲୋଜି ସହ ତାଳ ଦେଇ ଗତି କରିବାକୁ ପଡୁଛି। ଏହା ଏବେ ଅନେକଙ୍କ ପାଇଁ ଏକ ଭଲ ରୋଜଗାରର ମାଧ୍ୟମ ପାଲଟିଛି। ତେବେ ଏଥିପାଇଁ ସଠିକ୍ ତାଲିମ ନେବା ସହ ଡ୍ରୋନ ଉଡ଼ାଇବା ସମୟରେ ସତର୍କତା ଅବଲମ୍ବନ କରିବା ଆବଶ୍ୟକ। କାରଣ ସାମାନ୍ୟ ଅନ୍ୟମନସ୍କତା ଯୋଗୁ ଅଘଟଣର ଆଶଙ୍କା ମଧ୍ୟ ରହିଥାଏ।



ସିବୁନା



ମାନସ

## ଏ ସପ୍ତାହର ପ୍ରଶ୍ନ ?

୧– ପେସ୍ ସାଟେଲାଇଟ୍ ମିଶନ୍ ......... ସ୍ପେଶ୍ ଅର୍ଗାନାଇଜେଶନ୍ ପକ୍ଷରୁ ଆରମ୍ଭ କରାଯାଇଛି ?
୨– କାଳି ଟାଇଗର୍ ରିଜର୍ଭ .............. ରାଜ୍ୟରେ ଅବସ୍ଥିତ ?
୩– ପୃଥିବୀର କ୍ଷୁଦ୍ରତମ ପକ୍ଷୀ ................. ?
୪– ଅଲିମ୍ପିକ୍ ଗେମ୍ ସର୍ବପ୍ରଥମେ ............. ଠାରେ ଆରମ୍ଭ ହୋଇଥିଲା ?
୫– ଜବ୍‌ଲେସ୍ କ୍ଲୁଲେସ୍ ରେକ୍‌ଲେସ୍ ପୁସ୍ତକର ଲେଖକ .................. ?

## ଗତ ଥରର ଉତ୍ତର

୧ ଉତ୍ତରାଖଣ୍ଡ
୨ କର୍ଣ୍ଣାଟକ
୩ ଓଡ଼ିଶା
୪ ବିଷ୍ଣୁଗୁପ୍ତ
୫ ରୋହିତ ଶର୍ମା

## ଉତ୍ତରଦାତା



ଆୟେଶା ନନ୍ଦ
ଭୁବନେଶ୍ୱର



ଶେଖ୍ ୟାକୁବ୍
ଗୋପ



ମାନସ ରଞ୍ଜନ
ପଟ୍ଟନାୟକ, ଭୁବନେଶ୍ୱର

**ସୂଚନା:** ଆଗାମୀ ଆଶା ପୃଷ୍ଠାରେ ଦିଆଯାଇଥିବା ପ୍ରଶ୍ନର ଉତ୍ତର ସହ ନିଜ ନାମ, ଠିକଣା, ଫଟୋ ଏବଂ ମତାମତ ଲେଖି ପଠାନ୍ତୁ।
ଇ–ମେଲ୍ ଠିକଣା: dharitriagamiasha@gmail.com

## ଟପ୍ ଟେନ୍ ୧୦

# ସବୁଠୁ ବଡ଼ ଡାଇନୋପାର୍କ



୧– ମ୍ୟୁଜିୟମ ଫର୍ ନେଚରକୁଣ୍ଡେ .................................. ବର୍ଲିନ୍
୨– ଫିଲ୍ଡ ମ୍ୟୁଜିୟମ.................................................. ଶିକାଗୋ
୩– ରୟାଲ ବେଲ୍‌ଜିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ନାଚୁରାଲ୍ ସାଇନ୍ସ.......... ବ୍ରସେଲ୍ସ
୪– ନ୍ୟାଶନାଲ ଡାଇନୋସର ମ୍ୟୁଜିୟମ ............................ କାନ୍‌ବେରା
୫– ରୟାଲ ଟାଇରେଲ୍ ମ୍ୟୁଜିୟମ୍ ଅଫ୍ ପାଲେଓଣ୍ଟୋଲୋଜି ............................................ ଆଲ୍‌ବେର୍ଟା
୬– ୱୋମିଂ ଡାଇନୋସର ସେଣ୍ଟର........................ ୱୋମିଂ, ଆମେରିକା
୭– ଜିଗଙ୍ଗ୍ ଡାଇନୋସର ମ୍ୟୁଜିୟମ୍ .......................... ଜିଗଙ୍ଗ୍, ଚାଇନା
୮– ଇଜିକୋ ମ୍ୟୁଜିୟମ ............................................. କେପ୍‌ଟାଉନ୍
୯– ଜୁରାସିକ୍ ଲ୍ୟାଣ୍ଡ ................................................. ଇସ୍ତାନବୁଲ୍
୧୦– ଫର୍ନବ୍ୟାଙ୍କ୍ ମ୍ୟୁଜିୟମ ଅଫ୍ ନାଚୁରାଲ ହିଷ୍ଟ୍ରି ................... ଆଟ୍‌ଲାଣ୍ଟା

## ୟୁଥ୍ ଫ୍ୟାଶନ

# ବ୍ରେସ୍‌ଲେଟ୍ ୱାଚ୍



**ରିଷ୍ଟୱାଚ୍ ଏବଂ ବ୍ରେସ୍‌ଲେଟ୍ ପିନ୍ଧିବାକୁ ଅଧିକାଂଶ ଯୁବତୀଯୁବକ ପସନ୍ଦ କରନ୍ତି। ହେଲେ ଉଭୟଙ୍କୁ ଏକାସଙ୍ଗେ ପିନ୍ଧିଲେ ରିଷ୍ଟୱାଚ୍ ଗ୍ଲାସ୍‌ରେ ସ୍କ୍ରାଚ୍ ହୋଇଥାଏ। ତେଣୁ ବିଭିନ୍ନ କମ୍ପାନୀ ପକ୍ଷରୁ ପ୍ରସ୍ତୁତ ଟୁ ଇନ୍ ୱାନ୍ ବ୍ରେସ୍‌ଲେଟ୍ ୱାଚ୍ ଏବେ ଏହି ସମସ୍ୟାର ସମାଧାନ କରିବା ସହ ଫ୍ୟାଶନପ୍ରେମୀ ଯୁବପିଢ଼ିଙ୍କର ଫେଭରେଟ୍ ପାଲଟିଛି...**

**ନଟ୍ ୱାଚ୍:** ଏବେ ବାନ୍ଧିବା ଡିଜାଇନ୍‌ର ଘଣ୍ଟା ଟ୍ରେଣ୍ଡରେ ଅଛି। ଏଥିରେ ବ୍ୟାଣ୍ଡରେ ମୋତି କିମ୍ବା ମେଟାଲିକ୍ ମାଳି ରହୁଛି, ଯାହାକୁ ନିଜ ମାପ ଅନୁସାରେ ଟାଇଟ୍ କରିହେବ। ଯେକୌଣସି ଆଉଟ୍‌ଫିଟ୍ ସହିତ ଏହାକୁ କ୍ୟାରି କଲେ ଫ୍ୟାନ୍ସି ଓ ଆଟ୍ରାକ୍ଟିଭ୍ ଲାଗୁଥିବାରୁ ଯୁବତୀମାନେ ଏହାକୁ ଅଧିକ ପସନ୍ଦ କରୁଛନ୍ତି।

**ସ୍ନେକ୍ ୱାଚ୍:** ପାର୍ଟି ହେଉ କିମ୍ବା କୌଣସି ବିଶେଷ ଅବସରରେ ଏହି ଟ୍ରେଣ୍ଡି ଓ ଷ୍ଟାଇଲିସ୍ ବ୍ରେସ୍‌ଲେଟ୍ ୱାଚ୍ ପିନ୍ଧିଲେ ଅନ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରିଥାଏ। ଏହାର ଗୋଲ୍ଡେନ୍ ଇଲାଷ୍ଟିକ୍ ମେଟାଲ୍ ସ୍ନେକ୍ ଡିଜାଇନ୍‌ର ବ୍ୟାଣ୍ଡ ନା କେବଳ ସମସ୍ତଙ୍କ ହାତକୁ ପରଫେକ୍ଟ ଫିଟ୍ ହୋଇଥାଏ ବରଂ ବେଶ୍ ଗ୍ଲାମର୍ସ ଲୁକ୍ ଦେଇଥାଏ।

**ଲଟକନ୍ ଡିଜାଇନ୍ ୱାଚ୍:** ଏଥିରେ ବ୍ରେସ୍‌ଲେଟ୍ ସହିତ ଝୁଲୁଥିବା ଛୋଟିଆ ଘଣ୍ଟା ଟାଇମ୍ ଜଣାଇବା ସହ ଷ୍ଟାଇଲିସ୍ ଲୁକ୍ ବି ଦେଇଥାଏ। ଏଥିରେ ଘଣ୍ଟା ସହ ପର୍ଲ, ବିଡ୍ସ, ଷ୍ଟୋନ୍ ଲଟକନ୍ ଆଦି ଲାଗିଥାଏ। ବର୍ତ୍ତମାନ ଅନେକ ନାମୀଦାମୀ ୱାଚ୍ କମ୍ପାନୀ ଏଭଳି ଟ୍ରେଣ୍ଡି ଲଟ୍‌କନ୍ ଡିଜାଇନ୍‌ର ୱାଚ୍ ପ୍ରସ୍ତୁତ କରୁଛନ୍ତି, ଯାହାକୁ ପିନ୍ଧିଲେ ଅନ୍ୟ ଆସେସରିଜ୍ ପିନ୍ଧିବାର ଆବଶ୍ୟକତା ପଡ଼ି ନ ଥାଏ।

**ଲେଦର ବ୍ୟାଣ୍ଡ ବ୍ରେସ୍‌ଲେଟ୍ ୱାଚ୍:** ଉଭୟ ଅଫିସିଆଲ୍ ଏବଂ ଫର୍ମାଲ୍ ଲୁକ୍‌ରେ ଫ୍ୟାଶନେବଲ୍ ଲାଗିବାକୁ ଲେଦର ବ୍ୟାଣ୍ଡ ବ୍ରେସ୍‌ଲେଟ୍ ୱାଚ୍ ବେଷ୍ଟ ଅପ୍ସନ। ଏଥିରେ ଥିବା ମଲ୍ଟି ଲେୟାର ଲେଦର ବ୍ୟାଣ୍ଡ ସାଙ୍ଗକୁ ୱାଚ୍‌ର କମ୍ବିନେଶନ୍ ଟ୍ରେଣ୍ଡି ଲୁକ୍ ଦେଇଥାଏ। ଯୁବକମାନେ ଏଭଳି ବ୍ରେସ୍‌ଲେଟ୍ ୱାଚ୍‌କୁ ଅଧିକ ପସନ୍ଦ କରୁଥିବା ଦେଖିବାକୁ ମିଳୁଛି।







**ରାଜୱାଡି ବ୍ରେସ୍‌ଲେଟ୍ ରିଷ୍ଟୱାଚ୍:** ଅନେକ ଯୁବକ ଅଛନ୍ତି ଯେଉଁମାନେ ବ୍ରେସ୍‌ଲେଟ୍, କଡ଼ା ଆଦି ସହ ଘଣ୍ଟା ଏବଂ ଯୁବତୀମାନେ ଚୁଡ଼ି, ବ୍ରେସ୍‌ଲେଟ୍ ଆଦି ସହ ଘଣ୍ଟା ପିନ୍ଧିବାକୁ ବି ପସନ୍ଦ କରନ୍ତି। ସେମାନଙ୍କ ପାଇଁ ଅଲଗା ଅଲଗା ପିନ୍ଧିବା ଅପେକ୍ଷା ଉଭୟଙ୍କୁ ଏକାଠି ପିନ୍ଧିବାର କ୍ଲାସି ବିକଳ୍ପ ଆଣି ଦେଇଛି ରାଜୱାଡି ବ୍ରେସ୍‌ଲେଟ୍ ରିଷ୍ଟ ୱାଚ୍। ଯାହାକୁ ପାର୍ଟି, ଫଙ୍କ୍‌ସନ୍ ଆଦିରେ ଟ୍ରାଡିସିନାଲ୍ ଆଉଟ୍‌ଫିଟ୍ ସହ ପିନ୍ଧିଲେ ରୟାଲ୍ ଲୁକ୍ ମିଳିଥାଏ।

## ୟୁଥ୍ ଆଲର୍ଟ

# ଇ-ବ୍ୟାଙ୍କିଙ୍ଗ୍ ବ୍ୟବହାର କରୁଥିଲେ

**ବର୍ତ୍ତମାନ ଚୋରି କମିବା ଲାଗି ଅଧିକାଂଶ ଅନ୍‌ଲାଇନ୍ ବ୍ୟାଙ୍କିଙ୍ଗ୍ ଉପରେ ନିର୍ଭର କରୁଛନ୍ତି। ହେଲେ ଏଥିରେ ବି ଅନେକେ ଅନ୍‌ଲାଇନ୍ ଠକେଇର ଶିକାର ହେଉଥିବା ଦେଖିବାକୁ ମିଳୁଛି। ତେଣୁ ଇ–ବ୍ୟାଙ୍କିଙ୍ଗ୍ ବ୍ୟବହାର କରୁଥିଲେ, ସୁରକ୍ଷା ଦୃଷ୍ଟିରୁ କେତେକ ଦିଗ ପ୍ରତି ସତର୍କ ହେବା ଆବଶ୍ୟକ...**

➔ ଇ-ବ୍ୟାଙ୍କିଙ୍ଗ୍ ବ୍ୟବହାର କରୁଥିଲେ ପ୍ରୋଟେକ୍ସନ୍ ସଫ୍ଟୱେର୍ ବ୍ୟବହାର କରନ୍ତୁ। ମୋବାଇଲ୍‌ରେ ନେଟ୍ ବ୍ୟାଙ୍କିଙ୍ଗ୍ କରୁଥିଲେ କୌଣସି ଆପ୍ଲିକେଶନ୍ ଡାଉନ୍‌ଲୋଡ୍ କରିବା ପୂର୍ବରୁ ସେଥିରେ କେଉଁସବୁ ଡାଟା ଏବଂ ଡିଟେଲ୍ସ ଆବଶ୍ୟକ ହେଉଛି, ତାହାକୁ ଭଲ ଭାବେ ପଢ଼ିବା ପରେ ଇନ୍‌ଷ୍ଟଲ କରନ୍ତୁ।

➔ ଅନ୍‌ଲାଇନ୍ ବ୍ୟାଙ୍କିଙ୍ଗ୍ ବ୍ୟବହାର କରୁଥିଲେ ଏକ ଷ୍ଟ୍ରଙ୍ଗ୍ ପାସ୍‌ୱାର୍ଡ ରଖନ୍ତୁ, ଯାହା ଅନ୍ୟମାନଙ୍କୁ ଜାଣିବା କିମ୍ବା ହ୍ୟାକ୍ କରିବା ସହଜ ହେବ ନାହିଁ। ନିଜ ପାସ୍‌ୱାର୍ଡ ଅନ୍ୟ ସହ ଶେୟାର କରନ୍ତୁ ନାହିଁ। ସେବା ବ୍ୟବହାର କରୁଥିଲେ ସର୍ବଦା ନିଜ ଫୋନ୍ ଏବଂ ସଫ୍ଟୱେର ଅପ୍‌ଡେଟ୍ ରଖନ୍ତୁ।

➔ ପବ୍ଲିକ୍ କମ୍ପ୍ୟୁଟର୍, ସାଇବର୍ କାଫେରେ କିମ୍ବା ପବ୍ଲିକ୍ ୱାଇଫାଇରେ ଅନ୍‌ଲାଇନ୍ ଟ୍ରାଞ୍ଜାକ୍ସନ ଆଦୌ କରନ୍ତୁ ନାହିଁ। କାରଣ ଏହାଦ୍ୱାରା ଡାଟା ହ୍ୟାକ୍ ହେବାର ଆଶଙ୍କା ଅଧିକ। ତେଣୁ ସର୍ବଦା ପର୍ସନାଲ କମ୍ପ୍ୟୁଟର୍, ଲାପ୍‌ଟପ୍ କିମ୍ବା ମୋବାଇଲ୍‌ରେ ହିଁ ନେଟ୍ ବ୍ୟାଙ୍କିଙ୍ଗ୍ କରନ୍ତୁ।

➔ ସୁରକ୍ଷା ଦୃଷ୍ଟିରୁ କୌଣସି ଅଜଣା ଲିଙ୍କ୍‌ରେ ଆଦୌ କ୍ଲିକ୍ କରନ୍ତୁ ନାହିଁ କିମ୍ବା ଏଣୁତେଣୁ ଲୋନ୍ ଆପ୍ଲିକେଶନ୍ ବ୍ୟବହାର କରନ୍ତୁ ନାହିଁ।

➔ ପେମେଣ୍ଟ କରୁଥିବା ଇ–ବ୍ୟାଙ୍କିଙ୍ଗ୍ ସାଇଟ୍‌ର ୱେବ୍‌ପେଜ୍ httpରୁ ଆରମ୍ଭ କି ନାହିଁ ଦେଖନ୍ତୁ। କେବଳ ଏତିକି ନୁହେଁ, ଲଗ୍ ଇନ୍ କରିବା ସମୟରେ ବ୍ରାଉଜର୍ ୱିଣ୍ଡୋ ଫ୍ରେମ୍ ଉପରେ ପେଡ୍‌ଲକ୍ ସିମ୍ବଲ୍ ଚେକ୍ କରିବାକୁ ଭୁଲନ୍ତୁ ନାହିଁ।

➔ ଅନ୍‌ଲାଇନ୍‌ରେ ଶପିଂ, ଟିକେଟ ବୁକିଂ, ମନି ଟ୍ରାନ୍ସଫର ଆଦି କରୁଥିଲେ ଟ୍ରଷ୍ଟେଡ୍ ଆପ୍ ହିଁ ବ୍ୟବହାର କରନ୍ତୁ। କାରଣ କେତେକ ଆପ୍‌ରେ ଏବଂ ଫେକ୍ ୱେବ୍‌ସାଇଟ୍‌ଗୁଡିକରୁ ଆସୁଥିବା ଇ–ମେଲ୍‌ରେ କାର୍ଡର ଡିଟେଲ୍‌ସ ମଗାଯାଉଛି। ଏଥିରେ ବିଶ୍ୱାସ କରି ସମସ୍ତ ତଥ୍ୟ ଦିଅନ୍ତୁ ନାହିଁ, ନଚେତ୍ ଠକାମିର ଶିକାର ହୋଇପାରନ୍ତି।

➔ ଆପଣଙ୍କର ପର୍ସନାଲ୍ ତଥା ସମ୍ବେଦନଶୀଳ ଡାଟା ଚୋରି ନ ହେବା ଲାଗି ଫୋନ୍‌ରେ ଆପ୍ ପରମିଶନ୍ ସେଟିଂ ଚେକ୍ କରନ୍ତୁ।

➔ ଯଦି କୌଣସି ସନ୍ଦେହଜନକ ଆପ୍‌ରେ ଫସିଯାଆନ୍ତି ଏବଂ ଏଥିରୁ ମୁକୁଳିବା ଲାଗି ଚାହୁଁଛନ୍ତି, ତେବେ ତୁରନ୍ତ ପୋଲିସକୁ ଜଣାନ୍ତୁ।



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଅଲିମ୍ପିକ ପଦକ ବିଜେତାଙ୍କ ପରଲୋକ

**ଚଣ୍ଡିଗଡ଼, ୨୫।୪ (ପି.ଟି.)**



ସ୍ଥାନୀୟ ଜିରାକ୍‌ପୁରରେ ଶୁକ୍ରବାର ଅଲିମ୍ପିକ ହକି ପଦକ ବିଜେତା ଗୁର୍‌ବକ୍ସ ସିଂ ଗ୍ରେୱାଲଙ୍କ ହୃଦ୍‌ଘାତରେ ପରଲୋକ ଘଟିଛି। ତାଙ୍କୁ ୮୪ବର୍ଷ ବୟସ ହୋଇଥିଲା। ସେ ୧୯୬୮ ମେକ୍ସିକୋ ସିଟି ଅଲିମ୍ପିକ୍ସ ବ୍ରୋଞ୍ଜ ପଦକ ବିଜୟୀ ଭାରତୀୟ ଦଳର ଅନ୍ୟତମ ସଦସ୍ୟ ଥିଲେ। ସଂଯୋଗବଶତଃ ସେହି ଅଲିମ୍ପିକ୍ସରେ ସେ ଓ ତାଙ୍କ ଭାଇ ବଲ୍‌ବୀର ସିଂ ଗ୍ରେୱାଲ ଜାତୀୟ ଦଳରେ ପ୍ରତିନିଧିତ୍ୱ କରିଥିଲେ। ଖେଳ କ୍ୟାରିୟର ବ୍ୟତୀତ ଗ୍ରେୱାଲ ପଶ୍ଚିମାଞ୍ଚଳ ରେଳପଥରେ ଜଣେ ସିନିୟର କ୍ରୀଡ଼ା ଅଧିକାରୀ ଭାବେ କାର୍ଯ୍ୟ କରିଥିଲେ, ଯେଉଁଠାରେ ସେ ରାଜସ୍ଥାନର ଅନେକ ଖେଳାଳିଙ୍କ ସମେତ ପ୍ରତିଭାକୁ ଚିହ୍ନଟ କରି ରେଲୱେ ହକିରେ ସାମିଲ କରିବା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ମୁମ୍ବାଇରେ ସେ ତାଙ୍କ ପଦବୀରୁ ଅବସର ନେବା ପରେ କ୍ରୀଡ଼ା ପ୍ରଶାସନରେ ସକ୍ରିୟ ଭାବେ ଜଡ଼ିତ ଥିଲେ।

# ଜାତୀୟ କୁସ୍ତିରେ ଭାଗନେବ ଓଡ଼ିଶା ଦଳ


୧୭ବର୍ଷରୁ କମ୍ ଜାତୀୟ କୁସ୍ତି ପ୍ରତିଯୋଗିତାରେ ଭାଗନେବାକୁ ଥିବା ଓଡ଼ିଶା ଦଳ।

**କଟକ, ୨୫।୪ (କୁମାରଶ୍ରୀ)**

ଆସନ୍ତା ୨୮ରୁ ଔରଙ୍ଗାବାଦର ଛତ୍ରପତି ସମ୍ଭାଜି ନଗରରେ ୧୭ବର୍ଷରୁ କମ୍ ଜାତୀୟ କୁସ୍ତି ପ୍ରତିଯୋଗିତା ଅନୁଷ୍ଠିତ ହେବ। ୩ ଦିନ ଧରି ହେବାକୁ ଥିବା ଏହି ପ୍ରତିଯୋଗିତା ନିମନ୍ତେ ଓଡ଼ିଶା କୁସ୍ତି ସଂଘ ପକ୍ଷରୁ ଘୋଷିତ ରାଜ୍ୟ ଦଳ ଶନିବାର ଔରଙ୍ଗାବାଦ ଯାତ୍ରା କରିଛି। ରାଜ୍ୟ ବାଳକ ଦଳରେ ବିଶ୍ୱଜିତ ନାୟକ, ଇନ୍ଦ୍ରେଶ୍ୱର ମହାପାତ୍ର, ରୋହିତ ସାମଲ, ରତିକ୍ ମହାନ୍ତି, ବାବୁ ଜେନା, ଶୁଭମ ସାହୁ, ବିଶ୍ୱନାଥ ପଣ୍ଡା, ଏନ ଦୁର୍ଯ୍ୟୋଧନ, ବାଳିକା ଦଳରେ ଜୋହିରୁନ ନିଶା, ଅନୁଷ୍କା ନାଟିଆ, ଅନ୍ନପୂର୍ଣ୍ଣା ନାୟକ, ସ୍ୱୟଂଶିଦ୍ଧା ମିଶ୍ର, ପ୍ରୀତି ମିର୍ଦ୍ଧା ପାଇଛନ୍ତି। କୋଚ୍ ସନ୍ତୋଷ କୁମାର ଦାସ, ରଞ୍ଜିତ ବେହେରା, ପାର୍ବତୀ ଦଳାଇ ଏବଂ ମ୍ୟାନେଜର ଅମ୍ରିତ ସାହୁ ରାଜ୍ୟ ଦଳ ସହ ଯାତ୍ରା କରିଛନ୍ତି। ରାଜ୍ୟ ସଂଘ ସମ୍ପାଦକ କିଶୋର ବେହେରା କଟକ ରେଳଷ୍ଟେସନରେ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ।



ଜୁନିୟର ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସରେ ଭାଗ ନେଇଥିବା ଦୁଇ ପ୍ରତିଯୋଗୀ।

# ଦିଲ୍ଲୀ ଚାମ୍ପିୟନ, ଓଡ଼ିଶା ୫ମ

**ଜାତୀୟ ଜୁନିୟର ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ**

**ଭୁବନେଶ୍ୱର, ୨୫।୪ (ବିଜୟ ରଣା)**

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଜାତୀୟ ଜୁନିୟର ଓ ସିନିୟର ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ଚାମ୍ପିୟନଶିପ୍ ଶନିବାରଠାରୁ ଆରମ୍ଭ ହୋଇଛଇ। ଓଡ଼ିଶା ଜିମ୍ନାଷ୍ଟିକ୍ସ ଆସୋସିଏଶନ, ଭାରତୀୟ ଜିମ୍ନାଷ୍ଟିକ୍ସ ଫେଡେରେଶନ୍ (ଜିଏଫ୍‌ଆଇ) ଏବଂ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ଏହି ସମ୍ମାନଜନକ ପ୍ରତିଯୋଗିତାର ପ୍ରଥମ ଦିବସରେ ଜୁନିୟର ଟିମ୍ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉତ୍ତର ପ୍ରଦେଶ, ମହାରାଷ୍ଟ୍ର ଓ ପଶ୍ଚିମବଙ୍ଗ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ଦିଲ୍ଲୀ ୪ର୍ଥ ଓ ଓଡ଼ିଶା ୫ମ ସ୍ଥାନ ଅଧିକାର କରିଛି। ମେ ୩ ପର୍ଯ୍ୟନ୍ତ ହେବାକୁଥିବା ଏହି ପ୍ରତିଯୋଗିତାରେ ୨୫ ରାଜ୍ୟ, ୩ କେନ୍ଦ୍ରଶାସିତ ଅଞ୍ଚଳ ଏବଂ ସର୍ଭିସ୍ ବୋର୍ଡର ମୋଟ ୬୦୦ରୁ ଅଧିକ ଜିମ୍ନାଷ୍ଟ ଭାଗ ନେଇଛନ୍ତି।

# ରାଜ୍ୟ କ୍ୟାଡେଟ୍, ଜୁନିୟର, ସବ୍‌ଜୁନିୟର କରାଟେ

**ଭୁବନେଶ୍ୱର ୨୫।୪, (ବିଜୟ ରଣା)**

ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ଚାଲିଥିବା ୩୭ତମ ରାଜ୍ୟ କ୍ୟାଡେଟ୍, ଜୁନିୟର ଏବଂ ୩୮ତମ ସବ୍‌ଜୁନିୟର କରାଟେ ପ୍ରତିଯୋଗିତାର ଦ୍ୱିତୀୟ ଦିବସରେ ବିଭିନ୍ନ ଜିଲାରୁ ୨୮୪ ଜଣ ବାଳକ ଓ ବାଳିକା କରାଟେକା ୧୦, ୧୧ ଓ ୧୨ ବର୍ଷ ବୟସ ବର୍ଗର ବିଭିନ୍ନ ବିଭାଗରେ ଭାଗ ନେଇଥିଲେ। ପ୍ରତିଯୋଗିତାକୁ ଓଡିଶା ରାଜ୍ୟ କରାଟେ ଡୋ ସଂଘର ଜଜ ଓ ରେଫରି ସର୍ବେସ ଅଗ୍ରୱାଲ, ଦେବବ୍ରତ ସମାଦର, ଅରବିନ୍ଦ ବାରିକ, ଆଦିତ୍ୟ ମିଶ୍ର, ସନକ କୁମାରଦେଓ, ହୃଦୟ ଶବର, ଗୋପାଳ କହଁର, ସୁରେଶ ଜାଲ, ଦେବେନ୍ଦ୍ର ରାଣା, ପ୍ରଦୀପ ଦେ, ମହେଶ ବରାଳ ପ୍ରମୁଖ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ରାଜ୍ୟ ସଂଘର ସଭାପତି ଡ. ହରି ପ୍ରସାଦ ପଟ୍ଟନାୟକ, ସମ୍ପାଦକ ଡ. ଗୌରି ମହାନ୍ତି, ସହସମ୍ପାଦକ ଆଡଭୋକେଟ କାଳି ପ୍ରସାଦ ନନ୍ଦ ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ବିତରଣ କରିଥିଲେ। ରବିବାର ଏହି ପ୍ରତିଯୋଗିତା ଉଦ୍‌ଯାପିତ ହେବ ।

# ବଂଶିକା-ଚିରାଗଙ୍କୁ ସ୍ୱର୍ଣ୍ଣ

**କାଇରୋ, ୨୫।୪ (ପି.ଟି.)**

ବଂଶିକା ଚୌଧାରୀ ଓ ଚିରାଗ ଶର୍ମା ଏଠାରେ ଚାଲିଥିବା ଆଇଏସ୍‌ଏସ୍‌ଏଫ୍ ଜୁନିୟର ଶୁଟିଂ ବିଶ୍ୱକପ ୧୦ମିଟର ଏୟାର ପିସ୍ତଲ ମିକ୍ସଡ ଟିମ୍ ଇଭେଣ୍ଟରେ ଏକ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଆଉ ଗୋଟିଏ ଦିନ ପ୍ରତିଯୋଗିତା ବାକିଥିବା ବେଳେ ଭାରତ ୫ ସ୍ୱର୍ଣ୍ଣ ୫ ରୌପ୍ୟ ଓ ୪ ବ୍ରୋଞ୍ଜ ସହ ପଦକ ତାଲିକାର ଶୀର୍ଷରେ ରହିଛି। ଚାରୋଟି ଦଳକୁ ନେଇ ଫାଇନାଲରେ ବଂଶିକା ଓ ଚିରାଗ ଯୋଡ଼ି ୪୮୪.୩ ଅଙ୍କ ସ୍କୋର କରି ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଇଣ୍ଡିଭିଜୁଆଲ ନ୍ୟୁଟ୍ରାଲ ଆଥ୍‌ଲେଟ (ଏଆଇଏନ୍)ରୁ ପ୍ରତିନିଧିତ୍ୱ କରିଥିବା ଆଲିଆକ୍ ସାନ୍ଦ୍ର ପିଆଡ୍ରୋଭା ଓ ମିକିତା ଡାଉବାଶ (୪୬୭.୬) ଦ୍ୱିତୀୟ ସ୍ଥାନ ସହ ରୌପ୍ୟ ଜିତିଥିଲେ। ଦ୍ୱିତୀୟ ଭାରତୀୟ ଯୋଡ଼ି ମୋହିନୀ ସିଂ ଓ ହିମାଂଶୁ ରାଣା ୪୦୭.୪ ପଏଣ୍ଟ ସ୍କୋର କରି ତୃତୀୟ ସ୍ଥାନ ଅଧିକାର କରି ବ୍ରୋଞ୍ଜ ପଦକ ପାଇଛନ୍ତି। ପୂର୍ବରୁ ଶନିବାର ସକାଳେ ୧୪ଟି ଦଳକୁ ନେଇ ଅନୁଷ୍ଠିତ କ୍ୱାଲିଫାଇଂରେ ବଂଶିକା ଓ ଚିରାଗ ଯୋଡ଼ି ମୋଟ ୫୮୨ ସ୍କୋର କରି ପ୍ରଥମ ସ୍ଥାନରେ ରହିଥିବା ବେଳେ ମୋହିନୀ ଓ ହିମାଂଶୁ ୫୬୮ ସହ ତୃତୀୟ ସ୍ଥାନରେ ରହିଥିଲେ।

# ଫ୍ରେଞ୍ଚ ଓପନରୁ ଓହରିଲେ ଅଲକାରାଜ

**ମାଡ୍ରିଡ୍, ୨୫।୪ (ଏପି):** ଦୁଇ ଥରର ଚାମ୍ପିୟନ କାର୍ଲୋସ ଅଲକାରାଜ ବର୍ଷର ଦ୍ୱିତୀୟ ଟେନିସ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଫ୍ରେଞ୍ଚ ଓପନରୁ ଓହରି ଯାଇଛନ୍ତି। ସେ ରିଷ୍ଟ ଇଞ୍ଜୁରି କାରଣରୁ ଏଭଳି ନିଷ୍ପତ୍ତି ନେଇଥିବା ସୂଚନା ଦେଇଛନ୍ତି। ଫ୍ରେଞ୍ଚ ଓପନ ପୂର୍ବରୁ ରୋମରେ ହେବାକୁ ଥିବା ଇଟାଲିଆନ ଓପନରେ ମଧ୍ୟ ସେ ଖେଳିବେ ନାହିଁ। ୱାର୍ଲ୍ଡ ନଂ.୨ ଅଲକାରାଜ ଚଳିତ ମାସରେ ବାର୍ସେଲୋନା ଓପନର ପ୍ରଥମ ରାଉଣ୍ଡ ମ୍ୟାଚ୍‌ରେ ଆହତ ହୋଇଥିଲେ।

# ଆଇରିଶ ଓପନ ଚ୍ୟାଲେଞ୍ଜ କପ୍: ସୁବ୍ରତଙ୍କୁ ଟାଇଟଲ



ସୁବ୍ରତଙ୍କୁ ଜିମ୍ ଲିସି ଟ୍ରଫି ପ୍ରଦାନ କରୁଛନ୍ତି।

**ଭୁବନେଶ୍ୱର, ୨୫।୪ (ଅନାଦି କର):** ଓଡ଼ିଶାର ଅନ୍ତର୍ଜାତୀୟ ସ୍ନୁକର ଓ ବିଲିୟାର୍ଡ୍ସ ଖେଳାଳି ସୁବ୍ରତ ଦାସ ଆଇରିଶ ଓପନ ଚ୍ୟାଲେଞ୍ଜ କପ୍ ଟୁର୍ନାମେଣ୍ଟରେ ଟାଇଟଲ ହାସଲ କରିଛନ୍ତି। ଅତ୍ୟଧିକ ଚାପପୂର୍ଣ୍ଣ ଫାଇନାଲରେ ସୁବ୍ରତ ୨୨୦-୨୦୦ ବ୍ୟବଧାନରେ ଭାରତର ଶ୍ରୀନୁ କାତିପୋଗୁଙ୍କୁ ପରାସ୍ତ କରିଛନ୍ତି। ଏକ ଘଣ୍ଟା ଧରି ଖେଳାଯାଇଥିବା ଫାଇନାଲ ମ୍ୟାଚ୍‌ରେ ସୁବ୍ରତ ପ୍ରଥମ ୫୧ ମିନିଟ୍ ପର୍ଯ୍ୟନ୍ତ ୧୦୦ ପଏଣ୍ଟ ପଛରେ ଥିଲା। ଅନ୍ତିମ ୯ ମିନିଟ୍‌ରେ ସୁବ୍ରତ ଚମତ୍କାର ପ୍ରଦର୍ଶନ କରି ମ୍ୟାଚ୍‌କୁ ପ୍ରତ୍ୟାବର୍ତ୍ତନ କରିବା ସହ ଜିତି ନେଇଥିଲେ। ସୁବ୍ରତ ଆଗାମୀ ଆଇବିଏସ୍‌ଏଫ୍ ୱାର୍ଲ୍ଡ ବିଲିଆର୍ଡ୍ସ ଚାମ୍ପିୟନଶିପ୍‌ରେ ଭାଗ ନେବେ।


## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ**
**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଜଟାଧର ସେଠୀ**
ସଦାନନ୍ଦପୁର, ଯାଜପୁର
ଆବିର୍ଭାବ: ୧୯.୦୨.୧୯୫୯
ତିରୋଧାନ: ୧୬.୦୪.୨୦୨୬
ବିଶ୍ୱାସ କରି ହେଉନି ଯେ, ଆପଣ ଆମ ଗହଣରେ ଆଉ ନାହାନ୍ତି। କେତେ ନିଷ୍ଠୁର ଏଇ ବିଧାତା। ଆପଣଙ୍କ ନିଷ୍କପଟ ସ୍ନେହ, କର୍ମପ୍ରବଣତା, ସହନଶୀଳତା ଓ ପ୍ରତିବଦ୍ଧତା ସ୍ମୃତିରେ ଅମଳିନ ହୋଇ ରହିବ। ଆପଣଙ୍କ ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ନିବେଦନ କରୁଛୁ।
**ବିନମ୍ର ଶ୍ରଦ୍ଧାଞ୍ଜଳି**
ଝିଅ, ଜ୍ୱାଇଁ, ପୁତ୍ର, ପୁତ୍ରବଧୂ, ନାତୁଣୀ, ନାତି, ବନ୍ଧୁ ଓ ପରିବାରବର୍ଗ।
ଧ-୨୦୧

**ସ୍ମୃତିରେ ପିଣ୍ଟୁ**



**୰ଅଭିଷେକ ସାମଲ**
ଆବିର୍ଭାବ: ୨୨।୦୧।୧୯୮୩
ତିରୋଧାନ: ୨୬।୦୪।୨୦୦୪
୨୨ ବର୍ଷ ପାର ହୋଇଗଲା ତଥାପି ଶୁଖୁନି ଆଖିର ଲୁହ। ନୀରବତା ମଧ୍ୟ ଆଜି ଖୋଜୁଛି ତୋର ସ୍ମିତହସଭରା ନିରୀହ ମୁହଁ ।। ହୃଦୟରେ ଆଉ ତୋର ସରଳ ଛବି ଓ କର୍ମ ଭୂମିରେ ସ୍ମୃତି। ସ୍ମୃତି ପ୍ରାର୍ଥନା ଓ ପୁଷ୍ପାଞ୍ଜଳିରେ କରୁଛୁ ସ୍ମରଣ, ଈଶ୍ୱର ଦିଅନ୍ତୁ ତୋର ଆତ୍ମାକୁ ଶାନ୍ତି।।
ତୋର ଦୁଃଖିନି ମା' ଓ ଭାଇ ରିଣ୍ଟୁ
ଧ-୩୬୩୭

**ଏକାଦଶାହ ଉପଲକ୍ଷେ**



**୰ମାଳତୀ ଲେଙ୍କା**
ସ୍ୱାମୀ- ସନାତନ ଲେଙ୍କା
ଅନ୍ଧରପୁର, ଡି.ଡି ରୋଡ୍, ଶ୍ରୀମାଲେନ୍, କଟକ-୧୩
ତିରୋଧାନ: ୧୬।୦୪।୨୦୨୬
ଆପଣଙ୍କର ଆଶୀର୍ବାଦର ଅଦେଖା ହାତ ଆମମାନଙ୍କ ମୁଣ୍ଡ ଉପରେ ସର୍ବଦା ରହିଥାଉ। ଆପଣଙ୍କର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ହତଭାଗ୍ୟ: ଅଭିରାମ- ଶ୍ରଦ୍ଧାଞ୍ଜଳି, ରବିନାରାୟଣ- ଭାର୍ଗବୀ, ସୌମ୍ୟରଞ୍ଜନ- ଅନ୍ନପୂର୍ଣ୍ଣା, ପ୍ରତୀକ- ସ୍ୱର୍ଣ୍ଣପ୍ରଭା ଓ ସ୍ନେହପ୍ରଭା (ସୀମା), ଜ୍ୟୋତିପ୍ରକାଶ (ଲାଲା), ଜୟପ୍ରକାଶ (କାହ୍ନା), ଢୁଢୁଲୁ ଏବଂ ରୋଲି।
ଧ-୨୦୨

# Classified Everyday
0674-2580101, 9692975378


MATRIMONIAL

**GROOM WANTED**

54 ବୟସ୍କା Brahmin Govt. Employee କନ୍ୟା ପାଇଁ ଯେକୌଣସି ଜାତିର unmarried/ widow/divorce ବରପାତ୍ର ଆବଶ୍ୟକ। 7873141286. D-207

ବୟସ 28 କୌଣସି ଚାକିରି କରୁନଥିବା ସୁନ୍ଦରୀ ସୁଶୀଳ ବ୍ରାହ୍ମଣ ଝିଅଙ୍କ ପାଇଁ ବରପାତ୍ର ଆବଶ୍ୟକ। 7735667587. D-205

**BRIDE WANTED**

Wanted Employed Brahmin Bride B-Tech/MBA, below 28, 5'4" for highly paid handsome Brahmin Boy, 1994, 5'6" (7/3), B-Tech (IIT), MBA (ISB), working Gurgaon Family settled Bhubaneswar, "SUNASANSAR". 9937512659, 9090969895. D-33

"କନ୍ୟା ଆବଶ୍ୟକ" କ୍ଷତ୍ରିୟ ଘର ପୁଅ, Fish Farming ବ୍ୟବସାୟୀ, 5'7"। ଶିକ୍ଷିତ ଓ ସୁନ୍ଦରୀ କନ୍ୟା ଆବଶ୍ୟକ। ଯୋଗାଯୋଗ: 7978509903. D-200

ବୟସ- ୩୨, ଉଚ୍ଚତା- 5ft. 6inch, ରଙ୍ଗ- ଗୋରା, Network Analyst at Analog System- Bangalore, ଖଣ୍ଡାୟତ ପୁଅ ପାଇଁ ଘରୋଇ, ସୁନ୍ଦର ଝିଅ ଆବଶ୍ୟକ। ଯୋଗାଯୋଗ: 7978761365, 9778607482. D-73599


REAL ESTATE

**SALE**

**DO U NEED TO INVEST on property/ Immediately house purpose ??? At Brahmanjharilo, Phulanakhara, Cuttack in between middle of CUTTACK & BHUBANESWAR at a reduced price. 7809525452.** D-254

ହଂସପାଳ ଗୁଆଳିରେ ଘରବାରି ଫ୍ଲାଟ୍ ବ୍ୟାଙ୍କ୍ ଲୋନ ସୁବିଧାଥାଇ ବିକ୍ରି ହେବ। **Sqft. Rs.1350/-, 9337259012.** D-184

**3BHK flat for sale S.B.A 1550 Sqft. Near Pahala, Atala Rera Approved. 9937080005, 8118055505.** D-190

**3BHK, Drawing, Dining, Puja, Three Bed Room, Two Kitchens, Three Toilets, Garage near Shopping Mall, Inox Cinema, Tamando, Rate- Three crores (Negotiable). Cell. 9040188940, 93481 21441.** D-166

ବାଲିଅନ୍ତାରୁ **5K.M. Pitchu Road side Schedulecaste plot 2100sqft.- 40,00,000/-. 7978947520.** D-32

Plot- Baranga, Samantaraypur, Nakhara-490/-, Retanga, Khurda, Malatipatapur, Kandarapur 8895778043. D-164

**Ready to move apartment Sale Near Hanspal, Rasulgarh, Bhubaneswar. 9777433701.** D-29

**Plot Sale Near Sundarpada OEC College with Boundary wall- 6372670155.** D-30


FOR RENT

1st floor, 2200sqft. Accommodation facility near Mausima Chaaka, Bhubaneswar. Suitable for Office/Hostel (30beds, 4 toilets). M: 9937949625. D-310

Double storied space available for health, Education, Distribution, Institution behind Odisha Orthopedic Hospital, Malhasahi, Mangalabag, Cuttack. 9937900960, 9124447292. D-189

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Newly open health benefits spa by expert therapist. Contact- 7504222886. D-76963

Full body massage, Home service available. Male, Female. 7377143756. D-191

All types hair cutting/ massage by smart female, one hour 700/-, - Room services available. Contact: 9937833100. D-76308

**AFFIDAVIT**

By virtue of an affidavit before Executive Magistrate, Dhenkanal, No.- 2445, dtd.- 24.04.2026, I, Mrs Prangya Paramita Behera, W/o.- Lingaraj Behera, At- Mahulkholi, P.O.- Kapilash, P.S.- Gondia, Dist.- Dhenkanal-759016 solemnly declare that my correct date of birth is 17 July 1987 instead of 17 February 1987 for the purpose of Service Record of my husband (Army No. 14658739Y) Havildar Lingaraj Behera presently serving at 4 Corps Zone Workshop. D-196

I, Himanshu Bhusan Das, S/o.- Kedar Charan Dash, resident of Vill.- Talabandha Guda, P.O./ P.S.- Damanjodi, Dist.- Koraput, Odisha declare by this Affidavit No.- 3031, Dtd.- 18.04.2026 that now onwards I shall be known as Himanshu Bhusan Dash for all future purposes. D-253

I, Mitali Biswal, W/o.- Sailaja Nanda Parida, D/o.- Ramesh Chandra Biswal, resident of FE/15, Basanti Colony, Rourkela-12, P.S.- Udit-nagar, Dist.- Sundargarh, Odisha declare by No. A/11 dtd.- 17.11.2025 that, my maiden name was Mitali Biswal and after marriage I adopted the surname of my husband "Parida" and shall be known as Mitali Parida. That both the names Mitali Biswal and Mitali Parida stands for one and same person. i.e myself. D-199

I, Issac Selvom Adaikalam, S/o.- Late Alfred Adaikalam, Husband of Mitali Adaiklam, R/o. At/P.O./ P.S.- Ainthapali, Dist.- Sambalpur-768004, Odisha declare by this affidavit No.4121, Dtd.- 25.04.26 that now onwards I shall be known as Issac Selvom Adaikalam, S/o.- Late Alfred Adaikalam, Husband of Mitali Adaikalam for all future purposes. D-198

By virtue of an affidavit sworn before the Executive Magistrate, Dharmasala, dated 21.04.2026, I, Rabindra Sethy, aged about 44 years, S/o.- Pabana Sethi of Village- Muraripur, P.O.- Thanual, P.S.- Dharmasala, Dist.- Jajpur, Odisha state that my actual and correct name is Rabindra Sethy, son of Pabana Sethi mentioned in my Aadhaar Card No. xxxx xxxx 7426. But in my Driving Licence No. OR 04 20010011327 my name has been wrongly mentioned as Rabindra Kumar Sethy son of Baban Ch Sethy. Henceforth, Rabindra Sethy and Rabindra Kumar Sethy son of Pabana Sethi and Baban Ch Sethy is same and one person.
(Rabindra Sethy)
D-197

**ଧରିତ୍ରୀ DHARITRI**
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q19972384 6@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ **classifieddharitri@gmail.com** ରେ ଇମେଲ୍ କରନ୍ତୁ।

"M.B.K."

Great Eastern® RETAIL

FREE STANDARD INSTALLATION*
FREE ASSURED GIFT*
FREE VOUCHER WORTH ₹20,000*

ଗ୍ରୀଷ୍ମ ଚାହେଁ ଏସି
ମନ କୁହେ ଗ୍ରେଟ୍ ଇଷ୍ଟର୍ଣ୍ଣ ରିଟେଲ

NO HIDDEN CHARGES*
ZERO DOWN PAYMENT*
FREE EXPRESS DELIVERY*

FREE OUTDOOR BRACKET | up to 61% OFF | NEW BEE STAR RATING
1 T 3* INV. AC | EXCHANGE PRICE ₹27490*
FREE INSTALLATION & BRACKET ₹2500* | CASH BACK ₹2100*
EFFECTIVE PRICE ₹22,790*
ZERO DOWN PAYMENT* | ₹82/DAY*

FREE OUTDOOR BRACKET | up to 63% OFF | NEW BEE STAR RATING
1.5 T 3* INV. AC | EXCHANGE PRICE ₹28500*
FREE INSTALLATION & BRACKET ₹2500* | CASH BACK ₹2100*
EFFECTIVE PRICE ₹23,890*
ZERO DOWN PAYMENT* | ₹83/DAY*

FREE OUTDOOR BRACKET | up to 45% OFF | NEW BEE STAR RATING
2 T 3* INV. AC | EXCHANGE PRICE ₹39000*
FREE INSTALLATION & BRACKET ₹2500* | CASH BACK ₹3000*
EFFECTIVE PRICE ₹33,490*
ZERO DOWN PAYMENT* | ₹122/DAY*

up to 45% OFF | 1.5 T 3* WINDOW AC | ₹19690* | ₹72/Day*
up to 35% OFF | 1.5 T 3* INV. WINDOW AC | ₹27990* | ₹103/Day*
*Price after cash back & exchange

FREE OUTDOOR BRACKET | up to 55% OFF | NEW BEE STAR RATING
1 T 5* INV. AC | EXCHANGE PRICE ₹30900*
FREE INSTALLATION & BRACKET ₹2500* | CASH BACK ₹2500*
EFFECTIVE PRICE ₹25,900*
ZERO DOWN PAYMENT* | ₹95/DAY*

FREE OUTDOOR BRACKET | up to 51% OFF | NEW BEE STAR RATING
1.5 T 5* INV. AC | EXCHANGE PRICE ₹31000*
FREE INSTALLATION & BRACKET ₹2500* | CASH BACK ₹2500*
EFFECTIVE PRICE ₹25,990*
ZERO DOWN PAYMENT* | ₹92/DAY*

up to 38% OFF | 45L PERSONAL AIR COOLER | ₹8590* | ₹22/Day*
up to 38% OFF | 56L WINTER+ AIR COOLER | ₹8890* | ₹22/Day*
up to 43% OFF | 70L DESERT AIR COOLER | ₹10490* | ₹26/Day*

CASH BACK upto ₹25000*
up to 26% OFF | 75 (190cm) UHD LED TV | ₹81999* | ₹201/Day*
up to 51% OFF | 65 (165cm) 4K UHD TV | ₹44499* | ₹111/Day*
up to 53% OFF | 55 (145cm) QLED TV | ₹37299* | ₹93/Day*
up to 50% OFF | 40 (101cm) SMART TV | ₹17499* | ₹44/Day*
up to 50% OFF | 32 (81cm) HD LED TV | ₹12499* | ₹31/Day*

up to 37% OFF | PARTY SPEAKER | ₹18999* | ₹46/Day*
up to 32% OFF | SOUND BAR | ₹14999* | ₹37/Day*

FREE ELECTRIC KETTLE | CASH BACK upto ₹45000*
up to 41% OFF | 600L SIDE BY SIDE REFRIGERATOR | ₹68090* | ₹170/Day*
up to 38% OFF | 330L TRIPLE DOOR REFRIGERATOR | ₹27790* | ₹70/Day*
up to 39% OFF | 237L BOTTOM MOUNT REFRIGERATOR | ₹27290* | ₹68/Day*
up to 36% OFF | 235L DOUBLE DOOR REFRIGERATOR | ₹19490* | ₹49/Day*
up to 43% OFF | 187L SINGLE DOOR REFRIGERATOR | ₹13590* | ₹34/Day*
up to 43% OFF | 187L VISI COOLER | ₹13590* | ₹34/Day*

up to 34% OFF | 7 kg FRONT LOAD WASHING MACHINE | ₹27290* | ₹68/Day*
up to 36% OFF | 6.5 kg TOP LOAD WASHING MACHINE | ₹15690* | ₹39/Day*
up to 38% OFF | 7 kg SEMI AUTO WASHING MACHINE | ₹7990* | ₹20/Day*
up to 39% OFF | 207L DEEP FREEZER | ₹18790* | ₹47/Day*
up to 51% OFF | UV PLUS WATER PURIFIER | ₹8690* | ₹22/Day*
up to 30% OFF | CONV. MWO | ₹9999* | ₹26/Day*
up to 30% OFF | SOLO MWO | ₹6190* | ₹16/Day*

INSTANT FINANCE AVAILABLE | HDB FINANCIAL SERVICES | IDFC FIRST Bank

UP TO 7.5% INSTANT DISCOUNT* | SBI card
#Min. Trxn.: ₹20,000; Max. Discount: ₹4,750 per card. Also valid on EMI Trxns. Validity: 10 Apr - 24 May 2026. T&C Apply.

ପଟିଆ ✆ 7684065831 | ଟଙ୍କପାଣି ରୋଡ୍ ✆ 7735435079 | ବ୍ରହ୍ମପୁର ଦଳୁଆ ସାହି ✆ 9938668181
ପାତ୍ରପଡ଼ା ✆ 9777456862 | ସିଡିଏ ✆ 95836 47161 | କଟକ ଯୋବ୍ରା ରୋଡ ✆ 7064029935
ଯାଜପୁର ରୋଡ୍ ଚୋର୍ଦା ବାଇପାସ୍ ✆ 7978077155 | ରାଉରକେଲା ଜାମ୍ବୁନାନାକି ✆ 8984831218
ଭୁବନେଶ୍ୱର ବାପୁଜୀ ନଗର ✆ 7978247889 | ବାଲେଶ୍ୱର ବିବେକାନନ୍ଦ ମାର୍ଗ ✆ 9658806880

ODISHA | WEST BENGAL | RAJASTHAN | UTTAR PRADESH | DELHI | HARYANA | ANDHRA PRADESH | 90+ STORES

*Terms & conditions - Price includes cashback and exchange offer. Pictures are indicative. Offer applicable on selected models and brands.

virtual frame

ଧରିତ୍ରୀ 52 Years

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ରବିବାର, ଏପ୍ରିଲ ୨୬/୨୦୨୬ Bhubaneswar, Sunday, April 26/ 2026

# ପଞ୍ଜାବର ରେକର୍ଡ ବିଜୟ

- ରାହୁଲଙ୍କ ଶତକ ବେକାର
- ଟି୨୦ କ୍ରିକେଟ୍‌ର ସବୁଠୁ ସଫଳ ଚେଜ୍

ନୂଆଦିଲ୍ଲୀ,୨୫।୪

ଲୋକେଶ ରାହୁଲଙ୍କ ରେକର୍ଡ ଅପରାଜିତ ଶତକ ଓ ନୀତୀଶ ରାଣାଙ୍କ ସହ ଦ୍ୱିଶତକୀୟ ଭାଗୀଦାରି ସତ୍ତ୍ୱେ ଦିଲ୍ଲୀ କ୍ୟାପିଟାଲ୍ସ (ଡିସି) ଶନିବାର ଅପରାହ୍ନରେ ଖେଳାଯାଇଥିବା ହାଇସ୍କୋରିଂ ମ୍ୟାଚ୍‌ରେ ପଞ୍ଜାବ କିଙ୍ଗ୍ସ (ପିବିକେଏସ୍)ଠାରୁ ୬ ଉଇକେଟରେ ପରାସ୍ତ ହୋଇଛି। ରାହୁଲଙ୍କ ଅପରାଜିତ ୧୫୨ ଓ ନୀତୀଶଙ୍କ ୯୧ ରନର ଇନିଂସ ଯୋଗୁ ଦିଲ୍ଲୀ ନିର୍ଦ୍ଧାରିତ ୨୦ ଓଭରରେ ୨ ଉଇକେଟ ହରାଇ ୨୬୪ ରନ କରିଥିଲା, ଯାହାକି ଚଳିତ ସିଜନର ଓ ଦିଲ୍ଲୀର ସର୍ବାଧିକ ଦଳଗତ ସ୍କୋର। ଜବାବରେ ପ୍ରଭସିମରନ ସିଂ ଓ ଅଧିନାୟକ ଶ୍ରେୟସ ଆୟାରଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ପଞ୍ଜାବ ୧୮.୫ ଓଭରରେ ୪ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଏହା ଆଇପିଏଲ୍ ତଥା ଟି୨୦ କ୍ରିକେଟ ଇତିହାସର ସବୁଠୁ ସଫଳ ରନ ଚେଜ୍। ଏହି ରେକର୍ଡ ପୂର୍ବରୁ ମଧ୍ୟ ପଞ୍ଜାବ ନାମରେ ଥିଲା। ଏହି ବିଜୟ ସହ ପଞ୍ଜାବର ବିଜୟ ଧାରା ଜାରି ରହିଛି। ଦଳ ଏବେ ୭ ମ୍ୟାଚ୍‌ରେ ୬ ବିଜୟ ଓ ୧୩ ପଏଣ୍ଟ ସହ ଶୀର୍ଷରେ ରହିଛି। ଅନ୍ୟପକ୍ଷରେ ଦିଲ୍ଲୀ ୭ ମ୍ୟାଚ୍‌ରେ ୬ ପଏଣ୍ଟ ସହ ଷଷ୍ଠ ସ୍ଥାନରେ ରହିଛି।


ମ୍ୟାଚ୍ ବିଜୟୀ ଇନିଂସ୍ ଅବସରରେ ଶ୍ରେୟସ ଆୟାର।

## ରାହୁଲ ଓ ରଣାଙ୍କ ଦ୍ୱିଶତକୀୟ ପାର୍ଟନରଶିପ୍

ଟସ୍ ଜିତି ବ୍ୟାଟିଂ କରିଥିବା ଦିଲ୍ଲୀ ଆରମ୍ଭରୁ ପଥୁମ ନିଶଙ୍କା (୧୧)ଙ୍କ ଉଇକେଟ ହରାଇଥିଲା। ରାହୁଲ ଓ ନୀତୀଶ ପାୱାରପ୍ଲେରେ ଦଳୀୟ ସ୍କୋରକୁ ୬୮ ଓ ପ୍ରଥମ ୧୦ ଓଭରରେ ୧୦୨ ରନରେ ପହଞ୍ଚାଇଥିଲେ। ରାହୁଲ ୧୨ ଓ ୫୧ ରନ୍ କରିଥିବା ବେଳେ ଜୀବନ ଦାନ ପାଇଥିଲେ। ସେହିଭଳି ନୀତୀଶ ୭୪ ରନରେ ବ୍ୟାଟିଂ କରୁଥିବା ବେଳେ ୧୭ତମ ଓଭରରେ ମାର୍କସ ଷ୍ଟୋଇନିସ ଏକ ଚମତ୍କାର କ୍ୟାଚ୍ ନେଇଥିଲେ। ହେଲେ ରିପ୍ଲେରୁ କ୍ୟାଚ୍ ଧରିବା ବେଳେ ଷ୍ଟୋଇନିସଙ୍କ ବୁଟ ବାଉଣ୍ଡ୍ରି ଲାଇନରେ ଟଚ୍ ହୋଇଥିବାରୁ ନୀତୀଶଙ୍କୁ ଜୀବନଦାନ ମିଳିଥିଲା। ପଞ୍ଜାବ ଅଧିନାୟକ ଶ୍ରେୟସ ଆୟାରଙ୍କ ଏକ ଚମତ୍କାର କ୍ୟାଚ୍ ନେବାରୁ ୧୮ତମ ଓଭରରେ ଦ୍ୱିଶତୀୟ ପାଟନରଶିପର ଭଙ୍ଗ ହୋଇଥିଲା। ରାହୁଲ ଓ ନୀତୀଶ ଦ୍ୱିତୀୟ ଉଇକେଟରେ ୨୨୦ ରନ ଯୋଡ଼ିଥିଲେ, ଯାହାକି ଆଇପିଏଲ୍ ଇତିହାସର ଦ୍ୱିତୀୟ ସର୍ବାଧିକ ପାର୍ଟନରଶିପ୍ ଥିଲା। ଏଥିଯୋଗୁ ଦିଲ୍ଲୀ ନିର୍ଦ୍ଧାରିତ ୨୦ ଓଭରରେ ୨ ଉଇକେଟ ହରାଇ ୨୬୪ ରନ କରିଥିଲା। ରାହୁଲ ୬୭ ବଲରେ ଅପରାଜିତ ୧୫୨ ରନର ଇନିଂସ ଖେଳିଥିଲେ, ଯାହାକି ଆଇପିଏଲ୍ ଇତିହାସରେ ଭାରତୀୟ ବ୍ୟାଟରଙ୍କ ମଧ୍ୟରେ ସର୍ବାଧିକ ବ୍ୟକ୍ତିଗତ ସ୍କୋର। ତାଙ୍କ ଇନିଂସରେ ୧୬ ଚୌକା ଓ ୯ ଛକା ସାମିଲ ଥିଲା। ସେହିଭଳି ନୀତୀଶ ୪୪ ବଲରେ ୧୧ ଚୌକା ଓ ୪ ଛକା ସହିତ ୯୧ ରନ କରିଥିଲେ।

## ପାୱାରପ୍ଲେରେ ୧୧୬/୦

୨୬୫ ରନର ବିଶାଳ ଟାର୍ଗେଟର ପିଛା କରୁଥିବା ପଞ୍ଜାବକୁ ପ୍ରିୟାଂଶ ଆର୍ଯ୍ୟ ଓ ପ୍ରଭସିମରନ ସିଂ ବିସ୍ଫୋରକ ଆରମ୍ଭ ପ୍ରଦାନ କରିଥିଲେ। ଦୁହେଁ ପାୱାରପ୍ଲେରେ ୧୧୬ ରନ କରିଥିଲେ, ଯାହାକି ଆଇପିଏଲ୍ ଇତିହାସରେ ଦ୍ୱିତୀୟ ସର୍ବାଧିକ। ଇନିଂସ ପଞ୍ଚମ ଓଭରରେ ମୁକେଶ କୁମାରଙ୍କୁ ପ୍ରଭସିମରନ ଲଗାତର ୬ଟି ଚୌକା ଲଗାଇଥିଲେ। ଅଜିଙ୍କ୍ୟ ରାହାନେ ଓ ପୃଥ୍ୱୀ ଶ'ଙ୍କ ପରେ ତୃତୀୟ ଖେଳାଳି ଭାବେ ପ୍ରଭସିମରନ ଏଭଳି ସଫଳତା ପାଇଛନ୍ତି। ଦୁହେଁ ୬.୫ ଓଭରରେ ୧୨୬ ରନ ଯୋଡ଼ିବା ପରେ କ୍ରମାଗତ ଓଭରରେ ଆଉଟ୍ ହୋଇଥିଲେ। ପ୍ରିୟାଂଶ ୧୭ ବଲରେ ୪୩ (୨ ଚୌକା ଓ ୫ ଛକା) ଓ ପ୍ରଭସିମରନ ୨୬ ବଲରେ ୭୬ (୯ ଚୌକା ଓ ୫ ଛକା) ରନ କରିଥିଲେ। କୁପର କନୋଲୀ (୧୭) ଫେଲ୍ ମାରିଥିଲେ। ଏହାପରେ ଅଧିନାୟକ ଶ୍ରେୟସ ଆୟାର ପ୍ରଥମେ ନେହାଲ ୱାଧେରା(୨୫ ରନ, ୩ ଚୌକା ଓ ୧ ଛକା)ଙ୍କ ସହ ୫୬ ଓ ପରେ ଶଶାଙ୍କ ସିଂ (୧୯)ଙ୍କ ସହ ମିଶି ୬୪ ରନ କରି ଦଳକୁ ଜିତାଇଥିଲେ। ପଞ୍ଜାବ ୧୮.୫ ଓଭରରେ ୪ ଉଇକେଟ ହରାଇ ୨୬୫ ରନ କରିନେଇଥିଲା। ବିଜୟୀ ଦଳ ପାଇଁ ଶ୍ରେୟସ ୩୬ ବଲରେ ୭୧ (୩ ଚୌକା ଓ ୭ ଛକା) ଓ ଶଶାଙ୍କ ୧୯ (୨ ଚୌକା ଓ ୧ ଛକା) ଅପରାଜିତ ରହିଥିଲେ।

### ସଂକ୍ଷିପ୍ତ ସ୍କୋର

ଦିଲ୍ଲୀ କ୍ୟାପିଟାଲ୍ସ: ୨୦ ଓଭରରେ ୨୬୪/୨ (ଲୋକେଶ ରାହୁଲ-୧୫୨*, ନୀତୀଶ ରାଣା-୯୧)। ପଞ୍ଜାବ କିଙ୍ଗ୍ସ: ୧୮.୫ ଓଭରରେ ୨୬୫/୪ (ପ୍ରଭସିମରନ ସିଂ-୭୬, ପ୍ରିୟାଂଶ ଆର୍ଯ୍ୟ-୪୩, ଶ୍ରେୟସ ଆୟାର-୭୧*, କୁଲଦୀପ ଯାଦବ-୨/୪୬)।

### ଭାରତୀୟ ଭାବେ ସର୍ବାଧିକ ବ୍ୟକ୍ତିଗତ ସ୍କୋର

ରାହୁଲ ପଞ୍ଜାବ କିଙ୍ଗ୍ସ ବିପକ୍ଷରେ ଅପରାଜିତ ୧୫୨ ରନର ଇନିଂସ ଖେଳି ଭାରତୀୟଙ୍କ ମଧ୍ୟରେ ଆଇପିଏଲ୍‌ରେ ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିବାର ରେକର୍ଡ ନିଜ ନାମରେ କରିଛନ୍ତି। ଏହି ରେକର୍ଡ ପୂର୍ବରୁ ସନ୍‌ରାଇଜର୍ସ ହାଇଦ୍ରାବାଦ୍‌ର ଅଭିଷେକ ଶର୍ମା(୧୪୧)ଙ୍କ ନାମରେ ଥିଲା। ତେବେ ଆଇପିଏଲ୍‌ରେ ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିବାର ରେକର୍ଡ କ୍ରିସ ଗେଲ୍ (୧୭୫*)ଙ୍କ ନାମରେ ରହିଛି। ତାଙ୍କ ପଛକୁ ବ୍ରେଣ୍ଡନ ମ୍ୟାକୁଲମ (୧୫୮*) ରହିଛନ୍ତି।

# ରାଜସ୍ଥାନକୁ ହରାଇଲା ହାଇଦ୍ରାବାଦ

ଜୟପୁର,୨୫।୪

ଅଧିନାୟକ ଇଶାନ କିଶନ ଓ ଅଭିଷେକ ଶର୍ମାଙ୍କ ବିସ୍ଫୋରକ ଅର୍ଦ୍ଧଶତକ ଆଗରେ ବୈଭବ ସୂର୍ଯ୍ୟବଂଶୀଙ୍କ ଶତକ ବ୍ୟର୍ଥ ସାବ୍ୟସ୍ତ ହୋଇଛି। ଶନିବାର ସନ୍ଧ୍ୟାରେ ଖେଳାଯାଇଥିବା ଆଇପିଏଲ୍ ମ୍ୟାଚ୍‌ରେ ସନରାଇଜର୍ସ ହାଇଦ୍ରାବାଦ୍ ୫ ଉଇକେଟରେ ରାଜସ୍ଥାନ ରୟାଲ୍ସକୁ ପରାସ୍ତ କରିଛି। ଏହା ହାଇଦ୍ରାବାଦ୍‌ର କ୍ରମାଗତ ଚତୁର୍ଥ ବିଜୟ। ଅଷ୍ଟମ ମ୍ୟାଚ୍‌ରେ ପଞ୍ଚମ ବିଜୟ ଓ ୧୦ ପଏଣ୍ଟ ସହ ହାଇଦ୍ରାବାଦ୍ ତୃତୀୟ ସ୍ଥାନକୁ ଉଠିଛି। ଏହି ମ୍ୟାଚ୍‌ରେ ବୈଭବ ସୂର୍ଯ୍ୟବଂଶୀ ୩୬ ବଲରେ ଶତକ ପୂରଣ କରିଥିଲେ, ଯାହାକି ଭାରତୀୟ ବ୍ୟାଟରଙ୍କ ମଧ୍ୟରେ ଦ୍ୱିତୀୟ ଦ୍ରୁତତମ। ଭାରତୀୟଙ୍କ ମଧ୍ୟରେ ଦ୍ରୁତତମ

## ସୂର୍ଯ୍ୟବଂଶୀଙ୍କ ବିସ୍ଫୋରକ ଶତକ ବ୍ୟର୍ଥ

ଶତକ କରିବାର ରେକର୍ଡ ମଧ୍ୟ ତାଙ୍କ ନାମରେ ରହିଛି, ଯାହାକି ସେ ଗତ ବର୍ଷ ହାସଲ କରିଥିଲେ।

ଆମନ୍ତ୍ରଣ ପାଇ ବ୍ୟାଟିଂ କରିଥିବା ରାଜସ୍ଥାନ ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୨୨୮ ରନ କରିଥିଲା। ଦଳ ପାଇଁ ବୈଭବ ୩୭ ବଲରେ ୫ ଚୌକା ଓ ୧୨ ଛକା ସହାୟତାରେ ୧୦୩ ରନର ଶତକୀୟ ଇନିଂସ ଖେଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜୁରେଲ ୩୫ ବଲରେ ୫୧ (୮ ଚୌକା ଓ ୧ ଛକା) ଓ ଡୋନୋଭାନ ଫରେରା ୧୬ ବଲରେ ୩୩ (୩ ଲେଖାଏ ଚୌକା ଓ ଛକା) ରନଥିଲେ। ହାଇଦ୍ରାବାଦ୍ ପାଇଁ ଇଶାନ ମାଲିଙ୍ଗା ଓ ପ୍ରଫୁଲ ହିଙ୍ଗେ ୨ ଲେଖାଏ ଉଇକେଟ ନେଇଥିଲେ।


ଶତକୀୟ ଭାଗୀଦାରି ଅବସରରେ ଇଶାନ କିଶନ ଓ ଅଭିଷେକ ଶର୍ମା।

ଜବାବରେ ଆରମ୍ଭରୁ ଟ୍ରାଭିସ ହେଡ୍ (୬)ଙ୍କୁ ହରାଇଥିବା ହାଇଦ୍ରାବାଦ୍ ଲାଗି ଅଭିଷେକ (୨୯ ବଲ, ୫୭ ରନ, ୧୧ ଚୌକା ଓ ୧ ଛକା) ଓ ଇଶାନ କିଶନ (୩୧ ବଲ, ୭୪ ରନ, ୧୧ ଚୌକା ଓ ୩ ଛକା) ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ। ଦୁହେଁ ଦ୍ୱିତୀୟ ଉଇକେଟରେ ୫୫ ବଲରେ ୧୩୨ ରନର ଯୋଡ଼ି ଉପଯୁକ୍ତ ପ୍ଲାଟଫର୍ମ ପ୍ରଦାନ କରିଥିଲେ। ପରେ ନୀତୀଶ କୁମାର ରେଡ୍ଡୀ (୧୮ ବଲ, ୩୬ ରନ, ୨ଚୌକା ଓ ୩ ଛକା)ଙ୍କ ସହ ହେନରିଚ୍ କ୍ଲାସେନ (୨୯ ରନ, ୩ ଚୌକା ଓ ୧ ଛକା) ଚତୁର୍ଥ ଉଇକେଟରେ ୫୩ ରନ କରି ଦଳର ବିଜୟ ନିଶ୍ଚିତ କରିଥିଲେ। ହାଇଦ୍ରାବାଦ୍ ୧୮.୩ ଓଭରରେ ୫ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ରାଜସ୍ଥାନ ପାଇ ଜୋଫ୍ରା ଆର୍ଚ୍ଚର ଓ ବ୍ରିଜେଶ ଶର୍ମା ୨ ଲେଖାଏ ଉଇକେଟ ନେଇଥିଲେ।

### ସଂକ୍ଷିପ୍ତ ସ୍କୋର

ରାଜସ୍ଥାନ ରୟାଲ୍ସ: ୨୦ ଓଭରରେ ୨୨୮/୬ (ବୈଭବ ସୂର୍ଯ୍ୟବଂଶୀ-୧୦୩, ଧ୍ରୁବ ଜୁରେଲ-୫୧, ଡୋନୋଭାନ ଫରେରା-୩୩, ଇଶାନ ମାଲିଙ୍ଗା-୨/୩୮, ପ୍ରଫୁଲ ହିଙ୍ଗେ-୨/୪୯)। ସନରାଇଜର୍ସ ହାଇଦ୍ରାବାଦ: ୧୮.୩ ଓଭରରେ ୨୨୯/୫ (ଇଶାନ କିଶନ-୭୪, ଅଭିଷେକ ଶର୍ମା-୫୭, ଜୋଫ୍ରା ଆର୍ଚ୍ଚର-୨/୩୪, ବ୍ରିଜେଶ ଶର୍ମା-୨/୪୪)।

### ଆଇପିଏଲ୍ କାର୍ଯ୍ୟସୂଚୀ

(ଆଜିର ମ୍ୟାଚ)

**ଚେନ୍ନାଇ ବନାମ ଗୁଜରାଟ**
ସ୍ଥାନ: ଚେନ୍ନାଇ
ସମୟ: ଅପରାହ୍ନ ୩.୩୦

**କୋଲକାତା ବନାମ ଲକ୍ଷ୍ନୌ**
ସ୍ଥାନ: ଲକ୍ଷ୍ନୌ
ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ବାତିଲ | ପଏଣ୍ଟ | ରନ ହାର |
|---|---|---|---|---|---|---|
| ପଞ୍ଜାବ କିଙ୍ଗ୍ସ | ୭ | ୬ | ୦ | ୧ | ୧୩ | +୧.୩୩୩ |
| ରୟାଲ ଚ୍ୟାଲେଞ୍ଜର୍ସ | ୭ | ୫ | ୨ | ୦ | ୧୦ | +୧.୧୦୧ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୮ | ୫ | ୩ | ୦ | ୧୦ | +୦.୮୧୫ |
| ରାଜସ୍ଥାନ ରୟାଲ୍ସ | ୮ | ୫ | ୩ | ୦ | ୧୦ | +୦.୬୦୨ |
| ଚେନ୍ନାଇ ସୁପର କିଙ୍ଗ୍ସ | ୭ | ୩ | ୪ | ୦ | ୬ | +୦.୧୧୮ |
| ଦିଲ୍ଲୀ କ୍ୟାପିଟାଲ୍ସ | ୭ | ୩ | ୪ | ୦ | ୬ | -୦.୧୮୪ |
| ଗୁଜରାଟ ଟାଇଟନ୍ସ | ୭ | ୩ | ୪ | ୦ | ୬ | -୦.୭୯୦ |
| ମୁମ୍ବାଇ ଇଣ୍ଡିଆନ୍ସ | ୭ | ୨ | ୫ | ୦ | ୪ | -୦.୭୩୬ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୭ | ୨ | ୫ | ୦ | ୪ | -୧.୨୭୭ |
| ନାଇଟ ରାଇଡର୍ସ | ୭ | ୧ | ୫ | ୧ | ୩ | -୦.୮୭୯ |

## ହସ୍ପିଟାଲରେ ଏନ୍‌ଗିଡି

**ନୂଆଦିଲ୍ଲୀ,୨୫।୪:** ଦିଲ୍ଲୀ କ୍ୟାପିଟାଲ ପାଇଁ ଖେଳୁଥିବା ଦକ୍ଷିଣ ଆଫ୍ରିକୀୟ ଖେଳାଳି ଲୁଙ୍ଗି ଏନ୍‌ଗିଡି ଆହତ ହୋଇଛନ୍ତି। ପଞ୍ଜାବ ଇନିଂସର ତୃତୀୟ ଓଭରରେ ଫିଲ୍ଡିଂ କରୁଥିବା ବେଳେ ଏନ୍‌ଗିଡି ଏକ କ୍ୟାଚ୍ ନେବାକୁ ଯାଇ ପଛୁଆ ପଡ଼ିଯାଇଥିଲେ। ଫଳରେ ତାଙ୍କ ମୁଣ୍ଡର ପଛଭାଗରେ ଆଘାତ ଲାଗିଥିଲା। ଏଥିଯୋଗୁ ତାଙ୍କୁ ତୁରନ୍ତ ମେଡିକାଲ ସହାୟତା ଦିଆଯାଇଥିଲା। ଉଭୟ ଦଳର ଫିଜିଓ ଓ ଡାକ୍ତର ତାଙ୍କ ନିକଟରେ ପହଞ୍ଚିଥିଲେ। ପରେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ପଡ଼ିଆରୁ ନିଆଯାଇଥିଲା। ଏଥିଯୋଗୁ କିଛି ସମୟ ପାଇଁ ଖେଳ ସ୍ଥଗିତ ହୋଇଥିଲା।

## ଦର୍ଶକଙ୍କ ମଧ୍ୟରେ ଖେଳାଯିବ ପିଏସ୍‌ଏଲ୍ ଫାଇନାଲ

**ଇସଲାମାବାଦ୍, ୨୫।୪ (ଏପି):** ଆସନ୍ତା ମେ' ୩ ତାରିଖରେ ଲାହୋରଠାରେ ଖେଳାଯିବାକୁ ଥିବା ପିଏସ୍‌ଏଲ୍ ଫାଇନାଲ ଦର୍ଶକଙ୍କ ମଧ୍ୟରେ ଖେଳାଯିବ। ମଧ୍ୟପ୍ରାଚ୍ୟରେ ଅସ୍ଥିରତା କାରଣରୁ ପାକିସ୍ତାନରେ ପେଟ୍ରୋଲର ଅଭାବ ଦେଖାଦେଇଛି; ଯାହା ଫଳରେ ଆୟୋଜକ ପିଏସ୍‌ଏଲ୍‌କୁ ଦୁଇଟି ଭେନ୍ୟୁରେ ସୀମିତ ରଖିବା ସହ ରୁଦ୍ଧଦ୍ୱାର ମଧ୍ୟରେ ମ୍ୟାଚ୍ ଆୟୋଜନ ନିଷ୍ପତ୍ତି ନେଇଥିଲେ। ହେଲେ ଫାଇନାଲ ମ୍ୟାଚ୍ ଲାଗି ଦର୍ଶକଙ୍କୁ ଅନୁମତି ଦେବା ପାଇଁ ଫ୍ରାଞ୍ଚାଇଜ ମାଲିକଙ୍କ ପକ୍ଷରୁ କରାଯାଇଥିବା ଅନୁରୋଧକୁ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ ମଞ୍ଜୁରୀ ପ୍ରଦାନ କରିଛନ୍ତି।







1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ Business queries: <advt@dharitri.com>